ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୬/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 6/2024 Page 16 ₹ 7.00
୫୦ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 313 ମୂଲ୍ୟ₹୭/-

# ଜମ୍ମୁ-କଶ୍ମୀର: ଗଣତି ପୂର୍ବରୁ ୫ ବିଧାୟକ

**ଜମ୍ମୁ-କଶ୍ମୀର ବିଧାନସଭାରେ ପ୍ରଥମ ଥର ପାଇଁ ୫ ମନୋନୀତ ସଦସ୍ୟ ସରକାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ଯାଉଛନ୍ତି। କିନ୍ତୁ ଭୋଟ ଗଣତି ପୂର୍ବରୁ ଉପରାଜ୍ୟପାଳ ମନୋଜ ସିହ୍ନା ୫ ବିଧାୟକଙ୍କୁ ମନୋନୀତ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଉପତ୍ୟକାରେ ବଡ଼ ବିବାଦ ଉପୁଜିଛି। ସରକାର ଗଠନ ହେବା ପରେ ୫ ସଦସ୍ୟଙ୍କୁ ବିଧାନସଭାକୁ ପଠାଯିବା କଥା। ତେଣୁ ଏହି ବିବାଦୀୟ ପଦକ୍ଷେପ ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।**

**ଶ୍ରୀନଗର,୫ା୧୦**

୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି, ଯାହାର ଫଳାଫଳ ଅକ୍ଟୋବର ୮ରେ ପ୍ରକାଶ ପାଇବ। ଭୋଟ ଗଣତିକୁ ୪୮ ଘଣ୍ଟା ବାକି ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ (ଏଲ୍‌ଜି) ମନୋଜ ସିହ୍ନାଙ୍କ ପ୍ରଶାସନ ବିଧାନସଭାକୁ ୫ ଜଣ ସଦସ୍ୟଙ୍କୁ ମନୋନୀତ କରିବାକୁ ଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କୌଣସି ଦଳ ବା ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ ନ କଲେ ଆସ୍ଥାଭୋଟରେ ଏହି ୫ ମନୋନୀତ ବିଧାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା-୪

## ଏକ୍‌ଜିଟ୍ ପୋଲ୍‌ରେ କଂଗ୍ରେସ ଆଗୁଆ

୨୦୨୪ ଜୁନ୍ ୧ରେ ଲୋକ ସଭା ନିର୍ବାଚନ ଶେଷ ହେବା ପରେ ବିଭିନ୍ନ ଟିଭି ଚ୍ୟାନେଲରେ ପ୍ରସାରିତ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନକୁ ନେଇ ଅନେକେ ଉଲ୍ଲସିତ ହୋଇପଡ଼ିଥିଲେ। କିନ୍ତୁ ଜନାଦେଶ ଏକ ଭିନ୍ନ ଦିଗରେ ଯିବାରୁ ବହୁ ଟିଭି ଦର୍ଶକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା। ବାସ୍ତବ ପରିଣାମ ଅଧିକାଂଶ ସର୍ବେକ୍ଷଣ ସଂସ୍ଥାର ଆକଳନକୁ ଭୁଲ୍ ପ୍ରମାଣିତ କରିଥିଲା। ଏପରି କି ଆକ୍ସିସ୍ ମାଇଁ ଇଣ୍ଡିଆର ଏମ୍‌ଡି ପ୍ରଦୀପ ଗୁପ୍ତା ଫଳାଫଳ ଘୋଷଣା ହେବା ପରେ ହୋଇଥିବା ଟିଭି ବିତର୍କ ବେଳେ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଥିଲା। ଶନିବାର ପ୍ରାୟ ସବୁ ଏକ୍‌ଜିଟ୍ ପୋଲ୍ ହରିୟାଣାରେ କଂଗ୍ରେସର ଏକତରଫା ବିଜୟ ଏବଂ ଜମ୍ମୁ-କଶ୍ମୀରରେ କଂଗ୍ରେସ ଓ ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି) ମେଣ୍ଟର ସଫଳତା ନେଇ ଭବିଷ୍ୟବାଣୀ କରିଛନ୍ତି। ନିଜ ରାଜନୈତିକ ବିଚକ୍ଷଣତା ଜରିଆରେ ସର୍ଭେକୁ ନେଇ ଡିଣ୍ଡିମ ପିଟିବାକୁ ସୁଯୋଗ ହାତଛଡ଼ା କରି ନ ଥିବା 'ବିଶେଷଜ୍ଞମାନଙ୍କୁ' ଅକ୍ଟୋବର ୮ ଭୋଟ ଗଣତି ପରେ ଆଉ ଏକ ବଡ଼ ଝଟ୍‌କା ଲାଗିପାରେ। କାରଣ ଏକ୍‌ଜିଟ୍ ପୋଲ୍ ଏକ୍‌ଜାଟ୍ ପୋଲ୍ ନୁହେଁ। ଏହା ସବୁବେଳେ ସତ ହୋଇ ନ ଥାଏ।

**ହରିୟାଣା**

| ଦଳ/ସଂସ୍ଥା | ଦୈନିକ ଭାସ୍କର | ରିପବ୍ଲିକ୍-ମାଟ୍ରିଜ୍ | ରେଡ୍ ମାଇକ୍-ଦତ୍ତାଂଶ | ଧ୍ରୁବ ରିସର୍ଚ୍ଚ |
|---|---|---|---|---|
| କଂଗ୍ରେସ | ୪୪-୫୪ | ୫୫-୬୨ | ୫୦-୫୫ | ୫୦-୬୪ |
| ଭାଜପା | ୧୫-୨୯ | ୧୮-୨୪ | ୨୦-୨୫ | ୨୨-୩୨ |

**ଜମ୍ମୁ-କଶ୍ମୀର**

| ଦଳ/ସଂସ୍ଥା | ସି-ଭୋଟର-ଇଣ୍ଡିଆ ଟୁଡେ | ଦୈନିକ ଭାସ୍କର | ପିପୁଲ୍ସ ପଲ୍ସ | ରିପବ୍ଲିକ୍ ଗୁଲିସ୍ତାନ |
|---|---|---|---|---|
| କଂଗ୍ରେସ | ୪୦-୪୮ | ୩୫-୪୦ | ୪୬-୫୦ | ୩୧-୩୬ |
| ଭାଜପା | ୨୭-୩୨ | ୨୦-୨୫ | ୨୩-୨୭ | ୨୮-୩୦ |

**ନୂଆଦିଲ୍ଲୀ,୫ା୧୦(ପି.ଟି.)**

ଭାଜପା ଶାସିତ ହରିୟାଣା ବିଧାନସଭାର ୯୦ ଆସନରେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଭାଜପା ହ୍ୟାଟ୍ରିକ ବିଜୟଲାଭ କରି ☞ପୃଷ୍ଠା-୪







## ଡିସେମ୍ବର ୨୬ରୁ ଯୁକ୍ତ୨ ଇଣ୍ଟରନାଲ, ଫେବୃଆରୀ ୧୫ରୁ ମୁଖ୍ୟ ପରୀକ୍ଷା

**ଭୁବନେଶ୍ୱର, ୫ା୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟରେ ଯୁକ୍ତ୨ ପରୀକ୍ଷା ପାଇଁ ଶନିବାର ତାରିଖ ଘୋଷଣା ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ପରୀକ୍ଷା ନେଇ ସୂଚନା ପ୍ରଦାନ କରିଛନ୍ତି। ଏଥର ଯୁକ୍ତ ୨ପରୀକ୍ଷା ଦୁଇ ଭାଗରେ ହେବ। ଡିସେମ୍ବରରେ ଇଣ୍ଟରନାଲ ଓ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ଆଧିପତ୍ୟ ଯୁଗ ଶେଷ









ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୬/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 6/2024 Page 16 ₹ 7.00
୫୦ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 313 ମୂଲ୍ୟ ₹୭/-

# ଜମ୍ମୁ-କଶ୍ମୀର: ଗଣତି ପୂର୍ବରୁ ୫ ବିଧାୟକ

**ଜମ୍ମୁ-କଶ୍ମୀର ବିଧାନସଭାରେ ପ୍ରଥମ ଥର ପାଇଁ ୫ ମନୋନୀତ ସଦସ୍ୟ ସରକାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ଯାଉଛନ୍ତି। କିନ୍ତୁ ଭୋଟ ଗଣତି ପୂର୍ବରୁ ଉପରାଜ୍ୟପାଳ ମନୋଜ ସିହ୍ନା ୫ ବିଧାୟକଙ୍କୁ ମନୋନୀତ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଉପତ୍ୟକାରେ ବଡ଼ ବିବାଦ ଉପୁଜିଛି। ସରକାର ଗଠନ ହେବା ପରେ ୫ ସଦସ୍ୟଙ୍କୁ ବିଧାନସଭାକୁ ପଠାଯିବା କଥା। ତେଣୁ ଏହି ବିବାଦୀୟ ପଦକ୍ଷେପ ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।**

ଶ୍ରୀନଗର,୫।୧୦

୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି, ଯାହାର ଫଳାଫଳ ଅକ୍ଟୋବର ୮ରେ ପ୍ରକାଶ ପାଇବ। ଭୋଟ ଗଣତିକୁ ୪୮ ଘଣ୍ଟା ବାକି ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ (ଏଲ୍‌ଜି) ମନୋଜ ସିହ୍ନାଙ୍କ ପ୍ରଶାସନ ବିଧାନସଭାକୁ ୫ ଜଣ ସଦସ୍ୟଙ୍କୁ ମନୋନୀତ କରିବାକୁ ଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କୌଣସି ଦଳ ବା ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ ନ କଲେ ଆସ୍ଥାଭୋଟରେ ଏହି ୫ ମନୋନୀତ ବିଧାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା-୪

## ଏକ୍‌ଜିଟ୍ ପୋଲ୍‌ରେ କଂଗ୍ରେସ ଆଗୁଆ

୨୦୨୪ ଜୁନ୍ ୧ରେ ଲୋକ ସଭା ନିର୍ବାଚନ ଶେଷ ହେବା ପରେ ବିଭିନ୍ନ ଟିଭି ଚ୍ୟାନେଲରେ ପ୍ରସାରିତ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନକୁ ନେଇ ଅନେକେ ଉଲ୍ଲସିତ ହୋଇପଡ଼ିଥିଲେ। କିନ୍ତୁ ଜନାଦେଶ ଏକ ଭିନ୍ନ ଦିଗରେ ଯିବାରୁ ବହୁ ଟିଭି ଦର୍ଶକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା। ବାସ୍ତବ ପରିଣାମ ଅଧିକାଂଶ ସର୍ବେକ୍ଷଣ ସଂସ୍ଥାର ଆକଳନକୁ ଭୁଲ୍ ପ୍ରମାଣିତ କରିଥିଲା। ଏପରି କି ଆକ୍ସିସ୍ ମାଇଁ ଇଣ୍ଡିଆର ଏମ୍‌ଡି ପ୍ରଦୀପ ଗୁପ୍ତା ଫଳାଫଳ ଘୋଷଣା ହେବା ପରେ ହୋଇଥିବା ଟିଭି ବିତର୍କ ବେଳେ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଥିଲା। ଶନିବାର ପ୍ରାୟ ସବୁ ଏକ୍‌ଜିଟ୍ ପୋଲ୍ ହରିୟାଣାରେ କଂଗ୍ରେସର ଏକତରଫା ବିଜୟ ଏବଂ ଜମ୍ମୁ-କଶ୍ମୀରରେ କଂଗ୍ରେସ ଓ ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି) ମେଣ୍ଟର ସଫଳତା ନେଇ ଭବିଷ୍ୟବାଣୀ କରିଛନ୍ତି। ନିଜ ରାଜନୈତିକ ବିଚକ୍ଷଣତା ଜରିଆରେ ସର୍ଭେକୁ ନେଇ ଡିଣ୍ଡିମ ପିଟିବାକୁ ସୁଯୋଗ ହାତଛଡ଼ା କରି ନ ଥିବା 'ବିଶେଷଜ୍ଞମାନଙ୍କୁ' ଅକ୍ଟୋବର ୮ ଭୋଟ ଗଣତି ପରେ ଆଉ ଏକ ବଡ଼ ଝଟ୍‌କା ଲାଗିପାରେ। କାରଣ ଏକ୍‌ଜିଟ୍ ପୋଲ୍ ଏକ୍‌ଜାଟ୍ ପୋଲ୍ ନୁହେଁ। ଏହା ସବୁବେଳେ ସତ ହୋଇ ନ ଥାଏ।

**ହରିୟାଣା**

| ଦଳ/ସଂସ୍ଥା | ଦୈନିକ ଭାସ୍କର | ରିପବ୍ଲିକ୍-ମାଟ୍ରିଜ୍ | ରେଡ୍ ମାଇକ୍-ଦତ୍ତାଂଶ | ଧ୍ରୁବ ରିସର୍ଚ୍ଚ |
|---|---|---|---|---|
| କଂଗ୍ରେସ | ୪୪-୫୪ | ୫୫-୬୨ | ୫୦-୫୫ | ୫୦-୬୪ |
| ଭାଜପା | ୧୫-୨୯ | ୧୮-୨୪ | ୨୦-୨୫ | ୨୨-୩୨ |

**ଜମ୍ମୁ-କଶ୍ମୀର**

| ଦଳ/ସଂସ୍ଥା | ସି-ଭୋଟର-ଇଣ୍ଡିଆ ଟୁଡେ | ଦୈନିକ ଭାସ୍କର | ପିପୁଲ୍ସ ପଲ୍ସ | ରିପବ୍ଲିକ୍ ଗୁଲିସ୍ତାନ |
|---|---|---|---|---|
| କଂଗ୍ରେସ | ୪୦-୪୮ | ୩୫-୪୦ | ୪୬-୫୦ | ୩୧-୩୬ |
| ଭାଜପା | ୨୭-୩୨ | ୨୦-୨୫ | ୨୩-୨୭ | ୨୮-୩୦ |

ନୂଆଦିଲ୍ଲୀ,୫।୧୦(ପି.ଟି.)

ଭାଜପା ଶାସିତ ହରିୟାଣା ବିଧାନସଭାର ୯୦ ଆସନରେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଭାଜପା ହ୍ୟାଟ୍ରିକ ବିଜୟଲାଭ କରି ☞ପୃଷ୍ଠା-୪










## ଡିସେମ୍ବର ୨୬ରୁ ଯୁକ୍ତ୨ ଇଣ୍ଟରନାଲ, ଫେବୃଆରୀ ୧୫ରୁ ମୁଖ୍ୟ ପରୀକ୍ଷା

ଭୁବନେଶ୍ୱର, ୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ଯୁକ୍ତ୨ ପରୀକ୍ଷା ପାଇଁ ଶନିବାର ତାରିଖ ଘୋଷଣା ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ପରୀକ୍ଷା ନେଇ ସୂଚନା ପ୍ରଦାନ କରିଛନ୍ତି। ଏଥର ଯୁକ୍ତ ୨ପରୀକ୍ଷା ଦୁଇ ଭାଗରେ ହେବ। ଡିସେମ୍ବରରେ ଇଣ୍ଟରନାଲ ଓ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଆଧିପତ୍ୟ ଯୁଗ ଶେଷ






**ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ମୃତ**

ଜମ୍ମୁ-କଶ୍ମୀରର କୁପ୍‌ୱାରାସ୍ଥିତ ନିୟନ୍ତ୍ରଣ ରେଖାରେ ଶନିବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ବିଫଳ ହୋଇଛି। ସୁରକ୍ଷାବାହିନୀ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳିବିନିମୟ ଉଭୟ ପକ୍ଷରୁ ହୋଇଥିଲା। ଆତଙ୍କବାଦୀଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ ହୋଇଛି।

## ସଂକ୍ଷେପରେ

### ଇଲେକ୍ଟୋରାଲ ବଣ୍ଡ୍ ରାୟର ସମୀକ୍ଷା ଆବେଦନ ଖାରଜ

ନୂଆଦିଲ୍ଲୀ,୫।୧୦(ପି.ଟି.)

ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ କେନ୍ଦ୍ର ସରକାରଙ୍କ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିଥିବାବେଳେ ଏହାର ସମୀକ୍ଷା ପାଇଁ ଅନେକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନଗୁଡ଼ିକୁ ଖାରଜ କରିଦେଇଛନ୍ତି। ଅଦାଲତଙ୍କ ପୂର୍ବ ରାୟରେ କୌଣସି ତ୍ରୁଟି ନ ଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। ସେହିପରି ମୁକ୍ତ ଅଦାଲତରେ ରିଭ୍ୟୁ ପିଟିଶନଗୁଡ଼ିକର ଶୁଣାଣି ନିମନ୍ତେ ତାଲିକାଭୁକ୍ତ କରିବା ଆବେଦନକୁ ମଧ୍ୟ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

### ବୈଷୟିକ ତ୍ରୁଟି ଯୋଗୁ ଇଣ୍ଡିଗୋ ବିମାନ ସେବା ପ୍ରଭାବିତ

ନୂଆଦିଲ୍ଲୀ,୫।୧୦

ଇଣ୍ଡିଗୋ ଏୟାରଲାଇନ୍ସର ସିଷ୍ଟମ୍‌ରେ ବ୍ୟାପକ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାର ୱେବ୍‌ସାଇଟ ଏବଂ ଟିକେଟ ବୁକିଂ ପ୍ରଭାବିତ ହୋଇଛି। ଫଳରେ ଶନିବାର ଦେଶବ୍ୟାପୀ ଇଣ୍ଡିଗୋ ବିମାନସେବା ବାଧାପ୍ରାପ୍ତ ହୋଇଛି। ତ୍ରୁଟି କାରଣରୁ ଚେକ୍-ଇନ୍ ମନ୍ଥର ହୋଇଥିଲା। ଫଳରେ ବିମାନବନ୍ଦରରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଯଥାଶୀଘ୍ର ସମ୍ଭବ ଉକ୍ତ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ ଚାଲିଥିବା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ସମ୍ପୂର୍ଣ୍ଣ ନେଟ୍‌ୱର୍କରେ ସାମୟିକ ଭାବେ ସିଷ୍ଟମ ସ୍ଲୋଡାଉନ୍ ହୋଇଛି, ଯାହା ଫଳରେ ଆମର ୱେବ୍‌ସାଇଟ ଏବଂ ଟିକେଟ ବୁକିଂ ସର୍ଭର ମଧ୍ୟାହ୍ନଠାରୁ ପ୍ରଭାବିତ ହୋଇଛି। ସେଥିପାଇଁ ଯାତ୍ରୀମାନଙ୍କୁ ଦୀର୍ଘସମୟ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥିବା ଏୟାରଲାଇନ୍ସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ଆଇଟିସି ହୋଟେଲରେ ବିସ୍ଫୋରଣ: ଜଣେ ମୃତ, ୮ ଆହତ

ଭୋପାଳ,୫।୧୦

ମଧ୍ୟପ୍ରଦେଶର ଜବଲପୁରସ୍ଥିତ ଆଇଟିସି ହୋଟେଲରେ ଶନିବାର ସନ୍ଧ୍ୟାରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ଜଣେ ମହିଳା କର୍ମଚାରୀଙ୍କ ମୃତ୍ୟୁ ହେବା ସହ ୮ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣରେ ଜାଗୃତି ଭବସାର (୨୨) ନାମ୍ନୀ ମହିଳା କର୍ମଚାରୀ ଗୁରୁତର ଭାବେ ପୋଡ଼ିଯାଇ ପ୍ରାଣ ହରାଇଥିଲାବେଳେ ଅନ୍ୟ କର୍ମଚାରୀମାନଙ୍କ ଶରୀର ୨୦ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ପୋଡ଼ିଯାଇଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ହୋଟେଲଟି ଆସନ୍ତା ମାସରେ ଉଦ୍‌ଘାଟନ ହେବାର ଥିଲା। ରୋଷଶାଳାକୁ ଗ୍ୟାସ୍ ପାଇପ୍‌ଲାଇନରୁ ଇନ୍ଧନ ଯୋଗାଣର ପରୀକ୍ଷାବେଳେ ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ■ପଶ୍ଚିମବଙ୍ଗରେ ପୁଣି ବର୍ବରତା ■ପୋଲିସ ଆଉଟପୋଷ୍ଟ ଜାଳିଦେଲେ

କୋଲକାତା,୫।୧୦(ପି.ଟି.)

ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲା ଜୟନଗର ଅଞ୍ଚଳର ଏକ ସନ୍ତସନ୍ତିଆ ସ୍ଥାନରୁ ଶନିବାର ସକାଳେ ଜଣେ ୧୦ ବର୍ଷୀୟା ବାଳିକାଙ୍କ ମୃତଦେହ ମିଳିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ ଆଉଟପୋଷ୍ଟକୁ ଜାଳିଦେଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନାବାଳିକା ଜଣକ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ନାବାଳିକା ନିଖୋଜ ସମ୍ପର୍କରେ ଶୁକ୍ରବାର ରାତିରେ ଅଭିଯୋଗ ସତ୍ତ୍ୱେ ପୋଲିସ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। କାର୍ଯ୍ୟାନୁଷ୍ଠାନରେ ବିଳମ୍ବରୁ ନାବାଳିକାଙ୍କ ମୃତ୍ୟୁ ଘଟିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଲୋକେ ମହିସମାରି ଫାଣ୍ଡିରେ ନିଆଁ ଲଗାଇବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଫାଣ୍ଡି ବାହାରେ ଥିବା କେତେକ ଗାଡ଼ିକୁ ମଧ୍ୟ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଛନ୍ତି। ଲୋକଙ୍କ ଆକ୍ରମଣରେ ଭୟଭୀତ ପୋଲିସ କର୍ମଚାରୀ ଫାଣ୍ଡି ଛାଡ଼ି ପଳାଇଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।ବିକ୍ଷୋଭକାରୀମାନେ



ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ଲୋକେ ମହିସମାରି ଫାଣ୍ଡିରେ ନିଆଁ ଲଗାଇ ଦେଇଛନ୍ତି।

ଏସ୍‌ଡିପିଓ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଅଟକ ରଖିବାକୁ ଉଦ୍ୟମ କରିବାରୁ ସ୍ଥିତି ନିୟନ୍ତ୍ରଣ ପାଇଁ ସେଠାକୁ ଅଧିକ ପୋଲିସ ଫୋର୍ସ ପଠାଯିବା ସହ ଲୁହବୁହା ବାଷ୍ପ ଛଡ଼ାଯାଇଛି।

ନାବାଳିକାଙ୍କ ପରିବାର ସଦସ୍ୟ ମହିସମାରି ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗତ ଅଗଷ୍ଟରେ ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ପୋଲିସ ଯେଉଁଭଳି ଢଙ୍ଗରେ କାର୍ଯ୍ୟ କରିଥିଲା, ଏଠାରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଦଣ୍ଡିତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଏତଲା ଗ୍ରହଣ କରିବାରେ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ନାବାଳିକା ନିଖୋଜ ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ନେଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

# ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ନେତା ସାଫିଦ୍ଦିନ ନିହତ



ହସିମ ସାଫିଦ୍ଦିନ

ବେରୁଟ୍,୫।୧୦

ଦକ୍ଷିଣ ବେରୁଟ୍‌ରେ ଶୁକ୍ରବାର ରାତିରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ନେତା ହସିମ ସାଫିଦ୍ଦିନ ନିହତ ହୋଇଛନ୍ତି। ସପ୍ତାହେ ପୂର୍ବରୁ ଲେବାନନ୍ ରାଜଧାନୀରେ ଇସ୍ରାଏଲର ବୋମାମାଡ଼ରେ ହେଜ୍‌ବୋଲ୍ଲା ମୁଖ୍ୟ ହସନ ନସ୍‌ରଲ୍ଲା ନିହତ ହୋଇଥିଲେ। ସାଫିଦ୍ଦିନଙ୍କୁ ତାଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଥିବାବେଳେ ସେ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଇସ୍ରାଏଲ୍ ସେନା ତାଙ୍କ ସମେତ ଆତଙ୍କବାଦୀ ସଂଗଠନର ଉଚ୍ଚ ର୍ୟାଙ୍କର ସଦସ୍ୟମାନଙ୍କୁ ଟାର୍ଗେଟ କରି ଏକ ଅଣ୍ଡରଗ୍ରାଉଣ୍ଡ ବଙ୍କର ଉପରେ ଆକ୍ରମଣ କରିଥିଲା। ଉକ୍ତ ବଙ୍କରରେ ଉପସ୍ଥିତ ଥିବା ଇସ୍‌ଲାମିକ ରିଭଲ୍ୟୁଶନାରି ଗାର୍ଡ କର୍‌ର କୁଦ୍‌ସ ଫୋର୍ସ କମାଣ୍ଡର ଇସ୍‌ମାଇଲ ଘାନି ଆକ୍ରମଣରେ ଆହତ ହୋଇଛନ୍ତି।

### ହମାସ୍ କମାଣ୍ଡର ସପରିବାରେ ନିହତ

ଉତ୍ତର ଲେବାନନ୍‌ର ତ୍ରିପୋଲି ସହରରେ ଇସ୍ରାଏଲ୍‌ସେନାର ଏୟାରଷ୍ଟ୍ରାଇକ୍‌ବେଳେ ଜଣେ ହେଜ୍‌ବୋଲ୍ଲା କମାଣ୍ଡର, ତାଙ୍କ ସ୍ତ୍ରୀ ଓ ୨ ଝିଅ ନିହତ ହୋଇଛନ୍ତି। ନିହତ ସଇଦ ଅତାଲ୍ଲା ହମାସ୍‌ର ସଶସ୍ତ୍ର ଶାଖା ଅଲ୍ କାସାମ ବ୍ରିଗେଡ୍‌ର ନେତା ଥିଲେ। ବର୍ଷେ ପୂର୍ବରୁ ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ଆରମ୍ଭ କରିଥିବାବେଳେ ପ୍ରଥମ ଥର ପାଇଁ ଉକ୍ତ ଅଞ୍ଚଳରେ ବୋମାମାଡ଼ କରିଛି। ଇସ୍ରାଏଲ୍‌ର ବୋମାମାଡ଼ରେ ମସନା ସୀମାନ୍ତ କ୍ରସିଂ ଧ୍ୱଂସ ହୋଇଯିବାରୁ ଲେବାନନ୍ ଓ ସିରିଆକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ ହୋଇଛି।

### ଇରାନର ନ୍ୟୁକ୍ଲିୟର ସାଇଟ୍‌ରେ ଆକ୍ରମଣ କରୁ ଇସ୍ରାଏଲ: ଟ୍ରମ୍ପ

ଇରାନ୍‌ର ମିଶାଇଲ ଆକ୍ରମଣର ଜବାବରେ ଇସ୍ରାଏଲ୍ ଏହାର ନ୍ୟୁକ୍ଲିୟର ସାଇଟ୍‌ଗୁଡ଼ିକୁ ଟାର୍ଗେଟ କରିବା ଉଚିତ ବୋଲି ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଅନୁରୂପ ପ୍ରଶ୍ନ କରାଯାଇଥିବାବେଳେ ଇରାନ୍‌ର ଆଣବିକ ସ୍ଥଳରେ ଆକ୍ରମଣକୁ ସେ ମନା କରିଥିଲେ। ଏହା ଉପରେ ପ୍ରତିକ୍ରିୟା ଦେଇ ଶୁକ୍ରବାର ଟ୍ରମ୍ପ୍ କହିଛନ୍ତି, ମୁଁ ଭାବୁଛି ସେ ଭୁଲ୍ କହିଛନ୍ତି। ଆଣବିକ ଅସ୍ତ୍ର ଆମ ପାଇଁ ସବୁଠୁ ବଡ଼ ବିପଦ। ତେଣୁ ପ୍ରଥମେ ଇରାନର ଆଣବିକ କାର୍ଯ୍ୟକ୍ରମ ସ୍ଥଳକୁ ଆକ୍ରମଣ କରାଯିବା ଆବଶ୍ୟକ ବୋଲି ଟ୍ରମ୍ପ୍ କହିଛନ୍ତି।

# ହରିୟାଣାରେ ୬୬.୯୬% ମତଦାନ

ଚଣ୍ଡିଗଡ଼,୫।୧୦(ପି.ଟି.)

ହରିୟାଣା ବିଧାନସଭା ନିର୍ବାଚନ ଲାଗି ଶନିବାର ସନ୍ଧ୍ୟା ୬ଟାରେ ମତଦାନ ଶେଷ ହୋଇଛି। ନୁହରେ ଦୁଇ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ୬୬.୯୬% ମତଦାନ ହୋଇଛି। ମୁଖ୍ୟତଃ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ୧୦୧ ମହିଳା ଏବଂ ୪୬୪ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧,୦୩୧ ଜଣ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ୮ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଯମୁନାନଗର ଜିଲାରେ ୭୩.୨୭% ଭୋଟିଂ ହୋଇଥିବାବେଳେ ସିର୍ସାରେ ୭୩.୦୯, ରୋହତକରେ ୬୫.୫୩, ନୁହରେ ୭୨.୮୩, ପଲୱାଲରେ ୭୩.୨୫, ମହେନ୍ଦ୍ରଗଡ଼ରେ ୭୦.୪୫, କୁରୁକ୍ଷେତ୍ରରେ ୬୭.୧୧, ଜିନ୍ଦ୍‌ରେ ୬୮.୯୮, ଗୁରୁଗ୍ରାମରେ ୫୭.୭୩, ଫରିଦାବାଦରେ ୫୫.୪୬ ଓ ପଞ୍ଚକୁଲାରେ ୫୪.୭୧ ପ୍ରତିଶତ ମତଦାନ ହୋଇଛି।



# ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ପୋଖରାନ, ୫।୧୦

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ପକ୍ଷରୁ ଆଧୁନିକ ଅସ୍ତ୍ର ପ୍ରଣାଳୀ 'ଭେରି ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ' (ଭିଏସ୍‌ଏର୍‌ଓଆର୍‌ଏଡିଏସ୍)ର ତୃତୀୟ ସଫଳ ପରୀକ୍ଷଣ କରାଯାଇଛି। ପୋଖରାନ ଆଣବିକ ରେଞ୍ଜରୁ ଶନିବାର ଏହି ପରୀକ୍ଷା ହୋଇଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ, ଭାରତୀୟ ସେନା ଏବଂ ଏହାସହ ଜଡ଼ିତ ଅନ୍ୟ କମ୍ପାନୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ମିଶାଇଲ ବିପଦ ସମୟରେ ବାୟୁସେନାର ସଶସ୍ତ୍ର ବାହିନୀକୁ ବୈଷୟିକ ସହାୟତା ପ୍ରଦାନ କରିବ।

# ଇମ୍ରାନ ସମର୍ଥକ-ପୋଲିସ ସଂଘର୍ଷ

ଇସ୍‌ଲାମାବାଦ ,୫।୧୦

**ଇସ୍‌ଲାମାବାଦ, ଲାହୋରରେ ସେନା ମୁତୟନ**

**ଇଣ୍ଟରନେଟ୍ ସେବା ବନ୍ଦ**

ଇସ୍‌ଲାମାବାଦର ଡି-ଚୌକଠାରେ ଶନିବାର ରାତିରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସମର୍ଥକ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀଙ୍କୁ ରୋକିବା ପାଇଁ ରାଜଧାନୀରେ ସରକାରଙ୍କ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ ମଧ୍ୟ ବର୍ଷା ଯୋଗୁ ତାହା କୌଣସି ପ୍ରଭାବ ପକାଇ ନ ଥିଲା। ଉତ୍ତେଜନା ଲାଗିରହିଥିବାରୁ ଇସ୍‌ଲାମାବାଦ ସମେତ ଲାହୋରରେ ସେନା ମୁତୟନ ହୋଇଛନ୍ତି। ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ବେଳେ ଇସ୍‌ଲାମାବାଦରେ ବେଆଇନ ବିକ୍ଷୋଭ ରୋକିବାକୁ ହାଇକୋର୍ଟ ପାକ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜେଲ୍‌ରେ ଥିବା ଇମ୍ରାନଙ୍କ ସମର୍ଥକମାନଙ୍କୁ ବିକ୍ଷୋଭ ପାଇଁ ଅଲଗା ସ୍ଥାନର ବ୍ୟବସ୍ଥା କରିବାକୁ କୋର୍ଟ କହିଥିଲେ। ଇମ୍ରାନ୍‌ଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ତାଙ୍କ ସମର୍ଥକମାନେ କିଛିଦିନ ହେଲା ବିକ୍ଷୋଭ ଚଳାଇଛନ୍ତି।

# ସଂଜୌଲି ମସ୍‌ଜିଦର ୩ ମହଲା ଭାଙ୍ଗିବାକୁ କୋର୍ଟଙ୍କ ଆଦେଶ

ଶିମ୍‌ଲା, ୫।୧୦

ହିମାଚଳ ପ୍ରଦେଶର ରାଜଧାନୀ ଶିମଲାସ୍ଥିତ ବିବାଦୀୟ ସଂଜୌଲି ମସଜିଦର ୩ ମହଲା ଭାଙ୍ଗିବାକୁ ଶନିବାର ଶିମଲା ମ୍ୟୁନିସିପାଲ କମିଶନର କୋର୍ଟ ଆଦେଶ ଦେଇଛନ୍ତି। ଉକ୍ତ ବେଆଇନ୍ ଅଂଶକୁ ୨ ମାସ ମଧ୍ୟରେ ନିଜ ଖର୍ଚ୍ଚରେ ଭାଙ୍ଗିବାକୁ କୋର୍ଟ ମସ୍‌ଜିଦ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସଂଜୌଲି ମସ୍‌ଜିଦର ବେଆଇନ୍ ଅଂଶକୁ ନେଇ ଲଗାତର ଭାବେ ବିଭିନ୍ନ ହିନ୍ଦୁ ସଙ୍ଗଠନର ବିରୋଧ ପ୍ରଦର୍ଶନ ମଧ୍ୟରେ ଅଦାଲତଙ୍କ ଏହି ଆଦେଶ ସାମ୍‌ନାକୁ ଆସିଛି। ମାମଲାର ଆଗାମୀ ଶୁଣାଣି



ଆସନ୍ତା ଡିସେମ୍ବର ୨୧ରେ ହେବ। ସୂଚନାଯୋଗ୍ୟ, ଗତ ମାସ ୧୧ରେ ମସ୍‌ଜିଦର ବେଆଇନ ଅଂଶ ବିରୋଧରେ ଚାଲିଥିବା ପ୍ରତିବାଦ ଉଗ୍ରରୂପ ନେବାରୁ ୧୦ ଜଣ ବ୍ୟକ୍ତି ଆହତ ହୋଇଥିଲେ।

# ସବୁଜ ହେଉଛି ଆଣ୍ଟାର୍କଟିକା

ଲଣ୍ଡନ, ୫।୧୦

ଆଣ୍ଟାର୍କଟିକା ନାଟକୀୟ ଭାବେ ସବୁଜ ହେବାରେ ଲାଗିଛି। ଗତ ୩ ଦଶନ୍ଧି ତୁଳନାରେ ବିଗତ କିଛିବର୍ଷ ମଧ୍ୟରେ ଏହି ଧାରା ୩୦%ରୁ ଅଧିକ ବୃଦ୍ଧି ପାଇଛି। ୧୯୮୬ରୁ ୨୦୨୧ ମଧ୍ୟରେ ଆଣ୍ଟାର୍କଟିକା ଉପଦ୍ୱୀପରେ ସବୁଜ ଆବରଣ ୧୦ ଗୁଣାରୁ ଅଧିକ ବୃଦ୍ଧି ପାଇଛି। ୧୯୮୬ରେ ଏଠାରେ ସବୁଜ ଆବରଣର ମାତ୍ରା ୧ ବର୍ଗ କିଲୋମିଟରରୁ କମ୍ ଥିବାବେଳେ ୨୦୨୧ରେ ଏହି ମାତ୍ରା ପ୍ରାୟ ୧୨ ବର୍ଗ କି.ମି.ରେ ପହଞ୍ଚିଛି। ବ୍ରିଟେନ୍‌ର ଏକ୍ସେଟର ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନ ଶନିବାର ନେଚର୍ ଜିଓସାଇନ୍ସ ପତ୍ରିକାରେ ପ୍ରକାଶିତ ହୋଇଛି। ଏଥିରେ



କୁହାଯାଇଛି, ୨୦୧୬ରୁ ୨୦୨୧ ମଧ୍ୟରେ ଆଣ୍ଟାର୍କଟିକାରେ ସର୍ବାଧିକ ମାତ୍ରାରେ ସବୁଜ ଆବରଣରେ ବୃଦ୍ଧି ଘଟିଛି। ତେବେ ଏହି ଅବଧି ମଧ୍ୟରେ ଆଣ୍ଟାର୍କଟିକାରେ ଥିବା ସମୁଦ୍ର ବରଫର ପରିମାଣ ସମାନ ଅନୁପାତରେ ହ୍ରାସ ପାଇଛି। ଏହି ଉପଦ୍ୱୀପରେ ବୈଶ୍ୱିକ ହାରଠାରୁ ଅଧିକ ମାତ୍ରାରେ ଗରମ ଅନୁଭୂତ ହେଉଥିବା ନେଇ ଅଧ୍ୟୟନର ମୁଖ୍ୟ ଗବେଷକ ଥୋମାସ ରୋଲାଣ୍ଡ କହିଛନ୍ତି। ଜଳବାୟୁ ଗରମ ହେବା ଫଳରେ ଆଣ୍ଟାର୍କଟିକାର ଉଦ୍ଭିଦ ଇକୋ ସିଷ୍ଟମ ଅଧିକ ପ୍ରତିଷ୍ଠିତ ହେବାକୁ ଲାଗିଛି। ଆଗାମୀ ଦିନରେ ଏଠାରେ ସବୁଜିମା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ନେଇ ଅଧ୍ୟୟନର ଅନ୍ୟତମ ଗବେଷକ ଓଲିଭର ବାର୍ଟେଲେଟ କହିଛନ୍ତି। ତେବେ ଆଣ୍ଟାର୍କଟିକାରେ ମୃତ୍ତିକା ପ୍ରାୟତଃ ନ ଥାଏ କିମ୍ବା ଏହାର ସ୍ତର ବିଶେଷ ଭଲ ନ ଥାଏ। ଧୀରେ ଧୀରେ ଏହି ଉପଦ୍ୱୀପରେ ସବୁଜିମା ବୃଦ୍ଧି ଘଟୁଥିବା ହେତୁ ଜୈବିକ ପଦାର୍ଥ ସୃଷ୍ଟି ହେବ, ଯାହା ମୃତ୍ତିକା ଗଠନରେ ସହାୟକ ହେବ ଏବଂ ଆଗାମୀ ଦିନରେ ଏଠାରେ ଅନ୍ୟ ଉଦ୍ଭିଦଗୁଡ଼ିକର ବୃଦ୍ଧି ପାଇଁ ବାଟ ଖୋଲିବ ବୋଲି ବାର୍ଟେଲେଟ କହିଛନ୍ତି। ତେବେ ଆଣ୍ଟାର୍କଟିକାରେ ସବୁଜିମାର ଧାରାକୁ ଚଳାଉଥିବା ପ୍ରକ୍ରିୟାଗୁଡ଼ିକର ପରୀକ୍ଷଣ ପାଇଁ ଅଧିକ ଗବେଷଣାର ଆବଶ୍ୟକତା ଥିବା ରୋଲାଣ୍ଡ କହିଛନ୍ତି।

# ମେଘାଳୟରେ ଭୂସ୍ଖଳନ: ୧୦ ମୃତ



ଶିଲଂ, ୫।୧୦

ମେଘାଳୟରେ ବନ୍ୟା ଏବଂ ଭୂସ୍ଖଳନରେ ଶନିବାର ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାରଠାରୁ ରାଜ୍ୟରେ ଲଗାଣ ବର୍ଷା ଜାରି ରହିବା ଯୋଗୁ ରାଜ୍ୟର ଗାରୋ ହିଲ୍ସ ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ସାଉଥ୍ ଗାରୋ ହିଲ୍ସ ଜିଲାର ହଟିୟାସିୟା ସୋଙ୍ଗମାଠାରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ରେସ୍କ୍ୟୁ ଟିମ୍ ପହଞ୍ଚି ମାଟି ତଳୁ ଉକ୍ତ ୭ ମୃତଦେହକୁ ଜବତ କରିଛି। ସେହିପରି ୱେଷ୍ଟ ଗାରୋ ହିଲ୍ସ ଜିଲାର ଡାଲୁଠାରେ ଭୂସ୍ଖଳନ ଯୋଗୁ ଆଉ ୩ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ଏବଂ ଭୂସ୍ଖଳନର ସର୍ବାଧିକ ପ୍ରଭାବ ରାଜ୍ୟର ସାଉଥ୍ ଗାରୋ ହିଲ୍ସ ଏବଂ ୱେଷ୍ଟ ଗାରୋ ହିଲ୍ସ ଜିଲାରେ ଦେଖିବାକୁ ମିଳିଛି। ପରିସ୍ଥିତିର ଆକଳନ ପାଇଁ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମାଙ୍କ ଅଧ୍ୟକ୍ଷତାରେ ଜରୁରିକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

# ୨୮ ଦିନରେ ୭୨୦ ଅଣ୍ଡା ଖାଇଲେ ଡାକ୍ତରୀ ଛାତ୍ର

ୱାଶିଂଟନ

କୁହାଯାଏ, ପ୍ରତିଦିନ ଅଣ୍ଡା ଖାଇବା ଦ୍ୱାରା ମଣିଷ ସୁସ୍ଥ ରହିଥାଏ। ତେବେ ଅତ୍ୟଧିକ ଅଣ୍ଡା ଖାଇବା ଯୋଗୁ ମଣିଷ ଶରୀର ଉପରେ କି ପ୍ରଭାବ ପଡ଼ିଥାଏ, ତାହା ପରୀକ୍ଷା କରିବାକୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ନିକ୍ ନାର୍‌ଭିଟଜ୍(୨୫) ନାମକ ଜଣେ ଡାକ୍ତରୀ ଛାତ୍ର ୨୮ ଦିନରେ ୭୨୦ ଅଣ୍ଡା ଖାଇଥିଲେ। ଏନେଇ ସେ ଶନିବାର ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ସୂଚନା ଦେଇଛନ୍ତି। ଅତ୍ୟଧିକ ମାତ୍ରାରେ ଅଣ୍ଡା ଖାଇବା ଦ୍ୱାରା ତାଙ୍କ ଶରୀରରେ ଥିବା ବ୍ୟାଡ୍ କୋଲେଷ୍ଟ୍ରଲ ଉପରେ କୌଣସି ପ୍ରଭାବ ପଡ଼ିଥାଏ କି ନାହିଁ ତାହା ଜାଣିବାକୁ ସେ ଚାହିଁଥିଲେ। ଶରୀରର ମେଟାବୋଲିଜମ୍‌ର ମାତ୍ରାକୁ ପରୀକ୍ଷା କରିବା ପାଇଁ ସେ ଏପରି ନିଆରା ଏକ୍ସପେରିମେଣ୍ଟ କରିଥିବା



ନିକ୍ ନାର୍‌ଭିଟଜ୍

ନିକ୍ କହିଛନ୍ତି। ପରୀକ୍ଷଣ ପୂର୍ବରୁ ନିକଙ୍କ ଶରୀରରେ କମ୍ ଘନତା ଲିପୋପ୍ରୋଟେନ୍(ଏଲ୍‌ଆଇଏଲ୍)ର ମାତ୍ରା ୯୦ ମିମି ଥିଲା। ତେବେ ପରୀକ୍ଷଣର ପ୍ରଥମ ୨ ସପ୍ତାହରେ ଏହା ୨% ହ୍ରାସ ପାଇଥିଲା ଏବଂ ପରବର୍ତ୍ତୀ ୨ ସପ୍ତାହରେ ଏହି ମାତ୍ରାରେ ୧୮% ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଏହି ଅବଧି ମଧ୍ୟରେ ସେ ବିଭିନ୍ନ ଶୈଳୀରେ ରନ୍ଧା ହୋଇଥିବା ଅଣ୍ଡା ଖାଇଥିଲେ ବୋଲି ନିକ୍ କହିଛନ୍ତି।

## ଫୁର୍‌ସତ୍

# ଆଜିଠୁ ବିଗ୍‌ବସ୍ ୧୮

ମୁମ୍ବାଇ

ରିୟଲିଟି ଶୋ' ବିଗ୍‌ବସ୍‌ର ୧୮ତମ ସିଜନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ରାତି ୯ଟାରେ କଲର୍ସ ଟିଭିରେ ପ୍ରିମିୟର୍ ହେବାସହ ଜିଓ ସିନେମାରେ ମଧ୍ୟ ଷ୍ଟ୍ରିମିଂ ହେବ। ଚଳିତ ସିଜନ୍‌ରେ ମଧ୍ୟ ଅଭିନେତା ସଲମାନ ଖାନ୍ ଏହି ଶୋ'କୁ ହୋଷ୍ଟ କରିବେ। ତେବେ ବିଗ୍‌ବସ୍‌ର ୧୮ର ଥିମ୍ ରହିଛି 'ଟାଇମ୍ କା ତାଣ୍ଡବ'। ଶୋ'ରେ ନିର୍ମାତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ଚିତ୍ତାକର୍ଷକ ଧାରଣାଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ଚଳିତ ସିଜନ୍ ପାଇଁ ବିଗ୍‌ବସ୍ ସେଟ୍‌ର ଡିଜାଇନ୍ ଜଟିଳ ଭାବରେ ପ୍ରସ୍ତୁତ ହୋଇଛି। ବିଗ୍‌ବସ୍ ୧୮ର ସେଟ୍ ଭାରତୀୟ ସଂସ୍କୃତିର ପ୍ରାଚୀନ ଗୁମ୍ଫା ଏବଂ ଦୁର୍ଗଗୁଡ଼ିକରୁ ପ୍ରେରଣା ନେଇ ଅନୁରୂପ ଭାବେ ପ୍ରସ୍ତୁତ ହୋଇଛି। ଏହି ଡିଜାଇନ୍‌କୁ ପ୍ରସ୍ତୁତ କରିବା ନିମନ୍ତେ ୪୫ ଦିନର ସମୟ ଲାଗିଥିଲା। ପ୍ରାୟ ୨୦୦ ଶ୍ରମିକ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବିଗ୍‌ବସ୍‌ର ଚଳିତ ସିଜନ୍‌ରେ ଭିଭିଆନ୍ ଡିସେନା, ନିୟା ଶର୍ମା, ଶୋଏବ ଇବ୍ରାହିମ୍, ପଦ୍ମିନୀ କୋଲ୍‌ହାପୁର, ସମୀରା ରେଡ୍ଡୀ, ସୁରଭି ଜ୍ୟୋତି, କରନ୍‌ବୀର ମେହେରା, ଶିଲ୍ପା ଶିରୋଦ୍‌କର, କ୍ରିଷ୍ଣା ଶ୍ରଫ୍, ନ୍ୟାରା ବାନାର୍ଜୀଙ୍କ ଭଳି ଅନେକ ତାରକା ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଛନ୍ତି।



ସଲମାନ ଖାନ୍

**୭, ୧୪ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ**

ଭୁବନେଶ୍ୱର,୫।୧୦(ଅନିଲ ଦାସ): ଚଳିତ ମାସ ଅକ୍ଟୋବର ୭ ଏବଂ ୧୪ ତାରିଖ (ଉଭୟ ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଅକ୍ଟୋବର ୭ରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟଥିବାରୁ ଏବଂ ୧୪ ତାରିଖ ଦୁର୍ଗାପୂଜା ଭସାଣି ହେତୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୧୬ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୫।୧୦(ଅନିଲ ଦାସ)**

ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନବନିଯୁକ୍ତ ୧୬ ହଜାର ୯ଜଣ କନିଷ୍ଠ ଶିକ୍ଷକଙ୍କ ପାଇଁ ନିଯୁକ୍ତି ସମାରୋହ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୁରୁଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥାଏ। ମାନବ ଜୀବନକୁ ଗଢ଼ିତୋଳିବାରେ ଶିକ୍ଷକ ହିଁ ସବୁଠାରୁ ବଡ଼ ଭୂମିକା ତୁଲାଇଥାନ୍ତି। ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ ନିଜ ଜୀବନର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି। ଏହି ମହତ୍ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବାରୁ ନବନିଯୁକ୍ତ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଗୁରୁମାନଙ୍କର ତ୍ୟାଗର ପଟାନ୍ତର ନାହିଁ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼, ସେ ଦେଶର ସର୍ବାଙ୍ଗୀନ ଉନ୍ନତି ସେତେ ପ୍ରଖର। ସରକାର ୧୦୦ ଦିନର ପୂର୍ତ୍ତି ଅବସରରେ ଶିକ୍ଷା ବିଭାଗ ପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଆଣିଛନ୍ତି। ପୂର୍ବ ସରକାର ୫-ଟି ସ୍କୁଲ ରୂପାନ୍ତରଣ ନାମରେ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଅଯଥା ଅର୍ଥ ଖର୍ଚ୍ଚ କରିଚାଲିଲେ। କିନ୍ତୁ ପ୍ରାଥମିକ ଶିକ୍ଷା ଉପରେ ଧ୍ୟାନ ଦେଲେନାହିଁ। ମୂଳରୁ ପିଲା ଦୁର୍ବଳ ହେଲେ ଉଚ୍ଚ ଶ୍ରେଣୀରେ ପାଠ ପଢ଼ିବାକୁ କ'ଣ ଯୋଗ୍ୟ ହୋଇପାରିବ କି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଥମିକ ସ୍ତରରୁ ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ମଜଭୁତ କରିବା ପାଇଁ ରାଜ୍ୟ ସରକାର ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ଡ୍ରପଆଉଟ୍ ହାରକୁ କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ୫ହଜାର ଟଙ୍କାର ସହାୟତା, ନିପୁଣ ଓଡ଼ିଶା ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିବେ। ପିଲାମାନଙ୍କ ମଧ୍ୟରେ ସ୍ୱପ୍ନ ଦେଖିବା ପାଇଁ ସୁଯୋଗ ସୃଷ୍ଟି କରିବାକୁ ନବନିଯୁକ୍ତ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିଜକୁ ସମୟ ସହ ତାଳ ଦେଇ ସମୟାନୁବର୍ତ୍ତିତା, କର୍ମଯୋଗୀ, ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଏକ ଉତ୍ତମ ଛାତ୍ରର ସ୍ୱପ୍ନକୁ ପୂରଣ କରିବାରେ କାର୍ଯ୍ୟ କରିବାକୁ ପଡ଼ିବ। ଶିକ୍ଷକତାକୁ ପେସା ନୁହେଁ, ନିଶା ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଜିଠାରୁ ଆପଣମାନେ ଏକ ଗୁରୁଦାୟିତ୍ୱ ବହନ କରିବାକୁ ଯାଉଛନ୍ତି। ପ୍ରାରମ୍ଭିକ ଶିକ୍ଷା ହିଁ ପିଲାଙ୍କୁ ଦିଗ୍‌ବିଜୟୀ ହେବା ପାଇଁ ଗଢ଼ି ତୋଳିଥାଏ। ଓଡ଼ିଶାରେ ପ୍ରାୟ ୭୬ ଲକ୍ଷ ୪୯ ହଜାର ପିଲା ସ୍କୁଲରେ ପଢୁଛନ୍ତି। ସେମାନଙ୍କୁ ଶିକ୍ଷିତ ଓ ନିର୍ଭୀକ କରି ଗଢ଼ିତୋଳିବାର ଦାୟିତ୍ୱ ଶିକ୍ଷକମାନଙ୍କ ଉପରେ। ୨୦୩୬ ବେଳକୁ ବିକଶିତ ଓଡ଼ିଶାର ଗଠନର ଲକ୍ଷ୍ୟ ରହିଛି। ଆଜି ଯେଉଁ ପିଲା ୧୨-୧୩ ବର୍ଷ ବୟସରେ ଅଛି ସେତେବେଳକୁ ଯୁବାବସ୍ଥା ହୋଇଥିବ। ଶିକ୍ଷକ ମାନଙ୍କ ନିଷ୍ଠାପର ଉଦ୍ୟମରେ ତା'ର ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ହୋଇଥିବ। ଶିକ୍ଷକମାନେ ହେଉଛନ୍ତି ସେ ପିଲାମାନଙ୍କ ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ। ଓଡ଼ିଶାରେ ଧନୀ ଲୋକ ନାହାନ୍ତି କିନ୍ତୁ ଜ୍ଞାନୀ ଲୋକଙ୍କ ଅଭାବ ନାହିଁ। ଆଗାମୀ ଦିନରେ ଜ୍ଞାନ ଆଧାରିତ ବିକଶିତ ଭାରତର ମୂଳକେନ୍ଦ୍ର ହେବେ ଶିକ୍ଷକ ସମାଜ ବୋଲି ସେ କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଶା କିପରି ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିବ ସେଥିପାଇଁ ଆପଣମାନେ ପ୍ରଚେଷ୍ଟା କରିବା ଆବଶ୍ୟକ। ଶିକ୍ଷକ ନିଯୁକ୍ତି ଓଡ଼ିଶା ସରକାରଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ଏହି ନିଯୁକ୍ତି ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ନବନିଯୁକ୍ତ ଶିକ୍ଷୟିତ୍ରୀ ଚିନ୍ମୟୀ କର କହିଛନ୍ତି, କଠିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ସଫଳତା ହାସଲ କରିହେବ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଆମ ମୁଖ୍ୟମନ୍ତ୍ରୀ। ସେହିପରି ସମ୍ବଲପୁରର ଭବାନୀ, ନବରଙ୍ଗପୁରର ସୌମ୍ୟରଞ୍ଜନ ଦାସ ଏବଂ କଟକର ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା ନିଜର ଅଭିଜ୍ଞତାରେ କହିଥିଲେ, ଆମ ରାଜ୍ୟରେ ଗୁରୁ ଓ ଶିକ୍ଷାକ୍ଷେତ୍ରକୁ ବହୁ ସମ୍ମାନ ଦିଆଯାଉଛି। ଶିକ୍ଷା ବିଭାଗର ଅଂଶ ଭାବେ ଆମେ ନିଯୁକ୍ତି ପାଇ ନିଜକୁ ଗର୍ବିତ ଅନୁଭବ କରୁଛୁ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

## ନିୟମିତ ହେବେ ୯୨୦୦ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟରେ କାର୍ଯ୍ୟରତ ୯ ହଜାର ୨୦୦ କନିଷ୍ଠ ଶିକ୍ଷକ ନିୟମିତ ହେବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଯେଉଁମାନେ ଚାକିରି ସର୍ତ୍ତାବଳୀ ଅନୁଯାୟୀ ନିରବିଚ୍ଛନ୍ନ ଭାବେ ୬ବର୍ଷ କାର୍ଯ୍ୟ କରିଛନ୍ତି ଓ ସେମାନଙ୍କର ଶିକ୍ଷାଦାନରେ ସରକାର ସନ୍ତୁଷ୍ଟ ହୋଇଛନ୍ତି, ସେମାନଙ୍କୁ ନିୟମିତ କରିବା ପାଇଁ ଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୯୨୦୦ କନିଷ୍ଠ ଶିକ୍ଷକଙ୍କୁ ସହକାରୀ ଶିକ୍ଷକ ଗ୍ରେଡ୍ ଲେଭଲ-୫ (ଏ) ପ୍ରାଥମିକ କ୍ୟାଡର ଭୁକ୍ତ କରାଯାଇ ନିୟମିତ କରାଯିବ। ଶିକ୍ଷା ସହାୟକ ତଥା କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ୨୦୧୧ ମସିହାରେ ହୋଇଥିବା ଚିଠି ଅନୁଯାୟୀ ସୁବିଧା ଦିଆଯିବ। ଓଆର୍‌ଏସ୍‌ପି ୨୦୧୭ ଅନୁଯାୟୀ ଲେଭଲ-୬ ପେ' ସ୍କେଲ୍ ପ୍ରଦାନ କରାଯିବ। ୬ବର୍ଷ ପୂରଣ କରିଥିବା ଦିନଠାରୁ ହିଁ ବକେୟା ଭାବେ ଦରମା ପ୍ରଦାନ କରାଯିବ। ଅଣତାଲିମପ୍ରାପ୍ତ ଏବଂ ଓଟିଇଟି ଉତ୍ତୀର୍ଣ୍ଣ ହୋଇ ନ ଥିଲେ ସେମାନଙ୍କୁ ନିୟମିତ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ। ତେବେ ନିୟମିତ ନିଯୁକ୍ତିପତ୍ର ଦେବା ପୂର୍ବରୁ ଜିଲା ପ୍ରକଳ୍ପ ସଂଯୋଜକ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର, ତାଲିମ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ଆଦି ଯାଞ୍ଚ କରିବା ସହ ବିଭାଗ ନିକଟରେ ଦାଖଲ କରିବାକୁ ସୁନିଶ୍ଚିତ କରିବେ।

**କଟକ ରାବଣପୋଡ଼ିର ବାଣ ପ୍ରତିଯୋଗିତାରେ ହାଇକୋର୍ଟଙ୍କ ରୋକ୍**




# ଡିଏଫ୍‌ଓ ଦେବେନ୍ଦ୍ର ବେହେରା ନିଲମ୍ବିତ


ନିଲମ୍ବିତ ଡିଏଫ୍‌ଓ ଦେବେନ୍ଦ୍ର କୁମାର ବେହେରା

**ଭବାନୀପାଟଣା,୫।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ହାଇଟେକ ନର୍ସରୀ ଫରେଷ୍ଟର ସଞ୍ଜୟ ନାୟକ (୩୩)ଙ୍କ ଆତ୍ମହତ୍ୟା ଘଟଣାରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ। ବିଭାଗୀୟ ପତ୍ର ସଂଖ୍ୟା ୧୯୦୮୭ ଅନୁଯାୟୀ ରାୟଗଡ଼ା ସିଲଭି କଲଚର ଡିଭିଜନ ଡିଏଫ୍‌ଓ ଦେବେନ୍ଦ୍ର କୁମାର ବେହେରାଙ୍କୁ ନିଲମ୍ବିତ କରାଯାଇଛି। ଏହି ସମୟରେ ସେ ଭୁବନେଶ୍ୱରସ୍ଥିତ ପିସିସିଏଫ୍ ଓ ଏଚ୍‌ଓଏଫ୍‌ଏଫ୍ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ସେହିପରି ବିନା ଅନୁମତିରେ ସେ ମୁଖ୍ୟ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ପତ୍ରରେ ଉଲ୍ଲେଖ ରହିଛି।

**ଫରେଷ୍ଟର ଆତ୍ମହତ୍ୟା ଘଟଣା**

ପ୍ରକାଶ ଯେ, ସେପ୍ଟେମ୍ବର ୧୮ରେ ଫରେଷ୍ଟର ନାୟକ ଆତ୍ମହତ୍ୟା ପୂର୍ବରୁ ଏକ ସୁଇସାଇଡ୍ ନୋଟ ଛାଡ଼ିଯାଇଥିଲେ। ଏଥିରେ ସେ ଡିଏଫ୍‌ଓ ଦେବେନ୍ଦ୍ରଙ୍କୁ ପିସି ଦେଇ ନ ପାରିବାରୁ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଉଲ୍ଲେଖ କରିଥିଲେ। ଏହି ଘଟଣାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ମୃତ ଫରେଷ୍ଟରଙ୍କ ଭାଇ ରବି ନାରାୟଣ ନାୟକ ଡିଏଫ୍‌ଓ ବେହେରାଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୬୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ପୋଲିସ ଡିଏଫ୍‌ଓ ବେହେରାଙ୍କୁ ଥାନାରେ ହାଜର ହେବା ପାଇଁ ସମନ୍ କରିଥିଲା। ହେଲେ ସେ ହାଜର ହେବା ପରିବର୍ତ୍ତେ ଫେରାର ମାରିଥିଲେ। କୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିବା ପରେ ସେ ଶୁକ୍ରବାର ଭବାନୀପାଟଣା ଟାଉନ ଥାନାରେ ହାଜର ହୋଇଥିଲେ। ତାଙ୍କ ସହ ରାୟଗଡା ଏରିଆ ରେଞ୍ଜର ପ୍ରକାଶ ରଥ, ଭୁବନେଶ୍ୱର ଏସିଏଫ୍ ରଜନୀକାନ୍ତ ରାଉତ ମଧ୍ୟ ହାଜର ହୋଇଥିଲେ।







**Bhubaneswar: Hindustan Wheels,** Ph: 9776048108, 9090233305; **K2K Auto-Motives,** Ph: 7008987920, 7008987917; **Venus Automotives,** Ph: 9776012326, 8917395776; **Cuttack: PMG Motors,** Ph: 7854912003, 7854912006; **Cuttack: AMP Motors,** Ph: 9692200591, 9692200592; **Jajpur: Birendra Motors,** Ph: 8114371861, 8114371865; **Nayagarh: Shree Motors,** Ph: 9348071919, 6371018782; **Puri: Satyabadi Automobiles,** Ph: 8917467272, 8917475550; **Bapuji Nagar Branch: Hindustan Wheels,** Ph: 9437142215, 9348355705; **YBC: Balugaon,** Ph: 8018731318; **Balipatna,** Ph: 8260300572; **Dhalapathar,** Ph: 7008951601; **Jatni,** Ph: 8249369308; **Adaspur,** Ph: 9438344646; **Banki,** Ph: 7008710625; **Narsinghpur,** Ph: 9348917733; **Niali,** Ph: 7077331343; **Bidharpur,** Ph: 9777100623; **Paradeep,** Ph: 8895513620; **Rahama,** Ph: 9439064788; **Salepur,** Ph: 9337115957; **Pattamundai,** Ph: 9861502095; **Chhatia,** Ph: 9437397655; **Balichandrapur,** Ph: 7978609768; **Bhuban,** Ph: 8249158563; **Jajpur Town,** Ph: 9778266966; **Mangalapur,** Ph: 9937726644; **Singhpur,** Ph: 7008382026; **Brahmagiri,** Ph: 7077658086; **Pipili,** Ph: 9937346887; **Nimapara,** Ph: 9438295134; **Kakatapur,** Ph: 9861413314; **Chandpur,** Ph: 8018731318; **Sunakhala,** Ph: 7008552541.



**ଆଜିର ମନ୍ତବ୍ୟ**

'ଏକ ଦେଶ ଏକ ନିର୍ବାଚନ'ର ଆବଶ୍ୟକତାକୁ ସମ୍ବିଧାନର ନିର୍ମାତାମାନେ ଅନୁଭବ କରିଥିଲେ। ତେଣୁ ଏହାକୁ ଅସାମ୍ବିଧାନିକ କୁହାଯାଇପାରିବନି।
**–ରାମନାଥ କୋବିନ୍ଦ, ପୂର୍ବତନ ରାଷ୍ଟ୍ରପତି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକାମ୍ର ବିଜେଡି ନେତା ଅମୀୟ ଦାଶଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଟାଉନ କ୍ଲବ, ବଢେଇବାଙ୍କ ଛକ, ସମୟ: ସକାଳ ୯ଟା।
- ପଞ୍ଚାନନ କାନୁନ୍‌ଗୋଙ୍କ ଗଳ୍ପ ସଂକଳନ 'ବିବର୍ଣ୍ଣ ମମତା'ର ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ, ପାଚିକା ମହାସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକ, ସ୍ଥାନ: ବ୍ଲକ ନେତାଜୀ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ଏକାଡେମୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶ୍ରୀ ବିରିୟାନୀର ଉଦ୍‌ଘାଟନ, ସ୍ଥାନ: ଇନ୍‌ଫୋସିଟି ପ୍ଲାଜା, ପଟିଆ, ସମୟ: ଅପରାହ୍ନ ୧ଟା ୧୮।
- ଓଡ଼ିଶା ଲେଖିକା ସଂସଦର ଶାରଦୀୟ ବୈଠକ, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍–୩, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ପତ୍ରିକା 'ଝରଣା' ଏବଂ ଚିରସମର୍ଥା'ର ପୂଜା ସଂଖ୍ୟା ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ପରଫର୍ମିଙ୍ଗ ଆର୍ଟ୍ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଆର୍‌ପି ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବିଧାରପୁର,ତିଗିରିଆ, ସମୟ: ସକାଳ ୯ଟା।

## ପୁରୀ

- ସାହିଭାଇ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବେଲଦଳ ବାତ୍ୟା ଆଶ୍ରୟସ୍ଥଳୀ, ସମୟ: ସକାଳ ୯ଟା।
- ରୋଟାରୀ କ୍ଲବ ଜଗନ୍ନାଥ ଧାମ ପକ୍ଷରୁ ନେଶନ ବିଲଡର ଆୱାର୍ଡ ଉତ୍ସବ, ସ୍ଥାନ: ନାଓମି ବିଲଡିଂ, ଜିଲା ସ୍କୁଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ୪୪ତମ ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ପେନସନର୍ସ ଆସୋସିଏଶନ୍‌ର ବୈଠକ, ସ୍ଥାନ: ପୁରୀ ଆଖଣ୍ଡଳମଣି ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ଅଖିଳ ଭାରତୀୟ କେନ୍ଦ୍ର ସରକାରୀ ପେନସନର୍ସ ଆସୋସିଏଶନ ଖୋର୍ଦ୍ଧାରୋଡ୍ ଶାଖା ଜଟଣୀ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଟ୍ରାଫିକ କଲୋନୀ (ରେଲୱେ ଖେଳପଡ଼ିଆ ନିକଟ), ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ଶାରଦୀୟ ବନ୍ଧୁମିଳନ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।

## ଭଦ୍ରକ

- ମହମ୍ମଦ ହନିଫଙ୍କ ୫୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ପୁରୁଣାବଜାର ନାରାୟଣ ଚନ୍ଦ୍ର ହାଇସ୍କୁଲ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ବାବା ବୁଢ଼ାଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ବାଇପାସ ଦୁର୍ଗା ପୂଜା କମିଟି ପକ୍ଷରୁ ରାମଦୋଳି ଉଦଘାଟନ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ମା ଗଡ଼ଚଣ୍ଡୀଙ୍କ କୁଷ୍ମାଣ୍ଡା ବେଶ, ପୂଜା, ଭଜନ କୀର୍ତ୍ତନ, ସ୍ଥାନ:ସୁନ୍ଦରାପାଳ, ହାଟଡିହୀ,ସମୟ :ସକାଳ ୬ ଟା ଏବଂ ସନ୍ଧ୍ୟା ୭ଟା।
- ମା ଦୁର୍ଗାଙ୍କ ମନ୍ଦିରରେ ଚତୁର୍ଥ ଦିନ ନବରାତ୍ର ପୂଜା, ସ୍ଥାନ:ଡ଼ଅଁର, ହାଟଡିହୀ, ସମୟ :ସକାଳ ୬ଟା ଏବଂ ସନ୍ଧ୍ୟା ୬ଟା।
- ସତ୍ୟସାଇ ସମିତି ତରଫରୁ ଆଧାତ୍ମିକ ଶିକ୍ଷା ଏବଂ ସତସଙ୍ଗ, ସ୍ଥାନ:ଡ଼ଅଁର, ମରେଇଗାଁ, ମଠ କପୁଣ୍ଡି, ଇଂଚୋଳ, ସମୟ:ସକାଳ ୭ଟା ଏବଂ ସନ୍ଧ୍ୟା ୬ ଟା।
- ବାବା ବକୁଳି ମଠରେ ପୂଜାର୍ଚ୍ଚନା, ସ୍ଥାନ: ବାତୋ, ଘସିପୁରା, ସମୟ: ସକାଳ ୭ଟା।
- ସାଇଁକୂଳ ଦୁର୍ଗା କମିଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସାଇଁକୁଳ ବଜାର ଓ ଦୁର୍ଗା ପଡ଼ିଆ, ଘସିପୁରା, ସମୟ: ସକାଳ ୮ଟା।
- କାନପୁରରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୂଜା ମଣ୍ଡପ, ମଦନ ପୁର, ଘସିପୁରା, ସମୟ: ଅପରାହ୍ନ ୪ଟା।
- ଓଁକାର ସେବାଶ୍ରମ ପକ୍ଷରୁ ଚାରା ରୋପଣ, ସ୍ଥାନ: ସେବାଶ୍ରମ ପରିସର ବାମ୍ଫିଡି,ମଦନ ପୁର, ଘସିପୁରା, ସମୟ: ଅପରାହ୍ନ ୪ଟା।
- ମା ମଙ୍ଗଳା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବୈଠକ, ସ୍ଥାନ: ମଙ୍ଗଳପୁର ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ମାରିସା ପକ୍ଷରୁ ଅଲଚିକି ଓ ମହିଳା ସୁରକ୍ଷାକୁ ନେଇ ମାରାଥନ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ସକାଳ ୭ଟା।
- ଏସ୍‌ଏସ୍ ସ୍ମାର୍ଟ ମାର୍ଟର ଶୁଭ ଉଦ୍‌ଘାଟନ, ସ୍ଥାନ: ବୀରେଶ୍ୱରପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ ହେରିଟେଜ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା ଓ ତାଲିମ ଶିବିର, ସ୍ଥାନ: ପାଲବଣୀ ସେଣ୍ଟ ଜାଭିୟର ସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲାସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ଫାଇନାଲ ମ୍ୟାଚ୍, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ସ୍ରଷ୍ଟା ବାଲେଶ୍ୱର ଆନୁକୂଲ୍ୟରେ ନାଟକ 'ପରିଚୟ' ପରିବେଷଣ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ମେଧାବୃତ୍ତି ସମ୍ମାନ ଓ ଗୁରୁବନ୍ଦନ ଛାତ୍ର ଅଭିନନ୍ଦନ, ସ୍ଥାନ: ଭାରତ ବିକାଶ ପରିଷଦ କାର୍ଯ୍ୟାଳୟ, ପଣ୍ଡା କଲୋନୀ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ଜିଲାସ୍ତରୀୟ ଗ୍ରାମାଞ୍ଚଳ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର , ସମୟ: ସକାଳ ୮ଟା।
- ସାହିତ୍ୟ ସଭା, ସ୍ଥାନ: ଭଞ୍ଜନଗର ଆର୍‌ଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣୀ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ବଜରଙ୍ଗ ଦଳ, ଦୁର୍ଗା ବାହିନୀ ସହଯୋଗରେ ସେବା କାର୍ଯ୍ୟ, ସ୍ଥାନ: ସନ୍ତୋଷୀ ଜରାଶ୍ରମ, ବାଲିଝରା, ପାରାଦୀପ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଇଁ ଲାଇଫ୍ ଲାଇନ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।

## ଯାଜପୁର

- ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ୍‌ର ଷଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୧୫ ମିନିଟ।
- ପଲ୍ଲିବଧୂ ପତ୍ରିକାର ଲୋକାର୍ପଣ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ହାଇସ୍କୁଲ ପରିସର, ସମୟ: ଅପରାହ୍ନ୪ଟା।

## ନୟାଗଡ଼

- ମହିଶାସୁଣୀ ପୀଠରେ ନବଦିନାତ୍ମକ ପୂଜାର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ୧୩ମ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ୧୩ମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ନାରାୟଣୀ ପୀଠ ଭାପୁର ବ୍ଲକର ପଥର ଚକଡା, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ସମୟ:ଅପରାହ୍ନ ୪ଟା।

## କୋରାପୁଟ

- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: କୋରାପୁଟ ଆର୍‌ସିସିଏଫ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସମଲେଇ ପୀଠରେ ଚତୁର୍ଥୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ରଣେଶ୍ୱର ରାମଚଣ୍ଡୀଙ୍କ ଚତୁର୍ଥୀ ପୂଜା, ସ୍ଥାନ: ଦାନୀପାଲିପସ୍ଥିତ ମନ୍ଦିର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୮ଟା।
- ଆବାହନୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବଡ଼ବଜାର ସ୍ଥିତ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଆଦିବାସୀ ଭବନ,ଲୋଇସିଂହା, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ମା'ଙ୍କ ଶାରଦୀୟ ନବରାତ୍ର ପୂଜାର ଚତୁର୍ଥ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ଚତୁର୍ଥ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ ସେବା ଫାଉଣ୍ଡେସନ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଆରଏମ୍‌ସି ପରିସର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମା' ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଲପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- କୃଷକ ସମ୍ମିଳନୀ, ସ୍ଥାନ: ପଲ୍ଲବ ପେଲେସ୍, ଗୋବିନ୍ଦପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବରଗଡ଼ ଜିଲା ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍, ସ୍ଥାନ: ଜୀରାନଦୀ ନିକଟ କୁଷ୍ଠାଶ୍ରମ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ଡ. ଆମ୍ବେଦକର ଭବନ, ବରପାଲି, ସମୟ: ଅପରାହ୍ନ ୨ଟା ୩୦।

## ରାଉରକେଲା

- ଟିପିଡବ୍ଲ୍ୟୁଓଡିଏଲର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆଇଟିଆଇ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆଶ୍ରମରେ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା, ଦେବଗଡ ଜିଲା ପକ୍ଷରୁ ଜିଲା ତଥା ସଙ୍କୁଳସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନାଚକ୍ର, ସ୍ଥାନ: ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ର ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ର ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଭୀମ୍ ଆର୍ମି ପକ୍ଷରୁ ସାଧାରଣ ସଭା, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ବିଶ୍ରାମ ପୂଜା, ସ୍ଥାନ: ଦୁର୍ଗାମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ଜିଲା ଦିବ୍ୟାଙ୍ଗ ସେବାକେନ୍ଦ୍ର ନୂଆପଡ଼ା ସକ୍ଷମ ପକ୍ଷରୁ ଶିବିର, ସ୍ଥାନ: ସ୍ଥାନୀୟ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ଯୁବା କ୍ଲବ ମାଗୁରପାଣି ପକ୍ଷରୁ କବାଡି ପ୍ରତିଯୋଗିତା, ସ୍ଥାନ: ନୂଆପଡା ବ୍ଲକ ବୋଇରଭାଡି ପଞ୍ଚାୟତ ମାଗୁରପାଣି ଗାଁ ଖେଳପଡିଆ, ସମୟ: ରାତ୍ର ୮ଟା।
- ନବ ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ରାତ୍ର ୮ଟା।
- କୋଟେନଚୂଆଁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା।

## ବୌଦ୍ଧ

- ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ସମ୍ମିଳନୀ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା।
- ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରର କୋଣ ସ୍ଥାନରେ ରାଶ୍ୟାଧିପ ଅବସ୍ଥାନ କରି ଉନ୍ନତ ମାନସିକତା ପ୍ରଦାନ କରିବେ। ପାରିବାରିକ ପରିବେଶ ହର୍ଷଣମୁଖର ରହିବା ସହ ଅର୍ଥଲାଭ ଓ ବସ୍ତ୍ରାଳଙ୍କାର ପ୍ରାପ୍ତିରୁ ଖୁସି ହେବେ। ଆତ୍ମୀୟଙ୍କ କାର୍ଯ୍ୟକଳାପ ଦୂରଯାତ୍ରା ପାଇଁ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଅସାବଧାନତା କାରଣରୁ କିଛି ହରାଇବାକୁ ପଡ଼ିପାରେ।

**ବୃଷ** ଚନ୍ଦ୍ର ସହ ଶୁକ୍ରଙ୍କ ସମ୍ବନ୍ଧ ଯୋଗୁ ମନ ପ୍ରଫୁଲ୍ଲ ରହିବା ସହ ଆତ୍ମୀୟଙ୍କ ସହୃଦୟତାରୁ ଆନନ୍ଦିତ ହେବେ। କିନ୍ତୁ ରବିଙ୍କ ଦୁର୍ବଳତା କାରଣରୁ ପରିବାରରେ ସାଧାରଣ କଥାରେ ମତାନ୍ତର ଘଟିପାରେ। ବନ୍ଧୁ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି।

**ମିଥୁନ** ଲାଭାଧିପତିଙ୍କ ଦୁର୍ବଳତା ଜନିତ ଧନହାନି, ଅଶାନ୍ତି ଓ ଇଚ୍ଛା ବିରୁଦ୍ଧ ଯାତ୍ରା କରିପାରନ୍ତି। ଚୁକ୍ତିପତ୍ର, ଜମିଜମା କାରବାର, ଆନୁଷ୍ଠାନିକ କାମରେ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ସହକର୍ମୀମାନେ ସାହାଯ୍ୟ କରିବେ। ବନ୍ଧୁ ଓ ପରିଜନଙ୍କ ସହିତ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**କର୍କଟ** କେନ୍ଦ୍ରସ୍ଥ ରାଶ୍ୟାଧିପଙ୍କ ଅବସ୍ଥିତିଜନିତ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। ବନ୍ଧୁଙ୍କୁ ବଦାନ୍ୟତା ଦେଖାଇ ନିଜର ଲକ୍ଷ୍ୟ ହାସଲ କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ତୃତୀୟ ଚନ୍ଦ୍ର ହେତୁ ମନୋବଳ ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ସାମର୍ଥ୍ୟ ଅଭାବରୁ କେତେକ କାମ ଅଟକି ରହିଯାଇପାରେ। ପାରିବାରିକ ଜୀବନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ କିଛି ମାତ୍ରାରେ ସାହାଯ୍ୟ କରିପାରେ। ବ୍ୟବସାୟ ଓ ପରିବହନ, ପ୍ରତ୍ୟୁଷ ଯାତ୍ରା ପାଇଁ ଦିନଟି ଭଲ।

**କନ୍ୟା** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଟିକିଏ ଟିକିଏ କଥାରେ କ୍ରୋଧିତ ହୋଇ ଅଶାନ୍ତ ବାତାବରଣ ସୃଷ୍ଟି କରିବେ। ଆଜିର କର୍ମକ୍ଷେତ୍ରର ପରିସ୍ଥିତି ଉତ୍ତେଜନାମୂଳକ ରହିପାରେ। ଜମିଜମା କାରବାର ଓ ବ୍ୟବସାୟିକ ସ୍ଥିତି ମନ୍ଦ ହେବନାହିଁ। ଆପଣଙ୍କ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ତୁଳା** ରାଶ୍ୟାଧିପତିଙ୍କ ସହିତ ଚନ୍ଦ୍ରଙ୍କ ସାନ୍ନିଧ୍ୟ ଯାହା ଚିନ୍ତା କରୁଥିବେ ତାହା ବାସ୍ତବତାରେ ପରିଣତ ହୋଇଯାଇପାରେ। ବୁଧଙ୍କ ପ୍ରଭାବରୁ ଅପ୍ରିୟ ସତ୍ୟ କହି ଅନ୍ୟମାନଙ୍କ ବିରାଗଭାଜନ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶକରି ଉପକୃତ ହେବେ।

**ବିଛା** ଭାବପ୍ରବଣତାରେ ଉତ୍‌ଫୁଲ୍ଲିତ ହୋଇ କୌଣସି ପଦକ୍ଷେପ ନେବା ଠିକ୍ ହେବନାହିଁ। ପାପଗ୍ରହଯୁକ୍ତ କର୍ମାଧିପତି କାରଣରୁ ପ୍ରିୟଜନଙ୍କ ସହ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଅଷ୍ଟମାଧିପ ଏକାଦଶସ୍ଥ ରହିଥିବାରୁ କର୍ମାରମ୍ଭରେ ପ୍ରଥମେ ସମସ୍ୟା ଆସିବ, କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣ ହେବେ। ପିଲାଙ୍କ ବିବାହ ପାଇଁ ଆଲୋଚନା କରିପାରନ୍ତି। ସାମୟିକ ଭାବରେ ସ୍ୱାସ୍ଥ୍ୟହାନି ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ।

**ମକର** ସପ୍ତମାଧିପ କର୍ମଭାବସ୍ଥ ଯୋଗୁ ପରିବାର ଓ ବନ୍ଧୁବର୍ଗଙ୍କ ଦ୍ୱାରା ସହାନୁଭୂତି ଦ୍ୱାରା ଆଶ୍ୱସ୍ତି ପାଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ପ୍ରତୀକ୍ଷା ପରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିତି ବିଶେଷ ଭଲ ରହିନପାରେ।

**କୁମ୍ଭ** ଭାଗ୍ୟସ୍ଥ ଶୁକ୍ର ଓ ଚନ୍ଦ୍ର ଆପଣଙ୍କୁ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ କରାଇପାରନ୍ତି। ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କାଗଜପତ୍ର ପାଇ ମନ ଖୁସି ହୋଇଯିବ।

**ମୀନ** ଅଷ୍ଟମଭାବସ୍ଥ ଗ୍ରହଙ୍କ କୁପ୍ରଭାବରୁ ଆତ୍ମୀୟଙ୍କ ଅସହଯୋଗରେ ଚେଷ୍ଟା କରୁଥିବା କାମଟି ଅଟକି ଯାଇପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଲେଖାପଢ଼ା, ଯାତ୍ରା ଓ ଆଲୋଚନା କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

ଆଜି ଅକ୍ଟୋବର ୬ ତାରିଖ, ଆଶ୍ୱିନ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ରାଶିନକ୍ଷତ୍ର– ବିଶାଖା/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୯ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୨ ଗତେ ଘ.୦୩।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୮ ଗତେ ଘ.୦୫।୨୬ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଜମ୍ମୁ–କଶ୍ମୀର:...

ରହିବ। କାରଣ ୯୦ ଆସନରେ ମ୍ୟାଜିକ୍ ନମ୍ବର ୪୬ ହୋଇଥିବାବେଳେ ଆଉ ୫ ବିଧାୟକଙ୍କୁ ମିଶାଇଲେ କୁହୁକ ସଂଖ୍ୟା ୪୮ରେ ପହଞ୍ଚିବ। ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଅନୁସାରେ ବିଧାନସଭାକୁ ବହୁ ସଂଖ୍ୟକ ମହିଳା ନିର୍ବାଚିତ ହୋଇଛନ୍ତି ବୋଲି ଉପରାଜ୍ୟପାଳ ମନେ ନ କଲେ ସେ ୨ ଜଣ ମହିଳାଙ୍କୁ ସଦସ୍ୟ ରୂପେ ମନୋନୀତ କରିପାରିବେ। ୨୦୨୩ ଜୁଲାଇ ୨୬ରେ ଏହି ଆଇନରେ ସଂଶୋଧନ ଅଣାଯାଇ ଆଉ ୩ ସଦସ୍ୟଙ୍କୁ ମନୋନୀତ କରିବା ପାଇଁ ଏଲ୍‌ଜିଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ବିସ୍ଥାପିତ କଶ୍ମୀରୀ (ଜଣେ ମହିଳା ଓ ଜଣେ ପୁରୁଷ) ରହିବେ। ପାକିସ୍ତାନ–ଅଧିକୃତ କଶ୍ମୀର (ପିଓକେ)ରୁ ବିସ୍ଥାପିତ ଅନ୍ୟ ଜଣେ ସଦସ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରିବେ ବୋଲି ଉକ୍ତ ଆଇନରେ ସଂଶୋଧନ ଅଣାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରାମର୍ଶକ୍ରମେ ମନୋନୀତ ହେବାକୁ ଥିବା ଏହି ୫ ସଦସ୍ୟ ନିର୍ବାଚିତ ବିଧାୟକଙ୍କ ଭଳି କ୍ଷମତା ଓ ସୁବିଧା ଉପଭୋଗ କରିବେ। ତେଣୁ ଉକ୍ତ ପ୍ରସଙ୍ଗରେ ବିବାଦ ଉପୁଜିଛି। ହଜରତ୍‌ବଲ ନିର୍ବାଚନମଣ୍ଡଳୀରୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସଲମାନ ସାଗର କହିଛନ୍ତି, ମହିଳା, କଶ୍ମୀରୀ ପଣ୍ଡିତ ଓ ପିଓକେବାସୀଙ୍କୁ ବିଧାନସଭାରେ ଉପଯୁକ୍ତ ସୁଯୋଗ ଦେବା ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିଲା। ପ୍ରତିନିଧିତ୍ୱ କ୍ଷେତ୍ରରେ କଥିତ ସମୁଦାୟଗୁଡ଼ିକ ପାଇଁ ଏହା ଏକ ମାଇଲଖୁଣ୍ଟ ହେବାକୁ ଯାଉଛି। କିନ୍ତୁ ଏବେ ଏହା ଏକ ପାଣ୍ଡୋରା ବାକ୍ସକୁ ଖୋଲିବାକୁ ଯାଉଛି। ସଲମାନଙ୍କ ମତରେ ଏହି ପଦକ୍ଷେପ ସରକାର ଗଠନକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିବାକୁ ଥିବାରୁ ଏହା ଗଣତନ୍ତ୍ରର ହତ୍ୟା ସଦୃଶ। ଏଭଳି ସଂରକ୍ଷଣକୁ ବିସ୍ତାର କରାଗଲେ ଅଣନିର୍ବାଚିତ ପ୍ରତିନିଧି ଏଲ୍‌ଜିଙ୍କ ପରିବର୍ତ୍ତେ ନିର୍ବାଚିତ ସରକାରଙ୍କ ହାତରେ କ୍ଷମତା ରହିବା ଉଚିତ। ଏହା ଦୀର୍ଘ ୧ ଦଶନ୍ଧି ପରେ ଅନୁଷ୍ଠିତ ସମଗ୍ର ନିର୍ବାଚନୀ ପ୍ରକ୍ରିୟା ଉପରେ ପ୍ରଶ୍ନଚିହ୍ନ ଲଗାଇବ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଟିକେଟରେ ଚନାପୋରା ଆସନରୁ ଲଢ଼ିଥିବା ଇକ୍‌ବାଲ ଟ୍ରମ୍ବୁ କହିଛନ୍ତି, ଏହି ପଦକ୍ଷେପ ଶାସକ ଦଳକୁ ସୁହାଇବା ପାଇଁ କରାଯାଇଛି। ଭାଜପା ପଛଦ୍ୱାର ଦେଇ ସରକାର ଗଠନ ପ୍ରକ୍ରିୟାରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଏଥିରୁ ବୁଝାପଡୁଛି। ରାଜନୈତିକ ବିଶ୍ଲେଷକଙ୍କ ମତରେ ଏଭଳି ବ୍ୟବସ୍ଥା ପଣ୍ଡିଚେରୀର ବ୍ୟବସ୍ଥାପିକା ଢାଞ୍ଚା ସଦୃଶ, ଯେଉଁଠି ୪ ଜଣ ମନୋନୀତ ସଦସ୍ୟ ରହିଛନ୍ତି। ଅକ୍ଟୋବର ୮ରେ ଭୋଟ ଗଣତି ଶେଷ ହେବା ମାତ୍ରେ ୫ ସଦସ୍ୟ ତତ୍କାଳ ବିଧାନସଭାକୁ ପ୍ରବେଶ କରିବେ। ଏହା ପରେ ୧୫ ତାରିଖ ସୁଦ୍ଧା କେନ୍ଦ୍ରଶାସିତ ଅଞ୍ଚଳରେ ନୂଆ ସରକାର ଗଠନ ପାଇଁ ବାଟ ଫିଟିବ। ଏନ୍‌ସି ମୁଖପାତ୍ର ଇମ୍ରାନ୍ ଡାରଙ୍କ ମତରେ ବିସ୍ଥାପିତ କଶ୍ମୀରୀ ଏବଂ ପିଓକେ ଶରଣାର୍ଥୀଙ୍କୁ ବିଧାନସଭାରେ ପ୍ରତିନିଧିତ୍ୱ ସୁଯୋଗ ପ୍ରଦାନକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି। କଂଗ୍ରେସ ମଧ୍ୟ ଅନୁରୂପ ମତ ଉପସ୍ଥାପନ କରିଛି। କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ଶର୍ମା କହିଛନ୍ତି, ଏହାଦ୍ୱାରା ୧୯୯୦ରେ ବିସ୍ଥାପିତ ହୋଇଥିବା କଶ୍ମୀରୀ ପଣ୍ଡିତଙ୍କ ଅଭିଯୋଗ ବିଧାନସଭାରେ ପହଞ୍ଚିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସଦସ୍ୟଙ୍କ ମନୋନୟନ ପ୍ରକ୍ରିୟା ଜନାଦେଶ ପାଇଥିବା ନିର୍ବାଚିତ ସରକାରଙ୍କ ଉପରେ ଛାଡ଼ିଦିଆଯିବା ଉଚିତ। ଜମ୍ମୁ–କଶ୍ମୀର ପ୍ରଦେଶ କଂଗ୍ରେସ ଉପସଭାପତି ରବୀନ୍ଦ୍ର ଶର୍ମା କହିଛନ୍ତି, ସରକାର ଗଠନ ପୂର୍ବରୁ ଏଲ୍‌ଜିଙ୍କ ବିଧାୟକ ମନୋନୟନକୁ ଆମେ ବିରୋଧ କରୁଛୁ। ଏଭଳି ଉଦ୍ୟମ ଗଣତନ୍ତ୍ର, ଜନାଦେଶ ଓ ଭାରତୀୟ ସମ୍ବିଧାନକୁ ହତ୍ୟା ସଦୃଶ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରାମର୍ଶ ଏବଂ ଉପରାଜ୍ୟପାଳଙ୍କ ଅନୁମୋଦନକ୍ରମେ ନିଆଯାଉଥିବା ପଦକ୍ଷେପ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ ଅନୁଯାୟୀ ୫ ସଦସ୍ୟଙ୍କୁ ମନୋନୀତ କରାଯାଉଛି। ଅନ୍ୟପକ୍ଷେ ଜମ୍ମୁ–କଶ୍ମୀର ଭାଜପା ମୁଖ୍ୟ ରବୀନ୍ଦ୍ର ରୈନା କହିଛନ୍ତି, ଯାହା ବି କରାଯିବ ସବୁ ଜମ୍ମୁ–କଶ୍ମୀର ପୁନର୍ଗଠନ ଆଇନ ଅନୁସାରେ କରାଯିବ। କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ଇତିମଧ୍ୟରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି, ଭାଜପା ନେତା ଏବଂ ପିଓକେ ଅଞ୍ଚଳର ପ୍ରମୁଖ ନେତା ବିଧାନସଭାକୁ ମନୋନୀତ ହୋଇ ନୂଆ ଆସନରେ ବସିବା ପାଇଁ ଲବି ଆରମ୍ଭ କରିଦେଇଛନ୍ତି।

## ଏକ୍‌ଜିଟ୍ ପୋଲ୍‌ରେ ...

କ୍ଷମତାକୁ ପୁଣି ଫେରିବା ପାଇଁ ଆଶା ବାନ୍ଧି ଥିବାବେଳେ ଏକ୍‌ଜିଟ୍ ପୋଲ ଶାସକ ଦଳକୁ ନିରାଶ କରିଛି। ଏଠାରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ବୁଥ୍‌ଫେରନ୍ତା ଭୋଟରଙ୍କଠାରୁ ସଂଗୃହୀତ ମତ ଆଧାରରେ ଅନେକ ସର୍ବେକ୍ଷଣ ସଂସ୍ଥା ଦର୍ଶାଇଛନ୍ତି। ସେହିପରି କେନ୍ଦ୍ର ଶାସନାଧୀନ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ–କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)–କଂଗ୍ରେସ ମେଣ୍ଟ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବା ନେଇ ଅଧିକାଂଶ ସର୍ଭେ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ଦୈନିକ ଭାସ୍କରର ଆକଳନ ଅନୁଯାୟୀ, ୯୦ ଆସନବିଶିଷ୍ଟ ହରିୟାଣାରେ କଂଗ୍ରେସ ୪୪ରୁ ୫୪ ଆସନ ପାଇବାକୁ ଥିବାବେଳେ ଭାଜପା ୧୫ରୁ ୨୯ ଆସନ ଜିତିବ। ରିପବ୍ଲିକ୍–ମାଟ୍ରିଜ୍ ସର୍ଭେ ଅନୁଯାୟୀ, କଂଗ୍ରେସ ୫୫ରୁ ୬୨ ଆସନ ଜିତିବାକୁ ଥିବାବେଳେ ଭାଜପା ୧୮ରୁ ୨୪ ମଧ୍ୟରେ ସୀମିତ ରହିବ। ସେହିପରି ରେଡ୍ ମାଇକ୍–ଦତାଂଶ ଏକ୍‌ଜିଟ ପୋଲ୍ କଂଗ୍ରେସକୁ ୫୦ରୁ ୫୫ ଆସନ ଦେଇଥିବାବେଳେ ଭାଜପା ୨୦ରୁ ୨୫ ଆସନ ପାଇବ ବୋଲି କହିଛି। ଧ୍ରୁବ ରିସର୍ଚ୍ଚ ସର୍ଭେ ଅନୁଯାୟୀ କଂଗ୍ରେସ ୫୦ରୁ ୬୪ ଆସନ ଜିତିବାକୁ ଥିବାବେଳେ ଭାଜପା ୨୨ରୁ ୩୨ ଆସନ ପାଇବ। ପିପୁଲ୍ସ ପଲ୍ସ ଏକ୍‌ଜିଟ୍ ପୋଲ୍ ଆକଳନ ଅନୁଯାୟୀ କଂଗ୍ରେସ ୪୯ରୁ ୬୦ ଏବଂ ଭାଜପା ୨୦ରୁ ୩୨ ଆସନରେ ସୀମିତ ରହିବ। ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ରେ ଜେଜେପିଠାରୁ ଆଇଏନ୍‌ଏଲ୍‌ଡି ଅଧିକ ଆସନ ପାଇବ ବୋଲି ଦର୍ଶାଯାଇଛି। ସେହିପରି ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ମଧ୍ୟରେ ୩ ପର୍ଯ୍ୟାୟରେ ଜମ୍ମୁ–କଶ୍ମୀର ବିଧାନସଭାର ୯୦ ଆସନରେ ନିର୍ବାଚନ ହୋଇଥିଲା। ହରିୟାଣା ସହ ଜମ୍ମୁ–କଶ୍ମୀର ନିର୍ବାଚନର ଫଳାଫଳ ନେଇ ସର୍ଭେ ସଂସ୍ଥାଗୁଡ଼ିକ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଛି। ତଦନୁଯାୟୀ ନ୍ୟାଶନାଲ କନ୍‌ଫରେନ୍ସ–କଂଗ୍ରେସ ମେଣ୍ଟ ୪୦ରୁ ୪୮ ଆସନ ପାଇବାକୁ ଥିବାବେଳେ ଭାଜପା ୨୭ରୁ ୩୨ ଆସନ ପାଇବ ବୋଲି ସି–ଭୋଟର–ଇଣ୍ଡିଆ ଟୁଡେ ସର୍ଭେରେ ଆକଳନ କରାଯାଇଛି। ଦୈନିକ ଭାସ୍କର ସର୍ଭେ ଅନୁଯାୟୀ, କଂଗ୍ରେସ–ଏନ୍‌ସି ମେଣ୍ଟ ୩୫ରୁ ୪୦ ଆସନ ପାଇବାକୁ ଥିବାବେଳେ ଭାଜପା ୨୦ରୁ ୨୫ ଆସନରେ ସୀମିତ ରହିବ। ପିପୁଲ୍ସ ପଲ୍ସ ଏକ୍‌ଜିଟ୍ ପୋଲ୍ ଅନୁଯାୟୀ କଂଗ୍ରେସ–ଏନ୍‌ସି ମେଣ୍ଟ ୪୬ରୁ ୫୦ ଆସନ ଜିତିବାକୁ ଥିବାବେଳେ ଭାଜପାକୁ ୨୩ରୁ ୨୭ ଆସନ ମିଳିବ। ରିପବ୍ଲିକ୍ ଗୁଲିସ୍ତାନ ସର୍ଭେ ଅନୁଯାୟୀ କଂଗ୍ରେସ–ଏନ୍‌ସି ମେଣ୍ଟକୁ ୩୧ରୁ ୩୬ ଏବଂ ଭାଜପାକୁ ୨୮ରୁ ୩୦ ଆସନ ମିଳିବ। ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ରେ ପିଡିପି ୫ରୁ ୧୨ ଆସନ ଜିତିବ ବୋଲି ଆକଳନ କରାଯାଇଥିବାବେଳେ ଅନ୍ୟାନ୍ୟ ଦଳ ୪ରୁ ୧୬ ଆସନରେ ବିଜୟୀ ହେବେ ବୋଲି କୁହାଯାଇଛି। ମଙ୍ଗଳବାର ହରିୟାଣା ଓ ଜମ୍ମୁ–କଶ୍ମୀରରେ ଭୋଟ ଗଣତି ପରେ ସର୍ଭେ ସଂସ୍ଥାଗୁଡ଼ିକର ଆକଳନର ସତ୍ୟାସତ୍ୟ ପ୍ରମାଣିତ ହେବ।

## ଡିସେମ୍ବର ୨୬ରୁ ଯୁକ୍ତ...

ପରେ ମେନ୍ ପରୀକ୍ଷା କରାଯିବ। ଡିସେମ୍ବର ୨୬ ରୁ ୩୦ ଯାଏ ଇଣ୍ଟରନାଲ ପରୀକ୍ଷା ହେବ। ଜାନୁଆରୀ ୨ରୁ ୧୨ ମଧ୍ୟରେ ପିଲାମାନେ ପ୍ରାକ୍ଟିକାଲ ପରୀକ୍ଷା ଦେବା ନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ଥିର ହୋଇଛି। ସେହିପରି ଯୁକ୍ତ୨ ମୁଖ୍ୟ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦ରେ ସରିବ। ପରୀକ୍ଷା ଶେଷ ହେବାର ୪୫ ଦିନ ଭିତରେ ସମସ୍ତ ବିଭାଗର ଫଳାଫଳବାହାରିବ।ବର୍ତ୍ତମାନଫର୍ମଫିଲଅପ୍‌ଚାଲିଥିବାବେଳେ ୭୫ ପ୍ରତିଶତ ଉପସ୍ଥାନ ନ ଥିଲେ ଆଡ୍‌ମିଟ କାର୍ଡ ମିଳିବନି ବୋଲି କୁହାଯାଇଛି। ଯେଉଁମାନେ ଫର୍ମ ଫିଲ୍‌ଅପ୍ କରିନାହାନ୍ତି ସେମାନେ ଫାଇନ୍ ଡେଟ୍‌ରେ ଆବେଦନ କରିପାରିବେ। ଏହାସହିତ କିଛି କଲେଜରେ ଯେଉଁଠି ପିଲାମାନଙ୍କ ଉପସ୍ଥାନ କମ୍ ଥିବ ସେମାନଙ୍କୁ ଶ୍ରେଣୀଗୃହକୁ ଆଣିବାକୁ କଲେଜ ଅଧ୍ୟକ୍ଷଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସେବି ଅଧ୍ୟକ୍ଷଙ୍କୁ ପିଏସିର ସମନ

ନୂଆଦିଲ୍ଲୀ,୫।୧୦

ଆମେରିକୀୟ ରିସର୍ଚ୍ଚ ସଂସ୍ଥା ହିଣ୍ଡେନ୍‌ବର୍ଗର ଅଭିଯୋଗ ପରେ ବିବାଦ ଘେରରେ ରହିଥିବା ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷ ମାଧବୀ ପୁରୀ ବୁଚ୍‌ଙ୍କୁ ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ସମନ ଜାରି କରିଛି। ତାଙ୍କୁ ଚଳିତ ମାସ ୨୪ରେ ପିଏସି ନିକଟରେ ହାଜର ହେବା ଲାଗି କୁହାଯାଇଛି। ମାଧବୀଙ୍କ ସମେତ ଆର୍ଥିକ ବ୍ୟାପାର ଏବଂ ରାଜସ୍ୱ ବିଭାଗର କେତେଜଣ ଅଫିସରଙ୍କୁ ମଧ୍ୟ ହାଜର ହେବା ଲାଗି ପିଏସି ସମନ କରିଛି। କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ପିଏସିର ଅଧ୍ୟକ୍ଷ ରହିଛନ୍ତି। ଆଦାନୀ ଗ୍ରୁପ୍ ସହ ସମ୍ପୃକ୍ତ ଥିବା କେତେକ ଦରିଆପାରି ସଂସ୍ଥାରେ ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ପୁଞ୍ଜିନିବେଶ କରିଥିବା ହିଣ୍ଡେନବର୍ଗ ରିସର୍ଚ୍ଚ ଅଭିଯୋଗ ଆଣିଥିଲା।

## ଅମେଠି ହତ୍ୟାକାଣ୍ଡ: ମୃତକଙ୍କ ସ୍ତ୍ରୀ ସହ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଥିଲା

ନୂଆଦିଲ୍ଲୀ,୫।୧୦

ଉତ୍ତରପ୍ରଦେଶର ଅମେଠିରେ ଶିକ୍ଷକ ପରିବାରକୁ ହତ୍ୟାକାଣ୍ଡ ଶନିବାର ନୂଆ ମୋଡ଼ ନେଇଛି। ଅଭିଯୁକ୍ତ ଚନ୍ଦନ ବର୍ମାଙ୍କର ଦେଢ଼ବର୍ଷ ହେଲା ଶିକ୍ଷକଙ୍କ ସ୍ତ୍ରୀ ପୁନମ୍‌ଙ୍କ ସହ ଅନୈତିକ ସମ୍ପର୍କ ରହିଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଜନ୍ତି। ନିକଟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାରୁ ଚନ୍ଦନ ବିଚଳିତ ଥିଲେ। ଯେଉଁଥିପାଇଁ ସେ ଶିକ୍ଷକ ସୁନୀଲ କୁମାରଙ୍କ ସମେତ ତାଙ୍କ ସ୍ତ୍ରୀ ଓ ୨ ନାବାଳିକା ଝିଅଙ୍କୁ ହତ୍ୟା କରିଥିବା ଜେରାବେଳେ ସ୍ୱୀକାର କରିଛନ୍ତି ବୋଲି ଅମେଠି ଏସ୍‌ପି ଅନୁପ ସିଂ ସୂଚନା ଦେଇଛନ୍ତି। ସେମାନଙ୍କୁ ହତ୍ୟା କରିବା ପରେ ଚନ୍ଦନ ନିଜକୁ ଗୁଳିକରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିବା କହିଛନ୍ତି।

# ପୁରୁଣା ସମ୍ପର୍କ ଯୋଡ଼ିଲା 'ପୁରାନେ ଚାୱଲ'

## ନାଟକପ୍ରେମୀଙ୍କୁ ଭିନ୍ନ ସ୍ୱାଦ ଦେଲା ଜେନ୍ ଫାଉଣ୍ଡେଶନ

ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଅନେକ ସମୟରେ ଏମିତି କିଛି ଘଟଣା ଘଟିଥାଏ, ଯାହା ଘଟିବ ବୋଲି ଆମେ କେବେବି ଭାବି ନ ଥାଆନ୍ତି। ଯେମିତିକି କିଛି ପୁରୁଣା ସମ୍ପର୍କ, ଯାହା ଥରେ ଭାଙ୍ଗିଯାଇଥାଏ ଓ ନିଜ ଲୋକଙ୍କ ସହ ଘଟିଥାଏ, ତାହା ପୁଣିଥରେ ଗଢ଼ିହେବ, ନିଶ୍ଚିତ ଭାବେ ଅପ୍ରତ୍ୟାଶିତ। ଏଭଳି କିଛି ଘଟଣାକୁ ନେଇ ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଜେନ୍ ଫାଉଣ୍ଡେଶନ ପକ୍ଷରୁ ସୁମିତ୍ ବ୍ୟାସଙ୍କ ନିର୍ଦ୍ଦେଶିତ ହିନ୍ଦୀ ଟ୍ରାଜିକମେଡି ଡ୍ରାମା 'ପୁରାନେ ଚାୱଲ' ମଞ୍ଚସ୍ଥ ହୋଇଯାଇଛି। ଦୁଇ ପୁରୁଣା ସାଙ୍ଗ ତଥା ବ୍ୟଙ୍ଗ ଅଭିନେତା ହେଲେ ଖୁସାଲ ମେହେନ୍ଦି ଓ ବିଜୟ ଦାସ। ସେମାନେ ୪୨ବର୍ଷ ଧରି ଏକାଠି ଅଭିନୟ କରିଥିଲେ ମଧ୍ୟ ହଠାତ୍ ଏକ ଘଟଣାକ୍ରମରେ ଅଲଗା ହୋଇଯାଇଛନ୍ତି। ଏବେ ଭାଗ୍ୟ ପୁଣିଥରେ ସେମାନଙ୍କୁ ଏକତ୍ରିତ କରିବା ପାଇଁ ପ୍ରୟାସ କରିଛି। ୧୨ ବର୍ଷ ପରେ ଏକ ଡ୍ରାମା ଫେଷ୍ଟିଭାଲ ପାଇଁ ସେମାନେ ମଞ୍ଚରେ ପୁଣି ଏକାଠି ହୋଇଛନ୍ତି। ପୂର୍ବରୁ ଅଭିନୟ କରିଥିବା ନାଟକକୁ ସେମାନଙ୍କୁ ଆଉଥରେ ପରିବେଷଣ କରିବାକୁ ପଡ଼ିଛି। ସମ୍ପର୍କକୁ ନେଇ ସେମାନଙ୍କ ଭିତରେ ଥିବା ଦ୍ୱନ୍ଦ୍ୱ ଓ ରାଗରୁଷା ସତ୍ତ୍ୱେ ମଞ୍ଚରେ କିଭଳି ଯୋଡ଼ି ହୋଇଛନ୍ତି, ଆଉ ପୁରୁଣା ଦିନର ମ୍ୟାଜିକୁ ମଞ୍ଚ ଉପରେ ଦେଖାଇଛନ୍ତି, ତାହାକୁ ନେଇ ନାଟକ ଗତିଶୀଳ ହୋଇଛି। ଏକ ପ୍ରକାରରେ ପୁରୁଣା ସମ୍ପର୍କ ଏହି ନାଟକ ମାଧ୍ୟମରେ ଯୋଡ଼ିହୋଇପାରିଛି। ଦୁଇ ମୁଖ୍ୟ ଚରିତ୍ରରେ ବଲିଉଡ୍ ତଥା ମଞ୍ଚ ଅଭିନେତା କୁମୁଦ ମିଶ୍ରା ଓ ଶୁଭ୍ରାଜ୍ୟୋତି ବରତ୍ ଅଭିନୟ କରିଛନ୍ତି। ଉପସ୍ଥିତ ଦର୍ଶକ ଏହି ନାଟକର ଖୁବ୍ ମଜା ନେଇଥିବାବେଳେ କୁମୁଦ ମିଶ୍ରାଙ୍କ ଡାଏଲଗ୍‌ରେ ହସି ହସି ବେଦମ୍ ହୋଇଯାଇଥିଲେ। ଏହା ନିଲ୍ ସିମନ୍‌ଙ୍କ ଇଂଲିଶ ନାଟକ 'ଦ ସନ୍‌ସାଇନ୍ ବଏଜ୍'ରୁ ଆଡପ୍ଟ କରାଯାଇଛି।

ଜେନ ଫାଉଣ୍ଡେଶନର ଟିଫ୍ ଟ୍ରଷ୍ଟି ଗାର୍ଗି ଭଟ୍ଟାଚାର୍ଯ୍ୟ କହିଛନ୍ତି, ଅଟିଜମ୍ ରୋଗୀ ଏହି ସମାଜରେ ମୁକ୍ତ ଭାବରେ ବଞ୍ଚିବାର ଆବଶ୍ୟକତା ରହିଛି। ଏହି ନାଟକ ଦ୍ୱାରା ହେଉଥିବା ଫଣ୍ଡକୁ ଆମେ ଅଟିଜମ୍ ରୋଗୀଙ୍କ ପାଇଁ ରଖୁଛୁ, ଯାହା ସେମାନଙ୍କୁ ବଞ୍ଚିବାରେ ସାହାଯ୍ୟ କରିବ। ନାଟକ ଆରମ୍ଭରେ ଅଟିଜମ ରୋଗୀଙ୍କ ପାଇଁ ବର୍ଷ ସାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଏକ ବୃତ୍ତଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲେ।



ସମ୍ପର୍କକୁ ନେଇ ପରିବେଷିତ ହିନ୍ଦୀ ଟ୍ରାଜିକମେଡି ଡ୍ରାମା 'ପୁରାନେ ଚାୱଲ'ର ଏକ ଦୃଶ୍ୟ।

# ଫୁଲବାଣୀ, ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ରେକର୍ଡ

ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)

ଉତ୍ତର ବଙ୍ଗୋପସାଗର ସହ ବାଂଲାଦେଶ ଓ ପଶ୍ଚିମବଙ୍ଗ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଦୁର୍ବଳ ହେଉଥିବାବେଳେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଆଖପାଖ ଅଞ୍ଚଳରେ ସମୁଦ୍ର ପତ୍ତନରୁ ୩.୧ କିମି ଉର୍ଦ୍ଧ୍ୱରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଉର୍ଦ୍ଧ୍ୱବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୧.୫ କିମିରୁ ୪.୫ କିମି ମଧ୍ୟରେ ବ୍ୟାପିଛି। ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ ସହ ମହାରାଷ୍ଟ୍ରର କିଛି ଅଂଶ ଏବଂ ଆରବସାଗରର ଅଧିକାଂଶ ଅଞ୍ଚଳରୁ ଅପସରି ଯାଇଛି। ତେବେ ଓଡ଼ିଶାରୁ ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ଶନିବାର ଉତ୍ତର ଆଭ୍ୟନ୍ତର ଓଡ଼ିଶା ବିଶେଷକରି ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବାବେଳେ ଆଉ କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣ ବର୍ଷା ହୋଇଛି। ପାରଳାଖେମୁଣ୍ଡି ଓ ଜଗତ୍‌ସିଂହପୁରରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ରହିଥିବାବେଳେ ଫୁଲବାଣୀ ଓ ଅନୁଗୋଳରେ ସର୍ବନିମ୍ନ ୨୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ରବିବାର ଉପକୂଳ ଓଡ଼ିଶାର କିଛି ସ୍ଥାନ ସହ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଆଦି ଜିଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଘଡ଼ଘଡ଼ି ଓ ବିଜୁଳି ଆଶଙ୍କା ନେଇ ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ହେମଗିର ଜଙ୍ଗଲରେ ପୁଣି ବ୍ଲାକ୍ ପାନ୍ଥର ଠାବ



ସୁନ୍ଦରଗଡ ବନଖଣ୍ଡର ହେମଗିର ବନାଞ୍ଚଳ ଅଧୀନ ଦାଘୋରା ଜଙ୍ଗଲର ଗର୍ଜନ ପାହାଡରେ ପୁଣି ବ୍ଲାକ୍ ପାନ୍ଥର ବା କଳାବାଘ ଠାବ ହୋଇଛି। ଜଙ୍ଗଲ ବିଭାଗ ପକ୍ଷରୁ ଏହି ଜଙ୍ଗଲରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ଏହି ବିରଳ କଳାବାଘର ଫଟୋ କଏଦ ହୋଇଥିବା ସୁନ୍ଦରଗଡ ଡିଏଫ୍‌ଓ ପ୍ରଦୀପ ମିରାସେ କହିଛନ୍ତି। ୨୦୧୮ ରେ ପ୍ରଥମେ ଏହି କଳାବାଘ ଉକ୍ତ ଜଙ୍ଗଲରେ ଠାବ ହୋଇଥିଲା। ୨୦୨୨ ଓ ୨୦୨୩ରେ ମଧ୍ୟ ଟ୍ରାପ୍ କ୍ୟାମେରାରେ କଳାବାଘକୁ ଠାବ କରାଯାଇଥିଲା।

# ସ୍ୱେଚ୍ଛାକୃତ ଅବସର ପାଇଁ ଅରୁଣ ଷଡ଼ଙ୍ଗୀଙ୍କୁ ଅନୁମତି ଦେଲେ ସରକାର

ଭୁବନେଶ୍ୱର,୫।୧୦(ଅନିଲ ଦାସ)



ରାଜ୍ୟ ସରକାର ୧୯୯୦ ବ୍ୟାଚ ଆଇପିଏସ୍ ତଥା ପୂର୍ବତନ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀଙ୍କୁ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଅନୁମତି ଦେଇଛନ୍ତି। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଜର ନୂଆ ଦାୟିତ୍ୱ ଆସନ୍ତା ସୋମବାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ତାଙ୍କୁ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ସର୍ବଭାରତୀୟ ସେବା ରୁଲ୍‌ସ-୧୯୫୮ର ଉପଧାରା-୨ରେ ଥିବା ସର୍ତ୍ତାବଳୀକୁ କୋହଳ କରି ତାଙ୍କୁ ଚାକିରିରୁ ଅବସର ନେବାକୁ ଅନୁମତି ଦେଇଛନ୍ତି। ଏଥିସହିତ ସେ ସର୍ବଭାରତୀୟ ସେବା ରୁଲ୍‌ସ-୧୯୫୮ର ବ୍ୟବସ୍ଥା ଆଧାରରେ ସମସ୍ତ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବିଜୁ ପଟ୍ଟନାୟକ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର ସେପ୍ଟେମ୍ବର ୨୭ତାରିଖରେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ଅରୁଣ ନିଜର ନୂଆ ଦାୟିତ୍ୱ ନେବା ପାଇଁ ସେପ୍ଟେମ୍ବର ୩୦ତାରିଖରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଅକ୍ଟୋବର ୭ତାରିଖ ପୂର୍ବାହ୍ନରୁ ତାଙ୍କୁ ଅବସର ପାଇଁ ଅନୁମତି ଦେବାକୁ ସେ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ଅରୁଣଙ୍କର ଚାକିରି ୨୦୨୫ ଜୁଲାଇ ପର୍ଯ୍ୟନ୍ତ ଥିଲା। ତାଙ୍କୁ ପୂର୍ବ ବିଜେଡି ସରକାର ୨୦୨୩ ଡିସେମ୍ବର ୩୧ ତାରିଖରେ ରାଜ୍ୟର ଅସ୍ଥାୟୀ ପୋଲିସ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ଭାଜପା ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ଅଗଷ୍ଟ ୧୬ତାରିଖରେ ଡିଜି ପଦରୁ ହଟାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି।





# ରିଲିଫ ବଣ୍ଟନ ବେଳେ ଦଳାଚକଟା

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/(ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୫।୧୦

### ଅଣନିଃଶ୍ୱାସୀ ହୋଇ ୪ ଅସୁସ୍ଥ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପରିସରରେ ଶନିବାର ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ ବେଳେ ଦଳାଚକଟାରେ ଅଣନିଃଶ୍ୱାସୀ ହୋଇ ୪ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବ୍ଲକ କର୍ମଚାରୀ ଅତୁଲ ବେହେରାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗତ ସେପ୍ଟେମ୍ବର ୧୭ରେ ଲଗାଣବର୍ଷାରୁ ବାଲିଆପାଳର ୮ଟି ପଞ୍ଚାୟତର ୪୦ଗାଁରେ ବନ୍ୟାଜଳ ପଶି ବ୍ୟାପକ କ୍ଷତି ହୋଇଥିଲା। ବିପନ୍ନଙ୍କ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ୫ଶହ ରିଲିଫ ପୁଡ଼ିଆ ବ୍ଲକ ପ୍ରଶାସନକୁ ବଣ୍ଟନ ପାଇଁ ଦିଆଯାଇଥିଲା। ଶୁକ୍ରବାରଠାରୁ ବଣ୍ଟନ ଆରମ୍ଭ ହୋଇଥିଲା। ଖବର ପାଇ ବହୁ ଲୋକ ଶୁକ୍ରବାର ସନ୍ଧ୍ୟାରେ ବ୍ଲକ ପରିସରରେ ପହଞ୍ଚିଥିଲେ। ଶନିବାର ପୂର୍ବାହ୍ନରେ ରିଲିଫ ସାମଗ୍ରୀ ଥିବା ଗୋଦାମ ଘର ଭିତରକୁ ଲୋକମାନେ ଜବରଦସ୍ତ ପଶି ରିଲିଫ ବୋହିନେବା ସମୟରେ ଠେଲାପେଲା ହୋଇଥିଲା।

# ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ରାଜ୍ୟ ସଡ଼କ ନୀତି

## ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କି.ମି. ରାସ୍ତା

ଭୁବନେଶ୍ୱର,୫।୧୦(ଅନିଲ ଦାସ)

ଉନ୍ନତମାନର ସଡ଼କ ନିର୍ମାଣ ସହ ଯାନବାହନ ଚାଳକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ସଡ଼କ ନୀତି ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଆସନ୍ତା ୫ବର୍ଷରେ ୭୫ ହଜାର କି.ମି. ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ୩୦ ହଜାର, ପଞ୍ଚାୟତିରାଜ ୨୨,୮୦୦, ପୂର୍ତ୍ତ ବିଭାଗ ୧୫ ହଜାର, ଜଳ ସମ୍ପଦ ୫ ହଜାର, ନଗର ଉନ୍ନୟନ ବିଭାଗ ୧୨୦୦ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୧,୦୦୦ କି.ମି. ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୁରୁଣା ରାସ୍ତା ଓ ଏହାକୁ ସଂଯୋଗ କରୁଥିବା ସେତୁଗୁଡ଼ିକର ଉନ୍ନତୀକରଣ କରାଯିବ। ବ୍ଲାକସ୍ପଟ ଚିହ୍ନଟ ସହ ନିରାପତ୍ତାକୁ ପ୍ରାଥମିକତା ଦିଆଯିବ। ଏଥିସହିତ ପରିବହନ ବିଭାଗ ପକ୍ଷରୁ ଟ୍ରକ ଟର୍ମିନାଲ ନିର୍ମାଣ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରାଯିବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଞ୍ଚାୟତିରାଜ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀ, ପୂର୍ତ୍ତବିଭାଗ ସଚିବ ବୀର ବିକ୍ରମ ଯାଦବ, ଗ୍ରାମ୍ୟ ଉନ୍ନୟନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ସମ୍ପୃକ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗୀୟ ଉଚ୍ଚ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀମାନେ ଯୋଗଦେଇଥିଲେ।

# କୁସୁମୀ ନଦୀକୂଳରେ ମହାବଳ ପାଦଚିହ୍ନ

ଓଡ଼ଗାଁ,୫।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଗତ କିଛିଦିନର ବ୍ୟବଧାନ ପରେ ଓଡ଼ଗାଁ ବନାଞ୍ଚଳକୁ ମହାବଳ ବାଘ ଫେରିଥିବା ଚର୍ଚ୍ଚା ହେଉଛି। ଓଡ଼ଗାଁ ଥାନା ଅଧୀନ କୁରାଳ ଗାଁ ନିକଟ କୁସୁମୀ ନଦୀକୂଳରେ ଶନିବାର ସକାଳୁ ବାଘର ପାଦଚିହ୍ନ ପଡ଼ିଥିବା ଦେଖି ଲୋକେ ଭୟଭୀତ ହୋଇଛନ୍ତି। ୨ ମାସ ତଳେ ଓଡ଼ଗାଁ ଗୋଛା ଜଙ୍ଗଲ, ଦଶପଲ୍ଲା, ନୂଆଗାଁ, ମହିପୁର ଓ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବନାଞ୍ଚଳରେ ମହାବଳ ବୁଲୁଥିବାରୁ ଲୋକେ ଜଙ୍ଗଲ ଯିବା ଓ ସେହି ରାସ୍ତାଦେଇ ଯାତାୟାତ କରିବାକୁ ଭୟ କରୁଥିଲେ।


## ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା
## (Skill Development Training for SC Unemployed Youths)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଓଡ଼ିଶା ଅନୁସୂଚିତ ଜାତିଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଭୁବନେଶ୍ୱର, ଯୋଗ୍ୟ ଓ ଇଚ୍ଛୁକ ଅନୁସୁଚିତ ଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଆବଶ୍ୟକ ଯୋଗ୍ୟତା:**

(କ) ଆବେଦନକାରୀ ଅନୁସୁଚିତ ଜାତି ବର୍ଗର ହୋଇଥିବେ ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
(ଖ) ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(ଗ) ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ହୋଇନ ଥିବ ।
(ଘ) ଆବେଦନକାରୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ।

**ତାଲିମ୍ ପାଠ୍ୟକ୍ରମ:**

| Sl. No. | Name of the Trade | Qualification | Month |
|---|---|---|---|
| 1 | CNC Turning | 10th pass | 3 Month 21 Days |
| 2 | General Duty Assistant | 10th pass | 4 Month 29 Days |
| 3 | Industrial Electrician | 10th pass | 3 Month 3 Days |
| 4 | Machine Operator – Plastic Processing | 10th pass | 5 Month |
| 5 | Multi Skill Technician (Electrical) | 10th pass | 3 Month 12 Days |
| 6 | Sewing Machine Operator | 8th pass | 2 Month 25 Days |
| 7 | Condensed Course in Tool & Die Making | 10th pass | 6 Month 16 Days |

**ପାଠ୍ୟକ୍ରମ ଦେୟ:**

ଏହି ତାଲିମ୍ ନେବା ପାଇଁ ଆଗ୍ରହୀ ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ ମାଗଣାରେ ରହିବା ଖାଇବା,ୟୁନିଫର୍ମ ଓ ତାଲିମ୍ ଉପକରଣ ଆଦି ଯୋଗାଇ ଦିଆଯିବ । ପ୍ରାର୍ଥୀ ବା ପ୍ରାର୍ଥନୀଙ୍କୁ ପ୍ରଥମେ ନିଜ ଜିଲ୍ଲାରେ ତାଲିମ୍ ଦେବାର ବ୍ୟବସ୍ଥା କରାଯିବ, ଏହି ସୁବିଧା ଉପଲବ୍ଧ ନ ଥିଲେ ସେମାନଙ୍କୁ ନିକଟତମ ଜିଲ୍ଲାରେ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବ।

**କିପରି ଆବେଦନ କରିବେ:**

ଇଚ୍ଛୁକ ପ୍ରାର୍ଥୀ ବା ପ୍ରାର୍ଥୀନୀ ଆମ ୱେବସାଇଟ www.stscprayas.com ଜରିଆରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ଉକ୍ତ ଫର୍ମକୁ ଡାଉନଲୋଡ କରି ନିକଟସ୍ଥ DWO କାର୍ଯାଳୟ କିମ୍ବା The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014 କାର୍ଯାଳୟରେ ଦାଖଲ କରିପାରିବେ ।

ଅଧିକ ବିବରଣୀ ପାଇଁ ଆମକୁ ଯୋଗାଯୋଗ କରିବାପାଇଁ 0674-2432107 (OSFDC) କୁ ଯୋଗାଯୋଗ କରନ୍ତୁ ।
*ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବନାହିଁ। କୌଣସି କାରଣ ନ ଦର୍ଶାଇ, ଯେ କୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

ଯୋଗାଯୋଗ
The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014,
Email-osfdc.odisha@gmail.com


# ରିପୋର୍ଟ ମାଗିଲେ ରାଜସ୍ୱ ମନ୍ତ୍ରୀ

### ଆର୍‌ଆଇ, ଅମିନ ପରୀକ୍ଷା ଅନିୟମିତତା ଘଟଣା
### ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲେ

ଭୁବନେଶ୍ୱର, ୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଓ ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ନେଇ ହେଉଥିବା ଅଭିଯୋଗକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଚାକିରି ଆଶାୟୀମାନେ ପରୀକ୍ଷା ବାତିଲ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ଆସୁଥିଲେ ମଧ୍ୟ ସରକାରୀ ସ୍ତରରେ ନିଷ୍ପତ୍ତି ବିଳମ୍ବିତ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜସ୍ୱ ବିଭାଗକୁ ପରୀକ୍ଷାର ସମ୍ପୂର୍ଣ୍ଣ ରିପୋର୍ଟ ମାଗିଛନ୍ତି। ପରୀକ୍ଷା ସବୁବେଳେ ତ୍ରୁଟିଶୂନ୍ୟ ହେବା କଥା। ଉଚିତ ସ୍ଥାନରେ ପରୀକ୍ଷା ହେଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଆର୍‌ଆଇ ଓ ଅମିନ ପରୀକ୍ଷା ରାଜସ୍ୱ ବିଭାଗ କରେନାହିଁ। ତାହା ଓଏସ୍‌ଏସ୍‌ଏସି ଦ୍ୱାରା ପରିଚାଳିତ ହୋଇଥାଏ। ଜଣେ ଥାର୍ଡ ପାର୍ଟିକୁ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଆଉଟ୍‌ସୋର୍ସିଂ କରିଥିବା ଖବର ଆସୁଛି। ସେହି କମ୍ପାନିର କ୍ରେଡିବିଲିଟିକୁ ନେଇ ପ୍ରଶ୍ନ ଉଠିଛି। ଏହାର ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରିଛି। ଅଭିଯୋଗକୁ ଦେଖିଲେ ଲାଗୁଛି, ପରୀକ୍ଷା ପାଇଁ ଏହା ଅନୁକୂଳ ପ୍ରକ୍ରିୟା ନୁହେଁ। ସରକାର ଏ ଦିଗରେ ଅନୁଧ୍ୟାନ କରିବେ ଏବଂ ବ୍ଲାକ୍ ଲିଷ୍ଟେଡ୍ ଥିଲେ ଉକ୍ତ ସଂସ୍ଥାକୁ ପରୀକ୍ଷାରୁ ମୁକ୍ତ କରାଯିବ। ତ୍ରୁଟି ବିଚ୍ୟୁତି କ'ଣ ହୋଇଛି, ଏହା ଫଳାଫଳକୁ କେତେ ପ୍ରଭାବ ପକାଇବ, ତାକୁ ଅନୁଧ୍ୟାନ କରି ସରକାର ନିଷ୍ପତ୍ତି ନେବେ।

## 'ପରୀକ୍ଷା ବାତିଲ ନ ହେଲେ ସୋମବାରଠାରୁ ବଡ଼ ଆନ୍ଦୋଳନ'

ଭୁବନେଶ୍ୱର, ୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଆର୍‌ଆଇ, ଅମିନ ପରୀକ୍ଷାରେ ଅନିୟମିତତାକୁ ନେଇ ଗତ ୩ ତାରିଖରେ ଚାକିରି ଆଶାୟୀମାନେ ଭୁବନେଶ୍ୱରରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରିଥିବାବେଳେ କଟକରେ ଷ୍ଟୁଡେଣ୍ଟସ୍ ଏଗ୍‌ନେଷ୍ଟ କରପ୍‌ଶନ ଜିଲାପାଳଙ୍କ ଅଫିସ ଘେରାଇ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଶନିବାର ଏହି ଛାତ୍ର ସଙ୍ଗଠନ ବଡ଼ ଆନ୍ଦୋଳନର ଚେତାବନୀ ଦେଇଛି। ସଙ୍ଗଠନ ଆବାହକ ବିଭୂତି ଭୂଷଣ ମହାପାତ୍ର ଖବରଦାତା ସମ୍ମିଳନୀରେ କହିଛନ୍ତି, ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ସରକାର ପରୀକ୍ଷା ବାତିଲ କରିବା ସହ ଦାବି ପୂରଣ ନ କଲେ ୭ ତାରିଖ ସୋମବାର ସକାଳ ୯ଟାରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ହେବ। ଓଏସ୍‌ଏସ୍‌ଏସିର ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ନିଯୁକ୍ତି ଦୁର୍ନୀତିକୁ ସଂଗଠନ ପକ୍ଷରୁ ଦୃଢ ବିରୋଧ କରାଯାଉଛି। ସିଫିଭଳି କଳା ତାଲିକାଭୁକ୍ତ ସଂସ୍ଥାକୁ କିପରି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା ଓ ସିଫି କିଭଳି ଅଯୋଗ୍ୟ ସେଣ୍ଟରମାନ ଚୟନ କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସମ୍ମିଳନୀରେ ସଙ୍ଗଠନର ସଦସ୍ୟ ସୁନୀଲ କୁମାର ମିଶ୍ର, ତୋଫାନ ପରିଡା, ପରମେଶ୍ୱର ବଳ ଓ ରାହୁଲ କୁମାର ଉପସ୍ଥିତ ଥିଲେ।

> ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। – ଶ୍ରୀମା

# ଆଧିପତ୍ୟ ଯୁଗ ଶେଷ



**ଆକାର ପଟେଲ**

ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସକଙ୍କ ମଧ୍ୟରୁ ଅନେକେ ଏହି ତୃତୀୟ ଶାସନ ପାଳିରେ ମନ୍ଥରତା ଏବଂ ଲକ୍ଷ୍ୟହୀନତାକୁ ଅନୁଭବ କରୁଛନ୍ତି। ଫେବୃଆରୀରେ ସଂସଦର ନୂତନ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଭାଜପାର ତୃତୀୟ କାର୍ଯ୍ୟକାଳର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ପରବର୍ତ୍ତୀ ୧୦୦୦ ବର୍ଷକୁ ପ୍ରଭାବିତ କରିବ। ନିର୍ବାଚନ ପ୍ରଚାର ସମୟରେ ଏକ ନ୍ୟୁଜ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତ୍କାରରେ ସେ କହିଥିଲେ, ୪ ଜୁନ୍ ପରେ ପ୍ରଥମ ୧୨୫ ଦିନରେ ଫଳାଫଳ ସ୍ପଷ୍ଟ ହେବ। ପ୍ରଥମ ୧୦୦ ଦିନର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇସାରିଛି ବୋଲି ସେ କହିଥିଲେ ଏବଂ ପରବର୍ତ୍ତୀ ୨୫ ଦିନର କାର୍ଯ୍ୟସୂଚୀକୁ ସେ ଯୁବକମାନଙ୍କ ପାଇଁ ବ୍ୟବହାର କରିବେ। ଏଥିରୁ କୌଣସିଟି ହେବ ନାହିଁ। ନିର୍ବାଚନ ଫଳାଫଳ ଘୋଷଣା ଦିନଠାରୁ ୭ ଅକ୍ଟୋବରକୁ ୧୨୫ ଦିନ ହେବ। ହେଲେ ଏବେ 'କିଛି ଘଟୁନାହିଁ'। ଏହାର ବଡ଼ କାରଣ ହେଉଛି ଭାଜପାର ବହୁମତ ନ ଥିବାରୁ ୨୦୧୪ରୁ ୨୦୨୪ ମଧ୍ୟରେ ଦଳ ପାର୍ଲାମେଣ୍ଟରେ ଯାହା କରିପାରୁଥିଲା ତାହା ଆଉ କରିପାରିବ ନାହିଁ। ମିଳିତ ସଂସଦୀୟ କମିଟିକୁ ପଠାଯାଇଥିବା ୱକଫ ବିଲ୍ କ୍ଷେତ୍ରରେ ଆମେ ଏହା ଦେଖିଛୁ। ବିଗତ ଏକ ଦଶନ୍ଧିରେ ପାର୍ଲାମେଣ୍ଟରେ ଏକ ଦୁର୍ବଳ ବିରୋଧୀ ଦଳ ଥିବାରୁ ସରକାର ବିଲ୍‌ଗୁଡ଼ିକୁ ଏକ କମିଟିକୁ ପଠାଇ ଯାଞ୍ଚ କରିବାକୁ ଅନୁମତି ଦେଇନାହାନ୍ତି। ମୋଦିଙ୍କ ଶାସନ କାଳର ପ୍ରଥମ ଦଶନ୍ଧିରେ ଆଇନଗୁଡ଼ିକରେ ବାସ୍ତବତାକୁ ବିଚାରକୁ ନ ନେଇ ଏକ କଠୋର ପ୍ରକ୍ରିୟା ମାଧ୍ୟମରେ ଆଇନ ପ୍ରଣୟନ କରାଯାଇଛି। ଦେଖିବାକୁ ଗଲେ ୧୪ତମ ଲୋକ ସଭା (୨୦୦୪-୦୯)ରେ ୬୦ ପ୍ରତିଶତ ବିଲ୍ ଯାଞ୍ଚ ପାଇଁ କମିଟି ନିକଟକୁ ପଠାଯାଇଥିଲା। ପରବର୍ତ୍ତୀ ଲୋକ ସଭା (୨୦୦୯-୧୪)ରେ ଏହି ସଂଖ୍ୟା ୭୧ ପ୍ରତିଶତ ଥିଲା। ହେଲେ ମୋଦିଙ୍କ ପ୍ରଥମ ପାଳିରେ ଏହା ୨୫ ପ୍ରତିଶତକୁ ଖସି ଆସିଥିଲା। ୨୦୧୪ରେ ପ୍ରଥମ ବିଜୟ ପରେ ଯାଞ୍ଚ ଏବଂ ପରୀକ୍ଷା ସକାଶେ ବିଭାଗ ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକୁ ବିଲ୍ ପଠାଇବା ପାଇଁ ଆବଶ୍ୟକ ସଂସଦୀୟ ଅଧିବେଶନକୁ ଏହା ଜାଣିଶୁଣି ରଦ୍ଦ କରିଥିଲା। ଏପରି କି ଯେଉଁ ଆଇନଗୁଡ଼ିକ ପାସ୍ ହେବା ପୂର୍ବରୁ ଯାଞ୍ଚ କରାଯାଇଥିଲା ସେସବୁ ମୋଦିଙ୍କ ଦ୍ୱିତୀୟ ବିଜୟ ପରେ ଶେଷ ହୋଇଗଲା। ବିରୋଧୀ ଦଳ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ତେଲୁଗୁ ଦେଶମ୍ ପାର୍ଟି ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କ୍ସବାଦୀ)ର ୧୭ ଜଣ ସାଂସଦ ବିନା ସମୀକ୍ଷାରେ ତରବରିଆ ଭାବେ ବିଲ୍ ପାସ୍ ପ୍ରକ୍ରିୟାକୁ ନେଇ ସରକାରଙ୍କୁ ଚିଠି ଲେଖି ଚିନ୍ତା ପ୍ରକଟ କରିଥିଲେ। ସେମାନେ ଉଲ୍ଲେଖ କରିଥିଲେ ଯେ ଜନସାଧାରଣଙ୍କ ପରାମର୍ଶ ନେବା ଲାଗି ନିର୍ଦ୍ଦିଷ୍ଟ ବିଷୟରେ ଜଡ଼ିତ ଥିବା ଗୋଷ୍ଠୀଗୁଡ଼ିକୁ ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ଭାବ୍ୟ ଆଇନ ଉପରେ ମତ ରଖିବା ଲାଗି ଆମନ୍ତ୍ରଣ କରିବା ଧାରା ବନ୍ଦ ହୋଇଗଲା। ସେମାନେ ଲେଖିଥିଲେ, ଜନତାଙ୍କ ପରାମର୍ଶ ନେବା କାର୍ଯ୍ୟ ବହୁ ପୂର୍ବରୁ ରହିଥିଲା ; ଯେଉଁଥିରେ ସଂସଦୀୟ କମିଟି ବିଲ୍ ଯାଞ୍ଚ କରନ୍ତି, ସୁଚିନ୍ତିତ ଭାବରେ କାର୍ଯ୍ୟ କରନ୍ତି ଏବଂ ଆଇନର ବିଷୟବସ୍ତୁ ତଥା ଗୁଣବତ୍ତା ବିକାଶ ଦିଗରେ କାର୍ଯ୍ୟ କରନ୍ତି। ମୋଦିଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା ଏବଂ ୨୦୨୦ରେ ଗୋଟିଏ ବି ବିଲ୍ ଯାଞ୍ଚ ପାଇଁ କମିଟି ନିକଟକୁ ପଠାଯାଇ ନ ଥିଲା। ସେହିବର୍ଷ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ ସରକାର ୧୧ଟି ଅଧ୍ୟାଦେଶ ଆଣିଥିଲେ, ଯେଉଁଥିରେ ଆୟକର ଆଇନରେ ସଂଶୋଧନ କରାଯାଇଥିଲା ଏବଂ ପିଏମ୍ କେୟାର୍ସ ପାଣ୍ଠିରେ ଦିଆଯାଇଥିବା ଦାନକୁ ୧୦୦ ପ୍ରତିଶତ ଟିକସ ଛାଡ଼ କରିଦିଆଯାଇଥିଲା। ବିନା ଯାଞ୍ଚରେ ଆଇନ ପାସ୍ କରାଯାଇଥିଲା। ଏପରି କି କମିଟିଗୁଡ଼ିକ ଥିଲେ ମଧ୍ୟ ସରକାର ସେମାନଙ୍କ କାର୍ଯ୍ୟରେ ବାଧା ଦେଇଥିଲେ। ମହାମାରୀ ପରେ ଷ୍ଟାଣ୍ଡିଂ କମିଟିଗୁଡ଼ିକୁ ଭର୍ଚୁଆଲ ବୈଠକ କରିବାକୁ ଅନୁମତି ଦିଆଯାଇ ନ ଥିଲା। ବିରୋଧୀ ଦଳର ସାଂସଦମାନେ ଅଭିଯୋଗ କଲେ ମଧ୍ୟ ଭାଜପା ବିବାଦୀୟ ଟ୍ରିପଲ ତଲାକ ଏବଂ ଆର୍‌ଟିଆଇ (ବିରୋଧୀ ଦଳ ସଂସଦ ଛାଡ଼ି ଚାଲି ଆସିଲା ପରେ ଉଭୟ ପାରିତ ହୋଇଛି) ଏବଂ ବ୍ୟକ୍ତିଙ୍କୁ ଉଗ୍ରବାଦୀ ଭାବେ ନାମିତ କରୁଥିବା ୟୁଏପିଏରେ ସଂଶୋଧନ କରିଥିଲା। ସେହିଭଳି କୃଷି ଆଇନ, କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ଉଚ୍ଛେଦ ବିଲ୍ ଏବଂ ନାଗରିକତ୍ୱକୁ ସଂଶୋଧନ ବିଲ୍‌କୁ ନିଷ୍ପକ୍ଷ ବିଚାର ପାଇଁ ସଂସଦର କୌଣସି କମିଟିକୁ ପଠାଯାଇ ନ ଥିଲା। ସମସ୍ତେ ପରେ ଅସୁବିଧା ସୃଷ୍ଟି କରିବେ।

ବୈଧାନିକ ଯାଞ୍ଚକୁ ଏଡ଼ାଇଯିବା କାହିଁକି ଏକ ସମସ୍ୟା ବୋଲି ପିଆର୍‌ଏସ୍ ଲେଜିସ୍‌ଲେଟିଭ ରିସର୍ଚ୍ଚର ଚକ୍ଷୁ ରୟ ଲେଖିଛନ୍ତି। ସେ ଦର୍ଶାଇଛନ୍ତି ଯେ, "କୃଷି ବିଲ୍ ଭଳି ରାଜନୈତିକ ବିବାଦୀୟ ବିଲ୍‌ଗୁଡ଼ିକ ଉପରେ ମତଭେଦ ଥିବାବେଳେ ତରବରିଆ ଭାବେ ସଂସଦରେ ପାସ୍ କଲେ ଅନିୟନ୍ତ୍ରିତ ସ୍ଥିତି ଉପୁଜେ। ଆଉ ଏକ ସମସ୍ୟା ହେଲା ସଂସଦୀୟ କମିଟି ବିଲ୍ ଯାଞ୍ଚ ନ କଲେ ଦେଶ ସମ୍ଭାବ୍ୟ ଅଧୁରା ଆଇନର ବୋଝ ମୁଣ୍ଡେଇବ।" ତେଣୁ ଲୋକଙ୍କ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ ନୁହେଁ ଓ ଆବଶ୍ୟକ ମଧ୍ୟ। ମୋଦି ପରାମର୍ଶ ବା ବିଚାରବିମର୍ଶର ଏକ ପରମ୍ପରାକୁ ଓଲଟପାଲଟ କରିଦେଲେ, ଯାହାକୁ ଇଂରେଜମାନେ ଅନୁସରଣ କରିଥିଲେ। ୧୯୧୭ରେ ଯେତେବେଳେ ଜବରଦସ୍ତ ନୀଳ ଚାଷ ଉପରେ ଏକ ଆଇନ ପ୍ରସ୍ତୁତି ଆରମ୍ଭ ହେଲା ଏବଂ ବିହାର-ଓଡ଼ିଶା ବିଧାନସଭାରେ ଚମ୍ପାରନ କୃଷି ବିଲ୍ ଆଗତ ହେଲା, ସେତେବେଳେ ଅନେକ ସଦସ୍ୟ ଏହାକୁ ଯାଞ୍ଚ ଏବଂ ପରୀକ୍ଷା ପାଇଁ ଗୃହର ଚୟନ କମିଟି ନିକଟକୁ ପଠାଇବାକୁ ଦାବି କରିଥିଲେ। ବ୍ରିଟିଶ ସରକାର ଏଥିରେ ରାଜି ହେଲେ ଏବଂ ଗାନ୍ଧୀଙ୍କୁ ଏହି ବିଲ୍ ସମୀକ୍ଷା କରିବାକୁ ଅନୁରୋଧ କରାଯାଇଥିଲା।

ବର୍ତ୍ତମାନ ପାର୍ଲାମେଣ୍ଟରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଅଛି। ଭାଜପାର ସମ୍ପୂର୍ଣ୍ଣ ଆଧିପତ୍ୟ ବା ପ୍ରଭୁତ୍ୱର ଯୁଗ ଶେଷ ହୋଇଯାଇଛି। ପ୍ରଭାବୀ ଶୈଳୀରେ ଶାସନ କରିବାକୁ, ସଫଳତାର ସହ ଆଇନ କରିବାକୁ ମୋଦି ବିରୋଧୀଙ୍କ ସହଯୋଗ ନେବାକୁ ପଡ଼ିବ। ତାଙ୍କ ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସମସ୍ତଙ୍କୁ ଏକାଠି ନେଇ ଯେଭଳି କାର୍ଯ୍ୟ କରିଥିଲେ ମୋଦିଙ୍କୁ ସେଭଳି ନିଷ୍ପତ୍ତି ନେବାକୁ ପଡ଼ିବ। ସେ ଏହା ନ କଲେ ଏବଂ ବାସ୍ତବତାକୁ ଗ୍ରହଣ କରିବାର କୌଣସି ସଙ୍କେତ ନ ଦେଖାଇଲେ ଏହା ତାଙ୍କ ପ୍ରଶଂସକମାନଙ୍କ ପାଇଁ ପୀଡ଼ାଦାୟକ ହୋଇଯିବ। ଏଭଳି ସ୍ଥିତିରେ ତାଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ।

Email:aakar.patel@gmail.com

# ହେ ଈଶ୍ୱର ! ତୁମେ କେଉଁ ଧର୍ମର



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ଏ ସଂସାରରେ ଯଦି କେବେ ବି ଈଶ୍ୱରଙ୍କର ଆବିର୍ଭାବ ଘଟନ୍ତା, ତେବେ ବହୁଳ ଭାବେ ତାଙ୍କୁ ଯେଉଁ ପ୍ରମୁଖ ପ୍ରଶ୍ନଟି ପଚରାଯାଆନ୍ତା, ତାହା ବୋଧହୁଏ ହୁଅନ୍ତା ଏଇ ନିବନ୍ଧର ଶୀର୍ଷକ ଭଳି। ଅବଶ୍ୟ ଏବେ ଯେମିତି ରୁଷିଆଠୁ ୟୁକ୍ରେନ୍ ଯାଏ, ପୁଣି ଇରାନଠାରୁ ଇସ୍ରାଏଲ ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତାଙ୍କ ନାଁ ନେଇ ଅଗଣିତ ମଣିଷଙ୍କ ମୁଣ୍ଡ ଗଡୁଛି, ସେଠି ଈଶ୍ୱର ଧରାପୃଷ୍ଠରେ ଆବିର୍ଭୂତ ହେବା ପାଇଁ ନିରାପଦ ମଣିବେ ନାହିଁ। ବିଶେଷତଃ ଏବେ ସମଗ୍ର ବିଶ୍ୱକୁ ଚିନ୍ତାଗ୍ରସ୍ତ କରିଦେଇଥିବା ଇରାନ-ଇସ୍ରାଏଲ ଯୁଦ୍ଧ ପ୍ରେକ୍ଷାପଟରେ ଈଶ୍ୱରଙ୍କୁ କେନ୍ଦ୍ରିତ କରି ଦୁଇ ଭିନ୍ନ ବିଚାରପନ୍ଥୀଙ୍କ ମଧ୍ୟରେ ରକ୍ତମୁଖା ସଂଘର୍ଷ ସମଗ୍ର ମାନବ ଜାତିକୁ ସଂକଟ ମୁହଁକୁ ଟାଣିଆଣିଛି।

କିଏ ସେଇ ଈଶ୍ୱର, ଯାହାଙ୍କୁ ନେଇ ଏଇ ଭୀଷଣ ସମର। ଏତେ ଅବାରିତ ନରସଂହାର! ସେ ଅଛନ୍ତି ତ? ଯଦି ଅଛନ୍ତି, ତେବେ ତାଙ୍କ ନାମରେ ଚାଲିଥିବା ଧର୍ମାନ୍ଧତାର ଭୟଙ୍କର ପରିଣାମ ସେ କ'ଣ ପ୍ରତ୍ୟକ୍ଷ କରିପାରୁ ନାହାନ୍ତି? କେମିତି ସେ ଈଶ୍ୱର? ସେ ଦେଖିବାକୁ କିପରି?

ପ୍ରକୃତରେ ଜ୍ଞାନୀ ବିଜ୍ଞାନୀମାନଙ୍କ ବୌଦ୍ଧିକ ଚେତନାରେ ଚମକ ସୃଷ୍ଟି କରିଆସୁଥିବା ବଡ଼ ରହସ୍ୟମୟ ଯେ ପ୍ରଶ୍ନ– 'ଈଶ୍ୱର ଦେଖିବାକୁ କିପରି?'ଏମିତି ଏକ ରହସ୍ୟ, ଯାହାକୁ ଭେଦ କରିବାକୁ ଯାଇ ଶହ ଶହ ତ୍ୟାଗୀ ତପସ୍ୱୀମାନଙ୍କ ସାଧନା ନିଷ୍ଫଳ ପ୍ରମାଣିତ ହୋଇଛି। ଈଶ୍ୱର କ'ଣ ଜାଣିବା ପାଇଁ ଚିରସନ୍ଧାନୀ ବିଜ୍ଞାନୀମାନେ ଗବେଷଣାର ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି। ଭିନ୍ନ ଭିନ୍ନ ଧର୍ମଗ୍ରନ୍ଥକୁ ନେଇ ଭିନ୍ନ ଭିନ୍ନ ବିଚାର। କେଉଁଠି ଈଶ୍ୱର ତ ଅନ୍ୟ କେଉଁଠି ଆଲ୍ଲା ଓ ଗଡ୍!

ହିନ୍ଦୁମାନଙ୍କ ଈଶ୍ୱରଙ୍କ ନାମ 'ଭଗବାନ୍' ହୋଇଥିଲାବେଳେ ମୁସଲ୍‌ମାନଙ୍କ ପାଇଁ ସେ ଆଲ୍ଲା ଓ ଖ୍ରୀଷ୍ଟମାନଙ୍କ ପାଇଁ ଗଡ୍ ବା ଅବଶିଷ୍ଟ ଧର୍ମ ସମୁଦାୟରେ ସେ ଭିନ୍ନ ଭିନ୍ନ ନାମରେ ନାମିତ। ଏସବୁ ଦେଖି ମନରେ ପ୍ରଶ୍ନ ଉଠେ ବହୁବିଧ ଧାର୍ମିକ ମତବାଦ ଓ ଧର୍ମାବଲମ୍ବୀ ନିର୍ବିଶେଷରେ କେବଳ 'ମଣିଷ' କୁହାଯାଉଥିବା ସେଇ ଚେତନଶୀଳ ପ୍ରାଣୀଟିର ଈଶ୍ୱରଙ୍କ ନାମ କ'ଣ! ଶ୍ରେଷ୍ଠ ମଣିଷର ଶବ୍ଦକୋଷରେ ଏଯାଏଁ ବି ଧର୍ମବିଯୁକ୍ତ ଈଶ୍ୱରଙ୍କ ଠିକ୍ ନାମଟିଏ ଉପଲବ୍ଧ ହୋଇ ନାହିଁ। ତେବେ କ'ଣ ଧର୍ମବିଯୁକ୍ତ ଈଶ୍ୱର ଓ ଈଶ୍ୱରବିହୀନ ଧର୍ମ ଏକ ଅସମ୍ଭବ ପରିକଳ୍ପନା? କୌଣସି ଧର୍ମରେ ବିଶ୍ୱାସ ନ ଥିବା ନିରୋଳା ମଣିଷଟି ପାଇଁ ଈଶ୍ୱର କ'ଣ ବାସହୀନ? ସେଥିପାଇଁ ବୋଧହୁଏ ସ୍ୱାମୀ ବିବେକାନନ୍ଦ ଧର୍ମକୁ ମଣିଷଠୁଁ ବଡ଼ ବିଚାରୁଥିବା ଧର୍ମ ବଡ଼ପଣ୍ଡାମାନଙ୍କୁ ସଫା ସଫା ଶୁଣାଇ ଦେଇଥିଲେ– "ଯେଉଁ ଧର୍ମ ଈଶ୍ୱରକୈନ୍ଦ୍ରିକ, ସେଇ ଧର୍ମ ଉପରେ ମୋର ଆସ୍ଥା ନାହିଁ। ଯେଉଁ ଧର୍ମ ଅନାଥ ଶିଶୁ ତୁଣ୍ଡରେ ରୁଟି ଖଣ୍ଡିଏ ଦେଇପାରେନା, ଯେଉଁ ଧର୍ମ ଅସହାୟ ବିଧବା ଆଖିରୁ ଲୁହ ପୋଛିପାରେନା, ସେ ଧର୍ମରେ ମୋର ବିଶ୍ୱାସ ନାହିଁ।" ସ୍ୱାମିଜୀଙ୍କ ଭାଷାରେ ଈଶ୍ୱରଙ୍କୁ ନେଇ ମଣିଷର ଧର୍ମ ନୁହେଁ। 'ମଣିଷ ଧର୍ମ' ହିଁ ମଣିଷ ସମାଜର ସର୍ବଶ୍ରେଷ୍ଠ ଓ ସର୍ବଶେଷ ଧର୍ମ!

ଅଥଚ ଏଠି ଧର୍ମ ନାମରେ ଓ ସେଇ ଦୃଷ୍ଟିରୁ ଈଶ୍ୱରଙ୍କ ନାମରେ ମଣିଷ ଅତି ନିର୍ମମ ଭାବରେ ବୋମା ପକାଇ ଶହ ଶହ ଲୋକଙ୍କୁ ହତ୍ୟା କରୁଛି। ନରସଂହାରର ଏଇ ଚିତ୍ରପଟ ଏତେ ଭୟଙ୍କର ଯେ ନିର୍ବିକାରରେ ଏହାକୁ ସଂଘଟିତ କରୁଥିବା ଶକ୍ତିକୁ ମଣିଷ ବୋଲି ଚିହ୍ନିବାକୁ କଷ୍ଟ ହେଉଛି। ଗାଜାଠୁ ଜେରୁଜେଲମ୍‌ଯାଏ, ପୁଣି ଇରାନରୁ ଲେବାନନଯାଏ ନିତିଦିନ ଧ୍ୱଂସର ତାଣ୍ଡବଲୀଳା ମୂଳରେ ରାଜନୈତିକ ଦର୍ଶନର ବୈଷମ୍ୟ ନୁହେଁ କି ଭୌଗୋଳିକ ସୀମାରେଖାର ବିଭ୍ରାନ୍ତି ନୁହେଁ, ଯେଉଁଟା ପରସ୍ପର ମଧ୍ୟରେ ବିଦ୍ୱେଷକୁ ଅଧିକ ତୀବ୍ରତର ଓ ଉତ୍କଟ କରୁଛି, ତାହା ହେଉଛି ଧର୍ମ। ଚରମ ଧର୍ମାନ୍ଧତାରେ ଆକ୍ରାନ୍ତ ରାଷ୍ଟ୍ରପାଳକ ବା ସେମାନଙ୍କ ପ୍ରତିପୋଷକମାନେ ଯେଉଁ ଧର୍ମ ଦର୍ଶନରେ ଅଭିମନ୍ତ୍ରିତ, ତାହାର ନିର୍ଦ୍ଦେଶ ହେଉଛି– 'ତୁମ ଈଶ୍ୱର ଓ ଧର୍ମରେ ବିଶ୍ୱାସ ରଖୁ ନ ଥିବା ଶତ୍ରୁଙ୍କୁ ନିପାତ କରିବା ହିଁ ତୁମର ପରମ ଧର୍ମ!'

ଈଶ୍ୱର ଏକ ଓ ଅଭିନ୍ନ ବୋଲି ବିଶ୍ୱାସ କରୁ ନ ଥିବା ଲୋକମାନେ ହିଁ କେବଳ ଏହିଭଳି ଏକ ମାନବତାବିରୋଧୀ ବିନାଶକ ଦର୍ଶନର ପ୍ରବକ୍ତା ହୋଇପାରନ୍ତି। ଈଶ୍ୱର ଏକ ନ ହୁଅନ୍ତୁ। ଭିନ୍ନ ଭିନ୍ନ ଧର୍ମ ପାଇଁ ସେ ଭିନ୍ନ ଭିନ୍ନ ହୁଅନ୍ତୁ। ମନା ନାହିଁ। ମାତ୍ର ଅନେକ ଈଶ୍ୱର କ'ଣ ଗୋଟିଏ ଭୂଖଣ୍ଡରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିବେ ନାହିଁ! କୌଣସି ଭୂଖଣ୍ଡର ଭୌଗୋଳିକ ସୀମାରେଖା ମଧ୍ୟରେ ସୀମିତ ନ ଥିବା ଈଶ୍ୱର ଓ ତାଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଧର୍ମକୁ ନେଇ ଏ ସଂସାରଟା ଶ୍ମଶାନ ହୋଇପାରେ କେମିତି? ଏ ପ୍ରଶ୍ନର ଉତ୍ତର ମଧ୍ୟରେ ବନ୍ଧାପଡ଼ିଛି ହମାସ୍, ହେଜ୍‌ବୋଲ୍ଲା ଭଳି ସଂଗଠନର ଦୃଷ୍ଟି ଓ ଦର୍ଶନ ତଥା ଇସ୍ରାଏଲ, ଇରାନ ବା ଲେବାନନ ଭଳି ରାଷ୍ଟ୍ରର ରାଷ୍ଟ୍ରନୀତି। ପୁଣି ଏହା ମଧ୍ୟରେ ଶୋଇ ରହିଛି ଗତ କେଇ ଦଶନ୍ଧି ଧରି ଆଦୌ ଥମୁ ନ ଥିବା କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନର ପାରସ୍ପରିକ ସମ୍ପର୍କ।

ଗଭୀର ନିଶାର୍ଦ୍ଧରେ ଭୂପୃଷ୍ଠରେ ଅବତୀର୍ଣ୍ଣ ହୋଇ ତାଙ୍କ ସୃଷ୍ଟି ସର୍ଜନାର ତଦାରଖ କରୁଥିବା ଈଶ୍ୱର ଦିନେ ଭେଟିଲେ ପଥରରେ ମୂର୍ତ୍ତି ଗଢୁଥିବା ଜଣେ କାରିଗରକୁ। ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତିର ଅପରୂପ ସୌନ୍ଦର୍ଯ୍ୟ ଅବଲୋକନ କରି ତାଙ୍କ ପାଦ ଦିଓଟି ଆଉ ଆଗକୁ ବଢ଼ିପାରିଲା ନାହିଁ। କାରିଗରକୁ ସାବାସି ଦେଇ ସେ କହିଲେ, "ମୋ ପିତୁଳାମାନଙ୍କଠୁ ତୁମ ପିତୁଳାଗୁଡ଼ିକ ଆହୁରି ସୁନ୍ଦର।" ଚିତ୍ରକର ହସିଲା ଓ କହିଲା, "ମୋ ନିର୍ଜୀବ ପିତୁଳାସବୁ ତୁମ ଜୀବନ୍ତ ପିତୁଳାଙ୍କ ସହ କି ସରିହେବେ ହେ ମହାପ୍ରଭୁ। ଦେଖୁନାହାନ୍ତି, ମୋ ପିତୁଳାମାନେ କେମିତି ନୀରବରେ ବସିଚନ୍ତି। କାହା ସହିତ କାହାରି ସମ୍ପର୍କ ନାହିଁ।" ଈଶ୍ୱର ବି ହସିଲେ ଓ ଦୀର୍ଘଶ୍ୱାସ ଛାଡ଼ି କହିଲେ, "କି ସମ୍ପର୍କ! ସ୍ନେହ ସୌହାର୍ଦ୍ଦ୍ୟର ସମ୍ପର୍କ ନା ଘୃଣା ସଙ୍ଘର୍ଷର ସମ୍ପର୍କ! ଦେଖୁନ, ମୋ ପିତୁଳାଗୁଡ଼ିକ କେମିତି ମୋତେ ନେଇ ଅହରହ ଲଢ଼େଇରେ ମାତିଛନ୍ତି। କେତେ ଅସୁନ୍ଦର ଦିଶୁଛି ସେମାନଙ୍କ ମୁହଁ। ତୁମ ମୂର୍ତ୍ତିଗୁଡ଼ିକ କେମିତି ମିଳିମିଶି ରହିଛନ୍ତି। ସେଥିପାଇଁ ତ ସେମାନେ ଏତେ ସୁନ୍ଦର।" ଈଶ୍ୱର ଫେରିଗଲେ ତାଙ୍କ ବାଟରେ। ସେ ଭାରି ଚିନ୍ତିତ ଓ ଅସହାୟ ଦିଶୁଥିଲେ।



ଅସହାୟ ଈଶ୍ୱରଙ୍କ ଅସନ୍ତୋଷକୁ ନେଇ ଏ କଥାଟି କଥକର କାହାଣୀ ହୋଇପାରେ। ମାତ୍ର ଆଦୌ କାହାଣୀ ନୁହେଁ ଇତିହାସର ଏଇ ରୋଚକ କଥାଟି। ହିଟ୍‌ଲରଙ୍କ ନାଜି ବାହିନୀ ଯେତେବେଳେ ନିର୍ବିକାରରେ ଇହୁଦୀମାନଙ୍କୁ ହତ୍ୟା କରି ଚାଲିଥିଲେ ସେଇ ସମୟର ଘଟଣା। ଜଣେ ଅସହାୟ ଗୃହସ୍ୱାମୀ ତାଙ୍କ ପତ୍ନୀ ଓ କୁନି କୁନି ପିଲା ଦିଓଟିକୁ ବହୁଦିନ ଧରି ଲୁଚାଇ ରଖିଲେ ନିଜ ଘରେ ନିଜକୁ ବନ୍ଦୀ କରି। ମାତ୍ର ଯେତେବେଳେ ଗଚ୍ଛିତ ଖାଦ୍ୟସବୁ ଶେଷ ହୋଇଗଲା ନିଜ କ୍ଷୁଧାତୁର ପିଲାଙ୍କୁ ଦେଖି ସେ ଆଉ ସହିପାରିଲେ ନାହିଁ। ଖାଦ୍ୟ ସନ୍ଧାନରେ ବାହାରିଗଲେ ଯେ ବାଟରେ ନାଜିସୈନ୍ୟଙ୍କ ହାତରେ ଧରାପଡ଼ି ବଧ ହେଲେ। ପରେ ପରେ ନାଜି ବାହିନୀ ତାଙ୍କ ଘର ଉପରେ ଚଢ଼ାଉ କରି ମାଆ ଓ ଦୁଇ ପିଲାଙ୍କୁ ହତ୍ୟା କଲେ। ହିଟ୍‌ଲରଙ୍କ ପତନ ପରେ ଯେତେବେଳେ ଋଷୀୟ ସୈନ୍ୟମାନେ ଜର୍ମାନର ଘରକୁ ଘର ବୁଲି ଖାନତଲାସ କରୁଥିଲେ, ସେତେବେଳେ ସେଇ ଘରର କାନ୍ଥରେ ଲେଖାଥିବା ପ୍ରାର୍ଥନାଟିଏ ଦେଖିଲେ। ଆଠବର୍ଷର ପିଲାଟି ତା' ଭାଷାରେ ଯାହା ଲେଖିଥିଲା, ଆମ ଭାଷାରେ ତାହାର ଭାବାର୍ଥ ହେବ ଏହିପରି– "ହେ ଈଶ୍ୱର! ତୁମେ କେଉଁ ଧର୍ମର? ତୁମ ସନ୍ତାନ ଭାବେ ମୁଁ ତ ସେଇ ଧର୍ମର। ତେବେ କାହିଁକି, ଆମେ ଏଠାରେ ଭୋକଶୋଷରେ ବନ୍ଦୀ ଜୀବନ ବିତାଉଛୁ? ଆମକୁ ଉଦ୍ଧାର କରିବା ପାଇଁ ମୁଁ ତୁମକୁ ପ୍ରାର୍ଥନା କରୁନାହିଁ। ମଣିଷସୃଷ୍ଟ ଈଶ୍ୱରଙ୍କୁ ନେଇ ହିଂସାରେ ମାତିବା ପରିବର୍ତ୍ତେ ଈଶ୍ୱରସୃଷ୍ଟ ମଣିଷର ମଙ୍ଗଳ ପାଇଁ ଶକ୍ତି ଦେବାକୁ ମୁଁ ତମକୁ ପ୍ରାର୍ଥନା କରୁଛି।"

ଟିକି ପିଲାଟିର ପ୍ରାର୍ଥନା ଈଶ୍ୱର ଶୁଣିଲେ। ହିଟ୍‌ଲରଙ୍କ ପତନ ହେଲା। ମାତ୍ର ତାହା ଦେଖିବାକୁ ପିଲାଟି ବଞ୍ଚି ନ ଥିଲା। ଆଶା କରିବା, ସାମ୍ପ୍ରତିକ ଧର୍ମାନ୍ଧତାର ବି ପତନ ଘଟିବ। ଦିନା ନା ଦିନେ, ତେଣିକି ତାହା ଦେଖିବାକୁ ଆମେ ଥାଇ ନ ପାରୁ!

ପ୍ରଜ୍ଞାନିଳୟ
ବିଦ୍ୟାପତି ନଗର, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# କୃଷିରେ ଯାନ୍ତ୍ରିକୀକରଣ



**ଇପ୍ସିତା ମହାନ୍ତି**

ନିକଟରେ କୃଷି, ପଶୁପାଳନ ଏବଂ ଖାଦ୍ୟ ପ୍ରକ୍ରିୟାକରଣର ସଂସଦୀୟ ସ୍ଥାୟୀ କମିଟି ଭାରତର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ କୃଷିକାର୍ଯ୍ୟରେ ଯାନ୍ତ୍ରିକୀକରଣର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲା। ଦେଶର ଅର୍ଥନୀତିରେ ମେରୁଦଣ୍ଡ ସଦୃଶ ଭୂମିକା ନିର୍ବାହ କରୁଥିବା କୃଷିକ୍ଷେତ୍ର ବହୁମୁଖୀ ଆହ୍ୱାନର ମୁକାବିଲା ପାଇଁ ଏହା ଜରୁରୀ ବୋଲି ଏହି କମିଟି ନିଜ ସଦ୍ୟତମ ରିପୋର୍ଟରେ ଦର୍ଶାଇଛି। ବିଶ୍ୱ ଭୌଗୋଳିକ କ୍ଷେତ୍ରର ମାତ୍ର ୨.୪ ପ୍ରତିଶତ ଭୂଭାଗ ଏବଂ ଜଳ ଉତ୍ସର ମାତ୍ର ୪ ପ୍ରତିଶତ ଜଳ ଭାରତ ପାଖରେ ରହିଛି କିନ୍ତୁ ଏହାର କୃଷି ବିଶ୍ୱର ୧୭ ପ୍ରତିଶତ ଲୋକଙ୍କୁ ପୋଷଣ ଯୋଗାଉଛି। ପଶୁପାଳନରେ ଏହାର ଅବଦାନ ୧୫ ପ୍ରତିଶତ, ଯାହା ଦେଶର ଜିଡିପିରେ ୨୦ ପ୍ରତିଶତ ଯୋଗଦାନ ଦେଉଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଏହା ୬୫ ପ୍ରତିଶତ ଲୋକଙ୍କୁ ରୋଜଗାର ଯୋଗାଉଛି। ତେଣୁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ କୃଷିକ୍ଷେତ୍ରରେ ଯାନ୍ତ୍ରିକ ଉପକରଣ ବୃଦ୍ଧି ଦ୍ୱାରା ସେମାନଙ୍କ ଉତ୍ପାଦନ ଏବଂ ଆୟ ବୃଦ୍ଧିର ସୁଯୋଗ ସୃଷ୍ଟି ହେବ।

ଯଦି ଆମେ ଯାନ୍ତ୍ରିକୀକରଣର ସ୍ଥିତିକୁ ଦେଖିବା, ଏହା ସ୍ପଷ୍ଟ ଯେ ଆମ ଦେଶରେ କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣର ସ୍ତର ୪୦ ପ୍ରତିଶତରୁ କମ। ବିକଶିତ ଦେଶଗୁଡ଼ିକରେ ଏହା ଯଥେଷ୍ଟ ଅଧିକ। ସବୁଜ ବିପ୍ଳବରେ ଆମ ଦେଶର ପଞ୍ଜାବ ଏବଂ ହରିୟାଣା ଭଳି ରାଜ୍ୟର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ଏଠାରେ ଯାନ୍ତ୍ରିକୀକରଣର ସ୍ତର ୪୦ ପ୍ରତିଶତରେ ପହଞ୍ଚିଛି କିନ୍ତୁ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଏହା ଅତି ନଗଣ୍ୟ। ସଂସଦୀୟ ସ୍ଥାୟୀ ସମିତି ଏହା ମଧ୍ୟ ଆଲୋକପାତ କରିଛି ଯେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଖରେ ଆମ ଦେଶର ୮୬ ପ୍ରତିଶତ ଚାଷଜମି ରହିଛି। ଏମାନଙ୍କ ଦ୍ୱାରା ଯାନ୍ତ୍ରିକୀକରଣର ବୃଦ୍ଧି ପାଇଁ ବିଶେଷ ପ୍ରୟାସ ଆବଶ୍ୟକ। ସମିତି ଏକଥା ମଧ୍ୟ ଜୋର ଦେଇ କହିଛି ଯେ କ୍ଷୁଦ୍ର ଚାଷୀଙ୍କ ପାଇଁ ଉପଯୁକ୍ତ ଯାନ୍ତ୍ରିକ ଉପକରଣ ଉପଲବ୍ଧ ନ ହେବା ଯାଏ ଯାନ୍ତ୍ରିକ ଉପକରଣ କିଣିବାରେ କ୍ଷୁଦ୍ର ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହା ମଧ୍ୟ କୁହାଯାଇଛି ଯେ ୭୫ ପ୍ରତିଶତ ଯାନ୍ତ୍ରିକୀକରଣ ସ୍ତର ହାସଲ କରିବାକୁ ଆମକୁ ଆହୁରି ୨୫ବର୍ଷ ଲାଗିଯିବ।

ବିଭିନ୍ନ କମିଟି ଏବଂ ବିଶେଷଜ୍ଞଙ୍କ ମତରେ ଭାରତରେ କୃଷି ଯାନ୍ତ୍ରିକୀକରଣର ବିନିଯୋଗ ନ୍ୟାୟୋଚିତ ତଥା ମୂଲ୍ୟବାନ ବ୍ୟବହାରକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ବିହନ ପ୍ରୟୋଗରେ ୧୫ରୁ ୨୦ ପ୍ରତିଶତ ସଞ୍ଚୟ ସହ ବୀଜ ଉତ୍ପନ୍ନରେ ୭ରୁ ୨୫ ପ୍ରତିଶତ ଉନ୍ନତି ଆସିବ। ୨୦ରୁ ୩୦ ପ୍ରତିଶତ ସମୟ ବଞ୍ଚିଯିବ। ଯାନ୍ତ୍ରିକୀକରଣ ତୃଣକକୁ ୨୦ରୁ ୪୦ ପ୍ରତିଶତ ହ୍ରାସ କରିବ; ଯଦ୍ଦ୍ୱାରା ୨୦ରୁ ୩୦ ପ୍ରତିଶତ ଶ୍ରମ ଲାଘବ ହେବ। ଫସଲର ଗହନତା ୫ରୁ ୨୦ ପ୍ରତିଶତ ବୃଦ୍ଧି ହେବା ଦ୍ୱାରା ୧୩ରୁ ୨୩ ପ୍ରତିଶତ ଅଧିକ ଅମଳ ମିଳିବ। ଏହା ଜଳ, ବାୟୁ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣରେ ମଧ୍ୟ ସହାୟକ ହେବ।



କୃଷି ଏବଂ ଏଥିସହ ଜଡ଼ିତ ପଶୁପାଳନ ଭଳି କ୍ଷେତ୍ରରେ ମଧ୍ୟ ନିରନ୍ତର ଆଧୁନିକୀକରଣର ଆବଶ୍ୟକତା ରହିଛି। ବୃହତ୍ ଅବା କ୍ଷୁଦ୍ର କୃଷିକ୍ଷେତ୍ରରେ ବିବିଧକରଣ ଏବଂ ଗ୍ରାମୀଣ ଶ୍ରମର ଅଭାବ ବ୍ୟାପକ ରୂପରେ ଅନେକ ଅତ୍ୟାଧୁନିକ କୃଷି ଉପକରଣର ଆବଶ୍ୟକତାକୁ ଉଜାଗର କରୁଛି। ଏହି କ୍ଷେତ୍ରରେ ଟ୍ରାକ୍ଟରଠାରୁ ଆରମ୍ଭ କରି ଅମଳ ଯନ୍ତ୍ର ପର୍ଯ୍ୟନ୍ତ ବିଭିନ୍ନ ଆବଶ୍ୟକୀୟ ଯନ୍ତ୍ରପାତିର ପ୍ରୟୋଗ ସକାଶେ ନିର୍ଦ୍ଦିଷ୍ଟ କୌଶଳ ଏବଂ ବୁଦ୍ଧି ବିକଶିତ ହେବା ଦରକାର। ଏକ ଆକଳନ ଅନୁଯାୟୀ ସ୍ପିନିଂ-ଫିଡିଂ ଉପକରଣ, କୁକୁଡ଼ା ପାଳନ କେନ୍ଦ୍ର ପାଇଁ ଅତ୍ୟାଧୁନିକ ଉପକରଣ, ଗୋରୁଙ୍କ ପାଇଁ ଉନ୍ନତ ଗୋଶାଳାର ବ୍ୟବସ୍ଥା ତଥା ଭାରତୀୟ କୃଷି ଯନ୍ତ୍ରପାତି ବଜାରର ଆବଶ୍ୟକତାକୁ ବିଚାରକୁ ନେଲେ ୨୦୨୫ରେ ଏହାର ଆକାର ୧୬.୭୩ ଶହ କୋଟି ଆମେରିକୀୟ ଡଲାର ହୋଇଯିବ; ଯାହା ୨୦୨୯ ବେଳକୁ ୨୫.୧୫ ଶହ କୋଟି ଆମେରିକୀୟ ଡଲାରରେ ପହଞ୍ଚି ସାରିଥିବ।

କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ ପାଇଁ ପ୍ରଥମେ କୃଷି ଯାନ୍ତ୍ରିକ ଓ ବୈଷୟିକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ହେବା ଆବଶ୍ୟକ। କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣ ନୀତିକୁ ପ୍ରଭାବଶାଳୀ ଏବଂ ସୁଗମିତ କରିବା ପାଇଁ ପ୍ରତ୍ୟେକ ରାଜ୍ୟରେ ଏକ କୃଷି ଯାନ୍ତ୍ରିକ ଓ ବୈଷୟିକ ନିର୍ଦ୍ଦେଶାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି, ଯାହା ସଂସଦୀୟ ସ୍ଥାୟୀ କମିଟି ସରକାରଙ୍କୁ ପରାମର୍ଶ ଦେଇଛି। ବର୍ତ୍ତମାନ ଏହା କେବଳ ମଧ୍ୟପ୍ରଦେଶ ଏବଂ ତାମିଲନାଡୁରେ ରହିଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦେଶର ସମସ୍ତ ରାଜ୍ୟରେ ଏହା ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରୁଛି। ବ୍ଲକ ଏବଂ ଜିଲା ସ୍ତରରେ କୃଷି ଯନ୍ତ୍ରୀଙ୍କ ଆବଶ୍ୟକତା ରହିଛି କାରଣ କୃଷକମାନଙ୍କୁ ସେମାନଙ୍କ କ୍ଷେତରେ ପ୍ରଶିକ୍ଷଣ ଦେବା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଇବା ଏବଂ ତାହାର ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ କୌଣସି ବୈଷୟିକ କିମ୍ବା ଯାନ୍ତ୍ରିକ ଶ୍ରମଶକ୍ତି ଉପଲବ୍ଧ ନାହିଁ। କୃଷି ଯନ୍ତ୍ରପାତି ମହଙ୍ଗା ହେତୁ କ୍ଷୁଦ୍ର ଚାଷୀମାନେ ତାହା କିଣିବାରେ ସକ୍ଷମ ନୁହନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ପ୍ରାୟ ସମସ୍ତ ରାଜ୍ୟରେ 'କୃଷି ଅଭିଯାନ୍ତ୍ରିକ କେନ୍ଦ୍ର' ଏବଂ 'ଫାର୍ମ ମେଶିନାରୀ ବ୍ୟାଙ୍କ' ସ୍ଥାପନ କରିଛନ୍ତି। ଯେଉଁଠାରେ କୃଷକମାନେ ଏହି ଯନ୍ତ୍ରପାତି (ମେଶିନ)ଗୁଡ଼ିକର ସବିଶେଷ ତଥ୍ୟ ହାସଲ କରିପାରିବେ। କିନ୍ତୁ ଏହି ଯୋଜନାଗୁଡ଼ିକର ଲାଭ ଏପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ସ୍ତରରେ ପହଞ୍ଚି ନାହିଁ। ସେପ୍ଟେମ୍ବର କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ ପାଇଁ ସଂସଦୀୟ କମିଟି କୃଷି ଯାନ୍ତ୍ରିକ ନିର୍ଦ୍ଦେଶାଳୟ ଗଠନ ପାଇଁ ମଧ୍ୟ ପରାମର୍ଶ ଦେଇଛି। ସାମଗ୍ରିକ ରୂପେ କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବା ଦ୍ୱାରା ଭାରତୀୟ କୃଷିକ୍ଷେତ୍ର ସମ୍ମୁଖୀନ ହେଉଥିବା ବହୁମୁଖୀ ସମସ୍ୟାର ମୁକାବିଲା ପାଇଁ ଏକ ସୁଯୋଗ ପାଇବ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୮୬୫୮୯୭୩୪୬୨

## ଏଇ ଭାରତରେ

ଗାଁରେ ଶିକ୍ଷା ସମସ୍ୟା ଦୂର କରିବା ଲାଗି ଆସାମର ରତ୍ନପର୍ଣ୍ଣା ନେଓଗୀ ଏକ ଭିନ୍ନ ଉପାୟ ଆପଣାଇଛନ୍ତି। ସେ ଗାଁଗୁଡ଼ିକରେ ପିଲାମାନଙ୍କ ପାଇଁ ଲାଇବ୍ରେରି ଖୋଲୁଛନ୍ତି। ପିଲାମାନେ ଲାଇବ୍ରେରିରୁ ମାଗଣାରେ ବହି ନେଇ ପଢୁଛନ୍ତି। ରତ୍ନପର୍ଣ୍ଣା ସୋସିଆଲ ୱାର୍କକ୍ଷେତ୍ରରେ ଶିକ୍ଷା ଲାଭ କରିଛନ୍ତି। ପରେ ଆସାମର ବିଭିନ୍ନ ସୋସିଆଲ ୱାର୍କ ସୋସାଇଟିରେ କାମ କରି ପାଉଥିବା ଦରମାରେ ବହି କିଣିବା ଆରମ୍ଭ କରିଥିଲେ। ପ୍ରଥମେ ୨୦୨୦ରେ ସେ ନିଜ ଗାଁରେ 'କିତାପେ କଥା କୋଇ' ନାମକ ଲାଇବ୍ରେରି ଖୋଲି ସେଥିରେ ୬୦୦ ବହି ରଖିଥିଲେ। ବର୍ତ୍ତମାନ ସେହି ଲାଇବ୍ରେରିରେ ୧୨୦୦ ବହି ଅଛି। ତାଙ୍କ ନିଜ ଗାଁ ବ୍ୟତୀତ ଆଉ ୨ଟି ଗାଁରେ ମଧ୍ୟ ଲାଇବ୍ରେରି ଖୋଲିସାରିଲେଣି ଓ ୨୦୦ରୁ ଅଧିକ ପିଲାଙ୍କୁ ପଢ଼ିବାରେ ସାହାଯ୍ୟ କରୁଛନ୍ତି। ୨୦୨୦ରେ ଦେଶରେ ଲକ୍‌ଡାଉନ ବେଳେ ସେ ସୋସିଆଲ ମିଡିଆରେ ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ମଧ୍ୟ ବିଭିନ୍ନ ଗାଁରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ଲିଙ୍ଗଗତ ଭେଦଭାବ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ଏବେ ସୁଦ୍ଧା ୪୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୭୫

- ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ଭାରତୀୟ ହାଇକମିଶନର ସୟଦ ତରାକତ ଅହମ୍ମଦ ଗ୍ରାନାଡ଼ା ପାଇଁ ଭାରତର ନୂଆ ହାଇକମିଶନର ନିଯୁକ୍ତ।
- ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ରୂପେ ଶ୍ରୀ ଏସ୍. ମ୍ୟେନେଜିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର!
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡ଼ୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
(ବର୍ଷା-ଅଶ୍ରୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଚ୍ଛତା ସକାରାତ୍ମକ ଶକ୍ତି ଯୋଗାଏ

ମହାଶୟ,

ସୃଷ୍ଟିର ସମସ୍ତ ପ୍ରାଣୀମାନଙ୍କ ମଧ୍ୟରୁ ମଣିଷକୁ ଶ୍ରେଷ୍ଠପ୍ରାଣୀର ମାନ୍ୟତା ଦିଆଯାଇଛି। ସଫା ସୁତୁରା ରହିବା, ନିଜର ପରିବେଶକୁ ସଫା ରଖିବା ପ୍ରତ୍ୟେକ ମଣିଷର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ସ୍ୱଚ୍ଛତା ଆମ ପାଇଁ କେତେ ଜରୁରୀ ତାହା ଅତୀତରୁ ଜଣାଯାଏ। ଅଛୁଆଁ ହେଲେ ମଧ୍ୟ ନିଜର ସ୍ୱଚ୍ଛତା ବଳରେ ଲକ୍ଷ୍ମୀଙ୍କୁ ଆପଣାର କରିପାରିଥିଲେ ଶ୍ରୀୟା ଚଣ୍ଡାଳୁଣୀ। ମହାପ୍ରଭୁଙ୍କ ରଥରେ ଛେରା ପହଁରା କରି ରାଜା ସମାଜକୁ ସ୍ୱଚ୍ଛତାର ବାର୍ତ୍ତା ଦିଅନ୍ତି। ଆମେ ଆମ ନିଜର ଶରୀରକୁ ଯେପରି ପରିଷ୍କାର ପରିଚ୍ଛନ୍ନ ରଖିପାରୁଛେ, ଠିକ୍ ସେହିପରି ବାହାର ତଥା ଆଖପାଖ ଯେତେ ପରିଷ୍କାର ରହିବ, ଆମର ଅନ୍ତର ମଧ୍ୟ ସେତେ ସ୍ୱଚ୍ଛ ରହିବ। ଅନ୍ତର ସ୍ୱଚ୍ଛ ରହିଲେ ଆମକୁ ସକାରାତ୍ମକ ଶକ୍ତି ଯୋଗାଇବ। ତେଣୁ ସ୍ୱଚ୍ଛତା ହିଁ ଆମ ଦୈନନ୍ଦିନ ଜୀବନରେ ପ୍ରମୁଖ ଭୂମିକା ନେବା ଉଚିତ।

**– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | 8 | | | 7 | | |
| | 8 | | | 1 | | 9 | | |
| | | 5 | | | 2 | | 4 | |
| | | | | 4 | | | | |
| | 1 | | | | | | | 9 |
| 8 | | | 2 | | 7 | 3 | | |
| | 9 | 2 | | | | | | 6 |
| | | | 4 | | | | 3 | |
| | 6 | 7 | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 1 | 4 | 2 | 6 | 5 |
| 6 | 4 | 2 | 5 | 9 | 8 | 7 | 1 | 3 |
| 5 | 3 | 1 | 6 | 2 | 7 | 8 | 4 | 9 |
| 1 | 9 | 4 | 7 | 5 | 6 | 3 | 8 | 2 |
| 2 | 6 | 3 | 4 | 8 | 9 | 1 | 5 | 7 |
| 8 | 5 | 7 | 2 | 3 | 1 | 6 | 9 | 4 |
| 3 | 2 | 9 | 8 | 6 | 5 | 4 | 7 | 1 |
| 4 | 8 | 5 | 1 | 7 | 3 | 9 | 2 | 6 |
| 7 | 1 | 6 | 9 | 4 | 2 | 5 | 3 | 8 |

ଗତକାଲିର ଉତ୍ତର

# ଡଙ୍କାରୀରୁ ଧସିଥିବା କଳାପଥର ଚୋରି

- ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା
- ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା, ଏନ୍‌ଜିଟିରେ ଚାଲିଛି ମାମଲା

ଯାଜପୁର,୫।୧୦(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ପାଦଦେଶରେ ପ୍ରଶାସନ ପକ୍ଷରୁ ମହଜୁଦ ଥିବା ପ୍ରାୟ କୋଟିଏ ଟଙ୍କାର କଳାପଥର ଲୁଟ ହୋଇଛି। ଉକ୍ତ କଳାପଥର ଗତ ମେ ୧୬ ତାରିଖରେ ପାହାଡ଼ରୁ ଧସିଯାଇଥିଲା। ଫଳରେ କଳାପଥର ତଳେ ଚାପି ହୋଇ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଲଘୁ ଖଣି ବିଭାଗ ପକ୍ଷରୁ ସାଟେଲାଇଟ୍ ମାପଚୁପ କରାଯାଇ ଧସିଥିବା ପ୍ରାୟ ୪୦ ହଜାର ଟନ କଳାପଥରକୁ ମହଜୁଦ ରଖାଯାଇଥିଲା, ଯାହାର ମୂଲ୍ୟ ଆନୁମାନିକ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ମଧ୍ୟ ଜାରି ହୋଇଥିଲା। ଏହାସତ୍ତ୍ୱେ କେଉଁମାନେ ମୂଲ୍ୟବାନ କଳାପଥରକୁ ଚୋରି କରି ନେଇଗଲେ ତାହା ସାଧାରଣରେ ନାନା ଆଶଙ୍କା ଉଙ୍କିମାରିଛି। ଏପରିକି ସରକାରଙ୍କ ଉକ୍ତ ରାଜସ୍ୱ କ୍ଷତି ପାଇଁ କେଉଁମାନେ ଦାୟୀ ରହିବେ ଏବଂ ସରକାର କ'ଣ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଚାହିଁ ରହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏକ ମାମଲା ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଚାଲିଥିବାବେଳେ ରକ୍ତଭିଜା କଳାପଥରକୁ ଲୁଟି ନିଆଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ ଡଙ୍କାରୀ ପାହାଡ଼ର ଖାତା ନମ୍ବର ୪୬୫ରେ ପ୍ଲଟ୍ ନମ୍ବର ୧୨୮(ପି) ଓ ୪୫(ପି)ର ୪ ଏକର ଜମିରେ କଳାପଥର ଉତ୍ତୋଳନ ପାଇଁ ଲିଜଧାରୀ ନାରାୟଣ ରାଉତଙ୍କୁ ଅନୁମତି ମିଳିଥିଲା। ହେଲେ ଲିଜଧାରୀ ଅନୁମତି ଅଞ୍ଚଳ ବାହାରେ ବିସ୍ଫୋରଣ କରୁଥିବା ସମୟରେ ପ୍ରାୟ ୪୦ ମିଟର ଅଞ୍ଚଳ ପାହାଡ଼ ଧସି ପଡ଼ିଥିଲା। ଏହାକୁ ଉଦ୍ଧାର କରିବା ପାଇଁ ପ୍ରାୟ ୪ ଦିନ ସମୟ ଲାଗିଥିଲା। ତେବେ ଧସିଥିବା କଳାପଥର ତଳେ ୩ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇ ଦେଇଥିଲା। ଏହାପରେ କେନ୍ଦ୍ର ସରକାରଙ୍କ ଖଣି ସୁରକ୍ଷା ନିର୍ଦ୍ଦେଶକ(ଡିଜିଏମ୍‌ଏସ୍), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ରାଜ୍ୟ ଖଣି ବିଭାଗ, ରାଜସ୍ୱ ଅଧିକାରୀ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲେ। ଲଘୁ ଖଣି ବିଭାଗ ପକ୍ଷରୁ ସାଟେଲାଇଟ୍ ମାପଚୁପ କରି ୭୯୯୯୯.୪୧ ଘନମିଟର କଳାପଥର ଉତ୍ତୋଳନ ହୋଇଥିବା ଜଣାପଡ଼ିବା ପରେ ଲିଜଧାରୀଙ୍କୁ ୩ କୋଟି ୮୧ ଲକ୍ଷ ଟଙ୍କା ଜରିମାନା ଭାବେ ଡିମାଣ୍ଡ ନୋଟିସ ହୋଇଥିଲା। ଏହାବାଦ୍ ଏସ୍‌ପିସିବି ପକ୍ଷରୁ ପରିବେଶଗତ କ୍ଷତିପୂରଣ ବାବଦକୁ ୩ କୋଟି ୫୭ ଲକ୍ଷ ଜରିମାନା ନିର୍ଦ୍ଦେଶ ହୋଇଛି। ଜେନାପୁର ଥାନାରେ ଲିଜ୍‌ଧାରୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିବାବେଳେ ଏଯାଏ କାହାରିକୁ ଗିରଫ କରାଯାଇପାରିନାହିଁ। ସେହିପରି ୟୁଥ ୟୁନାଇଟେଡ ଫର ସଷ୍ଟେନେବୁଲ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଏନ୍‌ଜିଟିରେ ୧୪୭/୨୦୨୪/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। ଏଭଳି ନ୍ୟାୟିକ ପ୍ରକ୍ରିୟା ଚାଲିଥିବାବେଳେ ୧୪୪ ଧାରା ଅଞ୍ଚଳରୁ କଳାପଥର ଚୋରି ହେବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏହାବାଦ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ (ଡିଡିଏମ୍) ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ମହଜୁଦ କଳାପଥର ଅଞ୍ଚଳରେ ୧୪୪ ଧାରା ଲାଗୁ ହୋଇଥିଲା। ଦିନେ ଦୁଇଦିନ ମଧ୍ୟରେ ମହଜୁଦ କଳାପଥର ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା ଥିଲା। କିନ୍ତୁ ଚୋରି ହେବା କଥା ତାଙ୍କ ପାଖରେ ଖବର ନାହିଁ। ରବିବାର ଘଟଣାସ୍ଥଳ ଗସ୍ତ କରି ଆବଶ୍ୟକ ତଦନ୍ତ କରିବେ ବୋଲି ନାୟକ କହିଛନ୍ତି।

## ଜ୍ୟେଷ୍ଠ ବଣ୍ଡିକିଙ୍କୁ ପୋଲିସ ହତ୍ୟା କରିବା ଅଭିଯୋଗ

# ଗୋଛାପଡ଼ା ଥାନାରେ କ୍ରାଇମବ୍ରାଞ୍ଚ ତଦନ୍ତ

ଫୁଲବାଣୀ/ ଗୋଛାପଡ଼ା/ ଫିରିଙ୍ଗିଆ, ୫।୧୦ (ରାକେଶ କୁମାର ରାଉତ/ ରୋହିତ କହଁର/ ବିମଳ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଡାଙ୍ଗଶାମୁ ଘାଟି ରାସ୍ତାରୁ ଗତ ୨୬ ତାରିଖରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡିକିଙ୍କ ମୃତଦେହ ମିଳିଥିଲା। ତାଙ୍କୁ ଗୋଛାପଡ଼ା ଥାନା ପୋଲିସ ପିଟି ପିଟି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଶନିବାର ଭୁବନେଶ୍ୱରରୁ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରଜତ ରୟଙ୍କ ନେତୃତ୍ୱରେ ଏକ ଟିମ୍ ଗୋଛାପଡା ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଜ୍ୟେଷ୍ଠଙ୍କ ପରିବାର ଏବଂ ଗୋଛାପଡା ଥାନା ଅଞ୍ଚଳର ବୁଦ୍ଧିଜୀବୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଏସ୍‌ପିଙ୍କୁ ଦାବିପତ୍ର ଦେଇଛନ୍ତି।

 କ୍ରାଇମବ୍ରାଞ୍ଚ ଟିମ୍ ପ୍ରଥମେ ଗୋଛାପଡ଼ା ଥାନାରେ ପହଞ୍ଚି ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ସହ ଆଲୋଚନା କରିଛି। ଥାନାରେ ଥିବା ଜ୍ୟେଷ୍ଠଙ୍କ ବାଇକ୍‌କୁ ତନଖି କରିବା ପରେ ଟିମ୍ ତାଙ୍କ ମୃତଦେହ ମିଳିଥିବା ସ୍ଥାନକୁ ଯାଇ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଥିଲା ତାହାର ଛାନ୍‌ଭିନ୍ କରିଛି। ଏହି ଟିମ୍ ସହ ସାଇଣ୍ଟିଫିକ ଟିମ୍, ସାଇବର ଟିମ୍ ଏବଂ ସ୍ପେଶାଲ ସ୍କ୍ୱାଡ୍‌ର ଟିମ୍ ସାମିଲ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ରୟ କହିଛନ୍ତି ଯେ, ସାଇଣ୍ଟିଫିକ ଏବଂ ସାଇବର ଟିମ୍ ସହ ସ୍ପଟ ପରିଦର୍ଶନ କରିଛୁ, ରବିବାର ମଧ୍ୟ ତଦନ୍ତ ପ୍ରକ୍ରିୟା ଜାରି ରହିବ। ଠିକ ସମୟରେ ଘଟଣାର ଅଗ୍ରଗତି ସମ୍ପର୍କରେ ଗଣମାଧ୍ୟମକୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶନିବାର ଗୋଛାପଡ଼ା ଥାନା ଘେରାଉ ପାଇଁ ମୃତକଙ୍କ ପରିବାର ସହ କଣ୍ଟାମାଳ ଓ ଗୋଛାପଡ଼ା ଅଞ୍ଚଳର ଜନସାଧାରଣ ଆସି ଥାନା ପାଖରେ ଏକାଠି ହୋଇଥିଲେ। ସକାଳେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେଇଥିବା ଶୁଣିବା ପରେ ଘେରାଉ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ଏହି ଅବସରରେ ସଲାଗୁଡା ସରପଞ୍ଚ ରୋହିତ କହଁରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୁଇ ସମାଜ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଅଙ୍ଗଦ କହଁର, କୁଇ ସମାଜ ସଭାପତି ସୁଦର୍ଶନ କହଁର ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତିକ୍ରମେ ବିଧାୟକ, ସଭାପତି ଓ ଅନ୍ୟମାନେ ଫୁଲବାଣୀରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେମାନଙ୍କ ଦାବିପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ପରେ ଏକ ପ୍ରତିନିଧି ଦଳ ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି ହରିଶ ବିଁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ସ୍ତ୍ରୀଙ୍କୁ ଚାକିରି ଏବଂ ପିଲାମାନଙ୍କ ଶିକ୍ଷା ପାଇଁ ସରକାରୀ ସହାୟତା, ଘଟଣାରେ ସାମିଲ ଥିବା ପୋଲିସ କର୍ମଚାରୀଙ୍କୁ ତୁରନ୍ତ ଗିରଫ କରିବା, ମିଛ ଗଞ୍ଜେଇ ଚାଲାଣ ମାମଲାରେ ଲୋକଙ୍କୁ ହଇରାଣ ନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଗତ ୧ ତାରିଖରେ ଏହି ଘଟଣାରେ କନ୍ଧମାଳ ପୂର୍ବତନ ଏସ୍‌ପି ଶୁଭେନ୍ଦୁ ପାତ୍ର ଜଣେ ଟ୍ରେନି ସବ୍ ଇନ୍‌ସପେକ୍ଟର(ଏସ୍‌ଆଇ) ଅଜିତ ବେହେରା, ଜଣେ ହାବିଲଦାର ରାମଚନ୍ଦ୍ର ନାୟକଙ୍କୁ ନିଲମ୍ବିତ କରିଥିବାବେଳେ ୩ ଜଣ ହୋମଗାର୍ଡ ଅଭିରାମ ମହାନନ୍ଦ, ଜଗବନ୍ଧୁ କହଁର, ରତ୍ନାକର ନାୟକଙ୍କୁ କାର୍ଯ୍ୟରୁ ଅନ୍ତର କରିଥିଲେ।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ତାଙ୍କର ସହଯୋଗୀ ଦାଶରଥୀ ଦିଗାଲଙ୍କ ସହ ଗତ ୨୬ ତାରିଖ ସକାଳ ୭ଟାରେ ଗୋଛାପଡ଼ା ଆସିଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କ ସ୍ତ୍ରୀ ଫୋନ କରିବାରୁ ତାଙ୍କୁ ପୋଲିସ ଧରିଥିବା ଜ୍ୟେଷ୍ଠ କହି ଫୋନ କାଟି ଦେଇଥିଲେ। ସମ୍ପର୍କୀୟମାନେ ଗୋଛାପଡ଼ା ଥାନାକୁ ପଚାରିବାରୁ ସେମାନେ କାହାରିକୁ ଗିରଫ କରି ନ ଥିବା କହିଥିଲେ। ସନ୍ଧ୍ୟାରେ ଥାନାକୁ ଯିବାରୁ ଗାଡି ଜବତ କରିଥିବା ପୋଲିସ କହିଥିଲା। ପରେ ଦାଶରଥୀଙ୍କୁ ଧରି ସେମାନେ ପୋଲିସ ଅଟକାଇ ଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିବାରୁ ଜ୍ୟେଷ୍ଠଙ୍କ ମୃତଦେହ ମିଳିଥିଲା। ଏହାପରେ ପୋଲିସ ଜ୍ୟେଷ୍ଠଙ୍କୁ ମାରିଦେଇଥିବା ତାଙ୍କ ସ୍ତ୍ରୀ ସୁମନ୍ତି ବଣ୍ଡକି ଅଭିଯୋଗ କରିଥିଲେ।



ଗୋଛାପଡ଼ା ଥାନାରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରୁଛି।

# ପ୍ରେମିକଙ୍କ ବ୍ଲାକ୍‌ମେଲିଂ, ପ୍ରେମିକାଙ୍କ ଆତ୍ମହତ୍ୟା

## ସୁଇସାଇଡ୍ ନୋଟ୍‌ରେ ମୃତ୍ୟୁ ରହସ୍ୟ

ପ୍ରୀତିପୁର,୫।୧୦(ସୁଶାନ୍ତ ବେହୁରିଆ)

ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅନ୍ତର୍ଗତ ଦତ୍ତପୁର ଗ୍ରାମର ସିଦ୍ଧାନ୍ତ ଦାସ (୨୧) ଭିଡିଓ କଲ୍‌ରେ ବ୍ଲାକମେଲିଂ କରିବାରୁ ତାଙ୍କ ପ୍ରେମିକା ବେକରେ ଓଢ଼ଣୀ ଲଗାଇ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସିଦ୍ଧାନ୍ତ ସାଧୁଗୌଡେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ୩ରେ ପାଠ ପଢିବା ସମୟରେ ତାଙ୍କ ସାଙ୍ଗରେ ପଢୁଥିବା ଧାମନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ହୋଇଥିଲା। ପରେ ପରିବାର ଲୋକେ ଦୁହିଁଙ୍କ ପ୍ରେମ ବିଷୟରେ ଜାଣିବାରୁ ତାଙ୍କୁ ଆକଟ କରିଥିଲେ। କଥା ହେଉ ହେଉ ସିଦ୍ଧାନ୍ତ ତାଙ୍କ ପ୍ରେମିକାଙ୍କୁ ରାଣ ନିୟମ ପକାଇ ନ୍ୟୁଡ୍ ଭିଡିଓ କଲ୍ କରିବାକୁ ବାଧ୍ୟ କରିଥିଲେ। ପ୍ରେମିକଙ୍କ କଥାରେ ପ୍ରଭାବିତ ହୋଇ ପ୍ରେମିକା ନ୍ୟୁଡ୍‌କଲ୍ କରିଥିଲେ। ଏହାର ସୁଯୋଗରେ ସିଦ୍ଧାନ୍ତ ନ୍ୟୁଡ୍ କଲର ଭିଡିଓ ରେକର୍ଡିଂ କରିନେଇଥିଲେ। ପରେ ଏହାକୁ ଦେଖାଇ ସିଦ୍ଧାନ୍ତ ପ୍ରତିମାସ ପ୍ରେମିକାଙ୍କୁ ୧୫୦୦ ଟଙ୍କା ଦେବା ପାଇଁ ବାଧ୍ୟ କରିଥିଲେ। ଶେଷରେ ଲୋକଲଜ୍ଜା ଭୟରେ ୩ ତାରିଖ ପୂର୍ବାହ୍ନ ୧୧ଟାରେ ତାଙ୍କ ପ୍ରେମିକା ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ ପ୍ରେମିକା ଏକ ସୁଇସାଇଡ୍ ନୋଟରେ ଏ ସମସ୍ତ ଘଟଣା ଉଲ୍ଲେଖ କରିଛନ୍ତି। ତେଣୁ ତାଙ୍କ ପରିବାର ପକ୍ଷରୁ ଧାମନଗର ଥାନାରେ ପ୍ରଥମେ ଏତଲା ଦିଆଯାଇଥିଲା ବେଳେ ପରେ ତାହା ମଙ୍ଗଳପୁର ଥାନାକୁ ସ୍ଥାନାନ୍ତର ହୋଇଛି। ମଙ୍ଗଳପୁର ପୋଲିସ ପକ୍ଷରୁ ମାମଲାର ତଦନ୍ତ ଜାରିରହିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ମଙ୍ଗଳପୁର ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

# ନାବାଳିକାଙ୍କୁ ଅପହରଣ, ଯୌନ ନିର୍ଯାତନା

ରାମଚନ୍ଦ୍ରପୁର,୫।୧୦ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଘସିପୁରା ଥାନା ଅନ୍ତର୍ଗତ ହରିଡ଼ାପାଳ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ଗତ ୩ ତାରିଖରେ ନାବାଳିକାଙ୍କ ବାପା ଘସିପୁରା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ଗତ ସେପ୍ଟେମ୍ବର ୨୪ରେ ନାବାଳିକାଙ୍କ ବାପା ବିଲକୁ ଯାଇଥିବା ବେଳେ ମା' ପଡ଼ୋଶୀଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଢେଙ୍କାନାଳ ଜିଲା ଭୁବନ ଥାନା ମଠକରଗୋଳା ଗ୍ରାମର ସୁଶାନ୍ତ ନାହାକ, ସୁବାସ ନାହାକ ଏକ ପଲ୍‌ସର ବାଇକ୍‌ରେ ଆସି ଜବରଦସ୍ତି ନାବାଳିକାଙ୍କୁ ଗାଡ଼ିରେ ବସାଇ ନେଇଯାଇଥିଲେ। ନାବାଳିକାଙ୍କୁ ନେଇ ଅଭିଯୁକ୍ତମାନେ ନିଜ ଘରେ ବନ୍ଦୀ କରି ରଖିଛନ୍ତି। ସେହି ଘରେ ଭଡ଼ାରେ ରହୁଥିବା ବିହାରର ଚିନୁ ନାମ୍ନୀ ମହିଳା ନାବାଳିକାଙ୍କୁ କ୍ରୀତଦାସ ପରି ଖଟାଇବା ସହ ଯୌନ ନିର୍ଯାତନା ଦେଉଛନ୍ତି। ଏନେଇ ନାବାଳିକା କୌଶଳକ୍ରମେ ଘରକୁ ଫୋନ ଯୋଗେ ଜଣାଇଥିଲେ। ନାବାଳିକାଙ୍କ ବାପା ଉକ୍ତ ନମ୍ବରକୁ ଫୋନ କରିବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୫୩/୨୪)ରୁଜୁ ହୋଇଛି। ଅଭିଯୋଗର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁନୀଲ କୁମାର କର କହିଛନ୍ତି।

# ବିଞ୍ଝାରପୁରରେ ବଧୂହତ୍ୟା

ବିଞ୍ଝାରପୁର,୫।୧୦(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ତଳସାହି ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରିଥିବା ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗ ମେଦିନୀପୁର ଜିଲାର ରୋଜିନା ଖାତୁନଙ୍କୁ ତଳସାହିର ସେକ ମୁସ୍ତକିମ ୨୦୧୭ରେ ବିବାହ କରିଥିଲେ। ବରପକ୍ଷଙ୍କ ଦାବି ଅନୁଯାୟୀ କନ୍ୟାପକ୍ଷ ୫ ଲକ୍ଷ ଟଙ୍କା, ୧୨୦ ଗ୍ରାମ ସୁନା ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ଦେଇଥିଲେ। ବାହାଘର କିଛି ଦିନପରେ ଶାଶୁଘର ଲୋକେ ରୋଜିନାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଗତମାସ ୨୧ ତାରିଖ ରାତି ୧୧ଟାରେ ମୁସ୍ତକିମ ତାଙ୍କ ଶଶୁରଙ୍କୁ ଫୋନ ଯୋଗେ କହିଥିଲେ ଯେ, ରୋଜିନାଙ୍କ ଦେହଖରାପ ଅଛି, ତାଙ୍କୁ ଡାକ୍ତରଖାନା ନିଆଯାଇଛି। ଏହାର ୫ ମିନିଟ ପରେ ରୋଜିନାଙ୍କ ମୃତ୍ୟୁ ହୋଇଥିବା ମୁସ୍ତକିମଙ୍କ ଭଉଣୀ ରୋଜିନାଙ୍କ ବାପାଙ୍କୁ ଫୋନରେ ଜଣାଇଥିଲେ। ଖବର ପାଇ ବାପଘର ଲୋକ ପହଞ୍ଚି ରୋଜିନାଙ୍କ ଶେଷକୃତ୍ୟ କରି ଫେରିଯାଇଥିଲେ। ୧୪ ଦିନ ପରେ ରୋଜିନାଙ୍କ ବାପା ରଜାଉଲ ରେହେମାନ ଖାନ ହତ୍ୟା ଅଭିଯୋଗ ଆଣିଛନ୍ତି। ମୁସ୍ତକିମଙ୍କ କଥାରେ ରୋଜିନାଙ୍କୁ ତାଙ୍କ ଶଶୁର ସେକ ଇସାକ, ତାଙ୍କର ୩ ଝିଅ ଓ ଜଣେ ଜ୍ୱାଇଁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ନଂ.୫୫୮/୨୪ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ବାମଦେବ ନନ୍ଦ ସୂଚନା ଦେଇଛନ୍ତି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लोहरदगा**
(E- Mail – ID – rdsd.lohardaga@rediffmail.com)

**सूचना**

एतद् द्वारा सूचित किया जाता है कि कार्यपालक अभियंता, ग्रामीण विकास विशेष प्रमण्डल, लोहरदगा अन्तर्गत आमंत्रित ई–अति अल्पकालीन निविदा सूचना संख्या RDD/SD/LOHARDAGA /E-05/2024-25 (2nd call) (Tender ID -2024_RDSPL_92801_1) जिसका PR. No. 335223 (Lohardaga) 24-25(D) द्वारा प्रकाशित था, को मुख्य अभियंता, ग्रा0वि0वि0 प्रक्षेत्र, राँची के पत्रांक 2757 दिनांक 01.10.2024 के निर्देशानुसार रदद् किया जाता है।

कार्यपालक अभियंता
ग्रामीण विकास विशेष प्रमंडल,
लोहरदगा

PR 338068 Lohardaga(24-25)#D



**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning,**
**Road Construction Department,**
**Nirupan Bhawan, 4th floor, 56-Set Chowk, Doranda,**
**Ranchi-834002,e-mail--- eercdapfsdran-jhr@nic.in**

e-Procurement Very Short Notice
e-Tender Reference No .-RCD/FSD /AP/ RAN/36/24-25 Dated 04.10.2024

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of road- Borio- Santhali (MDR-208) to Km-269 of ADB road via Gauripur Pandaria, Kusabhi , Dighi Rakson road including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of. from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 45 Days |
| 3- | Tentative Length | 13.50 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs- 25,000/- (Rupees Twenty Five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 07.10.2024, 05.00 PM |
| 6- | Last date and Time of submission of Tender (With Tender Fee and EMD) | 17.10.2024, 12.30 PM |
| 7- | Date and Timing of Bid opening | 18.10.2024, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

PR 338126
Road(24-25).D

Executive Engineer
Field Survey Division,A.P
Road Construction Department,Ranchi



**ପୂର୍ବ ତଟ ରେଳପଥ**

Tender Notice No.: 36-KUR-TRD-OT-2024-25, ତାରିଖ : 23.09.2024

କାର୍ଯ୍ୟର ନାମ : ପୂର୍ବତଟ ରେଳପଥର RJGR-TLHR ସେକସନ୍ (RJGR, HND, MRDL, BDPK ଏବଂ TLHR)ରେ ମଲ୍ଟି-ସେକ୍ସନ ଡିଜିଟାଲ ଏକ୍ସଲ୍ କାଉଣ୍ଟରର ବ୍ୟବସ୍ଥା ସମ୍ବନ୍ଧିତ ସହାୟକ ଟ୍ରାନ୍ସଫର୍ମର(AT)ର ଉନ୍ନତୀକରଣ।

ବିଜ୍ଞାପିତ ମୂଲ୍ୟ : ଟ.31,00,415.28

EMD: ଟ. 62,000/-, କାର୍ଯ୍ୟସମାପ୍ତିର ଅବଧି: 180 ଦିନ

ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 21.10.2024 ରିଖ 1300 ଘଟିକାରେ

ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD)
ଖୋର୍ଦ୍ଧା ରୋଡ

PR-584/P/24-25



**ପୂର୍ବ ତଟ ରେଳପଥ**

Tender Notice No.: 37-KUR-TRD-OT-2024-25, ତାରିଖ : 27.09.2024

କାର୍ଯ୍ୟର ନାମ : ବ୍ରିଜ ନଂ.: 553DN (କାଠଯୋଡି ବ୍ରିଜ୍) ଏବଂ BRAG-CTC ସେକସନ୍‌ରେ 550DN ଏବଂ 539DN (ବିରୂପା ବ୍ରିଜ୍) ଏବଂ KNPR-NRG ସେକସନ୍‌ରେ ବ୍ରିଜ୍ ନଂ.: 535A UP ଏବଂ DNରେ H-BEAM ସ୍ଲିପରଗୁଡ଼ିକର ପ୍ରସ୍ତାବିତ ନବୀକରଣ ସମ୍ବନ୍ଧିତ OHE ରୂପାନ୍ତରଣ।

ବିଜ୍ଞାପିତ ମୂଲ୍ୟ ଟ.32,12,022.40

EMD: ଟ. 64,300/-, କାର୍ଯ୍ୟସମାପ୍ତିର ଅବଧି: 180 ଦିନ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 21.10.2024 ରିଖ 1300 ଘଟିକାରେ

ଟେଣ୍ଡର କାଗଜାତ୍‌ର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD)
ଖୋର୍ଦ୍ଧା ରୋଡ

PR-585/P/24-25



**कार्यपालक अभियंता का कार्यालय ग्रामीण विकास विशेष प्रमंडल, राँची।**
अतिअल्पकालीन ई–निविदा आमंत्रण सूचना
अतिअल्पकालीन ई– निविदा सूचना संख्या – RDD/SD/RANCHI/26/2024-25 E-tender
1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | रॉंची जिला के राहे प्रखंड के पुरनडीह से कोचेटोला के बीच कोकरो नदी पर पुल निर्माण। | 381.533 | 7,63,100 | 10,000.00 | 18 Months |

2. वेबसाइट में निविदा प्रकाशन की तिथि – 07.10.2024
3. ई–निविदा प्राप्ति की तिथि एवं समय – दिनांक 07.10.2024 से दिनांक 16.10.2024 को अपराहन 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, राँची।
5. ई–निविदा खोलने की तिथि एवं समय – 18.10.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, राँची।
7. ई–निविदा प्रकोष्ठ का दूरभाष सं० – 7903003903
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है, तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
राँची।

PR 338096 Rural Development(24-25)D



**ଧରିତ୍ରୀ DHARITRI Oriya daily** — 50 Years

**WANTED**

| POSITION | ELIGIBILITY | LOCATION |
|---|---|---|
| ADVERTISEMENT SCHEDULING EXECUTIVES | • Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements. • Candidates should be well equipped with Back Office work, MS Office & should have basic knowledge of Tally. • Minimum 3 years of experience in print media will be preferred. | BHUBANESWAR |
| MARKETING EXECUTIVES | • Will be responsible for driving advertising sales and revenue growth through effective marketing strategies and client management. • This role requires a strong background in print media marketing, excellent communication and negotiation skills and a proven track record of achieving sales targets. • The ideal candidates will have a minimum 5 years of experience in print media marketing and a deep understanding of the industry landscape. | BHUBANESWAR |
| FRONT OFFICE EXECUTIVES (MALE) | • Graduates having 2 yrs. of Front Office experience with good communication skills in Odia & English. • Responsibility will include direct calls, handles inquiries, maintain records, database, office supplies and billing. • Candidates should be well equipped with Excel, MS Office. | BHUBANESWAR |

Interested candidates can send their resume to recruitment@dharitri.com / recruitment.dharitri52@gmail.com





**ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ଚଢ଼େଇଖିଆ ଗ୍ରାମର ଗଫାର ଖାଁ (୫୦)ଙ୍କର ଶନିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗଫାର ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୦।୨୦୨୪

| | |
|---|---|
| ୩,୪୫,୩୦୦ ଟଙ୍କା | |
| ସୁନା | ୨.୪୫୦ ଗ୍ରାମ୍ |
| ରୁପା | ୧୧ ଗ୍ରାମ୍ |

## ସଂକ୍ଷେପରେ

### କୋଣାର୍କ ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

କୋଣାର୍କ,୫।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଶନିବାର ପୂର୍ବାହ୍ନରେ ଆକୃତି ଗୋଏଙ୍କା କାର୍ଯ୍ୟା ଭାର ଗ୍ରହଣ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଦଳଙ୍କ ଯୋଡ଼ା ବଦଳି ହୋଇଛି। ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଓ ସମସ୍ତ କର୍ମଚାରୀ ଅଧିକାରୀ ଗୋଏଙ୍କାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ପୂର୍ବ ବିବାଦରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା,୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଞ୍ଚ ପଞ୍ଚାୟତର ବିଶ୍ୱାଳ ସାହି ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ରକରି ଶୁକ୍ରବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୪ ଜଣ ଆକ୍ରମଣକାରୀଙ୍କ ବିରୋଧରେ ୨୧୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବଦ୍ରିନାରାୟଣ ପଣ୍ଡା ଗ୍ରାମ ନିକଟ ଏକ ଦଣ୍ଡାକୁ ଶୌଚ ହେବାକୁ ଶୁକ୍ରବାର ଅପରାହ୍ନରେ ଯାଇଥିଲେ। ଏହି ସମୟରେ ଗ୍ରାମର କାଳନ୍ଦୀ ସାମଲ, କାହ୍ନୁ ସାମଲ, ଜଗବନ୍ଧୁ ସାମଲ, ବବୁଲ ସାମଲ ପ୍ରମୁଖ ସଂଘବଦ୍ଧ ଭାବେ କ୍ରୋଧାନ୍ୱିତ ହୋଇ ବଦ୍ରିନାରାୟଣଙ୍କୁ ଏକ ଲୁହାରଡ଼ରେ ଆକ୍ରମଣ କରିବା ସହ ବିଭିନ୍ନ ଧମକଚମକ୍ ଦେଇଥିଲେ। ଖବର ପାଇ ପରିବାର ଓ ସ୍ଥାନୀୟ ଲୋକେ ବଦ୍ରିନାରାୟଣଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଲୁହାରଡ଼ ମାଡ଼ରେ ତାଙ୍କ ହାତ ଖୁଆ ଭାଙ୍ଗି ଯାଇଥିଲା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏ ସମ୍ପର୍କରେ ଆହତ ବଦ୍ରିନାରାୟଣଙ୍କ ବାପା କୈଳାସ ପଣ୍ଡା ଆକ୍ରମଣକାରୀ ୪ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

### ବେଆଇନ ଭାବେ ଭତ୍ତା ପାଇଁ ମସୁଧା

#### ତଦନ୍ତ ପାଇଁ ବିଡିଓ, ଜିଲାପାଳ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଅସ୍ତରଙ୍ଗ,୫।୧୦(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତର ସାଡ଼େଙ୍ଗା ଓ ପାଟପୁର ଗ୍ରାମର ୭୨ ଜଣ ମହିଳାପୁରୁଷଙ୍କ ନାମରେ ବେନିୟମ ଭତ୍ତା ହୋଇଥିବା ନେଇ ମାର୍ଚ୍ଚରେ କୁଣ୍ଢେଇ ପଞ୍ଚାୟତର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତୁଷାରକାନ୍ତ ସ୍ୱାଇଁ ପୁରୀ ଜିଲାପାଳ ଓ ତତ୍କାଳୀନ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍‌ସହିତ ତଦନ୍ତ କରି ଭତ୍ତା ବନ୍ଦ କରିବା ପାଇଁ ମଧ୍ୟ ଦାବି କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ତୁଷାର ଜ୍ୟୋତିରଞ୍ଜନ ୩ଜଣିଆ କମିଟି ଦ୍ୱାରା ତଦନ୍ତ କରାଇ ୬୦ବର୍ଷରୁ କମ୍ ହୋଇଥିବା ବ୍ୟକ୍ତିଙ୍କର ଭତ୍ତା ବନ୍ଦ କରିଥିଲେ। ବର୍ତ୍ତମାନ ଯୋଗଦେଇଥିବା ବିଡିଓ ବିଷ୍ଣୁ ଗୋବିନ୍ଦଙ୍କ ନିକଟରେ କେତେକ କୁଚକ୍ରୀ ଭୁଲ୍ ତଥ୍ୟ ଦେଇ ଭତ୍ତା କରାଇବା ପାଇଁ ମସୁଧା ଚଳାଇଥିବା ବେଳେ ପୂର୍ବତନ ଉପାଧ୍ୟକ୍ଷ ସ୍ୱାଇଁ ଏହି ବେନିୟମ କାର୍ଯ୍ୟକୁ ବନ୍ଦ କରିବା ପାଇଁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୁରୀ ଜିଲାପାଳ, ଉପଜିଲାପାଳ, ଉପମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଡିଓ ଭିଜିଲାନ୍ସ ଦ୍ୱାରା ତଦନ୍ତ କରି ଭତ୍ତା ବନ୍ଦ କରିବା ସହ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ କୁଣ୍ଢେଇ ପଞ୍ଚାୟତ ବିକାଶ ମଞ୍ଚର ସମ୍ପାଦକ କ୍ଷେତ୍ରମୋହନ ସାହୁ, କୁଣ୍ଢେଇ ପଞ୍ଚାୟତ ଭାଜପା ସଭାପତି ପ୍ରକାଶ ପାତ୍ର, ଭାଜପା ପ୍ରଭାରୀ ଦୁଷ୍ମନ୍ତ ମଲ୍ଲ ଓ କାକଟପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତୁଷାରକାନ୍ତ ସ୍ୱାଇଁ ଦୃଢ଼ ଦାବି କରିଛନ୍ତି।

# ‘ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ’

**ପୁରୀ ଜିଲା ଦିଶା ବୈଠକ**

- ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୨୧୯୦.୫୧ ଲକ୍ଷ ବିନିଯୋଗ
- ସରକାରୀ ଡାକ୍ତରଖାନାରେ କରାଯାଇଛି ୪୦୪୯ ପ୍ରସବ

ପୁରୀ,୫।୧୦(ଅଜିତ କୁମାର ମହାନ୍ତି)




ବୈଠକରେ ଏମ୍‌ପି ଡା. ସମ୍ବିତ ପାତ୍ର ଏବଂ ଅନ୍ୟ ଅତିଥିମାନେ ।

ପୁରୀ ଜିଲା ପ୍ରଥମ ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ଶନିବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଅଧ୍ୟକ୍ଷତା କରି କହିଥିଲେ, ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ଆମର କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡିଏଫ୍‌ଓ ବିବେକ କୁମାର, ଅନ୍ୟ ବିଧାୟକମାନଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ୨୦୨୪-୨୫ ବର୍ଷ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ୩୫୬୮.୦୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୧୯୦.୫୧ ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ଚଳିତ ବର୍ଷ ୮୩୨୩ ଗର୍ଭବତୀଙ୍କୁ ଟିଟି, ୪୭୧୬ ଶିଶୁଙ୍କୁ ବିସିଜି, ୮୩୭୫ ଶିଶୁଙ୍କୁ ପେଣ୍ଟାଭାଲେଣ୍ଟ, ୧୭୮୮ ଜଣଙ୍କୁ ମିଳିମିଳା ରୁବେଲା, ୮୩୭୨ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ସମସ୍ତ ୪୦୪୯ ପ୍ରସବ ଡାକ୍ତରଖାନାରେ କରାଯାଇଛି। ନିରାମୟ ଯୋଜନାରେ ୧୪୭୧୪୨୮ ଜଣଙ୍କୁ ମାଗଣା ଔଷଧ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଜାତୀୟ ଗ୍ରାମୀଣ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମଧ୍ୟାହ୍ନ ଭୋଜନ, ସମଗ୍ର ଶିକ୍ଷା, ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଓ ସହରାଞ୍ଚଳ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଡିଜିଟାଲ ଇଣ୍ଡିଆ, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପାତ୍ର ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କାଠି ଦିଅଁ ରୂପେ ପୂଜା ପାଆନ୍ତି ମା’ କୁଞ୍ଜେଶ୍ୱରୀ

କଣାସ,୫।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସ ଗ୍ରାମରେ ପ୍ରତିଷ୍ଠିତ ମା’ କୁଞ୍ଜେଶ୍ୱରୀ ଷୋଳପୂଜାରେ ୭ ଦିନ ଧରି କାଠି ଦିଅଁ ରୂପେ ପୂଜା ପାଇବା ସହିତ ଗାଁକୁ ଗାଁ ବୁଲି ଦ୍ୱାର ଭୋଗ ଖାଇଥାନ୍ତି। ଦ୍ୱିତୀୟା ଦିନ ବାଲିପାଟଣା ଗ୍ରାମରୁ ଜଣେ ନିର୍ଦ୍ଦିଷ୍ଟ ପରିବାରରୁ ଉକ୍ତ ବାଉଁଶକୁ ମା’ଙ୍କ ପୂଜକମାନେ ମନ୍ଦିରରୁ ଆଜ୍ଞାମାଳ ନେଇ ଘଣ୍ଟ ଧ୍ୱନି ମଧ୍ୟରେ ଉକ୍ତ ପରିବାର ନିକଟରେ ପହଞ୍ଚି ବାଉଁଶରୁ ପ୍ରଥମେ ସ୍ନାନ କରାଇ ଫୁଲ, ଚନ୍ଦନ ଦେବା ସହିତ ଆଜ୍ଞାମାଳ ପିନ୍ଧେଇ ବାଉଁଶଟିକୁ ମନ୍ଦିରକୁ ନେଇ ଆସିଥାନ୍ତି। ମନ୍ଦିରରେ ମାପ ଅନୁଯାୟୀ ବାଉଁଟିକୁ କଟାଯାଇଥାଏ। ମାଁଙ୍କ ସମସ୍ତ ବସ୍ତ୍ର ବାଉଁଶଟିରେ ପିନ୍ଧେଇ ଦିଆଯାଇ କଳସଟିକୁ ମୁଣ୍ଡରେ ଲଗାଇ ଦିଆଯାଇଥାଏ। ଦ୍ୱିତୀୟା, ତୃତୀୟା ଓ ଚତୁର୍ଥୀ ୩ଦିନ ଧରି କାଠି ଦିଅଁଙ୍କୁ ମନ୍ଦିର ଚାରିପଟେ ପରିକ୍ରମା କରାଯାଇଥିବା ପରେ ପଞ୍ଚମୀ, ଷଷ୍ଠୀ, ସପ୍ତମୀ ଏବଂ ଅଷ୍ଟମୀ ୪ ଦିନ ଧରି ସେବାୟତମାନେ ୧୮ ଖଣ୍ଡ ଗ୍ରାମ ବାଦ୍ୟ ଓ ଘଣ୍ଟ ଧ୍ୱନି ମଧ୍ୟରେ ବୁଲାଇ ଦୁଆରି ଭୋଗ ଖୁଆଇ ମନ୍ଦିରକୁ ଫେରି ଆସିଥାନ୍ତି। ମା’ ବର୍ଷକ ବାର ମାସ ମଧ୍ୟରୁ ୭ ଦିନ କାଠି ଦିଅଁ ଭାବେ ପୂଜା ପାଇବା ପରମ୍ପରା ରହିଛି।



# ମଙ୍ଗଳା ମନ୍ଦିର ଉନ୍ନତୀକରଣ ନେଇ ଆଲୋଚନା

**ପରିଦର୍ଶନ କଲେ ପର୍ଯ୍ୟଟନ ସଚିବ**

ଅସ୍ତରଙ୍ଗ,୫।୧୦(ମମତା ଜେନା)

କାକଟପୁରରେ ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳା ମନ୍ଦିରର ଉନ୍ନତୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଥିବା ୫୦ କୋଟି ଟଙ୍କାର ସମୀକ୍ଷା ନିମନ୍ତେ ଶନିବାର ପର୍ଯ୍ୟଟନ ବିଭାଗର ସଚିବ ବଲୱନ୍ତ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ମନ୍ଦିରରେ ପହଞ୍ଚି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ସେବାୟତ ନିଯୋଗ ସହ ଆଲୋଚନା କରିଛନ୍ତି। ମନ୍ଦିରର ୪ ଦ୍ୱାର ଗୁମୁଟରୁ ଗଳୁଥିବା ପାଣି, ମନ୍ଦିର ଚତୁଃପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥାରେ ଉନ୍ନତି, କାକଟପୁରର ପ୍ରବେଶ ଦ୍ୱାରରେ ୨ଟି ତୋରଣ, ମନ୍ଦିର ପୂର୍ବପଟ ରାସ୍ତାର ପ୍ରଶସ୍ତୀକରଣ, ମନ୍ଦିର ରୋଷଘର ଏବଂ ଆନନ୍ଦବଜାରର ନବୀକରଣ ଆଦି କାର୍ଯ୍ୟର ସମୀକ୍ଷା କରି ଖୁବ୍‌ଶୀଘ୍ର କାମ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା, ପୁରୀ ଜିଲା ଏଡିଏମ୍, ଓବିସିସିର ଅଧୀକ୍ଷଣ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ଉପଖଣ୍ଡ ଅଧିକାରୀ, ସହକାରୀ ଯନ୍ତ୍ରୀ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ।

# ୧,୫୪,୯୦୭ ଚାଷୀଙ୍କୁ ମିଳିଲା ପିଏମ୍ କିଷାନର ୧୮ତମ କିସ୍ତି



ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ପିଏମ୍ କିଷାନ ଉତ୍ସବରେ ଉପସ୍ଥିତ ଅଧିକାରୀ ଏବଂ କୃଷକମାନେ ।

ପୁରୀ,୫।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ପିଏମ୍ କିଷାନ ଉତ୍ସବ ଦିବସ ପାଳିତ ହୋଇଯାଇଛି। ମହାରାଷ୍ଟ୍ରର ୱାସିମ୍‌ରୁ ପିଏମ୍ କିଷାନର ୧୮ତମ କିସ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଦାନ କରିବା ସହ କୃଷି ଓ କୃଷକଙ୍କ ଉନ୍ନତିରେ ଏହି ଅର୍ଥ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ୱେବ୍ କାଷ୍ଟିଂ ମାଧ୍ୟମରେ ପ୍ରଦର୍ଶିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାଶ, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା, ଏଆର୍‌ସିଏସ୍ ସ୍ୱରୂପ କୁମାର କର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ସ୍ୱୟଂପ୍ରଭା ଦାସ, ଜିଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୁରୀ ଜିଲାର ମୋଟ ୧୫୪୯୦୭ ଜଣ କୃଷକଙ୍କୁ ଜଣକ ପିଛା ୨ହଜାର ଟଙ୍କା ହିସାବରେ ମୋଟ ୩୦, ୯୮, ୧୪, ୦୦୦ ଟଙ୍କା ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟ ଦ୍ୱାରା ସହାୟତା ଦିଆଯାଇଛି ବୋଲି ମୁଖ୍ୟ କୃଷି ଅଧିକାରୀ ଦାଶ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ କୃଷି ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବ୍ଲକରୁ ଶତାଧିକ କୃଷକ ଯୋଗଦେଇଥିଲେ।

## ଶତାଧିକ ଫ୍ଲାଟ୍ ମାଲିକଙ୍କ ଧାରଣା, ବିକ୍ଷୋଭ

ପୁରୀ, ୫।୧୦(ଅଜିତ କୁମାର ମହାନ୍ତି)

ସେଭେନ ହିଲ୍ସ ସ୍ୟାଣ୍ଡ ଆପାର୍ଟମେଣ୍ଟରେ ଥିବା ପ୍ରାୟ ୫୦୦ ଫ୍ଲାଟ୍‌ର ମାଲିକାନା ସେଭେନ ହିଲ୍ସ ଫ୍ଲାଟ୍ ଆସୋସିଏଶନ ପାଖରେ ରହିଛି। କିନ୍ତୁ ୧୨ବର୍ଷରୁ ଊର୍ଦ୍ଧ୍ୱ ହେଲା ଫ୍ଲାଟ ମାଲିକମାନେ ନିର୍ମାଣାଧୀନ ସଂସ୍ଥା ଦ୍ୱାରା ନିର୍ଯାତିତ ହୋଇଆସୁଛନ୍ତି। ରେଜିଷ୍ଟ୍ରେଶନ ପରେ ମଧ୍ୟ ବିଲଡରମାନେ ବାହୁବଳ ପ୍ରୟୋଗ କରି ମାଲିକମାନଙ୍କ ଫ୍ଲାଟକୁ ନିଜ ଅକ୍ତିଆରରେ ରଖିବା ସହ ପ୍ରବେଶ ଅନୁମତି ଦେଉନାହାନ୍ତି। ଫ୍ଲାଟ୍‌ର ବିଦ୍ୟୁତ ଓ ଜଳ ସଂଯୋଗ କାଟିଦେଉଛନ୍ତି ବୋଲି ଆସୋସିଏଶନ ଅଭିଯୋଗ ଆଣିଛି। ଏ ନେଇ ମାଲିକମାନେ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ୧୫ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶତାଧିକ ମାଲିକ ବିଭିନ୍ନ ସ୍ଲୋଗାନ ଦେଇ ଆପାର୍ଟମେଣ୍ଟ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଦାବିପତ୍ର ଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେହିପରି ସେମାନେ ବଳିଆପଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପିପିଲି,୫।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତଥା ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦର୍ଶ ପ୍ରଧାନ ଶିକ୍ଷକ ସୁକାନ୍ତ ନାୟକଙ୍କ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପିପିଲି ମିଶନ ସ୍କୁଲ ପରିସରରେ ଏହି ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଡେଲାଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ମୁଖ୍ୟବକ୍ତା ଭାବେ ପିପିଲି ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ ଓ ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ବିନୋଦ ପରମାଣିକ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାୟକଙ୍କ ଶିକ୍ଷକତା ଜୀବନୀ ଉପରେ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପିପିଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାୟକଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଇକ୍ ଦୁର୍ଘଟଣାରେ ଚୋରା ଗୋମାଂସ ଧରାପଡ଼ିଲା

ପିପିଲି,୫।୧୦(ପ୍ରଭାତ ମହାପାତ୍ର)

ପୁରୀ-ଭୁବନେଶ୍ୱର ମୁଖ୍ୟରାସ୍ତା ପିପିଲି ବଜାର ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିବାବେଳେ ଏକ ବାଇକ୍‌ରେ ଗୋମାଂସ ଥିବା ଜଣାପଡ଼ିଥିଲା। ଏହାପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ୨ ଜଣ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ପୋଲିସ ୨ ବାଇକ୍‌କୁ ମଧ୍ୟ ଜବତ କରିଛି।

ସୂଚନା ମୁତାବକ, ଶନିବାର ରାତି ୯ଟା ସମୟରେ ଗୋମାଂସ ଧରି ସମ୍ପୃକ୍ତ ୨ ବାଂଲାଦେଶୀ ଯୁବକ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଅପରପଟୁ ସ୍ଥାନୀୟ ରାଜମିସ୍ତ୍ରି ନବ ସ୍ୱାଇଁ (୫୦) ଘରକୁ ନିଜ ବାଇକ୍ ଯୋଗେ ଫେରୁଥିଲେ। ଉଭୟଙ୍କ ବାଇକ୍ ପିପିଲି ପେଟ୍ରୋଲ ପମ୍ପ ନିକଟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ନବଙ୍କ ଗୋଡ଼ ଭାଙ୍ଗି ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବାବେଳେ ଅନ୍ୟ ୨ ବଙ୍ଗୀୟ ଯୁବକ ସାମାନ୍ୟ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ବାଇକ୍ ଆରୋହୀଙ୍କୁ ମେଡିକାଲ ପଠାଇବା ସମୟରେ ଚାଳକ ଦ୍ୱୟ ଗୋମାଂସ ରଖିଥିବା ଜାଣିଲା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ଫଳରେ ଘଟଣା ନିୟନ୍ତ୍ରଣ ସହିତ ଜଣୈକ ବାଂଲାଦେଶୀ ଯୁବକ ଶରତ ମଣ୍ଡଳ ବୋଲି ନିଜ ପରିଚୟ ଦେଇ ଗୋମାଂସ କଥା ନିଜେ ସ୍ୱୀକାର କରିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଘଟଣାସ୍ଥଳରେ ହିନ୍ଦୁ ସଂଗଠନଗୁଡ଼ିକ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଗୁରୁତର ଆହତ ନବ ଓ ଅନ୍ୟ ବାଇକ୍ ଆରୋହୀଙ୍କୁ ପିପିଲି ମେଡିକାଲ ପଠାଇଥିବାବେଳେ ଗୋମାଂସକୁ ଜବତ କରିଛି। ପିପିଲି ଥାନା ପରିସରରେ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ପିପିଲି ଆରକ୍ଷୀ ନିରୀକ୍ଷକ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଉପସ୍ଥିତିରେ ଯୁବକଦ୍ୱୟଙ୍କୁ ଅଟକ ରଖି ଅଧିକ ତଦନ୍ତ ପାଇଁ ପଚରାଉଚରା ଜାରି ରଖିଛନ୍ତି। ପ୍ରକାଶଥାଉ କି, ସରକାର ଦେଖାଣିଆ ଭାବେ କେବଳ ବାଂଲାଦେଶୀଙ୍କ ଅନୁପ୍ରବେଶ ଆଇନ ଓ ଗଣନା ହେବ କହି ଆନ୍ତରିକତା କମ୍ ଦେଖାଉଥିବାରୁ ଏପରି ଚୋରା ଚାଲାଣ ପିପିଲିରୁ ଭୁବନେଶ୍ୱରକୁ ମାତ୍ରାଧିକ ହେଉଛି ବୋଲି ପିପିଲି ବଜରଙ୍ଗ ଅଭିଯୋଗ କରିଛି। ସରକାର ଓ ପୋଲିସ୍ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଛାତ୍ର ସଂସଦ କାର୍ଯ୍ୟାଳୟ ନିର୍ମାଣ ପାଇଁ ଏମ୍‌ପିଙ୍କୁ ଅନୁରୋଧ

ପୁରୀ,୫।୧୦(ଅଜିତ କୁମାର ମହାନ୍ତି )

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଛାତ୍ର ସଂସଦ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସାଂସଦ ପାଣ୍ଠିରୁ ରାଶି ପ୍ରଦାନ ନିମନ୍ତେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ରଙ୍କୁ ଛାତ୍ର ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି। ଶୁକ୍ରବାର ଛାତ୍ର ସଂସଦ ସଭାପତି ଡା. ଦୟାନିଧି ମହାନ୍ତି ଓ ସାଧାରଣ ସମ୍ପାଦକ ଡା. ନିତେଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତରୀ ଛାତ୍ର ସୁବ୍ରତ କୁମାର ସାମଲ ଓ ଗିରିଧାରୀ ବିଶ୍ୱାଳ ଏମ୍‌ପିଙ୍କୁ ଭେଟି ଛାତ୍ର ସଂସଦ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଂସଦ ସେମାନଙ୍କ ସହ ଆଲୋଚନା କରି ଆଗାମୀ ଦିନରେ ନିଶ୍ଚିତ ଦାବି ପୂରଣ କରିବେ ବୋଲି ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି।

## ବ୍ରାଉନସୁଗାର ଜବତ: ଦମ୍ପତି ଗିରଫ

ପୁରୀ,୫।୧୦(ଅଜିତ କୁମାର ମହାନ୍ତି)

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଟାଉନ୍ ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଦମ୍ପତି ହେଲେ ଭିଆଇପି ରୋଡ୍ ସୁଭାଷ ଛକ ଅଞ୍ଚଳର ଅକ୍ଷୟ କୁମାର ନାୟକ ଓ ତାଙ୍କ ସ୍ତ୍ରୀ। ପୋଲିସ ସୂଚନା ପାଇ ଇନ୍ଦ୍ରମାର୍ଗ କଲୋନୀ ଅଞ୍ଚଳରେ ଚଢାଉ କରି ଏମାନଙ୍କ ନିକଟରୁ ୧୦.୧୦ ଗ୍ରାମ୍ ବ୍ରାଉନ ସୁଗାର୍ ଜବତ କରିଛି।

# ନୀଳ ଆଲୋକରେ ଝଲସିଲା ସୂର୍ଯ୍ୟମନ୍ଦିର

କୋଣାର୍କ, ୫।୧୦(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ହସ ଦିବସ ଅବସରରେ ଶୁକ୍ରବାର ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ନୀଳ ଆଲୋକରେ ଉଦ୍‌ଭାସିତ ହୋଇଥିଲା। ସ୍ମାଇଲ ଟ୍ରେନ ଏବଂ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ୧୦ ମିନିଟ ଧରି ସୂର୍ଯ୍ୟମନ୍ଦିରରେ ଏହି ନୀଳ ଆଲୋକ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଠାକୁ ଆସିଥିବା ପର୍ଯ୍ୟଟକମାନେ ନିଜ ମୋବାଇଲରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ଏହା ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇବା ନେଇ ସ୍ମାଇଲ ଟ୍ରେନ ଏବଂ ଅଶ୍ୱିନୀ ହସ୍ପିଟାଲ କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ସ୍ମାଇଲ ଟ୍ରେନ ଗ୍ରହଣ ଖଣ୍ଡିଆ ଚିକିତ୍ସାର ୨୫ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ୫୬ଟି ଐତିହ୍ୟସ୍ଥଳକୁ ନୀଳ ଆଲୋକରେ ସଜାଯାଇଥିଲା। କୋଣାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡାକ୍ତର ସୁବ୍ରତ ଜେନା, ଶିବାନୀ ଦାଶ, ସ୍ମାଇଲ ଟ୍ରେନର କାର୍ଯ୍ୟକ୍ରମ ମ୍ୟାନେଜର ସୁଚରିତା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ।



# ଫସଲ ଉଜାଡୁଛନ୍ତି ବାର୍‌ହା, ହରିଣ

ଅସ୍ତରଙ୍ଗ,୫।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

**ରାତି ତମାମ ଉଜାଗର ଚାଷୀ**



ଚାଷୀମାନେ ଟର୍ଚ୍ଚ ପକାଇ ଓ ଘଣ୍ଟା ବଜାଇ ବାର୍‌ହା, ହରିଣଙ୍କୁ ଗୋଡାଉଛନ୍ତି ।

ଦିନ କେଇଟା ପରେ ଅମଳ ହୋଇଥାନ୍ତା। ଭଲ ଫସଲ ହୋଇଥିବାରୁ ଅଧିକ ଅମଳ ଆଶା ରଖିଥିଲେ ଚାଷୀ। ହେଲେ ଚାଷୀର ସବୁ ସ୍ୱପ୍ନ ଏବେ ଭାଙ୍ଗିବାକୁ ବସିଛି। ପୁରୀ ଜିଲା ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ସହନ ଓ ସୁଧୀକେଶର ଅଞ୍ଚଳରେ ବାର୍‌ହା ଓ ହରିଣ ଚାଷୀଙ୍କ ନିଦ ହଜାଇ ଦେଲେଣି। ଧାନ ଖାଇବା ସହିତ ଏକର ଏକର ଚାଷ ଜମିକୁ ଦଳି ଚକଟି ନଷ୍ଟ କରୁଛନ୍ତି। ଫଳରେ ରାତିଦିନ ଏକକରି ଚାଷୀମାନେ ଫସଲକୁ ସୁରକ୍ଷା ଦେଉଛନ୍ତି।

ଚଳିତବର୍ଷ ସହନ ଓ ସୁଧୀକେଶର ଅଞ୍ଚଳର ପ୍ରାୟ ୩୦୦ ଏକର ଜମିରେ ଧାନ ଚାଷ ହୋଇଛି। ହେଲେ ଜଙ୍ଗଲୀ ଜନ୍ତୁଙ୍କ ଯୋଗୁ ଚାଷ ନଷ୍ଟ ହେଉଛି। ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ସନ୍ଧ୍ୟା ପରଠାରୁ ରାତିତମାମ ହାତରେ ଟର୍ଚ୍ଚ, ଠେଙ୍ଗା ସହ ଟିଣ, ଘଣ୍ଟ ଓ ତୂରୀ ବଜାଇବା ସହ ଚାଷଜମି ମଝିରେ ମଞ୍ଚା କରି ଜଗୁଛନ୍ତି। ବାର୍‌ହା ଓ ହରିଣ ଘଉଡ଼ାଇବାକୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବନବିଭାଗ ଅଳ୍ପ କିଛି ଜାଲ ଘେରାଇ ଚିରନିଦ୍ରାରେ ଶୋଇପଡ଼ିଛି। ଏପଟେ ଫସଲକୁ ଜଙ୍ଗଲୀ ଜନ୍ତୁଙ୍କ ଦାଉରୁ ରକ୍ଷା କରିବା ପାଇଁ ଚାଷୀମାନେ ଫସଲ ଜଗି ରହୁଛନ୍ତି।

ଏବେ ରୋଗ ପୋକ ଲାଗିନାହାନ୍ତି ସତ, ଚାଷୀଙ୍କ ଚିନ୍ତା ବଢ଼ାଇଛନ୍ତି ବାର୍‌ହା ପଲ, ଜଙ୍ଗଲରୁ ଦଳଦଳ ଆସି ଆଖି ପିଛୁଳାକେ ଫସଲକୁ ନଷ୍ଟ କରି ଦେଉଛନ୍ତି। ରାତିରେ ଉଜାଗର ରହି ଯେତେ ବାଜା ବଜାଇଲେ କି ଠେଙ୍ଗା ବାଡ଼ି ଧରି ଘଉଡ଼ାଇଲେ ମଧ୍ୟ ବାର୍‌ହା ଯାଉନାହାନ୍ତି। ଏନେଇ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଫଳରେ ଉଜୁଡ଼ା ଫସଲ ଦେଖି କରଜ କରି ଚାଷ କରିଥିବା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଗୋଟିଏ ପଟେ ପେଟ ଚିନ୍ତା ଏବଂ ଅନ୍ୟ ପଟେ ବନ୍ୟଜନ୍ତୁଙ୍କ ଚିନ୍ତା। ମନରେ ଭୟ ଥିଲେ ବି ଅମଳ ବଞ୍ଚାଇବାକୁ ନିଛାଟିଆ କିଟିକିଟି ଅନ୍ଧାରରେ ଚାଷୀମାନେ ଫସଲ ଜଗୁଛନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେଇ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ସହାୟତା ପ୍ରଦାନ ସହ ଜଙ୍ଗଲୀ ଜନ୍ତୁଙ୍କ କବଳରୁ ଫସଲ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଚାଷୀ ମନୋଜ ବେହେରା, ଅବଲୀ ବେହେରା, ଦିବାକର ବେହେରା, ବଟକୃଷ୍ଣ ପଡ଼ିଆରୀ, ପ୍ରତାପ ବେହେରାଙ୍କ ସମେତ ଅନ୍ୟ ଚାଷୀମାନେ ଦାବି କରିଛନ୍ତି।

# ବିଏମ୍‌ସି ଭେହିକଲ୍ ବିଭାଗ ଟେଣ୍ଡରରେ ପ୍ରିୟାପ୍ରୀତି ତୋଷଣ

**ଅଧିକାରୀଙ୍କ ନାମରେ ଅଭିଯୋଗ ଆଣିଲା ବିଏମ୍‌ସି ଭେହିକଲ ଆସୋସିଏଶନ**

**୨୦୨୨ରୁ ଗାଡ଼ି ମାଲିକଙ୍କୁ ବକେୟା ଭଡ଼ା ଦେଉନି ବିଏମ୍‌ସି**

ଭୁବନେଶ୍ୱର, ୫।୧୦(ବନ୍ଦନା ସେଠୀ)

ବିଏମ୍‌ସିରେ ବିନା ଟେଣ୍ଡରରେ ଶତାଧିକ ଗାଡ଼ି ଭଡ଼ାରେ ଲାଗିଥିଲା। ଏହାଦ୍ୱାରା ସ୍ୱଚ୍ଛତା ରହୁ ନ ଥିବାବେଳେ ଏ ବାବଦରେ ମାସକୁ ବହୁ କୋଟି ଟଙ୍କା ହଡ଼ପ ହେଉଥିବା ଅଭିଯୋଗ ହେଉଥିଲା। ତେଣୁ ଏହାକୁ ରୋକିବା ପାଇଁ ଗତ କିଛିଦିନ ତଳେ ବିଏମ୍‌ସି ପକ୍ଷରୁ ଭାରିଯାନ ଓ ହାଲୁକା ଯାନ ପାଇଁ ଏକକ ଟେଣ୍ଡର ଡକାଯାଇଥିଲା। ଗୋଟିଏ ସଂସ୍ଥା ବିଏମ୍‌ସିରେ ସବୁ ପ୍ରକାର ଗାଡ଼ି ଲଗାଇବ ବୋଲି ସଫେଇ ଦିଆଯାଇଥିଲା। ତେବେ ବିଏମ୍‌ସି ପକ୍ଷରୁ ହୋଇଥିବା ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ବିଭାଗୀୟ ଡେପୁଟି କମିଶନର ଅଶୋକ ଲେଙ୍କା ଜାଣିଶୁଣି ନିଜର ଫାଇଦା ପାଇଁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦେଇଥିବାବେଳେ ବର୍ଷ ବର୍ଷ ଧରି ବିଏମ୍‌ସିରେ ଗାଡ଼ି ଲଗାଉଥିବା ପ୍ରାୟ ଶହେ ଭେଣ୍ଡରଙ୍କ ପେଟକୁ ଲାତ ମାରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରିକି ଗାଡ଼ି ଲଗାଉଥିବା ଭେଣ୍ଡରମାନେ ଯେପରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରିବେ ନାହିଁ ସେଥିପାଇଁ ଜାଣିଶୁଣି ସର୍ତ୍ତାବଳୀ ରଖାଯାଇଥିବା କୁହାଯାଇଛି। ଏଥିସହ ଭେଣ୍ଡରମାନଙ୍କୁ ଭଡ଼ା ବାବଦରେ ବିଏମ୍‌ସି ଯେତିକି ଟଙ୍କା ଦେଉଥିଲା ଏବେ ଟେଣ୍ଡର ହାସଲ କରିଥିବା ସମ୍ପୃକ୍ତ କମ୍ପାନୀକୁ ତାହାର ଦୁଇଗୁଣା ଭଡ଼ା ଦେବାକୁ ମସୁଧା ହୋଇଥିବା ବିଏମ୍‌ସି ଭେହିକଲ ଆସୋସିଏଶନ୍ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ୨୦୨୨ରୁ ସେମାନଙ୍କର ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଭଡ଼ା ବିଏମ୍‌ସି ପାଖରେ ପଡି ରହିଥିବାବେଳେ ବିଭିନ୍ନ ବାହାନା କରି ଦିଆଯାଉ ନ ଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ଆସୋସିଏଶନର ସଦସ୍ୟମାନେ ପାଟିତୁଣ୍ଡ କରିବା ସହ ମେୟର ଏବଂ କମିଶନରଙ୍କୁ ଅଭିଯୋଗ ଜଣାଇଛନ୍ତି। ଆସୋସିଏଶନ୍‌ର ଦିବ୍ୟଲୋଚନ ସାହୁ କହିଛନ୍ତି, ବିଭାଗୀୟ ଡେପୁଟି କମିଶନର ସମ୍ପୃକ୍ତ କମ୍ପାନୀ ସହ ପ୍ରିୟାପ୍ରୀତି ତୋଷଣ କରି ଏଭଳି ଟେଣ୍ଡର କରିଛନ୍ତି। ଯାହାର ବାର୍ଷିକ ଟର୍ନଓଭର (କାରବାର) ୮କୋଟିରୁ ଊର୍ଦ୍ଧ୍ୱ ଥିବ ସେମାନେ ଟେଣ୍ଡରେ ଭାଗ ନେଇପାରିବେ ବୋଲି ସର୍ତ୍ତ ରହିଥିଲା। ଫଳରେ ଆମେ ଟେଣ୍ଡର ପକାଇ ପାରି ନ ଥିଲୁ। ତେବେ ଟେଣ୍ଡର ପରେ କେଉଁ ଭିତ୍ତିରେ ସମ୍ପୃକ୍ତ କମ୍ପାନୀକୁ ଆମଠାରୁ ଅଧିକ ଭଡ଼ା ଦେବାକୁ ଧାର୍ଯ୍ୟ କରାଯାଇଛି ସେ ନେଇ ପ୍ରଶ୍ନ ଉଠିଛି। ତୁରନ୍ତ ଏହି ଟେଣ୍ଡରକୁ ବାତିଲ୍ କରିବା ସହ କମ୍ପାନୀ ପାଇଁ ଯେଉଁ ଦର ଧାର୍ଯ୍ୟ ହୋଇଛି ସେହି ଦରରେ ବକେୟା ବିଲ୍ ଦିଆଯାଉ ବୋଲି ସେ କହିଛନ୍ତି। ଘଟଣା ନେଇ ଡେପୁଟି କମିଶନର ଅଶୋକ କହିଛନ୍ତି, ବିନା ଟେଣ୍ଡରରେ ଗାଡ଼ି ଲାଗୁଥିବାରୁ ଏଥିରେ ବହୁ ଘୋଟାଲା ହେଉଥିଲା। ତେଣୁ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଓପନ୍ ଟେଣ୍ଡର କରାଯାଇଥିଲା। ସେଥିରେ ଏମାନେ ଭାଗ ନେଇ ନ ଥିଲେ କି ଟେଣ୍ଡରକୁ ନେଇ ପୂର୍ବରୁ କୌଣସି ଅଭିଯୋଗ କରି ନ ଥିଲେ। ଏବେ ହଠାତ ଏଭଳି ଭିତ୍ତିହୀନ ଅଭିଯୋଗ କରୁଛନ୍ତି। ସେହିପରି କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ପଚାରିବାରୁ ସେ ଏନେଇ କିଛି ଜାଣି ନ ଥିବା କହିଛନ୍ତି।


ଅଭିଯୋଗ ଆଣିଥିବା ବିଏମ୍‌ସି ଭେହିକଲ ଆସୋସିଏଶନ କର୍ମକର୍ତ୍ତା।

### ୨ ଗୁଣା ଅଧିକ ଭଡ଼ାରେ ଦିଆଯାଇଛି ଟେଣ୍ଡର

ଆସୋସିଏଶନ୍‌ର ସଦସ୍ୟମାନେ ଜଣେ ଜଣେ ଗାଡ଼ି ମାଲିକ ହୋଇଥିବାବେଳେ ୨୦୦୯-୨୦୧୦ରୁ ସେମାନେ ବିଏମ୍‌ସିରେ ବିନା ଟେଣ୍ଡରରେ କାର୍‌ଠାରୁ ଆରମ୍ଭ କରି ଟିପ୍ପର, ଜେସିବି, ବସ୍ ଆଦି ବିଭିନ୍ନ ଗାଡ଼ି ଲଗାଉଛନ୍ତି। ଏଥିପାଇଁ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଧାରିତ ଦର ପ୍ରଦାନ କରାଯାଉଛି। ମାତ୍ର ୨୦୨୨ ପରଠାରୁ ଗାଡ଼ି ମାଲିକମାନଙ୍କୁ ଭଡ଼ା ଦିଆଯାଇନାହିଁ। ବିଭିନ୍ନ ଆଳ ଦେଖାଇ ଫାଇଲ୍ ପାସ୍ କରାଯାଉ ନାହିଁ। ଅପରପକ୍ଷେ ଟେଣ୍ଡର ନେଇଥିବା ସମ୍ପୃକ୍ତ କମ୍ପାନୀକୁ ଭଡ଼ା ବାବଦରେ ଅଧିକ ଦର ଦେବାକୁ ନିର୍ଦ୍ଧାରିତ ହୋଇଥିବା ଜଣାପଡିଛି। ପୂର୍ବରୁ ଗୋଟେ ହାଇୱା ପାଇଁ ଦିନକୁ ୩ହଜାର ଟଙ୍କା ଭଡ଼ା ଦିଆଯାଉଥିବାବେଳେ ଏବେ ସମ୍ପୃକ୍ତ କମ୍ପାନୀକୁ ୮ହଜାର ୪ଶହ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ସେହିପରି ଟିପ୍ପର ବାବଦରେ ୨୬ଶହ ଟଙ୍କା ବଦଳରେ ୭ହଜାର ୨ଶହ ଟଙ୍କା, ଜେସିବି ପାଇଁ ଘଣ୍ଟାକୁ ୧୩ଶହ ଟଙ୍କା ବଦଳରେ ୧୫ଶହ ଟଙ୍କା, ଟାଟାଏସିଇ ପାଇଁ ୧ହଜାର ଟଙ୍କା ବଦଳରେ ୧୮ଶହ ଟଙ୍କା ଏବଂ ଅନ୍ୟାନ୍ୟ ଗାଡ଼ି ପିଛା ମଧ ଏଭଳି ବର୍ଦ୍ଧିତ ଭଡ଼ା ଦେବ ବିଏମ୍‌ସି। ବିନା ଟେଣ୍ଡରରେ ଭଡ଼ା ବାବଦରେ ବିଏମ୍‌ସି ଯେତିକି ଟଙ୍କା ଖର୍ଚ୍ଚ କରୁଥିଲା, ଟେଣ୍ଡର ହେଲାପରେ ତାହା କମିବା କଥା, ମାତ୍ର ଏଠାରେ ଓଲଟା ଭଡ଼ା ବାବଦରେ ଦୁଇଗୁଣା ଖର୍ଚ୍ଚ କରିବାକୁ ମସୁଧା ପଛରେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଥିବା ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି।

## ଏଲଆଇସି ଗୋଲ୍ଡେନ୍ ଜୁବିଲି ଫାଉଣ୍ଡେଶନ ପକ୍ଷରୁ ସହାୟତା


ରାଜଯୋଗ ଶିକ୍ଷାନୁଷ୍ଠାନର ସଭାପତି ବିକେ ସୁଲୋଚନାଙ୍କୁ ଏକ ମିନିବସ୍ ଚାବି ଦିଆଯାଉଛି।

ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା(ଏଲ୍‌ଆଇସି) ଗୋଲ୍ଡେନ୍ ଜୁବିଲି ଫାଉଣ୍ଡେଶନର କଟକ ମଣ୍ଡଳ ପକ୍ଷରୁ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଲ୍‌ଆଇସି ପାଟନା କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର କେନ୍ଦ୍ରପଡ଼ା ରାଜକନିକାର ଆଶାକିରଣ ଅନୁଷ୍ଠାନର ସଭାପତି ସୁରଥ କୁମାର ସାହୁଙ୍କୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ସେହିପରି ରାଜଯୋଗ ଶିକ୍ଷାନୁଷ୍ଠାନର ସଭାପତି ବିକେ ସୁଲୋଚନାଙ୍କୁ ଏକ ମିନିବସ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର, ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ, ବିକ୍ରୟ ପ୍ରବନ୍ଧକ ଅଶ୍ୱିନୀ କୁମାର ଦାସ ଓ ସବ୍ୟସାଚୀ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପିଜି ଆଡ୍‌ମିଶନ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା

ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପିଜି ଆଡ୍‌ମିଶନକୁ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଶନିବାର ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଛାତ୍ରୀଛାତ୍ର ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ଆଡ୍‌ମିଶନ ନ ହେଲେ ଆତ୍ମାହୁତି ଦେବାକୁ ଛାତ୍ରୀଛାତ୍ର ଚେତାବନୀ ଦେଇଥିଲେ। ପରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଆସି ବୁଝାଇବାରୁ ସେମାନେ ଧାରଣାରୁ ଓହରିଥିଲେ। ୱେଟିଂ ଲିଷ୍ଟରେ ଥିବା ତଳ ପିଲାଙ୍କୁ ଆଡ୍‌ମିଶନ କରିବାକୁ ସୁଯୋଗ ଦିଆଯାଇଥିବା ନେଇ ଧାରଣାରତ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ମେରିଟ ଲିଷ୍ଟ ଆଗରେ ଥିବା ଛାତ୍ରଙ୍କୁ ଆଡ୍‌ମିଶନ ମିଳି ନ ଥିବାରୁ ସେମାନେ ବାଧ୍ୟହୋଇ ଆନ୍ଦୋଳକୁ ଓହ୍ଲାଇଥିବା କହିଥିଲେ।

## ସଂକ୍ଷେପରେ

### ଆଇନଜୀବୀ ବିଦ୍ୟାଧର ପ୍ରଧାନଙ୍କ ପରଲୋକ

କଟକ, ୫।୧୦ (କାର୍ତ୍ତିକ ସାହୁ)- ହାଇକୋର୍ଟ ବାର୍ ଆସୋସିଏଶନ୍ ସଦସ୍ୟ ତଥା ଆଇନଜୀବୀ ବିଦ୍ୟାଧର ପ୍ରଧାନ(୬୨)ଙ୍କ ଶନିବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବରପାଇ ଓଡ଼ିଶା ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ, ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତ୍ରିଶୁଳିଆସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ହାଇକୋର୍ଟ ବାର୍ ଆସୋସିଏଶନ ସମେତ ଅନ୍ୟ ବାର୍‌ର ଆଇନଜୀବୀ ଶୋକପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଧର ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସମ୍ପାଦକ ଓ ଉପ ସଭାପତି ଭାବେ ନିର୍ବାଚିତ ହୋଇ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଏଥିସହ ସେ ବିଭିନ୍ନ ପୂଜା କମିଟି ଓ ଅନୁଷ୍ଠାନ ସହ ଜଡିତ ଥିଲେ।

## ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ଥିଲେ ପ୍ରାଣନାଥ



ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୫।୧୦ (ବନ୍ଦନା ସେଠୀ)

ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ପୂର୍ବତନ ବିଧାୟକ ତଥା ଶିକ୍ଷାବିତ୍ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କର ୫୪ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଶନିବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ବରିଷ୍ଠ ନେତା ତଥା ଜୋନ୍ ସମ୍ପାଦକ ସୁର ଜେନା ଏଥିରେ ସଭାପତିତ୍ୱକରି ପ୍ରାଣନାଥଙ୍କ ସମ୍ପର୍କରେ କହିଥିଲେ। ୧୯୩୬ରେ ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ପ୍ରାଣନାଥ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ଗଠନ କରିବା ସହିତ କୃଷକ ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଥିଲା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜୟନ୍ତ ଦାସ, ଡ. ଅମିୟ ମହାନ୍ତି, ସିପିଆଇ ରାଜ୍ୟ କଣ୍ଟ୍ରୋଲ କମିଶନ ଚେୟାରମ୍ୟାନ ବସନ୍ତ କୁମାର ପାଇକରାୟ, ନୂଆଦୁନିଆ ସମ୍ପାଦନା ମଣ୍ଡଳୀ ସଭ୍ୟ ରମେଶ ପ୍ରଧାନ, ବିଜୟ ମହାନ୍ତି, ଶିକ୍ଷକ ମହାସଂଘ ସଭାପତି ଧନଞ୍ଜୟ ରାଉତରାୟ, କଳାହାଣ୍ଡି ଜିଲା ସମ୍ପାଦକ ଅକ୍ଷୟ ମେହେର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବର୍ତ୍ତମାନର କ୍ଷମତାସୀନ ସାମ୍ପ୍ରଦାୟିକ ଫାସିବାଦୀ ଶକ୍ତିମାନଙ୍କୁ ପରାସ୍ତ କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ।

## ଗୋକୁଳାନନ୍ଦ ମହାପାତ୍ର ବିଜ୍ଞାନ ଜଗତର କିମ୍ବଦନ୍ତୀ ପୁରୁଷ

ଭୁବନେଶ୍ୱର, ୫।୧୦ (ବନ୍ଦନା ସେଠୀ)- ଜିଏନ୍‌ଏମ୍ ଫାଉଣ୍ଡେଶନ୍ କଟକ ପକ୍ଷରୁ ଶନିବାର ବିଜ୍ଞାନ ଲେଖକ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତି ସମାରୋହ ଓ ୧୧ତମ ଗୋକୁଳାନନ୍ଦ ନିତ୍ୟାନନ୍ଦ ସ୍ମାରକୀ ବକ୍ତୃତା ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଅଶୋକ ମହାପାତ୍ର ଯୋଗଦେଇ ଗୋକୁଳାନନ୍ଦ ମହାପାତ୍ର ବିଜ୍ଞାନ ଜଗତର କିମ୍ବଦନ୍ତୀ ପୁରୁଷ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ସତ୍ୟ ନାରାୟଣ ପାଲ୍ ଯୋଗଦେଇଥିଲେ। ପୂର୍ବତନ କୁଳପତି ଡ. ବିନାୟକ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖିଳ କୁମାର ସାହୁ, ଆଇଆଇଟି ମାଡ୍ରାସର ପ୍ରଫେସର ଅଶୋକ କୁମାର ମିଶ୍ର, ପ୍ରଫେସର ଦିଲୀପ ଚାନ୍ଦ ଉପସ୍ଥିତ ଥିଲେ। ଜିଏନ୍‌ଏମ୍ ଫାଉଣ୍ଡେଶନ୍‌ର ସମ୍ପାଦକ ପ୍ରଫେସର ଗିରିଜାନନ୍ଦନ ମହାପାତ୍ର ସ୍ୱାଗତ ଭାଷଣ, ପ୍ରଫେସର ସତ୍ୟବାନ ଜେନା ଅତିଥି ପରିଚୟ ଏବଂ ବିଜ୍ଞାନ ଲେଖକ ଡ. ଚିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ଡ. ଯଶସ୍ୱୀ ନାୟକ ସଂଯୋଜନା କରିଥିଲେ।

## ବିଏମ୍‌ସିର ୨ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଏମ୍‌ସିର ପୂର୍ବତନ ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ଡେପୁଟି କମିଶନର (ରେଭିନ୍ୟୁ) ପ୍ରିୟବ୍ରତ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର, ୫।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୨ଜଣ ବରିଷ୍ଠ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ବିଏମ୍‌ସିର ପୂର୍ବତନ ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ଡେପୁଟି କମିଶନର (ରେଭିନ୍ୟୁ) ପ୍ରିୟବ୍ରତ ପାଢ଼ୀ। ଏନେଇ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, କର୍ପୋରେଟରମାନେ ଯୋଗଦେଇ ୨ ଅଧିକାରୀଙ୍କ ବହୁମୁଖୀ ପ୍ରତିଭା ଓ ଦକ୍ଷତାର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ବଦଳି ପରେ ମୁର୍ମୁଙ୍କୁ ବର୍ତ୍ତମାନ ସାଧାରଣ ପ୍ରଶାସନ ବିଭାଗ (ଜିଏ)ର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଇଥିବାବେଳେ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ରହିଛନ୍ତି।

## କୁଆଖାଇ ନଦୀରେ କୁମ୍ଭୀର



ବାଲିଅନ୍ତା,୫।୧୦(ନୀଳମାଧବ ସାହୁ) ରାଜଧାନୀ ଉପକଣ୍ଠ ଭୁବନେଶ୍ୱର ମହାନଗର ନିଗମ ୫ ନଂ. ୱାର୍ଡର ମଞ୍ଚେଶ୍ୱର ଗ୍ରାମ ନିକଟରେ ପ୍ରବାହିତ କୁଆଖାଇ ନଦୀରେ ଶନିବାର ସକାଳୁ ୬ ଫୁଟ ଲମ୍ବର ଏକ କୁମ୍ଭୀର ଥିବା ଜଣାପଡ଼ିଛି। ଫଳରେ ନଦୀ କୂଳରେ ବସବାସ କରୁଥିବା ଲୋକେ ଭୟଭୀତ ହୋଇଯାଇଛନ୍ତି। କୁମ୍ଭୀର ଦେଖାଯିବା ପରଠାରୁ ଲୋକେ ନଦୀକୁ ଗାଧୋଇବାକୁ ଯିବାକୁ ଭୟ କରୁଛନ୍ତି। ଗ୍ରାମର ଦୁଲାଦେଇ ମନ୍ଦିର ସମ୍ମୁଖ ନଦୀରେ ଅକାତ କାତ ପାଣି ଥିବାରୁ ସେହି ଗଣ୍ଡରେ କୁମ୍ଭୀର ରହିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ନଦୀରେ ପାଣି ସ୍ରୋତ ଥିବାରୁ କୁମ୍ଭୀରଟି କୁଆଖାଇ ନଦୀର ତଳ ମୁଣ୍ଡର ବାଲିଅନ୍ତା ଓ ପାଣ୍ଡରା ଅଞ୍ଚଳକୁ ପଳାଇଯିବାର ସମ୍ଭାବନା ରହିଛି। ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନରେ ଆସିଥିଲେ। ଏ ସମ୍ପର୍କରେ ଫରେଷ୍ଟର ଦିଲୀପ କୁମାର ମିଶ୍ର କହିଛନ୍ତି, କୁମ୍ଭୀରଟି ମହାନଦୀର ଉପର ମୁଣ୍ଡରୁ ଖସି ଆସିଥିବାବେଳେ ନଦୀରେ ପାଣି ସ୍ରୋତ ଥିବାରୁ ସେ ପଳାଇ ଯାଇପାରେ। ଏଥିସହ ଲୋକଙ୍କୁ ନଦୀକୁ ନ ଯିବାକୁ ମାଇକ ଯୋଗେ ସଚେତନ କରାଯାଇଥିବା ମିଶ୍ର କହିଛନ୍ତି।

## ନନ୍ଦନକାନନରେ ଲକ୍ଷ୍ମୀ ପେଚା ମୃତ

ତ୍ରିଶୂଳିଆ,୫।୧୦(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଚିକିତ୍ସାଧୀନ ଥିବା ଗୋଟିଏ ଲକ୍ଷ୍ମୀ ପେଚାର ଶନିବାର ମୃତ୍ୟୁ ହୋଇଛି। ଏନେଇ ପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୃତ ପେଚାଟି ପ୍ରାଣୀ ଉଦ୍ୟାନର ଅନ୍ଧାରୀ ଘରେ ରହୁଥିଲା। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ କର୍ତ୍ତୃପକ୍ଷ ୩ ସପ୍ତାହ ହେବ ବନ୍ୟପ୍ରାଣୀ ଚିକିତ୍ସାଳୟକୁ ଆଣି କ୍ୱାରେନ୍ଟାଇନରେ ରଖି ଚିକିତ୍ସା କରୁଥିଲେ। ହେଲେ ତା' ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନ ଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ଲକ୍ଷ୍ମୀ ପେଚା ସଂଖ୍ୟା ୨କୁ ହ୍ରାସ ପାଇଛି।

## ବିଭାବନା ଶାରଦୀୟ ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ବିଭାବନା ସାହିତ୍ୟ ପରିବାର ତରଫରୁ ବିଭାବନାର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ, ପୁସ୍ତକ ଉନ୍ମୋଚନ ଓ କବିତା ଆସର ଶନିବାର ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ୟଙ୍ଗ କବି ସତ୍ୟାନାଶ, ମୁଖ୍ୟବକ୍ତା ସାହିତ୍ୟିକା ପ୍ରତିଭା ମହାରଥୀ, ସମ୍ମାନିତ ଅତିଥି ଗାଳ୍ପିକା ଜୟନ୍ତୀ ସାହୁ ଓ ନିର୍ଦ୍ଦେଶକ ଲୋକନାଥ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଡ. ବିପ୍ରବର ପଣ୍ଡାଙ୍କ ଆତ୍ମସ୍ୱର ଓ ପୁଣ୍ୟ ପ୍ରଦୀପ ମିଶ୍ରଙ୍କ ମନର ମଣିଷ ବାପୁଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କୁ ବିଭାବନା ନାଟ୍ୟକାର ସମ୍ମାନ, ଗାଳ୍ପିକ ବସନ୍ତ କୁମାର ରଥଙ୍କୁ ବିଭାବନା ଗଳ୍ପ ସମ୍ମାନ, ପ୍ରାବନ୍ଧିକ ମହିଜା ଦଳବେହେରାଙ୍କୁ ବିଭାବନା ପ୍ରବନ୍ଧ ସମ୍ମାନ, କବି ବୈକୁଣ୍ଠନାଥ ଦ୍ୱିବେଦୀଙ୍କୁ ବିଭାବନା କବିବର ସମ୍ମାନ ଓ କବି ବୈଜୟନ୍ତୀ ପଟ୍ଟନାୟକଙ୍କୁ ବିଭାବନା କବୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ମନୀଷା ନନ୍ଦ ଧନ୍ୟବାଦ ଦେଇଥିଲେ।

## ତୋରଣରେ ଝଲସିବ ରାଣୀ ପଦ୍ମାବତୀ ପ୍ୟାଲେସ

### କଟକରୋଡ୍ ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୫।୧୦(ବନ୍ଦନା ସେଠୀ)

ରାଜଧାନୀରେ ଆରମ୍ଭ ହୋଇଗଲାଣି ପାର୍ବଣର ପରିବେଶ। ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଲାଣି ପୂଜା ମଣ୍ଡପ। ମୂର୍ତ୍ତି, ମେଢ଼, ତୋରଣ କାମ ଆଗେଇ ଚାଲିଥିବାବେଳେ ଆଉ ଦିନ କେଇଟା ପରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ଝଲସି ଉଠିବ ସହର। ସିଂହ ବାହନରେ ବିରାଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ ମା' ଦଶଭୁଜା। ଭିନ୍ନ ଭିନ୍ନ ଡିଜାଇନ୍‌ର ତୋରଣ ସାଙ୍ଗକୁ ଆଖିଝଲସା ସାଜସଜ୍ଜାକୁ ନେଇ ମଣ୍ଡପଗୁଡ଼ିକ ମଧ୍ୟରେ ଚାଲିଛି ପ୍ରତିଦ୍ୱନ୍ଦ୍ୱିତା। ତେବେ ଏହି ଦୌଡରେ ଥିବା କଟକ ରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ଚଳିତ ବର୍ଷ ୪୪ତମ ପୂଜା ଅନୁଷ୍ଠିତ ହେବ। ଏହାକୁ ଆକର୍ଷଣୀୟ କରିବା ଲାଗି କେତେକ ନୂଆ ପଦକ୍ଷେପ ନିଆଯାଇଛି। ପୂଜା ପାଇଁ ୪୦ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ଏଥର ରାଜସ୍ଥାନର ଚିତ୍ତୋରଗଡ଼ ରାଜ ପ୍ରାସାଦର ରାଣୀ ପଦ୍ମାବତୀ ପ୍ୟାଲେସ୍ ସଦୃଶ ତୋରଣରେ ବିରାଜିତ ହେବେ ଦେବୀ ଦୁର୍ଗା। ହିନ୍ଦୁ, ଶିଖ୍ ଓ ମୁସ୍‌ଲିମ ସମ୍ପ୍ରଦାୟର ବହୁ ବ୍ୟବସାୟୀଙ୍କୁ ନେଇ ଗଠିତ କଟକରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ନିର୍ମିତ ହେଉଥିବା ଏହି ସୂଚନାଧର୍ମୀ ତୋରଣ ଚଳିତବର୍ଷ ମୁଖ୍ୟ ଆକର୍ଷଣ ସାଜିବ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୬ ଫୁଟ ହେବ। ସେହିପରି ପ୍ରାୟ ୮୦ଫୁଟ ଉଚ୍ଚ ଓ ୧୨୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ପଦ୍ମାବତୀ ପ୍ୟାଲେସ୍ ବଙ୍ଗୀୟ କାରିଗରଙ୍କ ଦ୍ୱାରା ନିର୍ମାଣ ଚାଲିଛି। ଏଥର ୧ କୁଇଣ୍ଟାଲ ଚାନ୍ଦିରେ ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀ ସଜେଇହେବେ। ଷଷ୍ଠୀରୁ ମା'ଙ୍କ ନିକଟରେ ଅନ୍ନଭୋଗ ଏବଂ ଦଶମୀରେ ଚରୁଅନ୍ନ ଓ ଦହିପଖାଳ ଭୋଗ ହେବ। ଷଷ୍ଠୀରେ ଭଜନ କାର୍ଯ୍ୟକ୍ରମ ଓ ସପ୍ତମୀରୁ ଦଶମୀ ମେଲୋଡି କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କୁ ସୁରକ୍ଷା ଦେବା ଲାଗି ୧୫ଟି ସିସିଟିଭି ସାଙ୍ଗକୁ ୨୦୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି।





**ବିରାଜିବେ ମା'**

### ମା', ପାର୍ଶ୍ୱ ଦେବଦେବୀ ପିନ୍ଧିବେ ୧ କୁଇଣ୍ଟାଲ ଚାନ୍ଦି ଅଳଙ୍କାର

ରୀତିନୀତି ସାଙ୍ଗକୁ ଶାନ୍ତିଶୃଙ୍ଖଳାର ସହ ପୂଜା କରାଯିବ। ମା' ଓ ପାର୍ଶ୍ୱ ଦେବଦେବୀ ୧ କୁଇଣ୍ଟାଲ ଚାନ୍ଦିର ତାରକସି ଅଳଙ୍କାରରେ ପୂଜା ପାଇବେ। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ମୁଖ୍ୟ ରାସ୍ତାରେ ପୂଜା ହେଉଥିବାରୁ ଟ୍ରାଫିକ୍ ସମସ୍ୟା ଯେପରି ନ ଉପୁଜିବ, ସେନେଇ ଦୃଷ୍ଟି ଦିଆଯିବ। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିବ।

-ବିଦ୍ୟାଧର ବରାଳ, ବରିଷ୍ଠ ସଦସ୍ୟ



### ଭାଇଚାରାରେ ପୂଜା ହେଉଛି

ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକ ବ୍ୟବସ୍ଥା ଉପରେ ସଂଘ ଗୁରୁତ୍ୱ ଦେଇଛି। ଏଥିସହ ପ୍ଲାଷ୍ଟିକ୍ ମୁକ୍ତ ପୂଜା ପାଇଁ ସମସ୍ତଙ୍କୁ ସଚେତନ କରାଯାଉଛି। ପୂଜା ପରେ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ। ସଂଘରେ ସବୁ ଧର୍ମର କର୍ମକର୍ତ୍ତା ଥିବାରୁ ଭାଇଚାରାରେ ସବୁକିଛି କାମ ହୋଇଥାଏ।

-ଦେବରାଜ ବାରିକ, ବରିଷ୍ଠ ସଦସ୍ୟ



**କନକଦୁର୍ଗାଙ୍କ ପଞ୍ଚଦିନାତ୍ମକ ପୂଜା ପ୍ରସ୍ତୁତି ବୈଠକ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ-ରଙ୍ଗେଇ ଗ୍ରାମର ମା’ କନକ ଦୁର୍ଗାଙ୍କ ଶାମ୍ୱତ୍ସରିକ ପଞ୍ଚଦିନାତ୍ମକ ପୂଜା ପାଇଁ ସିଆରିଆ ରାଧାକୃଷ୍ଣ ମଠଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଠାଧୀଶ ସଦାନନ୍ଦ ଜୀ ମହାରାଜ ଅଧକ୍ଷତା କରିଥିଲେ। ଆସନ୍ତା ୮ ତାରିଖରେ ଘଟ ସ୍ଥାପନ ସହ ବିଭିନ୍ନ ଦିନରେ ପୂଜା ଅନୁଷ୍ଠିତ ହେବ। ୧୩ ତାରିଖରେ ସାର୍ବଜନୀନ ଦଶହରା ଓ ରାତି ୯ଟାରେ ଯାତ୍ରା ପଡ଼ିଆରେ ରାବଣ ପୋଡି ଉତ୍ସବ ହେବ ବୋଲି କନକ ଦୁର୍ଗା ଓ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ କିଶୋର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ରଜନୀ ଜେନା, ଦିଲୀପ କୁମାର ଶେଠ, ବିଜୟ ସାହୁ, ବିଚିତ୍ରା ନନ୍ଦ ପ୍ରଧାନ, ସଞ୍ଜୟ କୁମାର ବେହେରା, ପ୍ରିୟବ୍ରତ ପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ରଣା ଉପସ୍ଥିତ ଥିଲେ।


ଷୋଳପୂଜା ଅବସରରେ କଟକଚଣ୍ଡୀଙ୍କ ଷୋଡ଼ଶୀ ବେଶ।


ମା’ ଗଡ଼ଚଣ୍ଡୀଙ୍କ ତାରା ବେଶ।


ମା’ ଝାଞ୍ଜିରୀ ମଙ୍ଗଳାଙ୍କ ବୈଷ୍ଣବୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ମାହେଶ୍ୱରୀ ବେଶ।


ପୀଠାପୁର ଧାକୁଲେଇଙ୍କ ବନଦୁର୍ଗା ବେଶ।


ବାଙ୍କୀ ମା’ ଚର୍ଚ୍ଚିକାଙ୍କ ଦ୍ୱାଦଶ ଦିନର ବେଶ।


ତିଗିରିଆ ବିନ୍ଧାଣିମାସ୍ଥିତ ମା’ ବୁଢ଼ୀ ମଙ୍ଗଳାଙ୍କ ମହାକାଳୀ ବେଶ।

# ପାର୍ବଣରେ ଜମିବ ଡାଣ୍ଡିଆ ନାଇଟ୍

**କଟକ,୫।୧୦(ଶିଳ୍ପା ପ୍ରିୟଦର୍ଶିନୀ): ଦଶହରାରେ ଗୁଜରାଟର ଡାଣ୍ଡିଆ ନୃତ୍ୟର ବେଶ୍ ଚାହିଦା ରହିଛି। ଦିନକୁ ଦିନ ଏହାର ଚାହିଦା ବଢୁଥିବାବେଳେ ଯୁବପିଢିଙ୍କ ସମେତ ସବୁ ବର୍ଗର ଜନସାଧାରଣ ଏଥିରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ନବରାତ୍ରରେ ଡାଣ୍ଡିଆ ନୃତ୍ୟ ଦେଖିବାକୁ ମିଳିଥାଏ। ନବରାତ୍ର ଆରମ୍ଭ ହୋଇଥିବାବେଳେ କଟକ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ୟାଲେସ, ବାରବାଟୀ ଷ୍ଟାଡିୟମ ନିକଟ ବାରବାଟୀ ପ୍ୟାଲେସ ଓ ଲିଙ୍କରୋଡ୍‌ସ୍ଥିତ ଲାୟନ୍ସ ଗାର୍ଡେନ ସମେତ ବିଭିନ୍ନ ସ୍ଥାନରେ ଡାଣ୍ଡିଆ ନାଇଟ୍ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି।**



“ବାରବାଟୀ ପ୍ୟାଲେସଠାରେ ମଧୁସ୍ମିତା ବିଶ୍ୱାଳ ଓ ସୁଜିତ କୁମାର ତରାଇ ଆସନ୍ତା ୮ ଓ ୯ ତାରିଖ ୨ ଦିନ ପାଇଁ ଡାଣ୍ଡିଆ ନାଇଟ୍ ଆୟୋଜନ କରିଛନ୍ତି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ଜଣଙ୍କ ପିଛା ୨୯୯ ଟଙ୍କା ଓ କପଲଙ୍କ ପାଇଁ ୪୯୯ ଟଙ୍କା ରଖାଯାଇଛି। ପ୍ରଥମ ସନ୍ଧ୍ୟାରେ ଓଲିଉଡ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଓ ଜେମ୍‌ସ ଅତିଥି ଭାବେ ଯୋଗଦେବେ। ଏଥିସହ କଟକର ଡିଜେ ଜ୍ୟାକ୍ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ କମେଡିଆନ ରାଜୁ ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ ଯୋଗଦେବାକୁ ଥିବାବେଳେ ଡିଜେ ତୋଶିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ଉପଲକ୍ଷେ ବିଭିନ୍ନ ଖାଦ୍ୟ ବ୍ୟବସ୍ଥା କରାଯିବ। ଏହାକୁ ଲୋକମାନେ କ୍ରୟ କରି ଖାଇପାରିବେ।

**ସୁଜିତ୍ କୁମାର ତରାଇ, ଆୟୋଜକ**



“ସିଡ଼ିଏ ସେକ୍ଟର-୬ ସ୍ଥିତ ୱିଣ୍ଡସର ପ୍ୟାଲେସଠାରେ ଲାୟନ୍ସ କ୍ଲବ୍ କଟକ ପେଟାଲ୍‌ସ ପକ୍ଷରୁ ଆସନ୍ତା ୯ ତାରିଖରେ ଡାଣ୍ଡିଆ ନାଇଟ୍ ଆୟୋଜନ କରାଯାଇଛି। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଡାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ୩୦୦ଟଙ୍କା ଲେଖାଏ ରହିଛି। ଏଥିରେ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଅନିଷା ଶର୍ମା ଓ ଅଭିନେତା ଶୁଭାଶିଷ ଶର୍ମା ଯୋଗଦେବେ। ଏଥିସହ ମୁମ୍ବାଇର ଡିଜେ ସିରିନ୍‌ଙ୍କ ସଙ୍ଗୀତରେ ଲୋକେ ଝୁମିବା ସହିତ ରାଜସ୍ଥାନର ଲୋକନୃତ୍ୟ ଶିଳ୍ପୀ ମୁଖ୍ୟ ଆକର୍ଷଣ ସାଜିବେ। ଏଥିସହ ଢ଼ୋଲ ବ୍ୟବସ୍ଥା କରାଯାଇଛି। ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ୟୁଥ୍ ଇନ୍ସ୍ପିରେସନ୍ ପୁରସ୍କାର ଦିଆଯିବ।

**ରିଙ୍କି ଅଗ୍ରୱାଲ, ଆୟୋଜକ**



“ଲିଙ୍କରୋଡ୍‌ସ୍ଥିତ ଲାୟନ୍ସ ଗାର୍ଡେନଠାରେ ମଧୁସ୍ମିତା ପାତ୍ର ଡାଣ୍ଡିଆ ନାଇଟ୍ ଆୟୋଜନ କରିଛନ୍ତି। ଆସନ୍ତା ୯ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଟକ ଡିସିପି ଜଗମୋହନ ମୀନା ଓ ବାଦାମବାଡି ଥାନା ଅଧିକାରୀ ଅଜୟ ରାଉଳ ଅତିଥି ଭାବେ ଯୋଗଦେବେ। ଡାଣ୍ଡିଆ ନାଇଟ୍‌ର ପ୍ରବେଶ ଦେୟ ୩୫୦ଟଙ୍କା ଲେଖାଏ ରହିଛି। ଏଥିରେ ଓଲିଉଡ୍ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ, କମେଡିଆନ୍ ପ୍ରଜ୍ଞା ରଞ୍ଜନ ଖଟୁଆ ଓ ଶଙ୍କର ଯୋଗଦେବେ। ଏହାସହ ଭୁବନେଶ୍ୱରର ଡିଜେ ରିକ୍ସ ଓ ସତ୍ୟଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିବେ ଦର୍ଶକ। ଆଙ୍କର ଶୁଭମ୍ କାର୍ଯ୍ୟକ୍ରମ ପରିଚାଳନା କରିବେ।

**ମଧୁସ୍ମିତା ପାତ୍ର, ଆୟୋଜକ**

# ‘ଶୀଘ୍ର ଚିହ୍ନଟ ହେଲେ କର୍କଟ ଆରୋଗ୍ୟସାଧ’




**କଟକ,୫।୧୦(କାର୍ତ୍ତିକ ସାହୁ)**

କଟକ ମିଡ୍‌ଟାଉନ୍ ରୋଟାରୀ କ୍ଲବ ପକ୍ଷରୁ କର୍କଟ ରୋଗର କାରଣ ଓ ପ୍ରତିକାର ବ୍ୟବସ୍ଥା ସମ୍ପର୍କିତ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା ଯୋଗଦେଇ ଶୀଘ୍ର ଚିହ୍ନଟ ହେଲେ କର୍କଟ ରୋଗ ଆରୋଗ୍ୟସାଧ ବୋଲି କହିଥିଲେ। ଉପାଧ୍ୟକ୍ଷ ଅରୁଣ ଦାଶ, ରବିନାରାୟଣ ସ୍ୱାଇଁ ଓ ମେଜର ନନ୍ଦକିଶୋର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ବିଭୂତି ଭୂଷଣ ରାଉତ ବିବରଣୀ ପାଠ ଓ ଶୁଭ୍ରାଂଶୁ ସାମନ୍ତରାୟ ଅତିଥି ପରିଚୟ ଦେଇଥିଲେ। ଡା. ପ୍ରଭାତ ମିଶ୍ର କର୍କଟ ରୋଗ ଉପଶମ ବିଷୟରେ କହିଥିଲେ। ଅନ୍ୟତମ ଉପାଧ୍ୟକ୍ଷ ଶୈଳେନ୍ଦ୍ର ନାରାୟଣ ଠାକୁର ଧନ୍ୟବାଦ ଦେଇଥିଲେ।

# ବ୍ୟକ୍ତିଙ୍କଠାରୁ ୩୦ ହଜାର ଲୁଟ୍

**କଟକ,୫।୧୦(କାର୍ତ୍ତିକ ସାହୁ)**

ବାଦାମବାଡି ଥାନା ଅଧୀନ ପାଲାମଣ୍ଡପ ନିକଟରେ ଶନିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କଠାରୁ ୩୦ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଲୁଟ୍ ହୋଇଛି। ଲୁଟ୍‌ର ଶୀକାର ହୋଇଥିବା ବ୍ୟକ୍ତି ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟକ୍ତି ଜଣଙ୍କ ଚାଲି ଚାଲି ପାଲାମଣ୍ଡପ ନିକଟରେ ଥିବା ଏକ ଡ୍ରେସ୍ ଶୋ’ ରୁମ୍‌କୁ ଆସୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ପଛରୁ ଆସି ତାଙ୍କୁ ଅଟକାଇଥିଲେ। ବ୍ୟକ୍ତି ଜଣଙ୍କ ଏଭଳି ଅଟକାଇବାର କାରଣ ପଚାରିବା ପୂର୍ବରୁ ସେମାନେ ତାଙ୍କ ପାଖରୁ ୩୦ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ବ୍ୟକ୍ତି ଜଣଙ୍କ ପାଟି କରିବାରୁ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। କେତେକ ଅଟୋଚାଳକ ସମ୍ପୃକ୍ତ ଲୁଟେରାଙ୍କ ପିଛା କରିଥିଲେ ମଧ୍ୟ କାବୁ କରିବାରେ ବିଫଳ ହୋଇଥିଲେ। ପୋଲିସ ଉକ୍ତ ଡ୍ରେସ୍ ଶୋ’ରୁମ୍ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତି ଲୁଟ୍ କରିବା ସଂକ୍ରାନ୍ତରେ ଜଣାପଡୁଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଚିହ୍ନଟ କରିପାରିନାହିଁ।

# ଆଇନଜୀବୀ ବିଦ୍ୟାଧର ପ୍ରଧାନଙ୍କ ପରଲୋକ

**କଟକ, ୫।୧୦ (କାର୍ତ୍ତିକ ସାହୁ)**

ହାଇକୋର୍ଟ ବାର୍ ଆସୋସିଏଶନ୍ ସଦସ୍ୟ ତଥା ଆଇନଜୀବୀ ବିଦ୍ୟାଧର ପ୍ରଧାନ(୬୨)ଙ୍କ ଶନିବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବରପାଇ ଓଡ଼ିଶା ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ, ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତ୍ରିଶୁଳିଆସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ହାଇକୋର୍ଟ ବାର୍ ଆସୋସିଏଶନ ସମେତ ଅନ୍ୟ ବାର୍‌ର ଆଇନଜୀବୀ ଶୋକପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଧର ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସମ୍ପାଦକ ଓ ଉପ ସଭାପତି ଭାବେ ନିର୍ବାଚିତ ହୋଇ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଏଥିସହ ସେ ବିଭିନ୍ନ ପୂଜା କମିଟି ଓ ଅନୁଷ୍ଠାନ ସହ ଜଡିତ ଥିଲେ।

# ଭସାଣିରେ ପାରମ୍ପରିକ ବାଦ୍ୟ ବନ୍ଦ ନ କରିବାକୁ ଦାବି


ବୈଠକରେ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ।

**କଟକ,୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକ ସାରଳା ଭବନରେ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭସାଣିରେ ରାତି ୧୨ଟା ପରେ ପାରମ୍ପରିକ ବାଦ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିବା ପରେ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ଏହାକୁ ବିରୋଧ କରିଥିଲେ। ବିନା ବାଦ୍ୟରେ ମା’ଙ୍କୁ ବିସର୍ଜନ ପାଇଁ ନେବା ପରମ୍ପରା ବିରୁଦ୍ଧ ଏବଂ ଠାକୁର ଓ ଠାକୁରାଣୀଙ୍କ ପ୍ରତି ଅପମାନ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପାରମ୍ପରିକ ବାଦ୍ୟ ବନ୍ଦ ନ କରିବା ପାଇଁ ଶତାଧିକ କମିଟି କର୍ମକର୍ତ୍ତା ଦାବି କରିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଆଲୋଚନା ହେବା ପରେ ଶେଷରେ ପୋଲିସ ପକ୍ଷରୁ ପୂଜା କମିଟିର ଦାବିକୁ ସମ୍ମତି ଦିଆଯାଇଥିଲା। ହେଲେ ଖୁବ୍ ଜୋରରେ ଶବ୍ଦ କରୁଥିବା ବାଦ୍ୟ ରାତି ୧୨ଟା ପରେ ନ ବଜାଇବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ହାଲ୍‌କା ଶବ୍ଦ ବା ଘଣ୍ଟ ବଜାଇ ରାତି ୧୨ଟା ପରେ ମା’ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ପୋଲିସ ପକ୍ଷରୁ ଅନୁମତି ମିଳିବ ବୋଲି ବୈଠକରୁ ଜଣାପଡିଛି। ହାଇକୋର୍ଟଙ୍କ ନିୟମ ମାନି ଓ ପରମ୍ପରାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରାଯିବାକୁ ନେଇ ପୋଲିସ ପକ୍ଷରୁ କୁହାଯାଇଛି।

ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ସମ୍ପର୍କରେ ଏସିପି କୃଷ୍ଣଚନ୍ଦ୍ର ସେଠୀ ଅବଗତ କରାଇଥିଲେ। ଏହି ବୈଠକରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, କଟକ ଡିସିପି ଜଗମୋହନ ମୀନା, ଏସିପି ଅରୁଣ ସ୍ୱାଇଁ, ଏଡିସିପି ଦେବଦତ୍ତ କର, ତରୁଣ ଦାସଙ୍କ ସମେତ ସମସ୍ତ ଏସିପି, ସମସ୍ତ ଥାନା ଅଧିକାରୀ ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ମଙ୍ଗୁଳି-ଜଗତପୁର,୫।୧୦(ମାନସ ସାମଲ)**

ଟାଙ୍ଗୀ ଥାନା ଅଧୀନ ୪ଟି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଜନ୍ମେଜୟ ଖିଲାରଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କୋଟସାହି, ଉଚ୍ଚପଦା, ଜରିପଡା, ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ବିଜେଡିର ବିକାଶ ବାର୍ତ୍ତା ଲୋକଙ୍କୁ ଜଣାଇଥିଲେ। ବାବାଜୀ ଚରଣ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ବିଜେଡି ସମ୍ପାଦକ ସୁକୁମାର ମହାରଣା, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଙ୍ଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ତପସ୍ୱୀ ସାହୁ, ବିଜେଡି ବ୍ଲକ ସଭାପତି ଧୀରେନ୍ଦ୍ର ଜେଠୀ ପ୍ରମୁଖଙ୍କ ପଦଯାତ୍ରା ପରିଚାଳନା କରିଥିବାବେଳେ ଏଥିରେ ଶତାଧିକ କର୍ମୀ ସାମିଲ ଥିଲେ।

# ରିଟେଲରଙ୍କ କମିଶନ ଅର୍ଥ କେନ୍ଦ୍ରକୁ ଫେରିଗଲା

**କଟକ ସଦର,୫।୧୦(ସୁଶାନ୍ତ କୁମାର ଜେନା)**

ଦଶହରା ଆସିଯାଇଥିଲେ ସୁଦ୍ଧା କଟକ ସଦର ବ୍ଲକ ଅଞ୍ଚଳର ଅନେକ ରିଟେଲର ସେମାନଙ୍କ କମିଶନ (ମାର୍ଜିନ ମନି) ପାଇନାହାନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ କେନ୍ଦ୍ର ସରକାର ରିଟେଲରମାନଙ୍କୁ କିଲୋ ପିଛା ୧ଟଙ୍କା କମିଶନ ଦେଇଥାନ୍ତି। ଏହି ଅର୍ଥ ରାଜ୍ୟ ଯୋଗାଣ ବିଭାଗ ଜରିଆରେ ଜିଲାପାଳଙ୍କ ଅଫିସ୍‌କୁ ଆସେ। ଜିଲା ଯୋଗାଣ ଅଧିକାରୀ ଏହି ଅର୍ଥକୁ ରିଟେଲରଙ୍କ ଆକାଉଣ୍ଟରେ ଜମା କରିବା କଥା। ମାତ୍ର ଏତିକି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇ ନ ପାରିବାରୁ କମିଶନ ଅର୍ଥ କେନ୍ଦ୍ର ସରକାରଙ୍କ ନିକଟକୁ ଫେରିଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ରିଟେଲର ପଏଣ୍ଟରେ ଅଦ୍ୟାବଧି ବୈଦ୍ୟୁତିକ ଓଜନଯନ୍ତ୍ର ପହଞ୍ଚି ପାରିନାହିଁ। ଫଳରେ ଅକ୍ଟୋବର ମାସର ଚାଉଳ କୋଟା କାର୍ଡଧାରୀଙ୍କୁ ବଣ୍ଟନ କରାଯାଇପାରୁନାହିଁ। ରିଟେଲର ପଏଣ୍ଟରେ ୩ ମାସର ଚାଉଳ ଗଦା ହୋଇରହିଛି। କିନ୍ତୁ କେହି କୋଟା ଉଠାଇ ପାରୁ ନ ଥିବା ଜିଲା ଯୋଗାଣ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଶେଷଥର ପାଇଁ ଜୁଲାଇରେ ଚାଉଳ ବଣ୍ଟନ କରାଯାଇଥିଲା। ଏନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି, ରିଟେଲରମାନେ ବିଲ୍ ଦାଖଲ କରି ନ ଥିବାରୁ ସେମାନଙ୍କର କମିଶନ ଅର୍ଥ ଫେରିଗଲା। ଆସନ୍ତା ୨/୩ ଦିନ ମଧ୍ୟରେ ଓଜନ ଯନ୍ତ୍ର ସବୁ ରିଟେଲରଙ୍କ ପାଖରେ ପହଞ୍ଚାଇ ଦିଆଯିବ ବୋଲି ସେ କହିଛନ୍ତି।


କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଶନିବାର ଶ୍ରଦ୍ଧାଞ୍ଜଳି କ୍ଲବ ପକ୍ଷରୁ ମଞ୍ଚସ୍ଥ ନାଟକ ‘ବାଜି ରାଉତ’ର ଏକ ଦୃଶ୍ୟ।

# ମହାଷ୍ଟମୀରେ ୬ କୁଇଣ୍ଟାଲ ଲଡୁ ଭୋଗ ବଣ୍ଟାଯିବ

**କଟକ,୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**



**ଷ୍ଟେଶନ ବଜାର ପୂଜା କମିଟି**

ପାର୍ବଣ ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ଷ୍ଟେଶନ ବଜାର ପୂଜା କମିଟି। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୮ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ୧୯୨୮ ମସିହାରେ ପ୍ରଥମେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ୧୯୯୯ ମସିହାରୁ ମହାଦେବଙ୍କ ପୂଜା କରାଯାଉଛି। ପୌରାଣିକ ବିଷୟ ବସ୍ତୁ ନେଇ ଏଠାରେ ପୂଜା କରାଯାଏ। ଚଳିତବର୍ଷ ଶିବ ପୁରାଣର ଦୁଷଣ ବଧ ଉପାଖ୍ୟାନ ଆଧାରରେ ପ୍ରତିମା ପୂଜା ପାଇବେ। ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ମହାଦେବଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ରାଜେନ୍ଦ୍ର ମୁଦୁଲି ନିୟୋଜିତ ହୋଇଛନ୍ତି। ସେହିପରି ୧୮ଫୁଟ୍ ଉଚ୍ଚତା ବିଶିଷ୍ଟ ବୁଲେନ ଧଳା ମେଢ଼ ନିର୍ମାଣ କରାଯାଉଛି। ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଜାରି ରହିଥିବାରୁ କମିଟି ପକ୍ଷରୁ ତୋରଣ କିମ୍ବା ଲାଇଟ୍ ଗେଟ୍ କରାଯିବନାହିଁ। ମହାଷ୍ଟମୀରେ ମହାଦେବଙ୍କ ନିକଟରେ ୬ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଏକାଦଶୀରେ ମେଲାଣି ଦିଆଯିବ। ଭସାଣି ଶୋଭାଯାତ୍ରାରେ ସାରଦା ମ୍ୟୁଜିକାଲ ବ୍ୟାଣ୍ଡ୍ ପାର୍ଟି, ପୁରୀର ଘଣ୍ଟବାଦ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ ପରିବେଷଣ ସହ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଆକର୍ଷଣ ସାଜିବ।

**ପଲିଥିନ ମୁକ୍ତପୂଜାକୁ ଗୁରୁତ୍ୱ**



“ଚଳିତବର୍ଷ କମିଟି ପକ୍ଷରୁ ନିଶାମୁକ୍ତ ରୋଶଣି ଓ ଡିଜେମୁକ୍ତ ଭସାଣି କରାଯିବ। ଏଥିସହ ପଲିଥିନ ମୁକ୍ତ ପୂଜାକୁ ଗୁରୁତ୍ୱ ଦିଆଯିବ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ପକ୍ଷରୁ ପଦକ୍ଷେପ ନିଆଯିବ।

**ପୁଣ୍ୟଶ୍ଳୋକ ଦାସ, ସଭାପତି**

**ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା**



“ପ୍ରତିବର୍ଷ ନବମୀ ଓ ଦଶମୀରେ ପୂଜା କମିଟି ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଏ। ଚଳିତବର୍ଷ ମଧ୍ୟ ଏହି କାର୍ଯ୍ୟ କରାଯିବ। ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଯୋଗୁ ତୋରଣ, ଲାଇଟ ଗେଟ୍ କରା ନ ଯାଇ କେବଳ ଅଞ୍ଚଳକୁ ସଜାଯିବ।

**ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ**

## ସଂକ୍ଷେପରେ

### ଚନ୍ଦ୍ରଘଣ୍ଟା ବେଶରେ ମା'ବନଦୁର୍ଗା



ନିରାକାରପୁର,୫।୧୦(ମାନସ ଚନ୍ଦ୍ର ପଟ୍ଟନାୟକ): ନବରାତ୍ରର ତୃତୀୟ ଦିବସରେ ଶନିବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପାଟ୍ଟଯୋଶୀ ସହଯୋଗ କରିଥିଲେ। ଡ.ଧରଣୀଧର ପାଣ୍ଡବ, ଡ.ଶୋଭା ଦାସ, ସାମାଜିକ କର୍ମୀ ଶିବଶଙ୍କର ନାୟକ, ଅବିନାଶ ସାହୁ, ଶୁଭମ ଦାଶଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହିଦିବ୍ୟବେଶ ଦର୍ଶନ କରିଥିଲେ।

### ବରିଷ୍ଠ କିରାଣି ପ୍ରକାଶ ଚନ୍ଦ୍ରଙ୍କ ବିୟୋଗରେ ଶୋକ

କୃଷ୍ଣପ୍ରସାଦ,୫।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ): ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବରିଷ୍ଠ କିରାଣି ପ୍ରକାଶ ଚନ୍ଦ୍ର ଗୌଡ଼ଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ତାଙ୍କ ଘର କୃଷ୍ଣପ୍ରସାଦ ବ୍ଲକ ଅଧୀନ ବଜ୍ରକୋଟ ପଞ୍ଚାୟତର ଉଦୟଗିରି ଗ୍ରାମରେ। ସେ କନ୍ଦାଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିରାଣିଭାବେ ଦୀର୍ଘ ୨୫ ବର୍ଷ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ କନ୍ଦାଖାଇ ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ରାଜ କିଶୋର ସାମନ୍ତରାୟ, ଅଧ୍ୟାପକ ମଧୁସୂଦନ ସାହୁ,ଦିନେଶ ରଥ, ରମେଶ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା ସ୍ମିତା ମହାରଣା, ଦିଲୀପ ଦଳାଇ, ରମାନାଥ ପ୍ରଧାନ, ସୁକାନ୍ତ ଜେନାଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଟାଙ୍ଗୀ,୫।୧୦(ରଘୁନାଥ ସାହୁ): ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜର ପରିବେଶକୁ ସ୍ୱଚ୍ଛ ରଖିବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ଶିକ୍ଷାକେନ୍ଦ୍ରର ସ୍କାଉଟ୍ ଗାଇଡ୍, ରେଡକ୍ରସ ୟୁନିଟର ସମସ୍ତ ଛାତ୍ରୀଛାତ୍ର ଚିଲିକା ଛକ ସ୍ଥିତ ଦୁର୍ଗା ମଣ୍ଡପର ଚତୁଃପାର୍ଶ୍ୱ ପରିବେଶ ସ୍ୱଚ୍ଛ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ମହାରଣା, ସନ୍ତୋଷୀ ବେହେରା, ଶୁଭଶ୍ରୀ ସାହୁ, ରୋମ୍ୟା ସାହୁ, ଜ୍ୟୋତି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉମାକାନ୍ତ ରାଉତ, ପ୍ରମୋଦ ମହାପାତ୍ର, ଅନୀଲ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବେଗୁନିଆ,୫।୧୦(ସନ୍ଧ୍ୟାରାଣୀ ମିଶ୍ର): ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗଅଁପୁର ଗ୍ରାମସ୍ଥିତ ବଜାର ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଜେଡିର ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ସରପଞ୍ଚ ହାଡୁ ବନ୍ଧୁ ମହାପାତ୍ର, ସତ୍ୟ ନାରାୟଣ ପ୍ରଧାନ, ଅସିତ ତ୍ରିପାଠୀ, ମାନସ ରଞ୍ଜନ ବିଶ୍ୱାଳ, ଲତା ସେଠୀ, ରଞ୍ଜିତା ମହାଭୋଇ, ଲାବଣ୍ୟ ଜୟସିଂହ, ଆରତ ମାଝୀ, ପ୍ରମୋଦ ଦଳେଇ, ଲୀଲା ସାଇଁ, ଭଗବାନ ପଣ୍ଡା, ଶ୍ରୀଧର ମହାନ୍ତି ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ବିରୋଧରେ ବର୍ଷିଥିଲେ। ବିଜେଡି ବିରୋଧୀ ଦଳରେ ରହି ଲୋକମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇବ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା।

# ନିଯୁକ୍ତି ସତ୍ତ୍ୱେ କାର୍ଯ୍ୟରେ ଯୋଗଦେଉନାହାନ୍ତି ଡାକ୍ତର

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଡେଭଲପମେଣ୍ଟ କୋଅର୍ଡିନେଶନ ଆଣ୍ଡ ମନିଟରିଂ କମିଟି (ଦିଶା) ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏମ୍‌ପି ଜିଲା ଯୋଜନା କମିଟି(ଡିପିଏମୟୁ) ଅଧିକାରୀଙ୍କୁ ସାଂସଦ ପାଣ୍ଠିର ବିନିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଆସନ୍ତା ୨୫ତାରିଖ ସୁଦ୍ଧା ଅବଶିଷ୍ଟ ଅନୁଦାନ ଟଙ୍କା ଖର୍ଚ୍ଚର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲା ମେଗା ୱାଟର ସପ୍ଲାଏ ବାଲିଅନ୍ତା ବ୍ଲକରେ ଆରମ୍ଭ ହୋଇଛି। ବୋଲଗଡ଼ ଓ ବେଗୁନିଆ ବ୍ଲକରେ ବିଦ୍ୟୁତ୍ ଖୁଣ୍ଟ ଚୋରି ହୋଇଯିବା ଯୋଗୁ ଜଳଯୋଗାଣରେ ବାଧା ସୃଷ୍ଟି ହୋଇଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଆସନ୍ତା ୨୬ ତାରିଖରେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ଏମ୍‌ପି କହିଥିଲେ। ୱାଟର ଶେଡ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ହିତାଧିକାରୀଙ୍କ ଆବେଦନ ଗ୍ରହଣ କରାଯାଇଛି। ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପରେ ସର୍ଭେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସହରାଞ୍ଚଳ ପାଇଁ ଟାର୍ଗେଟ ୧୨୬୬ ରହିଥିବା ବେଳେ ୯୯୮ଟି ଆବାସ ଯୋଜନା କାମ ସମ୍ପୂର୍ଣ୍ଣ ହୋଇଛି, ୨୬୮ଟି ବାକି ରହିଛି। ଖୋର୍ଦ୍ଧା ଜିଲାରେ ଚେକ୍ ଡ୍ୟାମ୍ ସ୍ଥିତି ସମ୍ପର୍କରେ ନିର୍ବାହୀଯନ୍ତ୍ରୀ କହିଥିଲେ, ହଳଦୀମାଳ ଚେକଡ୍ୟାମ ସମ୍ପୂର୍ଣ୍ଣ ହୋଇଛି। ବାଣପୁରର ୨ଟି, ବେଗୁନିଆ ବ୍ଲକର ଗୋଟିଏ ଚେକ୍ ଡ୍ୟାମ୍ ଅତ୍ରି ଠାରେ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୨୩ ତାରିଖରେ ଏମ୍‌ପି ଅତ୍ରି ପରିଦର୍ଶନ କରିବେ ବୋଲି କହିଥିଲେ। ପିଏମ୍‌ଜିଏସ୍‌ୱାଇ-୧ ଗ୍ରାମ୍ୟସଡ଼କ ସମସ୍ତ କାମ ଶେଷ ହୋଇଛି। ପିଏମଜିଏସ୍‌ୱାଇ-୩ ଏବଂ ୪ କାମ ଚାଲିଛି। ଏହାକୁ ତ୍ୱରାନ୍ୱିତ ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। ବାଣପୁର, ଟାଙ୍ଗୀ ଓ ଚିଲିକାରେ ଡାକ୍ତର ଡେପୁଟେଶନରେ ନିଯୁକ୍ତି ଦିଆଯାଇଥିବା ବେଳେ କେହି ସେଠାରେ କାର୍ଯ୍ୟରେ ଯୋଗଦେଇନଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଉପରେ ଏମ୍‌ପି ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ଡାକ୍ତରୀ ପଦବୀ ତାଲିକା ପ୍ରଦାନ କରିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓରମାସ ପ୍ରଦର୍ଶନୀ ମେଳା, ଜୈବ ସାର ପ୍ରସ୍ତୁତି ପ୍ରଚାର ପାଇଁ ଆର୍ଥିକ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜାତୀୟ ରାଜପଥ କାର୍ଯ୍ୟକୁ ତ୍ୱରାନ୍ୱିତ ସହ ୨୦୨୫ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରିବାକୁ କହିଥିଲେ। ରାଜୁଆ ଡାଇଭର୍ସନ ପ୍ରୋଜେକ୍ଟ, ଏକାମ୍ର ପ୍ରୋଜେକ୍ଟ, ଉଗ୍ରତାରା ମନ୍ଦିର ପ୍ରୋଜେକ୍ଟ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୋର୍ଦ୍ଧା ପୌର ପରିଷଦରେ ନିର୍ମାଣ ଚାଲିଥିବା ୨୧୦ଟି ଭେଣ୍ଡିଂ ନଭେମ୍ବର ୧୨ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅବଶିଷ୍ଟ ଭେଣ୍ଡିଂ କାମ ତ୍ୱରାନ୍ୱିତ କରାଗଲେ, ଟ୍ରାଫିକ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଥିଲେ। କୃଷି ଏବଂ ଉଦ୍ୟାନ ବିଭାଗ ଉପରେ ଆଲୋଚନା ହୋଇଥିଲା। ବାଲିଅନ୍ତା ବ୍ଲକରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିବାକୁ ବିଧାୟକ ନବ କିଶୋର ମଲିକ ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଗୋଶାଳା ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ନବକିଶୋର ମଲିକ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ।

- ଦିଶା ବୈଠକରେ ଏମ୍‌ପିଙ୍କ ଅସନ୍ତୋଷ
- ସହରାଞ୍ଚଳରେ ୯୯୮ ଆବାସ ଗୃହ ନିର୍ମାଣ ସରିଛି
- ବିଦ୍ୟୁତ୍ ଖୁଣ୍ଟ ଚୋରି ଯୋଗୁ ଜଳଯୋଗାଣ ବାଧାପ୍ରାପ୍ତ

### ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୫।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଦୁର୍ଗା କମିଟିର ସହଯୋଗରେ ଦଶହରା ଉପଲକ୍ଷେ ହରପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଚାରିଦିନ ଧରି ୭୩ ତମ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆସନ୍ତା ୯ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖରେ ଉଦ୍‌ଯାପିତ ହେବ। ଏନେଇ ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟ, ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତପ୍ରକାଶ କରିଥିଲେ। ଏଥିରେ ଭୁବନେଶ୍ୱର ନିଜିଗଡ଼ କିଶୋର କ୍ଲବ, ଗୋଡ଼ା ରାଇମୂଳ କପିଳେଶ୍ୱର ଦେବ କଳାକେନ୍ଦ୍ର, ପଟନିବର ମା'ବାଉତି ଯୁବ ନାଟ୍ୟ ସଂସଦ ଓ ଭୁବନେଶ୍ୱର ଉତ୍କଳ ନାଟ୍ୟ ଚେତନା ଆଦି ନାଟ୍ୟାନୁଷ୍ଠାନ ଯୋଗଦେଇ ନାଟକ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ଉଦ୍‌ଯାପନ ଉତ୍ସବରେ ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେବା ସହ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନୁଷ୍ଠାନକୁ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## 'ଯୁବପିଢ଼ି ପ୍ରାଣନାଥଙ୍କ ନୀତି, ଆଦର୍ଶ ଅନୁସରଣ କର'



ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ମୃତି ସଂସଦ ଆନୁକୂଲ୍ୟରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୪ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ଛକ ସ୍ଥିତ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପ୍ରାଣନାଥ ସ୍ମୃତି ସଂସଦର ସମ୍ପାଦକ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ ଚାନ୍ସେଲର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାସ, ପ୍ରାଧ୍ୟପକ ଗୋପାଳ କୃଷ୍ଣ ଦାସ, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର, ମିହିର ପଟ୍ଟନାୟକ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ପ୍ରଦୀପ କୁମାର ବେହେରା, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପ୍ରାଣନାଥ ଓଡ଼ିଶାର ଜଣେ ଅଗ୍ରଗାମୀ ସଂଗ୍ରାମୀ ଓ ପ୍ରଗତିଶୀଳ ଲେଖକ ଥିଲେ। ସେ ଦୁଇଟି ହାଇସ୍କୁଲ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଆଜିର ଯୁବପିଢ଼ି ପ୍ରାଣନାଥଙ୍କ ନୀତି, ଆଦର୍ଶ ଅନୁସରଣ କରିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଏନ୍‌ସିସି ଛାତ୍ରମାନେ ଉପସ୍ଥିତ ଥିଲେ।

### ମୋରମ ବୋଝେଇ ହାଇୱା ଜବତ, ଡ୍ରାଇଭର ଗିରଫ

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ଆଦର୍ଶ ଥାନା ପୋଲିସ ପାନବରଜ ନିକଟରେ ଶନିବାର ଚଢ଼ାଉ କରି ଏକ ମୋରମ ବୋଝେଇ ହାଇୱା (ଓଡି ୦୨ସିଆର୍ ୨୪୨୯) ଜବତ କରିଛି। ଏହି ଘଟଣାରେ ପୋଲିସ ଗାଡିର ଡ୍ରାଇଭର ବେଗୁନିଆ ଥାନା ସାମନ୍ତରାପୁରର ପ୍ରକାଶ ପଟ୍ଟନାୟକ (୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୭୨/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ଏକ ମୋରମ ବୋଝଇ ହାଇୱା ସକାଳେ ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଏହି ସମୟରେ ପୋଲିସ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ ବେଳେ ବେଆଇନ ମୋରମ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏହା ପରେ ପୋଲିସ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା।

### ବ୍ରଜ କିଶୋରଙ୍କ ସ୍ମୃତିଚାରଣ

ଟାଙ୍ଗୀ,୫।୧୦(ରଘୁନାଥ ସାହୁ)

ଟାଙ୍ଗୀ ତଳସାହି ବାସିନ୍ଦା ତଥା ଚଣ୍ଡୀ ମନ୍ଦିର କମିଟି ସଭାପତି ବ୍ରଜ କିଶୋର ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ଭାସ୍କର ପ୍ରସାଦ ମହାନ୍ତି, ଖବରଦାତା ରଘୁନାଥ ସାହୁ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୋରେନ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ଅମରେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାହି କମିଟିର ସମସ୍ତ ସଦସ୍ୟ, ପରିବାରଲୋକେ ଉପସ୍ଥିତ ଥିଲେ। ନରେନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ମା' ଉଗ୍ରତାରାଙ୍କ ହୁଣ୍ଡିରୁ ୬.୨୪ ଲକ୍ଷ ମିଳିଲା



ଟାଙ୍ଗୀ,୫।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାନରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ମୂଳିଝରଗଡ଼ସ୍ଥିତ ମା'ଉଗ୍ରତାରାଙ୍କ ହୁଣ୍ଡି ଶନିବାର ତହସିଲଦାର ମିତାଲି ପାତ୍ରଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ଏଥିରୁ ୬ଲକ୍ଷ ୨୪ହଜାର ୩୦୦ଟଙ୍କା ଏବଂ ୬ ଗ୍ରାମ ସୁନା ମିଳିଥିବା ଜଣାପଡିଛି। ହୁଣ୍ଡିରୁ ସଂଗୃହୀତ ଟଙ୍କାକୁ ନିକଟ ସିଙ୍ଗିପୁର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଜମା କରାଯାଇଛି। ତହସିଲ, ବ୍ଲକ କର୍ମଚାରୀ, ସାନରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ, ଭୂଷଣ୍ଡପୁର ରାଜସ୍ୱ ନୀରିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିନୋଦ କୁମାର ପରିଡ଼ା, ମନ୍ଦିର ଟ୍ରଷ୍ଟି କୁମର ପ୍ରଧାନ, ନିତ୍ୟାନନ୍ଦ ବେହେରା, ଭୋଳାନାଥ ଶତପଥୀ, ସାନରାଉତପଡ଼ା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହା ପୂର୍ବରୁ ଗତ ଜୁନ ୧୦ତାରିଖରେ ମଧ୍ୟ ଏହି ହୁଣ୍ଡି ଖୋଲାଯାଇଥିଲା।

### ମୁଗୁନି ପଥର ବୋଝେଇ ୨ ଗାଡ଼ି ଜବତ, ୨ ଗିରଫ

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ପୋଲିସ ୧୬ନମ୍ବର ଜାତୀୟ ରାଜପଥର ଓସିସି ଛକ ନିକଟରେ ଶନିବାର ଚଢ଼ାଉ କରି ଦୁଇଟି ବେଆଇନ ମୁଗୁନି ପଥର ବୋଝେଇ ଗାଡ଼ି ଜବତ କରିବା ସହ ୨ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ବାଲେଶ୍ୱରର ଗଣେଶ ସିଂ(୩୩) ଏବଂ ବୋଲଗଡ଼ କାଦୁଆପଡାର ହେମନ୍ତ ପ୍ରଧାନ (୪୦)। ପୋଲିସ ସୂଚନା ମୁତାବକ, କାଲୁଡୁଆ ପାହାଡ଼ରୁ ଗାଡ଼ିରେ ପଥର ବୋଝେଇ ହୋଇ ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଓସିସି ଛକଠାରେ ଦୁଇଟି ଗାଡ଼ି (ଓଆର୍ ୧୬ବି ୦୩୪୭ ଏବଂ ଓଡି୦୨ଡବ୍ଲ୍ୟୁ ୨୩୨୫)କୁ ପୋଲିସ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଏହି ସମୟରେ ଗାଡ଼ି ଚାଳକମାନେ ଠିକ କାଗଜପତ୍ର ଦେଖାଇପାରିନଥିଲେ। ଏହା ପରେ ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହ ଦୁଇଟିପୃଥକମାମଲାରେ ୨ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ପଲିଥିନରେ ଭୋଗ ସାମଗ୍ରୀ ଆଣିବା ମନା

ବେଗୁନିଆ,୫।୧୦(ହର ପ୍ରସନ୍ନ ପଣ୍ଡା)

**ସଜେଇ ହେଉଛି ପୂଜାମଣ୍ଡପ**

ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ତେବେ ବିଭିନ୍ନ ବ୍ୟବସାୟୀ ସଂଘ ଓ କ୍ଲବ ପକ୍ଷରୁ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ଏହି ପରିପ୍ରେକ୍ଷୀରେ ବେଗୁନିଆ ବ୍ଲକର ପ୍ରମୁଖ ବେଗୁନିଆ ମା' ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ୭୬ତମ ପୂଜା ପାଳନ ଅବସରରେ ଦର୍ଶକଙ୍କ ପାଇଁ ୧୧ତାରିଖରୁ ୪ ରାତି ପାଇଁ ଯାତ୍ରା ପାର୍ଟି ବ୍ୟବସ୍ଥା କରାଯାଇଛି। ୧୫ ଫୁଟ ଉଚ୍ଚତାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଛନ୍ତି କୋଲକାତାର ଶିଳ୍ପୀ ଶଙ୍କର ଦାଦା। ଚଳିତ ବର୍ଷ ସୁନ୍ଦର ତୋରଣ ଏବଂ ଏଲ୍‌ଇଡି ଲାଇଟ୍ ସାଜସଜ୍ଜା ବ୍ୟବସ୍ଥା ହୋଇଛି। କମିଟି ପକ୍ଷରୁ ଏବର୍ଷ ମଣ୍ଡପସ୍ଥଳରେ ପଲିଥିନ ନିଷିଦ୍ଧ କରାଯାଇଛି। ପଲିଥିନରେ ଭୋଗ ସାମଗ୍ରୀ ନ ଆଣିବାକୁ ଶ୍ରଦ୍ଧାଳୁଙ୍କୁ ନିବେଦନ କରାଯାଇଛି। କମିଟି ସଭାପତି ପ୍ରକାଶ ଚନ୍ଦ୍ର ବଲିୟାରସିଂହ, ସମ୍ପାଦକ ବିଶନାଥ ସୁନ୍ଦରାୟ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତିଶୃଙ୍ଖଳାରେ ପୂଜା ପାଳିବାକୁ ଶ୍ରଦ୍ଧାଳୁମାନଙ୍କୁ ନିବେଦନ କରାଯାଉଛି। ସେହିପରି ବାଘମାରୀ ଏବଂ ପରିଛଳ ବଜାର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ପୋଡାଡିହ ଗ୍ରାମବାସୀ ଓ ହରପାର୍ବତୀ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ୪ଦିନ ଧରି ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆୟୋଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ତାଲୁକ ଆଇନ ସେବା କମିଟି ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ବଙ୍ଗିଦାଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବସନ୍ତ ଶତପଥୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ସେଠୀ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ପୁଷ୍ପାଞ୍ଜଳି ବଡ଼ଜେନା, ଶିକ୍ଷକ ଆଶିଷ କୁମାର ରାୟ, ବୀରେନ୍ଦ୍ର ନାୟକ, ଜୟକୃଷ୍ଣ ପାଲଟାସିଂ, ସ୍ନେହଲତା ବିଜୟସିଂ, ସନ୍ତୋଷ କୁମାର ବେହେରା, ସାଇମନ ରଉତ, ପ୍ରକାଶ ଚନ୍ଦ୍ର ବେହେରା, ମମତା ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଆଇନ ସାକ୍ଷରତା କ୍ଲବର ଉପାଦେୟତା ଏବଂ ବାଳ ଅପରାଧ ଆଇନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ସେଠୀ ଧନ୍ୟବାଦ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଅତିଥି ଏବଂ ଆଇନଜୀବୀମାନେ।

## ଆଡ଼ମ୍ବରରେ ହେବ ହରପାର୍ବତୀଙ୍କ ପୂଜା

ଖୋର୍ଦ୍ଧା,୫।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟ୍ରାଫିକ ଛକ ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଟାଉନ ହଲ୍ ସମ୍ମୁଖରେ ଆୟୋଜିତ ହୋଇଆସୁଛି ହରପାର୍ବତୀଙ୍କ ପୂଜା। ଚଳିତବର୍ଷ ପୂଜା ଆଡ଼ମ୍ବରରେ ପାଳନ ହେବା ଲାଗି ନିଷ୍ପତ୍ତି ନିଆଯାଇଛି। ସମବାୟ ଛକ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଶହେ ଜଣ ଛୋଟବଡ଼ ବ୍ୟବସାୟୀଙ୍କୁ ନେଇ ଏହି ବ୍ୟବସାୟୀ ସଂଘ ଗଠିତ। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ସହ ପୂଜାମଣ୍ଡପ ଆଗରେ ୪୦ଫୁଟର ତୋରଣ, ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗିନ ଆଲୋକମାଳା ସହ ଲାଇଟ୍ ଗେଟ୍ ଶୋଭାପାଇବ ବୋଲି ନିଷ୍ପତ୍ତି ହୋଇଥିବା କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଛନ୍ତି। ଯେଉଁଠି ଶହୀଦ ମାର୍କେଟ ରହିଛି, ସେଠାରେ ପୂର୍ବରୁ ରାସ୍ତାକଡ଼ରେ କେତେଜଣ ଫୁଟପାଥ ବେପାରୀ ବ୍ୟବସାୟ କରୁଥିଲେ। ସେହି ସମୟରେ ୨୦ରୁ ୨୫ଜଣ ବେପାରୀ ମିଳିମିଶି ଟାଉନ ହଲ ଆଗରେ ତାଳବରଡ଼ା ଓ ବାଉଁଶ ଚାଞ୍ଚରାରେ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ସେମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜାବିଧି ଆଜି ମଧ୍ୟ ଉଜ୍ଜିବୀତ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମସ୍ତ ବ୍ୟବସାୟୀଙ୍କ ସହଯୋଗରେ ମା'ଙ୍କ ପୂଜାର୍ଚ୍ଚନା ଆଡ଼ମ୍ବରରେ କରାଯାଇଥାଏ ବୋଲି ଭଞ୍ଜ ସୂଚନା ଦେଇଛନ୍ତି। ୫ଦିନ ବ୍ୟାପୀ ଧୁମଧାମରେ ପୂଜା ହୋଇଥାଏ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ମହାସପ୍ତମୀ ପୂଜା ସହ ବିଭିନ୍ନ ପ୍ରକାରେ ଶୁଖିଲା ଭୋଗ, ଅଷ୍ଟମୀରେ ଖିରୀ, କାକରା, ନବମୀରେ ଅନ୍ନ ଭୋଗ କରାଯାଏ। ଦଶମୀରେ ଠାକୁରଙ୍କୁ ମେଲାଣି ଦିଆଯାଏ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଚଳିତବର୍ଷ ପୂଜାରେ ହରପାର୍ବତୀଙ୍କ ମୂର୍ତ୍ତି ୬ ଫୁଟ ପରିବର୍ତ୍ତେ ୧୦ଫୁଟ ରହିଛି। ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ରାଧାଷ୍ଟମୀରେ ମାଟିଉଠା କାର୍ଯ୍ୟକ୍ରମ ପରେ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସମ୍ପାଦକ ଭଞ୍ଜ ସୂଚନା ଦେଇଛନ୍ତି।



**ଟ୍ରାଫିକ ଛକ ବ୍ୟବସାୟୀ ସଂଘ**

- ତାଳବରଡ଼ା ଓ ବାଉଁଶ ଚାଞ୍ଚରାରେ ପୂଜା ପାଉଥିଲେ
- ୪୦ ଫୁଟ୍‌ର ତୋରଣ ଶୋଭାପାଇବ

**ହାଇୱା ଧକ୍କାରେ ୨ ଆହତ**

**ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶ୍ୱର ତମଣା ଛକରେ ରାସ୍ତା କଡ଼ରେ ଠିଆ ହୋଇଥିବା କାର୍‌କୁ ଏକ ମାଟି ବୋଝେଇ ହାଇୱା ଜୋରରେ ଧକ୍କା ଦେଇଛି। ଏଥିରେ କାର୍ ଡ୍ରାଇଭର ସହ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଶନିବାର ଭୋର ସମୟରେ ଏକ ମାଟି ବୋଝେଇ ହାଇୱା ଦ୍ରୁତଗତିରେ ଆସି ଉକ୍ତ କାରକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମାଟି ବୋଝେଇ ହାଇୱାର ସମ୍ମୁଖ ଅଂଶଟି ଭାଙ୍ଗିଯାଇଥିବାବେଳେ କାର୍‌ଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତକରି ଘଟଣାର ଅଧିକ ତଦନ୍ତ କରୁଛି।

## ସଂକ୍ଷେପରେ

### ଯୁବତୀଙ୍କ ବନ୍ଧୁଙ୍କୁ ଆକ୍ରମଣ, ହୋଟେଲ ରିସେପ୍‌ସନିଷ୍ଟ ଗିରଫ

ଭୁବନେଶ୍ୱର,୫।୧୦(ସୂର୍ଯ୍ୟକାନ୍ତ ବେହେରା)

ଓୟୋ ହୋଟେଲରେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରିବା ଘଟଣାରେ ଏୟାରପୋର୍ଟ ପୋଲିସ ହୋଟେଲର ରିସେପ୍‌ସନିଷ୍ଟଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୋଖରୀପୁଟ ଅଞ୍ଚଳର ପରେଶ କୁମାର ପ୍ରଧାନ। ସୂଚନାଯୋଗ୍ୟ ଆହତ ଯୁବକଙ୍କ ଝିଅ ସାଙ୍ଗ ଅନନ୍ତବିହାର ଏକ ଓୟୋ ହୋଟେଲ ରୁମ୍‌ରେ ଭଡ଼ାରେ ରହୁଥିଲେ। ସେପ୍ଟେମ୍ବର ୨୮ରେ ଯୁବତୀଙ୍କ ପୁରୁଷ ବନ୍ଧୁ ବିସ୍ମୟ ରଞ୍ଜନ ଜେନା ଉକ୍ତ ହୋଟେଲକୁ ଆସିଥିଲେ। ସେଠାରେ ରିସେପସନ୍‌ରେ ବସିଥିବା ଅଭିଯୁକ୍ତ ପରେଶ ତାଙ୍କୁ ଅଚାନକ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତ ତାଙ୍କ ବନ୍ଧୁଙ୍କ ମୁଣ୍ଡକୁ ପ୍ରଥମେ ଲୁହା ଖଟରେ ପିଟିଥିଲେ ଓ ପରେ ଏକ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଜଣଙ୍କ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଆଜି ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଯୁବତୀଙ୍କୁ ପୋଡ଼ି ମାରିବାକୁ ଧମକ, ଯୁବକ ଗିରଫ

ଭୁବନେଶ୍ୱର,୫।୧୦(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବାର ଧମକ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ମେଡିସିନ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ମାହାଙ୍ଗା ଅଞ୍ଚଳର ବିଭୂତି ଭୂଷଣ ଓଝା। ସୂଚନାନୁସାରେ, ପୀଡ଼ିତା ଜଣକ ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଥିବା ବେଳେ ମେଡିସିନ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରୁଥିବା ବିଭୂତିଙ୍କ ସହ ଫେସ୍‌ବୁକ୍ ଯୋଗେ ପରିଚିତ ହୋଇ ବନ୍ଧୁତା ସ୍ଥାପନ କରିଥିଲେ। କିଛିଦିନ ପୂର୍ବେ ପୀଡ଼ିତାଙ୍କର ଅନ୍ୟତ୍ର ବାହାଘର ଠିକ୍ ହୋଇଥିବାରୁ ଅଭିଯୁକ୍ତ ତାଙ୍କୁ ସମ୍ପର୍କ ରଖିବାକୁ ବାଧ୍ୟ କରିଆସୁଥିଲେ। ପୀଡିତା କୌଣସି ସମ୍ପର୍କ ନ ରଖିବାରୁ ଅଭିଯୁକ୍ତ ତାଙ୍କୁ ବାରମ୍ବାର ନିର୍ଯାତନା ଦେବା ସହ ସାମୂହିକ ଜାଗାରେ ଅଟକାଇ ହାତଧରି ଟଣାଓଟରା କରିଥିଲେ। ଏପରିକି ପେଟ୍ରୋଲ ସାହାଯ୍ୟରେ ଅଗ୍ନିସଂଯୋଗ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

### ବାଲି ବୋଝେଇ ହାଇୱା ଜବତ

ବାରଙ୍ଗ/ତ୍ରିଶୂଳିଆ,୫।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବେଆଇନ ଭାବେ ବାଲି ନେଇ ଆସୁଥିବା ଏକ ହାଇୱାକୁ ଶନିବାର ବିଳମ୍ବିତ ରାତିରେ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରିଛି। ପୋଲିସ ପଇଁତରା ମାରୁଥିବାବେଳେ ଆଠଗଡ଼ ମୁଣ୍ଡଳୀ ପଟରୁ ଏକ ହାଇୱା (ଓଡି ୦୫ଜି ୯୫୫୮) ବାଲି ବୋଝେଇ କରି ଦ୍ରୁତଗତିରେ ଆସୁଥିଲା। ପୋଲିସ ଗାଡ଼ିକୁ ସିଆର୍‌ପିଏଫ୍ ଛକ ନିକଟରେ ଅଟକାଇବା ପରେ ବେଆଇନ ଭାବେ ବାଲି ପରିବହନ କରୁଥିବାର ଜାଣିବାକୁ ପାଇଥିଲା। ଗାଡ଼ି ଚାଳକଙ୍କୁ ଅଟକ ରଖିବା ସହ ଗାଡ଼ିକୁ ଜବତ କରି ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିଲେ।

# ଜେଲରେ ଅନ୍ତେବାସୀଙ୍କ ଫିଙ୍ଗର ପ୍ରିଣ୍ଟ ବ୍ୟବସ୍ଥା ହେବ

## ଝାରପଡ଼ା ଜେଲ ପରିଦର୍ଶନ କଲେ ଜେଲ ଡିଜି

ଭୁବନେଶ୍ୱର,୫।୧୦ (ସୂର୍ଯ୍ୟକାନ୍ତ ବେହେରା)




ଜେଲ ଡିଜି ଅରୁଣ ରାୟ ଝାରପଡା ଜେଲ ପରିଦର୍ଶନ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ସ୍ୱତନ୍ତ୍ର ପରିଦର୍ଶନରେ ଯାଇ ଜେଲର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଡିଜି ରାୟ ଜେଲରେ ସଂସ୍କାର ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ଦିନରେ ଅନ୍ତେବାସୀଙ୍କ ପାଇଁ ଫିଙ୍ଗର ପ୍ରିଣ୍ଟ ବ୍ୟବସ୍ଥା କରାଯିବ। ଫଳରେ ଗୋଟିଏ ବ୍ଲକରେ ରହୁଥିବା ଅନ୍ତେବାସୀଙ୍କ ପାଖକୁ ଅନ୍ୟ ଅନ୍ତେବାସୀ ଆସିପାରିବେ ନାହିଁ। ଏଥିପାଇଁ ଜେଲରେ ଗେଟ୍ ବ୍ୟବସ୍ଥା ରହିବ। ଅନ୍ତେବାସୀମାନେ କେବଳ ନିଜ ବ୍ଲକରେ ଟିପଚିହ୍ନ ଦେଲେ ତାହା ଖୋଲିବ। ସେହିଭଳି ଅନ୍ତେବାସୀଙ୍କୁ ଭେଟିବାକୁ ଆସି କଥା ହେବାକୁ ଚାହୁଁଥିବା ପରିବାର ଓ ସମ୍ପର୍କୀୟଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯିବ। ଏହାସହ ଜେଲକୁ କମ୍ପ୍ୟୁଟରାଇଜ୍‌ଡ କରାଯିବା ସହ ନିଶାମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ଜେଲରେ ଅଭାବ ଥିବା କର୍ମଚାରୀ ପଦବୀ ପୂରଣ ହେବ। ଏଥିପାଇଁ ସରକାରଙ୍କ ଅନୁମତି ମିଳିସାରିଥିବା ଜେଲ ଡିଜି କହିଛନ୍ତି। ଅନ୍ୟପକ୍ଷରେ ଝାରପଡ଼ା ଜେଲରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ କଏଦୀ ଥିବାରୁ ଜାମୁଝରି ଜେଲକୁ ଖୁବ୍‌ଶୀଘ୍ର ସ୍ଥାନାନ୍ତର କରାଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ୟୁନିଟ୍-୪ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଓ ଅତିଥିମାନେ ବୁଲି ଦେଖୁଛନ୍ତି।

## ଚୋରଙ୍କ ଚରାଭୂଇଁ ବାଲିପାଟଣା ଥାନା ଅଞ୍ଚଳ: ପୋଲିସ ନୀରବଦ୍ରଷ୍ଟା

ବାଲିପାଟଣା,୫।୧୦(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ବଢ଼ିଚାଲିଛି। ନବରାତ୍ରିରେ ମା'ଙ୍କ ଆଖି ଓ ଅଳଙ୍କାର କେତେଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଛି। ଗୋଟିଏ ରାତିରେ ୨ ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ବନମାଳୀପୁର ମା' ଦୁଲ୍ଲାଦେବୀଙ୍କ ମନ୍ଦିରରୁ ଚୋରି ବେଳେ ଜଣେ ଲୁଟେରାଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଚଢ଼ାଉ କରି ଅନ୍ୟଜଣେ ଚୋରକୁ ଧରି ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ନବରାତ୍ର ପୂଜା ଚାଲିଥିବା ବେଳେ ଦିୱାନପାଟଣାର ମା' ଦୁଲ୍ଲାଦେବୀ ଏବଂ ପଇଡ଼ପାଟଣା ଗାଁର ମା'ପାର୍ବତୀଙ୍କ ଆଖି, ତତ୍‌ସହିତ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ମା' ଦୁଲ୍ଲାଦେବୀଙ୍କ ସୁନା ଓ ରୁପା ହାର, କିରୀଟ, ସୁନା ଆଖି ତାଡ଼ି ନେଇଛନ୍ତି। ଏହି ଲୁଟ୍‌ରେ ୫ଜଣ ସମ୍ପୃକ୍ତ ଥିବାବେଳେ ପୋଲିସ ୨ ଚୋରଙ୍କୁ ଥାନାରେ ଅଟକ ରଖିଛି। ସୂଚନାଯୋଗ୍ୟ, ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଶୁକ୍ରବାର ଲୁଟ୍ ଉଦ୍ୟମ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବାଲିପାଟଣା ଅଞ୍ଚଳରେ ଏବେ ଦିନକୁ ଦିନ ଦୋକାନ ଚୋରିଠାରୁ ଆରମ୍ଭ କରି ମନ୍ଦିର ଚୋରି, ବାଇକ ଚୋରି ଓ ଡକାୟତି ବଢ଼ିବାରେ ଲାଗିଛି। ଚୋରମାନେ ସ୍ପଷ୍ଟ ଦିବାଲୋକରେ ବାଲିପାଟଣା ପୋଲିସ ଆଖିରେ ଧୂଳିଦେଇ ନିରୀହ ଲୋକଙ୍କଠାରୁ ବହୁଲକ୍ଷ ଟଙ୍କା ଲୁଟି ନେଉଛନ୍ତି। କେତେକ କ୍ଷେତ୍ରରେ ପୋଲିସ ଚୋର ଧରିବାରେ ବିଫଳ ହେଉଛି। ପାଟ୍ରୋଲିଂର ଅଭାବରୁ ଏଭଳି ଘଟଣା ଘଟୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ବାରଙ୍ଗ,୫।୧୦(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ମୁଣ୍ଡଳୀ ନବୋଦୟ ବିଦ୍ୟାଳୟ ନିକଟରେ ମୁଣ୍ଡଳୀ ପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ନବୋଦୟ ବିଦ୍ୟାଳୟ ପାଖରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ଫଳରେ କିଛି ସ୍ଥାନରେ ନିଆଁ ଲାଗିଯିବାରୁ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହା ପରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏହି ସମୟରେ ମୁଣ୍ଡଳୀ ପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀ ସରୋଜ ସାହୁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ସାଙ୍ଗରେ ଧରି ଛିଣ୍ଡିଥିବା ବିଦ୍ୟୁତ୍ ତାର ସଂଯୋଗ କରାଉଥିଲେ। ଏହି ସମୟରେ ବଡ଼ ମୁଣ୍ଡଳୀ ଗ୍ରାମର ପ୍ରଶାନ୍ତ ବେହେରା, ବିଜୟ ଦାସ ଓ ସୁଧାଂଶୁ ନାୟକ ଘଟଣାସ୍ଥଳରେ ପହଞ୍ଚି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସରୋଜଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସଙ୍ଗବଦ୍ଧ ଭାବେ ସରୋଜଙ୍କୁ ସେମାନେ ମାରଧର କରିବା ସହ ଠେଙ୍ଗାରେ ମାରି ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ସରୋଜଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେଠାରେ ଥିବା କେତେଜଣ ସ୍ଥାନୀୟ ଯୁବକ ସରୋଜଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ପରେ ସରୋଜ ଶୁକ୍ରବାର ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଗିରଫ ଭୟ ଦେଖାଇ ଇଞ୍ଜିନିୟରଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିନେଲେ ସାଇବର ଅପରାଧୀ

ଭୁବନେଶ୍ୱର,୫।୧୦(ସୂର୍ଯ୍ୟକାନ୍ତ ବେହେରା)

ସାଇବର ଅପରାଧୀମାନେ ଏବେ ବଡ଼ବଡିଆଙ୍କୁ ଟାର୍ଗେଟ କରୁଛନ୍ତି। ଡିଜିଟାଲ ଫ୍ରଡ୍ ଓ ଆରେଷ୍ଟ ଭୟ ଦେଖାଇ ସର୍ବସ୍ୱ ଲୁଟି ନେଉଛନ୍ତି। ଦେଶର ବିଭିନ୍ନ ସହରରୁ ଏଭଳି ଘଟଣା ସାମ୍ନାକୁ ଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଜଣେ ସଫ୍ଟୱେର ଇଞ୍ଜିନିୟର ଏଭଳି ଠକାମିର ଶିକାର ହୋଇଛନ୍ତି। ସେ ହେଲେ ଲୋକେଶ୍ୱର ମହାକୁଡ଼। ସାଇବର ଅପରାଧୀମାନେ ତାଙ୍କୁ ଗିରଫ ଭୟ ଦେଖାଇ୧.୬୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୋକେଶ୍ୱରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ମୋବାଇଲକୁ ପ୍ରଥମେ ସ୍କାଇପ୍‌ରେ ଏକ ଭିଡିଓ କଲ୍ ଆସିଥିଲା। ଜଣେ ବ୍ୟକ୍ତି ନିଜକୁ ଦିଲ୍ଲୀ ସାଇବର ୟୁନିଟ୍‌ର ପରିଚୟ ଦେଇଥିଲେ। ତୁମ ଆଧାର ଓ ପ୍ୟାନ୍ ନମ୍ବରରେ ଏକାଧିକ ବ୍ୟାଙ୍କ ଲୋନ୍ ଠକେଇ ହୋଇଥିବାରୁ ଦିଲ୍ଲୀ ସାଇବର ୟୁନିଟ୍‌ରେ ମାମଲା ହୋଇଥିବା ଜଣାଇଥିଲେ। ଅନ୍‌ଲାଇନ ଜରିଆରେ ତଦନ୍ତରେ ସହଯୋଗ କର, ନ ହେଲେ ପୋଲିସ ପଠାଇ ଆରେଷ୍ଟ କରାଯିବ। ଲୋକେଶ୍ୱର ଗିରଫ ଭୟରେ ମୋବାଇଲ ଖୋଲି ପାଖାପାଖି ଦୁଇଦିନ ଧରି ଗୋଟିଏ ଘରେ ବନ୍ଦୀ ଭଳି ଜୀବନ ବିତାଇଥିଲେ। ଆଉ ମିଳୁଥିବା ନିର୍ଦ୍ଦେଶକୁ ମାନି ସବୁ ତଥ୍ୟ ଦେବା ପରେ ସାଇବର ଅପରାଧୀମାନେ ତାଙ୍କ ଆକାଉଣ୍ଟରୁ ପାଖାପାଖି ୧ ଲକ୍ଷ ୬୭ ହଜାର ଟଙ୍କା ନେଇଯାଇଥିଲେ। ତେବେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାପରେ ଏବେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ରାଇସ୍ ମିଲର ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

## ଆଶ୍ୱାସନା ଦେଲା ସିଏଆଇଟି

ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)

ଧାନ କିଣା ନିମନ୍ତେ ରାଜ୍ୟ ସରକାର ନୀତି ନିର୍ଦ୍ଧାରଣ କରୁ ନ ଥିବାରୁ ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ମିଲରମାନେ ଭୁବନେଶ୍ୱର ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶନିବାର ଆସୋସିଏଶନ ପକ୍ଷରୁ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଗତ ଦୁଇ ଦଶନ୍ଧି ଧରି ସରକାର ଦେଇଆସୁଥିବା ମିଲିଂ ଚାର୍ଜ କୁଇଣ୍ଟାଲ ପିଛା ୨୦ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରିବା ପ୍ରମୁଖ ଦାବି ରହିଛି। ଏଥିସହ ଚାଷୀଙ୍କଠାରୁ ମିଲ୍‌କୁ ଧାନ ଓ ଚାଉଳ ନେବା ପରେ ପରିବହନ ଖର୍ଚ୍ଚରେ ବୃଦ୍ଧି କରିବା, ବ୍ୟବହୃତ ବସ୍ତା ଦର, ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇଁ ଦାବି କରାଯାଇଛି। ଅନ୍ୟପଟେ ଆସୋସିଏଶନର ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଅଗ୍ରୱାଲା ଓ ସଭାପତି ମହେଶ କୁମାର ବଂଶଲଙ୍କ ସହ କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି)ର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଦ୍ୱାରକା ଆଲୋଚନା କରିଛନ୍ତି। ମିଲରମାନଙ୍କ ହିତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ପ୍ରାଣନାଥଙ୍କ ସେବା, ତ୍ୟାଗ ଆଗାମୀ ପିଢ଼ି ପାଇଁ ପ୍ରେରଣା

- ୬ଜଣଙ୍କୁ ପ୍ରାଣନାଥ ସ୍ମୃତି ସମ୍ମାନ ୨୦୨୪
- ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା ଓ ସମ୍ମାନ

ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରାଣନାଥ ସ୍ମୃତି ସମିତି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ୨୦୨୪ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକ ରାଜ୍ୟପାଳ ରଘୁବର ଦାସ କହିଥିଲେ, ସେ ନିଜେ ଥିଲେ ଏକ ଅନୁଷ୍ଠାନ। ତାଙ୍କ ସେବା, ତ୍ୟାଗ ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ବିଚାରପତି ବିଶ୍ୱନାଥ ରଥ, ସମ୍ବାଦର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଦିଲୀପ ହାଲି ଓ କାର୍ଯ୍ୟକାରୀ ସଭାପତି ଡ. ଅର୍ଚ୍ଚନା ନାୟକ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେବା ସହ ତାଙ୍କ ଆଦର୍ଶରେ ଯୁବପିଢ଼ି ଆଗେଇ ଆସିବା ପାଇଁ କହିଥିଲେ। ଏହି ଅବସରରେ ଗବେଷକ ନୃସିଂହ ଚରଣ ସାହୁ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ସାମାଜିକ କର୍ମୀ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଅଭିନୟ ପାଇଁ ନୈନା ଦାସ, ସଙ୍ଗୀତ ପାଇଁ ଡ. ଅନସୂୟା ନାଥ, ଚିତ୍ର ଶିଳ୍ପ ପାଇଁ ସମୀର କୁମାର ରାଉତଙ୍କୁ ପ୍ରାଣନାଥ ସ୍ମୃତି ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପତ୍ରିକାର ପ୍ରସାର ଦିଗରେ ସରକାର ଯତ୍ନବାନ୍ ହୁଅନ୍ତୁ



ଅପୂର୍ବା ପ୍ରକାଶନୀର ସ୍ୱନକ୍ଷତ୍ର ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

## 'ଅପୂର୍ବା ପ୍ରକାଶନୀ'ର ୨୬ତମ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର,୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଅପୂର୍ବା ପ୍ରକାଶନୀର ୨୬ତମ ସ୍ୱନକ୍ଷତ୍ର ଦିବସ ଶନିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା କଥାକାର କ୍ଷୀରୋଦ ଚନ୍ଦ୍ର ପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ କଥାଶିଳ୍ପୀ ବିଭୂତି ପଟ୍ଟନାୟକ ଯୋଗଦେଇ କହିଲେ, ସାହିତ୍ୟ ସମାଜର ଦିଗବାରେଣୀ ସଦୃଶ ଏବଂ ସାହିତ୍ୟ ପତ୍ରିକା ସମାଜର ଦର୍ପଣ ଭଳି। ସରକାର ପତ୍ରିକାର ପ୍ରଚାରପ୍ରସାର ଦିଗରେ ଅଧିକ ଯତ୍ନବାନ୍ ହେବା ଆବଶ୍ୟକ। ନୂଆକରି ଲେଖକମାନେ ଲେଖୁନାହାନ୍ତି ନା ସେମାନଙ୍କ ଲେଖା ପ୍ରକାଶିତ ହେଉନାହିଁ, ଏ ବିଷୟରେ ଆଲୋଚନା ହେବା ଉଚିତ। ମୁଖ୍ୟ ଅତିଥି ଭାବେ ଅଭିନେତା ଓ ଲେଖକ ପ୍ରଶାନ୍ତ ନନ୍ଦ ଯୋଗଦେଇ କହିଲେ, ସାହିତ୍ୟ ଶାନ୍ତି, ପ୍ରେମ ଓ ଆଶାର ବାର୍ତ୍ତା ପ୍ରଚାର କରିଥାଏ। ଆଜି ପୃଥିବୀର ବିଭିନ୍ନ ପ୍ରାନ୍ତରେ ମଣିଷର ମଣିଷ ପ୍ରତି ହେଉଥିବା ହିଂସାର ମୁକାବିଲା କେବଳ ସାହିତ୍ୟ ମାଧ୍ୟମରେ କରାଯାଇପାରିବ ବୋଲି ସେ ମତାମତ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ଓ ସମ୍ମାନିତ ଅତିଥି ହାଇଟେକ ମେଡିକାଲ କଲେଜର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓଡ଼ିଆ ସାହିତ୍ୟ ଉପରେ କହିଥିଲେ। ଏହି ଅବସରରେ ସମାଜକୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ 'ଭାଷା ଗୌରବ ସମ୍ମାନ'ରେ ଲେଖକ ଡ. ନୃସିଂହ ଷଡ଼ଙ୍ଗୀ, 'ଗଳ୍ପ ଗୌରବ ସମ୍ମାନ'ରେ କଥାକାର ଝରଣା ପଟ୍ଟନାୟକ, 'କବିତା ଗୌରବ ସମ୍ମାନ'ରେ କବି ଶଙ୍କର ପରିଡ଼ା, 'ପ୍ରବନ୍ଧ ଗୌରବ ସମ୍ମାନ'ରେ ଡ. ଶଶଧର ଦାଶ, 'ଉପନ୍ୟାସ ଗୌରବ ସମ୍ମାନ'ରେ ଡ. ପ୍ରଶାନ୍ତ କୁମାର ବିଶ୍ୱାଳ ଓ 'ସମ୍ପାଦକ ଗୌରବ ସମ୍ମାନ'ରେ ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। 'ରବି ମହାପାତ୍ର ସ୍ମୃତି ସମ୍ମାନ'ରେ ବିଶିଷ୍ଟ ଗାଳ୍ପିକ ଓ ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କବି ଦୟାନିଧି ନାୟକ ଉତ୍ସବ ପରିଚାଳନା ଓ ସମ୍ପାଦକ ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ। କବି ସୁଶାନ୍ତ ନାୟକ, ଡ. ଗୀତାଶ୍ରୀ ପ୍ରିୟମ୍ବଦା ଓ ଭୁବନମୋହନ ମହାନ୍ତିଙ୍କ ଆବାହକତ୍ୱରେ କବିତା ସମାରୋହ ଆୟୋଜିତ ହୋଇଥିଲା।

**Office of District Manager** Annexure-II
**Odisha State Civil Supplies Corporation Ltd. (OSCSC)**
**Angul (District)**
Phone : 06764230282
District Website https://angul.odisha.gov.in
No.CAD-1304
**Tender No. : 3596** **Dt. : 01.10.2024**
District Manager, Odisha State Civil Supplies Corporation Ltd., Angul **(District)** invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | For selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) |
| 2 | Availability of bid document in the portal | From 04.10.2024 |
| 3 | Last Date / Time for receipt of bids in the portal | Dt. 17.10.2024 up to 5.30 (P.M.) |
| 4 | Date/Time of Opening of Technical Bid | Dt. 18.10.2024 up to 11.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Angul (District) |

Tender Documents & other details can be seen from the e-procurement portal www.oscsc.in, www.'foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
**Sd./- District Manager**
**OSCSC Ltd. Angul**
**OIPR-07064/11/0002/2425**

**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 11 of 2024-25**
**No. B-375** **e-mail ID: angulrbdivision@yahoo.co.in**
1. Number of Works : 05 (Five) Number of Road Works
2. Approximate Estimated Cost : Varies from Rs.45.00 lakh to Rs.81.00 Lakh
3. Period of Completion : Varies from 02 (Two) to 03 (Three) Calendar Months
4. Date & Time of availability of bid document in the portal : Dt.08.10.2024 at 10.00 A.M.
5. Last date/time for receipt of bid in the portal : Dt.23.10.2024 upto 5.00 P.M.
6. Date of Opening Bid : Dt.24.10.2024 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, At/P.O./Dist.: Angul - 759122
8. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in**.
**Sd./- Superintending Engineer**
**Angul (R&B) Division**
**OIPR-34074/11/0004/2425**

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 07/2024-25**
**E-mail Id: sedklpwd@gmail.com**
**Letter No. 2028** **Dt.30.09.2024**
No. B-373: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for Repair & Rehabilitation of Bridge works as detailed below:
1. Name of the work : Repair & Rehabilitation of Bridge works
2. No. of works : 04 (Four) Nos.
3. Estimated Cost : Rs.1.24 Crore to Rs.4.41 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A' Class & 'B' Class (as given in Column No. 07 of table)
6. Period of Completion of work : 05 (Five) to 7 (Seven) (as given in Column No. 08 of table)
7. Date and time of availability of bid document in the website : From Dt.08.10.2024 to 5.00 P.M. of Dt.22.10.2024
8. Date of opening of bid : Dt.23.10.2024 at 11.30 A.M.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.
**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0015/2425**

**PANCHAYAT SAMITI, PARALAKHEMUNDI (GOSANI), DIST. - GAJAPATI (ODISHA) PIN - 761210**
**Adv. No. - 02/2024-25** **Dt. : 03.10.2024**
**Tender Call Notice**
**No.i-221** : Sealed tenders (Percentage rate) are invited for 1 No's of works from the interested "D"/"C" Class Contractors registered with the Govt. for execution of civil works under Panchayat Samiti, Paralakhemundi (Gosani), Dist. - Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Paralakhemundi (Gosani), Gajapati. Proposal(s) complete in all respect should reach the undersigned on or before **3.00 P.M. of 17.10.2024** through Regd./Speed Post and the same will be opened on **11.00 A.M. of 18.10.2024**. The undersigned reserves the right to reject any or all the tender(s) without assigning any reason thereof.
**Sd./-**
**Block Development Officer,**
**Paralakhemundi (Gosani), Gajapati**
**OIPR-19374/11/0002/2425**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**
**Mail Id:sepwdbalangir@gmail.com**
**e-Procurement Notice**
**BID IDENTIFICATION No: CCE(R&B)BGR/03/2024-25**
**Letter No.2671** **Dtd.25.09.2024**
**No.B-349:**The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from "B" "A" & "Special" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.
1. Nature of Work : Road Work, Bridge Work & Building Work
2. No. of Tender : Road Work-1 Nos.Bridge Work-2 Nos & Building Work-1 No.
3. Tender Cost : Rs.10,000/-
4. Class of Contractor : "B" "A" & "Special"
5. Date & Time of Sale & Receipt of Bids : From Dt.07.10.2024, 10.00 A.M. to Dt.22.10.2024 upto 05.00 P.M.
6. Date of Opening Bid : Dt.23.10.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Construction Engineer**
**Balangir (R&B) Circle, Balangir**
**OIPR-34131/11/0002/2425**

See Career Appointment on every Wednesday & Saturday

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W. Department**
ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
**Odisha Lok Seva Bhawan, Sachibalaya Marg, Bhubaneswar - 751001**
**Fax: 0674-2391413, E-mail: prsec_or@nic.in**
**No. PR-OM-CONT-0004-2021/22842/PR&DW** **Date: 04.10.2024**
**SHORT TENDER CALL NOTICE**
No. i-224: Sealed Tender Call Notice in plain paper, accompanied with EMD of Rs.5000/- (Rupees five thousand) only in shape of Bank Draft in favour of the DDO-cum-Joint Secretary to Government, Panchayati Raj & Drinking Water Department, Government of Odisha, Bhubaneswar at any Nationalised Bank are invited by the undersigned from the intending Manufacturers/Dealers/Firms/Suppliers/for supply of Miscellaneous Office Stationery, Furniture's, Computer Consumables, Electrical goods and paper items and other miscellaneous office stationeries for official use in Panchayati Raj & Drinking Water Department from time to time for the year 2024-2025.
2. The intending Firms/Suppliers may collect the list of articles along with the terms and conditions for supply of the same from Panchayati Raj & Drinking Water Department on any working day during office hour from 10.00 A.M. to 05.30 P.M. before submitting their tender papers. The firms should be located at Bhubaneswar having valid GST number and IT Clearance Certificate, which may also be furnished along with the tender.
3. The firms applying for the same should preferably have experience of supplying of the above articles to any Department of Government of Odisha/Government of India/Public Sector undertaking under the State Govt. or Govt. of India and should not have been debarred by them (In support of this necessary orders/certificates shall be enclosed).
4. The price quoted by the firm and period of supply shall remain valid for a period of one year as need base order from time to time.
5. The tender should reach the undersinged by 28.10.2024 on or before 5.30 P.M. which will be opened on the next day at 3.30 P.M. in the Conference Hall of PR&DW Department chaired by Director Panchayati Raj in presence of the tenderers or their authorised agents. If this day is declared later as holiday, the tenders will be received and opened on the next working day as per the scheduled time.
6. The sealed tender must be superscribed on the top of cover as "Tender for supply of Computer Consumables and Miscellaneous Office Stationeries".
7. The EMD of successful tenderers will be converted as security deposit to be reserved with this department for a period of one year from the date of finalisation of vendors/suppliers i.e. the date of purchase committee meeting. In case of failure to supply the required articles in time or to maintain quality of the items, the EMD will be forfeited.
8. The undersinged reserves the rights to accept or reject any or all tenders at any stage without assigning any reason thereof.
9. The application form of tender containing General Bid information and terms and conditions for Short Tender Call Notice can be downloaded from Odisha Govt. website: **www.odisha.gov.in**.

**OIPR-19001/11/0002/2425** **Sd./- Under Secretary to Government**

# ଅଲେଖ ବେହେରା ପାଇବେ 'ବର୍ଷା କଥା ସମ୍ମାନ'

ଭୁବନେଶ୍ୱର, ୫।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷା ପବ୍ଲିକେଶନ ପକ୍ଷରୁ ଦ୍ୱିତୀୟ ବର୍ଷା ସମ୍ମାନ-୨୦୨୪ ଘୋଷଣା କରାଯାଇଛି। ଅକ୍ଟୋବର ୨୦ରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବର୍ଷା ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏନେଇ ଶନିବାର ବୁଲନ ଭାଇ ସେବା ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। କଥାକାର ଅଲେଖ ବେହେରାଙ୍କ ଗଳ୍ପ ପୁସ୍ତକ 'ଦୀନାଭାଇ ଶୁଣୁଛ !'କୁ 'ବର୍ଷା କଥା ସମ୍ମାନ-୨୦୨୪', କବି କେଦାର ମିଶ୍ରଙ୍କ କବିତା ପୁସ୍ତକ 'ନଈ ପରି ମୁଁ ବୋହି ଯାଉଥାଏ'କୁ 'ବର୍ଷା କବିତା ସମ୍ମାନ' ଏବଂ ଯୁବ କଥାକାର ଭାନୁଶଙ୍କର ମହାନ୍ତିଙ୍କ ଗଳ୍ପ ପୁସ୍ତକ 'ଦେଖି ନ ଥିବା ଘରପୋଡ଼ିର ଦୃଶ୍ୟ'କୁ 'ବର୍ଷା ଉନ୍ମେଷ ସମ୍ମାନ' ପ୍ରଦାନ କରାଯିବ। ଏଥିସହିତ ପବ୍ଲିକେଶନ ପ୍ରକାଶିତ ଦଶରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚନ, 'ଆମ କଥା ସାହିତ୍ୟରେ ଗାଁର କଥା ଓ ବ୍ୟଥା' ଶୀର୍ଷକ ଆଲୋଚନାଚକ୍ର, ଚାରିଟି ଦୀର୍ଘ କବିତାକୁ ନେଇ ଆଭାସୀ ନାଟକ, ସଙ୍ଗୀତ, ନୃତ୍ୟ ଓ ଚଳଚ୍ଚିତ୍ର ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରକାଶକ ତଥା ସାହିତ୍ୟିକ ବାଦଲ ମହାନ୍ତି ସୂଚନା ଦେଇଛନ୍ତି।

# ଚନ୍ଦକା ଶିଳ୍ପାଞ୍ଚଳରେ କ୍ଲୋରିନ ଗ୍ୟାସ ଲିକ୍




ଅଗ୍ନିଶମ କର୍ମଚାରୀମାନେ ସୁରକ୍ଷା ସରଞ୍ଜାମ ସହ କମ୍ପାନୀ ଭିତରକୁ ଯିବାକୁ ଚେଷ୍ଟା କରୁଛନ୍ତି। ୨ କ୍ଲୋରିନ୍ ଗ୍ୟାସ୍ ସିଲିଣ୍ଡରକୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି।

ଭୁବନେଶ୍ୱର,୫।୧୦
(ସୂର୍ଯ୍ୟକାନ୍ତ ବେହେରା)

## ଆଖି, ନାକ ପୋଡ଼ିଲା: ଲୋକେ ଆତଙ୍କିତ

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଚନ୍ଦକା ଶିଳ୍ପାଞ୍ଚଳରେ ବହୁ ବର୍ଷ ଧରି ବନ୍ଦ ହୋଇ ରହିଥିବା ଏକ ଗ୍ୟାସ୍ କାରଖାନାରୁ ଶନିବାର ବିଷାକ୍ତ କ୍ଲୋରିନ ଗ୍ୟାସ୍ ଲିକ୍ ହୋଇଛି। କିଛି ସମୟରେ ମଧ୍ୟରେ ଏହି ଗ୍ୟାସ୍ ଚାରିଆଡେ ବ୍ୟାପିଯିବାରୁ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ତେବେ ଏହି ଗ୍ୟାସ୍ ଲିକ୍‌ରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଏହା ପ୍ରଭାବରେ ଲୋକଙ୍କ ଆଖି ଓ ନାକ ପୋଡିବା ଆରମ୍ଭ କରିଥିଲା। ଲୋକେ ଆତଙ୍କିତ ହୋଇପଡିବା ସହ ଘଟଣା ସଂକ୍ରାନ୍ତରେ ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଖାନା ସନ୍ନିକଟ କିମ୍‌ସ ବାଇପାସ୍ ରାସ୍ତାକୁ ବନ୍ଦ କରିଦେବା ସହ ଅନ୍ୟଏକ ରାସ୍ତାରେ ଗାଡିକୁ ଡାଇଭର୍ଟ କରିଥିଲା। ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏପଟେ ଚନ୍ଦ୍ରଶେଖରପୁର ଅଗ୍ନିଶମ କର୍ମଚାରୀ ଏକାଧିକ ଫାୟାର ଗାଡି ସହ ପହଞ୍ଚି ସ୍ୱତନ୍ତ୍ର ଅପରେଶନ ମାଧ୍ୟମରେ ଗ୍ୟାସ୍ ଲିକ୍ ହୋଇଥିବା ସିଲିଣ୍ଡରକୁ ଏକ ବିଚ୍ଛିନ୍ନ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଆଇଜି ଫାୟାର ସର୍ଭିସ ଦୀପକ କୁମାର ଉପସ୍ଥିତ ରହି ପୂରା ଅପରେଶନ ଉପରେ ନଜର ରଖିଥିଲେ। ଗ୍ୟାସ୍ ପ୍ରବଳ ମାତ୍ରାରେ ଲିକ୍ ହୋଇଥିବାରୁ ଆୟତ୍ତ କରିବାକୁ ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡିଥିଲା। ଏପରିକି ଏହି ସମୟରେ ଗ୍ୟାସ ସଂସ୍ପର୍ଶରେ ଆସିଯିବାରୁ କେତେଜଣ ଅଗ୍ନିଶମ କର୍ମଚାରୀଙ୍କ ଆଖି ଓ ନାକ ପୋଡିଥିଲା। ପରେ କର୍ମଚାରୀମାନେ ଶ୍ୱାସକ୍ରିୟା ପାଇଁ ବିଏ ସେଟ୍ ବ୍ୟବହାର କରି କାରଖାନା ଭିତରକୁ ପଶି ଲିକ୍ ସିଲିଣ୍ଡରକୁ ଖୋଜି ବାହାର କରି ଅନ୍ୟଏକ ସ୍ଥାନକୁ ନେଇଥିଲେ। ଅନ୍ୟପଟେ ଉକ୍ତ କାରଖାନା ୫ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇ ରହିଥିବାବେଳେ ଏହି କମ୍ପାନୀଟି କାହା ନାଁରେ ରହିଛି ଓ ଏହାର କାଗଜପତ୍ର ଠିକ୍ ଅଛି କି ନାହିଁ ତାହାର ଅଧିକ ତଥ୍ୟ ଜାଣିବାକୁ ଅଗ୍ନିଶମ ଟିମ୍ ଉଦ୍ୟମ ଜାରି ରଖିଛି। ତେବେ ଏଠାରେ ଗଚ୍ଛିତ ଥିବା ଗ୍ୟାସ୍ ସିଲିଣ୍ଡରଗୁଡିକ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ତେଣୁ ଏହା ବଡ଼ ବିପଦ ଆଣିବା ସମ୍ଭାବନା ଥିବାରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁକାନ୍ତି



@ ସସ୍ମିତା



@ ଲକ୍ଷ୍ମୀଧର



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟପାଠ ଦାଖଲ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୫।୧୦
(ସୂର୍ଯ୍ୟକାନ୍ତ ବେହେରା)

## ଭରତପୁର ଥାନାରେ ନିର୍ଯାତନା ମାମଲା

### ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ପୂର୍ବତନ ପୋଲିସ ଅଧିକାରୀ, ଆଇନଜୀବୀ ମତାମତ ଦେବାକୁ ଆହ୍ୱାନ

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସର ନିର୍ଯାତନା ମାମଲାରେ ବିଚାରବିଭାଗୀୟ ଏବଂ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରି ରହିଛି। ବିଚାରବିଭାଗୀୟ ତଦନ୍ତ କମିଶନ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ମାମଲାର ତଦନ୍ତ କରୁଛନ୍ତି। ଇତିମଧ୍ୟରେ ଶନିବାର କମିଶନଙ୍କ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଯିଏ ଜାଣିଥିବେ ବା କହିବାକୁ ଚାହୁଁଥିବେ, ସେମାନେ ସତ୍ୟପାଠ ଆକାରରେ ଦେଇପାରିବେ ବୋଲି ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଯେକୌଣସି ବ୍ୟକ୍ତି, ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି, ଯିଏ ବି ଏହି ମାମଲା ସମ୍ପର୍କରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅବଗତ ଅଛନ୍ତି, ସେମାନେ ସତ୍ୟପାଠ ଦାଖଲ କରିପାରିବେ। ସେହିପରି ସଚେତନ ନାଗରିକ, ପୂର୍ବତନ ପୋଲିସ ଅଧିକାରୀ, ଆଇନଜୀବୀ ପ୍ରମୁଖ କିଭଳି ଏଭଳି ଘଟଣାର ଆଗକୁ ପୁନରାବୃତ୍ତି ନ ହେବ ଏବଂ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିହେବ, ସେନେଇ ସତ୍ୟପାଠ ଜରିଆରେ ମତାମତ ଦେଇପାରିବେ। ତେବେ ରବିବାରଠାରୁ ୨୧ଦିନ ପର୍ଯ୍ୟନ୍ତ ଏହି ସତ୍ୟପାଠ ଗ୍ରହଣ କରାଯିବ। ବିବୃତି ଓ ମତାମତ ଗ୍ରହଣ ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କମିଶନଙ୍କ କାର୍ଯ୍ୟାଳୟ ଫୋନ ନମ୍ବରରେ ଯୋଗାଯୋଗ କରିହେବ। ସେହିପରି ସତ୍ୟପାଠ ଦ୍ୱାରା ବିବୃତି ଓ ମତାମତ ଗ୍ରହଣ ପାଇଁ ଅଫିସ କାର୍ଯ୍ୟଦିବସ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ସୂଚନା ଦିଆଯାଇଛି। ସେହିପରି ସତ୍ୟପାଠ ଦାଖଲ କରୁଥିବା ବ୍ୟକ୍ତିବିଶେଷ ନିଜର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଠିକଣା ଓ ହ୍ୱାଟ୍‌ସ ଆପ୍ ନମ୍ବର ଦେବାକୁ ବିଜ୍ଞପ୍ତିରେ ଅନୁରୋଧ କରାଯାଇଛି।




ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଶ୍ୱେତ ସଙ୍କେତର ପୂଜା ସଂଖ୍ୟା ଉନ୍ମୋଚନ କରାଯାଉଛି।

# ଚାଷୀଙ୍କୁ ମିଳିଲା ପିଏମ୍ କିଷାନ ୧୮ତମ କିସ୍ତି

ଭୁବନେଶ୍ୱର,୫।୧୦(ଅନିଲ ଦାସ)

## ସାମିଲ ହେବେ ପିଭିଟିଜି ବର୍ଗର କୃଷକ,ଜଙ୍ଗଲ ଅଧିକାର ପଟ୍ଟାଧାରୀ ଜନଜାତି ଚାଷୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମହାରାଷ୍ଟ୍ରର ୱାସିମ୍‌ଠାରେ ପିଏମ୍ କିଷାନ ସମ୍ମାନନିଧିର ୧୮ତମ କିସ୍ତି ପ୍ରଦାନ କରିଛନ୍ତି। ଦେଶର ୯ କୋଟି ୪୦ ଲକ୍ଷ କୃଷକଙ୍କୁ ୨୦ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପିଏମ୍ କିଷାନର ୧୮ତମ କିସ୍ତି ପ୍ରଦାନ ଉତ୍ସବକୁ ସାରା ଦେଶ ପିଏମ୍ କିଷାନ ଉତ୍ସବ ଦିବସ ରୂପେ ପାଳନ କରୁଛି। ଏହି ଯୋଜନା ମାଧ୍ୟମରେ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏଥିରେ ଓଡ଼ିଶାର ୩୧ ଲକ୍ଷ ୫୧ ହଜାର ୭୦୦ ଚାଷୀ ଉପକୃତ ହୋଇଛନ୍ତି। ପୂର୍ବରୁ ବରଗଡ଼ରୁ ଦିଆଯାଇଥିବା ୧୭ତମ କିସ୍ତିରେ ରାଜ୍ୟର ୨୯ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଥିଲେ। ପିଏମ୍ କିଷାନ ଯୋଜନା ସହିତ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି; ଯେଉଁଥିରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଦୁଇଟି କିସ୍ତିରେ ୪ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସହାୟତା ରାଶି ହସ୍ତାନ୍ତର କରାଯାଉଛି। ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ନୂଆଖାଇଠାରୁ ଏକ ୨ ମାସିଆ ସାଚୁରେସନ ଡ୍ରାଇଭ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ପ୍ରତି ବ୍ଲକ୍ ସ୍ତରରେ ଜନସେବା କେନ୍ଦ୍ର ସହାୟତାରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜୀକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିଃଶୁଳ୍କ କରିପାରିବେ। ରବି ଫସଲରେ ପିଏମ୍ କିଷାନ ସହାୟତାକୁ ଫଳପ୍ରଦ ଭାବେ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ପିଭିଟିଜି ବର୍ଗର କୃଷକ ଏବଂ ଜଙ୍ଗଲ ଅଧିକାର ଆଇନ ପଟ୍ଟାଥିବା ଜନଜାତିଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହେବାକୁ ଯାଉଛି। ସେମାନେ ମଧ୍ୟ ଏହି ଯୋଜନାର ଲାଭ ଓ ସୁବିଧା ପାଇବେ। କୃଷକଙ୍କ କଲ୍ୟାଣ ପାଇଁ ଆମ ସରକାର ଦାୟିତ୍ୱ ନେବା ପରେ ପ୍ରଥମେ ସମୃଦ୍ଧ କୃଷି ନୀତି ଆଧାରରେ ଧାନର କ୍ରୟମୂଲ୍ୟ ୩୧୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ସ୍ଥିର କରିଛନ୍ତି। ମଣ୍ଡିଗୁଡ଼ିକୁ ସୁଦୃଢ଼ କରାଯାଉଛି। କଟ୍‌ନି ଛଟ୍‌ନିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ମିଲେଟ୍ ଉତ୍ପାଦନ ବୃଦ୍ଧି ପାଇଁ ଶ୍ରୀ ଅନ୍ନ ଯୋଜନା ଓ ସବ୍‌ଡିଭିଜନରେ ଶୀତଳଭଣ୍ଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଦେଇଥିଲେ।

# ଡିସେମ୍ବର ୧୫ରୁ କୋଣାର୍କରେ ଇକୋ ରିଟ୍ରିଟ୍

ପୁରୀ, ୫।୧୦(ଅଜିତ କୁମାର ମହାନ୍ତି)

## ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ, ବୁକିଂ ଆରମ୍ଭ

ଚଳିତ ବର୍ଷ ଡିସେମ୍ବର ୧୫ରୁ କୋଣାର୍କ ମେରାଇନ ଡ୍ରାଇଭ୍‌ଠାରେ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ତେବେ ପ୍ରତ୍ୟେକ ବିଭାଗ ନିଜ ନ୍ୟସ୍ତ ଦାୟିତ୍ୱ ତ୍ୱରାନ୍ୱିତ କରିବା ସହ ଡିସେମ୍ବର ୧ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ନିଷ୍ଠାର ସହ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ବିଭାଗ ପରସ୍ପର ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସହଯୋଗ କରିବା ପାଇଁ ଜିଲାପାଳ କହିଛନ୍ତି। ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ ଏବଂ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ରୁ ୩ ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକ୍ସୁରି ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ୍, ଇନ୍‌ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ଉପଲବ୍ଧ ହେବ। ନୀରବଚ୍ଛିନ୍ନ ବିଦ୍ୟୁତ ଓ ପାଣି ଯୋଗାଣ, ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟୱର୍କ ସହ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ, ଟ୍ରାଫିକ୍, ପାର୍କିଂ, ସୁରକ୍ଷା ଓ ୨୪ଘଣ୍ଟିଆ ଲାଇଫଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ କହିଛନ୍ତି। ସେହିପରି ଆଲୋକୀକରଣ ପାଇଁ ବ୍ୟବହୃତ ସିଷ୍ଟମଗୁଡ଼ିକ କୋଣାର୍କ ଏନ୍‌ଏସି ପକ୍ଷରୁ ଇକୋ ରିଟ୍ରିଟ ପରେ ଖୋଲି ଦାୟିତ୍ୱରେ ରଖାଯିବା ଓ ପରବର୍ତ୍ତୀ ବର୍ଷରେ ଉପଯୋଗ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଇକୋ ରିଟ୍ରିଟ ପାଇଁ ବର୍ତ୍ତମାନଠାରୁ ବୁକିଂ bookodisha.com ଏବଂ odishaecoretreats.comରେ ଆରମ୍ଭ ହୋଇଛି ବୋଲି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏହି ବୈଠକରେ ଡିଏଫ୍‌ଓ ବିବେକ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଅନ୍ୟାନ୍ୟ ବିଭାଗ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଇକୋ ରିଟ୍ରିଟ୍ ଆୟୋଜନ କରୁଥିବା ଇ-ଫାକ୍ଟରର ପ୍ରତିନିଧିମାନେ ଯୋଗଦେଇଥିଲେ।

# ନାଟକରେ ମୁଁ ନିଜକୁ ଅଧିକ ଜାଣିପାରିଛି

ବଲିଉଡ୍ ଅଭିନେତା ଶୁଭ୍ରଜ୍ୟୋତି ବରତ୍ ନେଗେଟିଭ୍ ରୋଲ ପାଇଁ ବେଶ୍ ପରିଚିତ। ନିକଟରେ ଓଟିଟି ସିରିଜ୍ 'ମିର୍ଜାପୁର'ରେ ତାଙ୍କ ଚରିତ୍ର ଦର୍ଶକଙ୍କ ପାଖେ ତାଙ୍କୁ ଅଧିକ ପହଞ୍ଚାଇପାରିଛି। ମଞ୍ଚ ନାଟକରୁ କ୍ୟାରିୟର ଆରମ୍ଭ କରିଥିବା ଶୁଭ୍ରଜ୍ୟୋତି ବଲିଉଡ୍‌ର ଅନେକ ଫିଲ୍ମ, ସିରିଜ୍‌ରେ କାମ କରି ସାରିଛନ୍ତି। ଟିଭି ସିରିଜ୍ 'ତ୍ରିଭୁବନ ମିଶ୍ର ସିଏ ଟପର', ଫିଲ୍ମ 'ମାଡାମ୍ ଚିଫ୍ ମିନିଷ୍ଟର', 'ସାଇନା', 'ଆର୍ଟିକିଲ ଫିଫ୍ଟିନ୍', 'ଦ ସେକେଣ୍ଡ ବେଷ୍ଟ ଏକ୍ସୋଟିକ୍ ମ୍ୟାରିଗୋଲ୍ଡ ହୋଟେଲ' ଆଦିରେ ସେ ଅଭିନୟ କରିଛନ୍ତି। ଗତବର୍ଷ ଜେନ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ନାଟକ 'ଧୂମ୍ରପାନ'ରେ ଅଭିନୟ କରିବାକୁ ସେ ପ୍ରଥମଥର ଓଡ଼ିଶା ଆସିଥିଲେ। ଏଥର ନାଟକ 'ପୁରାନେ ଚାୱଲ' ପାଇଁ ଭୁବନେଶ୍ୱର ଆସିଥିବାବେଳେ ଧରିତ୍ରୀ ସହ ଶୁଭ୍ରଜ୍ୟୋତିଙ୍କ ସାକ୍ଷାତକାର।



ବଲିଉଡ୍ ଅଭିନେତା ଶୁଭ୍ରଜ୍ୟୋତି ବରତ୍

**ଜେନ୍ ଫାଉଣ୍ଡେଶନ ସହ ଆସୋସିଏଟ ହୋଇ ଓଡ଼ିଶାରେ ନାଟକ ପ୍ରଦର୍ଶନର ଅନୁଭୂତି କିଭଳି ରହିଛି?**

ପ୍ରଥମଥର ଯେବେ ମୁଁ ଅନ୍ୟମାନଙ୍କ ସହ ଓଡ଼ିଶା ଆସିଥିଲି ନିହାତି ଗୋଟେ ଭଲ ଅନୁଭୂତି ନେଇ ଯାଇଥିଲୁ। ଫାଉଣ୍ଡେଶନ ଆମକୁ ବହୁତ ଭଲ ଭାବରେ ହୋଷ୍ଟ କରିଥିଲେ। ଅଟିଜମ୍ ରୋଗୀଙ୍କ ପାଇଁ ଏହି ପ୍ଲେ ମାଧ୍ୟମରେ ଫାଉଣ୍ଡେଶନ କିଛି କରିବାକୁ ଚାହୁଁଛନ୍ତି, ଯାହା ଏକ ଭଲ ଉଦ୍ୟମ। ଏଥର ମଧ୍ୟ ମୁଁ ବହୁତ ଏକ୍ସାଇଟେଡ୍ ଅଛି। ଭାବୁଛି ଦର୍ଶକ ଏଥର ମଧ୍ୟ ଭଲ ଅନୁଭୂତି ପାଇବେ।

**ଭୁବନେଶ୍ୱରର ଦର୍ଶକଙ୍କୁ ନେଇ କ'ଣ କହିବେ?**

ଭୁବନେଶ୍ୱରକୁ ଆସିବା ପୂର୍ବରୁ ମୁଁ ଦର୍ଶକଙ୍କ ଉପସ୍ଥିତିକୁ ନେଇ ବହୁତ ନିଶ୍ଚିତ ଥିଲି। କାରଣ ମୁଁ ଜାଣେ ଓଡ଼ିଶା ସଂସ୍କୃତିକୁ ନେଇ ବେଶ୍ ଅଗ୍ରଣୀ। କଳା ବିଶେଷ କରି ଲାଇଭ୍ ଆର୍ଟର ପ୍ରଦର୍ଶନ ଏଠାରେ ବହୁତ ହୁଏ। ସେହିପରି ଛଉ ଭଳି ଲୋକନୃତ୍ୟର ମଧ୍ୟ ପ୍ରାଧାନ୍ୟ ରହିଛି। ତେଣୁ ମୋତେ ଲାଗିଥିଲା କି ମଞ୍ଚ ତ ପ୍ରସ୍ତୁତ, ବାସ୍ ଆମକୁ ପ୍ରଦର୍ଶନ କରିବାର ଅଛି। ମାତ୍ର ଆମ ନାଟକ ସେମାନଙ୍କୁ ଭଲ ଲାଗିଲା କି ନାହିଁ ତାହା ଟେଷ୍ଟ କରିବା ବାକି ଥିଲା।

**'ମିର୍ଜାପୁର' ପରେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଘଟିଛି କି?**

ତୁମର କାମ ଯେବେ ଲୋକଙ୍କ ପାଖରୁ ପ୍ରତିକ୍ରିୟା ହୋଇ ଆସେ ତାହା ସନ୍ତୋଷ ଦେଇଥାଏ। କିଏ ପ୍ରଶଂସା କରିବା ନିହାତି ତ ଖୁସିର କଥା। ମାତ୍ର ଓଟିଟି ଓ ଗଣମାଧ୍ୟମ ଯେଭଳି ଭାବେ ଲୋକଙ୍କ ପାଖେ ପହଞ୍ଚୁଛି, ସେହି ହିସାବରେ ଦେଖିବାକୁ ଗଲେ ଓଟିଟି ସିରିଜ୍ 'ମିର୍ଜାପୁର'ରେ ମୋ ଚରିତ୍ର ଲୋକଙ୍କ ପାଖରୁ ଅଧିକ ପ୍ରତିକ୍ରିୟା ପାଇପାରିଛି।

**ମଞ୍ଚରୁ ଓଟିଟିର ଯାତ୍ରା କିଭଳି ରହିଛି?**

ମୁଁ ସବୁ କିଛିରେ ଅଭିନୟ କରିବାକୁ ବହୁତ ଏକ୍ସାଇଟେଡ୍ ଥାଏ। କେବେ କୌଣସି ପ୍ରତିବନ୍ଧକ ବି ଆସିଥିବା ଅନୁଭବ କରିବାକୁ ପାଇନାହିଁ। ମାତ୍ର ମୋ ଜୀବନର ଅଧିକାଂଶ ସମୟ ପାଖାପାଖି ୩୦ବର୍ଷ ମୁଁ ନାଟକକୁ ଦେଇଛି। ନାଟକରେ ହିଁ ନିଜକୁ ଅଧିକ ଜାଣିପାରିଛି। ଗତ ୭ବର୍ଷ ମଧ୍ୟରେ ଗଣମାଧ୍ୟମ ଦ୍ୱାରା ମୁଁ ଯେତିକି ପରିଚିତ ହୋଇପାରିଛି, ସେଥିପାଇଁ ମୁଁ ଭାଗ୍ୟବାନ୍। ହେଲେ ତାହା ମୋ ନାଟକ ଜୀବନଠାରୁ ଅଧିକ ନୁହେଁ।

**ଆଜିକାଲି ପ୍ରାୟ ନେଗେଟିଭ୍ ଚରିତ୍ରରେ ଆସୁଛନ୍ତି କାହିଁକି?**

ନେଗେଟିଭ୍ ଚରିତ୍ର ଉପରେ ବହୁତ କାମ କରିବାକୁ ହୁଏ। ଜଣେ ଭିଲେନ ହେବାକୁ ବହୁତ କିଛି କରିବାକୁ ପଡ଼େ। ସେମିତି କିଛି ନାହିଁ ଯେ, ମୁଁ ଭିଲେନ ହିଁ ହେଉଥିବି। ମାତ୍ର ଭିଲେନ ଚରିତ୍ରରେ ଜୀବନ ସାରା ଅଭିନୟ କରିବାକୁ ପସନ୍ଦ କରିବି।

**ଆଗାମୀ ପ୍ରୋଜେକ୍ଟ କ'ଣ ରହିଛି?**

ଆଗକୁ ନୂଆ ନାଟକ 'ସୁଦ୍' ମଞ୍ଚକୁ ଆସିବ। ଏଥିରେ ମୁଁ ନିର୍ଦ୍ଦେଶନା ଦେବାକୁ ଯାଉଛି। କୁମୁଦ ଓ ସୁମିତ ଏଥିରେ ଅଭିନୟ କରିବେ।

ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ସିତାଂଶୁ ଶେଖର ମହାପାତ୍ର-ଭଦ୍ରକ



ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ସିତାଂଶୁ ଶେଖର ମହାପାତ୍ର। ୨୦୨୪ ନିର୍ବାଚନରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ୧୬,୦୬୮ ଖଣ୍ଡ ଭୋଟ୍‌ରେ ହରାଇ ପ୍ରଥମଥର ବିଧାୟକ ହୋଇଛନ୍ତି। ନିର୍ବାଚନମଣ୍ଡଳୀର କୁଆଁସରେ ୧୯୮୨ ଜୁନ୍ ୨୦ରେ ସିତାଂଶୁଙ୍କ ଜନ୍ମ । କିଶୋର ମହାପାତ୍ର ଓ କୁନ୍ତଳା ମହାପାତ୍ରଙ୍କ ସେ ମଝିଆ ପୁତ୍ର। ବ୍ୟାବସାୟିକ ପରିବାରରୁ ଆସି ସେ ଜନପ୍ରତିନିଧି ହୋଇପାରିଛନ୍ତି। ତାଙ୍କ ପରିବାରର ରାଇସ୍ ମିଲ, ଟ୍ରାକ୍ଟର ଶୋ'ରୁମ୍, ଦୁଇଚକିଆ ଶୋ'ରୁମ୍, ମୋବାଇଲ ଦୋକାନ ଆଦି ବ୍ୟବସାୟ ରହିଛି।

ଯୁବ ବିଧାୟକ ସିତାଂଶୁ ବାଣିଜ୍ୟରେ ସ୍ନାତକ କରିଛନ୍ତି। ଶହୀଦ ଭଗତ ସିଂଙ୍କ ନାମରେ 'ଶହୀଦ ଭଗତ ସେନା' ଗଠନ କରି ସେ ଭଦ୍ରକରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜିଲା ଓ ଜିଲା ବାହାରୁ ବହୁ ଯୁବକ ତାଙ୍କ ସଙ୍ଗଠନରେ ଯୋଡ଼ି ହୋଇଥିବା ବେଳେ ସେ ନିଜେ ସଙ୍ଗଠନର ଆବାହକ ଥିଲେ। ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହ ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନ ଥିବା ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଯୋଗାଇଥାଆନ୍ତି। ତାଙ୍କର ସେବା, ସାହାଯ୍ୟ ପାଇଁ ଚନ୍ଦୁ ନନା ନାମରେ ସେ ସମସ୍ତଙ୍କର ପ୍ରିୟ ଥିଲେ। ସଙ୍ଗଠନର ସେବା ମନୋବୃତ୍ତି ପର ମୁହୂର୍ତ୍ତରେ ତାଙ୍କୁ ରାଜନୀତିରେ ସଫଳ କରାଇବାରେ ସହାୟକ ହୋଇଛି। ତାଙ୍କର ସାଙ୍ଗଠନିକ ଦକ୍ଷତା ପାଇଁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଭଦ୍ରକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଆସନରେ ଦଳୀୟ ପ୍ରାର୍ଥୀ କରିଥିଲେ। ଭେଟେରାନ୍ ଲିଡର ପ୍ରଫୁଲ୍ଲଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବା ଓ ବିଜୟୀ ହେବା ପାଇଁ ତାଙ୍କ ସ୍ତ୍ରୀଙ୍କ ସମେତ ପରିବାର, ସଙ୍ଗଠନ ଓ ଦଳୀୟ କର୍ମୀମାନେ ଜୋରଦାର ଉଦ୍ୟମ କରିଥିଲେ।

**ବିଧାୟକ କୁହନ୍ତି...**

ସାଙ୍ଗଠନିକ ଅଭିଜ୍ଞତା ତାଙ୍କ ପାଇଁ ସଫଳତା ଆଣି ଦେଇଛି। ଶହୀଦ ଭଗତ ସେନାରେ ରହି ଲୋକଙ୍କ ସେବା କରୁଥିଲି। ଏହି ସେବାକୁ ବ୍ୟାପକ କରିବା ପାଇଁ ରାଜନୀତିକୁ ଉଚିତ୍ ପ୍ଲାଟ୍‌ଫର୍ମ ଭାବେ ପସନ୍ଦ କଲି। ପୂର୍ବରୁ ଯେମିତି ରହିଥିଲି, ବିଧାୟକ ହେବା ପରେ ମଧ୍ୟ ସେମିତି ରହିବି। କ୍ଷମତା ରହୁ କି ନ ରହୁ ଲୋକଙ୍କ ସହ ସବୁବେଳେ ରହିବି। ଭଦ୍ରକ ସହର ଓ ଗ୍ରାମାଞ୍ଚଳରେ ବହୁ ସମସ୍ୟା ରହିଛି। ପୂର୍ବ ସରକାରରେ ଭଦ୍ରକ ପ୍ରତି ଅବହେଳା ହୋଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ପଛରେ ରହିଥିବା ବେଳେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କ ପ୍ରମୁଖ ଦାବିକୁ ପୂର୍ବ ସରକାର ସମୟରେ ବାରମ୍ବାର ଅଣଦେଖା କରାଯାଇଛି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ସରକାରଙ୍କ ନିକଟରେ ତାଙ୍କ ଦାବି ନିରନ୍ତର ଜାରି ରହିବ। ଭଦ୍ରକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ସୁଦୃଢ଼ କରିବା ଲାଗି ପ୍ରଚେଷ୍ଟା ଜାରି ରଖିବେ ବୋଲି ସିତାଂଶୁ କହିଛନ୍ତି।

ରିପୋର୍ଟ–ସନାତନ ରାଉତ



ମହାରାଷ୍ଟ୍ରର କୋହ୍ଲାପୁର ବିମାନବନ୍ଦରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଶନିବାର ପିସିସି ସଭାପତି ନାନା ପଟୋଲେ ସ୍ୱାଗତ କରୁଛନ୍ତି।

# ଭାଜପାରେ ମିଶିଲେ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି

## ସଦସ୍ୟତା ଗ୍ରହଣ କଲେ ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

କେନ୍ଦୁଝର,୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଅବିନାଶ ପଟ୍ଟନାୟକଙ୍କୁ ଭାଜପା ଉତ୍ତରୀୟ ଦିଆଯାଇ ଦଳକୁ ସ୍ୱାଗତ କରାଯାଉଛି।

ବିଜୁ ଛାତ୍ର ଜନତା ଦଳର କେନ୍ଦୁଝର ଜିଲା ଛାତ୍ର ସଭାପତି ଅବିନାଶ ପଟ୍ଟନାୟକ ଶନିବାର ବିଧିବଦ୍ଧ ଭାବରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ସଦର ନିର୍ବାଚନ ମଣ୍ଡଳୀର ଭାଜପା ସଂଯୋଜକ ବିବେକାନନ୍ଦ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ଏଥିରେ ନଗର ଭାଜପାର ଉପସଭାପତି ପ୍ରଦୀପ ବେହେରା, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଙ୍କା ସିଂହ ରାଣା, ନଗର କାର୍ଯ୍ୟକର୍ତ୍ତା ପ୍ରିୟବ୍ରତ ଜେନା, ସେହେନସା ଖାନ, ଦେବାଶିଷ ଦାସ, ସୂର୍ଯ୍ୟକାନ୍ତ ଜେନା, ସୁବ୍ରତ ବ୍ରହ୍ମ, ଅଭୟ ବ୍ରହ୍ମ, କିରଣ ରାୟ, ୧୮ନମ୍ବର ୱାର୍ଡର ୱାର୍ଡମେମ୍ବର କିରଣ ସୋରେନ, କୁରୁରବା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବ ପରେ ଅବିନାଶ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସଦସ୍ୟତା ଅଭିଯାନରେ ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସଦସ୍ୟତା ଗ୍ରହଣ କରି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ଭାଜପା ସରକାର ଗଢ଼ିଥିବାରୁ ଏବେ ଅନ୍ୟ ଦଳର ନେତା ଓ କର୍ମୀ ଏହି ଦଳରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି।

# ବିରୋଧୀ ଦଳ ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ସ୍ୱୀକାର କରନ୍ତୁ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୧୦(ଅନିଲ ଦାସ)



ଧର୍ମେନ୍ଦ୍ର ପ୍ରଧାନ

ରାଜନୀତିରେ ଜୟ ପରାଜୟ ଲାଗି ରହେ। ଜୟରେ ବହୁତ ଉନ୍ମାଦିତ ଏବଂ ପରାଜୟରେ ହତୋତ୍ସାହିତ ହେବାର ଆବଶ୍ୟକତା ନାହିଁ। ଭାଜପା ମିଛ କହି ନିର୍ବାଚନ ଜିତିବା ପ୍ରସଙ୍ଗରେ ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପୂର୍ବରୁ ଭାଜପା ବହୁତ ଥର ହାରିଛି। ଓଡ଼ିଶାରେ କିଛି ଲୋକ ଭାଜପାକୁ ସାଇନ୍ ବୋର୍ଡ ପାର୍ଟି କହୁଥିଲେ। ଏବେ ଓଡ଼ିଆ ଲୋକଙ୍କ ଆଶୀର୍ବାଦରେ ଦଳକୁ ସେବା କରିବାର ସୁଯୋଗ ମିଳିଛି। ଲୋକମାନେ ଯାହାକୁ ଯେଉଁ ଭୂମିକା ଦେଇଛନ୍ତି ତାହା ନିର୍ବାହ କରିବା ଦରକାର। ଯାହାକୁ ସେବା କରିବାର ଭୂମିକା ଦେଇଛନ୍ତି, ସେ ସେବା କରିବା ଉଚିତ ଏବଂ ଯାହାକୁ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଦାୟିତ୍ୱ ଦେଇଛନ୍ତି, ସେ ତାହାକୁ ପାଳନ କରିବା ଜରୁରୀ। ସେହିପରି ଅନ୍ୟ ଏକ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ରାଜ୍ୟପାଳଙ୍କ ଅଫିସ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟାଳୟ। ଯେତେବେଳେ କିଛି ଲୋକଙ୍କ ମନରେ ହତାଶାଭାବ ଆସିଯାଏ ଏବଂ ଯେଉଁମାନେ ଅଗଣତାନ୍ତ୍ରିକ ଓ ପରାଜୟକୁ ସ୍ୱୀକାର କରିପାରୁନାହାନ୍ତି, ସେମାନେ ଏହି କଥା କହୁଛନ୍ତି। ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ମୁଣ୍ଡପାତି ସ୍ୱୀକାର କରିବା ଉଚିତ। ସରକାରଙ୍କ ଦୋଷତ୍ରୁଟିକୁ ସାମ୍ନାକୁ ଆଣିବାର ଦାୟିତ୍ୱ ଅଛି। କିନ୍ତୁ ତାଙ୍କ ହତାଶାଭାବକୁ ରାଜଭବନ ଆଡ଼କୁ ନ ମୁହାଁଇଲେ ଭଲ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# କନିଷ୍ଠ ଶିକ୍ଷକ ନିଯୁକ୍ତିକୁ କେବଳ ବିତରଣ କଲେ ମୋହନ ସରକାର: ବିଜେଡି

ଭୁବନେଶ୍ୱର,୫।୧୦(ଅନିଲ ଦାସ)

ରାଜ୍ୟ ଭାଜପା ସରକାରଙ୍କ ଦ୍ୱାରା ୧୬,୦୦୯ କନିଷ୍ଠଶିକ୍ଷକ (ସ୍କିମାଟିକ) ଭାବେ ଆଜି ପ୍ରଦାନ କରାଯାଉଥିବା ନିଯୁକ୍ତି ବିଜେଡି ସରକାରଙ୍କ ସମୟରେ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ହୋଇଥିବା ବିଜୁ ଜନତା ଦଳ ଦାବି କରିଛି। ଏହି ନିଯୁକ୍ତି ମଲାହରିଣ ଉପରେ ପାହାର ପକାଇ ତାକୁ ଶିକାର କରିଛି ବୋଲି କହିବା ସଦୃଶ୍ୟ ହୋଇଛି । ଶଙ୍ଖଭବନଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସଭା ଏମ୍‌ପି ସୁଭାଶିଷ ଖୁଣ୍ଟିଆ ଏବଂ ମୁଖପାତ୍ର ଲେନିନ୍ ମହାନ୍ତି ଏ ପ୍ରସଙ୍ଗ ଉଠାଇବା ସହ ରାଜ୍ୟ ସରକାର ଏକ କପିପେଷ୍ଟ ସରକାର ବୋଲି ବର୍ଣ୍ଣନା କରିଛନ୍ତି । ଶୁଭାଶିଷ କହିଛନ୍ତି, ଏହି ସ୍କିମାଟିକ ନିଯୁକ୍ତି ପାଇଁ ନବୀନ ସରକାର ୨୨ ଅଗଷ୍ଟ ୨୦୨୩ ଦିନ ଏକ ରିଜଲ୍ୟୁସନ କରିଥିଲେ। ୧୦ ସେପ୍ଟେମ୍ବର ୨୦୨୩ରେ ଏହି କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ବିଜ୍ଞାପନ ଅନୁଯାୟୀ ସିବିଟି (କମ୍ପ୍ୟୁଟର ବେସ୍‌ଡ ଏକ୍‌ଜାମ)ରେ ରଖିଥିବା ମାର୍କ ଅନୁଯାୟୀ ଆବେଦନକାରୀ ପ୍ରାର୍ଥୀମାନଙ୍କ ମଧ୍ୟରୁ ଚୟନ କରାଯିବ। ସେହି ଅନୁସାରେ, ୧୫ ଜାନୁଆରୀ ୨୦୨୪ରେ ଡ୍ରାଫ୍ଟ ମେରିଟ୍ ଲିଷ୍ଟ ପ୍ରକାଶ ପାଇଥିଲା। ୫୮ ଜଣ ଆବେଦନକାରୀ ସରକାରଙ୍କ ୨୨ ଅଗଷ୍ଟରେ ହୋଇଥିବା ରିଜଲ୍ୟୁସନ ଉପରେ ପ୍ରଶ୍ନ ଉଠାଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୨୦୨୪ ଜୁନ ୧୮ରେ ଉଚ୍ଚ ନ୍ୟାୟାଳୟଙ୍କ ପ୍ରକାଶିତ ହୋଇଥିବା ରାୟରେ, ସରକାରଙ୍କ ରିଜଲ୍ୟୁସନକୁ ବୈଧ କହିଥିଲେ ଓ ନିଯୁକ୍ତି ପ୍ରଣାଳୀଙ୍କୁ ମଧ୍ୟ ବୈଧ କହିଥିଲେ। ଭାଜପା ଏହି ନିଯୁକ୍ତି ପ୍ରକ୍ରିୟାକୁ ସେତେବେଳେ ବିରୋଧ କରୁଥିଲା। ସରକାରକୁ ଆସିବା ପରେ ନବୀନଙ୍କ ସମୟରେ ସମ୍ପୂର୍ଣ୍ଣ ହୋଇଥିବା ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରୁଛନ୍ତି। ଏଥିପାଇଁ ଖବରକାଗଜରେ ବିଜ୍ଞାପନ ଦେଇ ନିଜର ଡିଣ୍ଡିମ ପିଟୁଛନ୍ତି ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି , ଶ୍ରମିକମାନଙ୍କ ପାରିଶ୍ରମିକ ବୃଦ୍ଧି କଥା ହେଉ ବା ଓଡ଼ିଶାକୁ ଶିଳ୍ପାନୁଷ୍ଠାନ ଦ୍ୱାରା ପୁଞ୍ଜି ନିବେଶ ବା ଶିକ୍ଷକ ନିଯୁକ୍ତି କଥା ହେଉ ବିଜେଡି ସରକାରଙ୍କ ଛାପ ସବୁଠାରେ ରହିଛି। ନବୀନ ପଟ୍ଟନାୟକଙ୍କ ସମୟରେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା। କେବଳ କିଛି ଆବେଦନକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଯୋଗୁ ନିଯୁକ୍ତି ପତ୍ର ଦିଆଯାଇ ପାରି ନ ଥିଲା। ଏହି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ସମୟରେ, ଭାଜପା ଏହାକୁ ଚୁକ୍ତିଭିତ୍ତିକ ନିଯୁକ୍ତି କହି ବିରୋଧ କରୁଥିଲା, ସେହି ନିଯୁକ୍ତି ଦେଇ ଏବେ ବାହାଦୁରି ନେବାକୁ ଚେଷ୍ଟାକରୁଛି ବୋଲି ଲେନିନ୍ କହିଛନ୍ତି।

# ଅନାସ୍ଥା ଆଣିଲେ ୱାର୍ଡମେମ୍ବର

ଉଦଳା,୫।୧୦(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଜାମବଣି ସରପଞ୍ଚ ପିଙ୍କି ମାଝୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଅନାସ୍ଥା ନେଇ ୯ ୱାର୍ଡମେମ୍ବର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦରଖାସ୍ତ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପଞ୍ଚାୟତର ୧୧ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୯ ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିଛନ୍ତି। ପଞ୍ଚାୟତରେ ଉନ୍ନୟନ କାମ କରିବା ପାଇଁ ସରପଞ୍ଚ ଆନ୍ତରିକତା ଦେଖାଉନାହାନ୍ତି। ନିଜେ ସରପଞ୍ଚ ହୋଇଥିଲେ ସୁଦ୍ଧା ସ୍ୱାମୀଙ୍କ ଇଙ୍ଗିତରେ ସେ ପରିଚାଳିତ ହେଉଛନ୍ତି। ଏହା ସହ ପଞ୍ଚାୟତରେ ହୋଇଥିବା ଦୁର୍ନୀତିରେ ସରପଞ୍ଚ ସାମିଲ ଥିବା ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦେଲେ ବେଳେ,**
**ନାମ ରହିଥିବ କାଳେ କାଳେ।**

ଖାଇବାକୁ ଦେଲେ ଲୋକେ ତାହା ଅନେକ ଦିନ ପର୍ଯ୍ୟନ୍ତ ମନେରଖିଥାନ୍ତି। ସେହିପରି କୌଣସି ସମୟରେ ଭୋଜିଭାତ କରି ଖୁବ୍ ଭଲ ଖାଇବାକୁ ଦେଲେ ଦେବାଲୋକର ନାଁ କାଳକାଳକୁ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଆନ୍ତି କୌରବଙ୍କର,**
**ଗାଆନ୍ତି ପାଣ୍ଡବଙ୍କର ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରିଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତ୍‌ପଦ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଡିଙ୍କିଆ ପଞ୍ଚାୟତ ନିର୍ବାଚନ

# ଜିତିଲେ ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀ

କୁଜଙ୍ଗ,୫।୧୦(ମନୋଜ ପ୍ରଧାନ)





ବିଜୟୀ ସରପଞ୍ଚ ପ୍ରାର୍ଥିନୀ ପିଙ୍କି ଦାସ। ଏରସମା ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଶୋଇଥିବା ୱାର୍ଡସଭ୍ୟ ପ୍ରାର୍ଥିନୀଙ୍କ ସ୍ୱାମୀ ରମେଶ ଦାସ।

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକର ବହୁଚର୍ଚ୍ଚିତ ଡିଙ୍କିଆ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଶନିବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ଶେଷହୋଇଛି। ସରପଞ୍ଚ ପଦରେ ଶିଳ୍ପ ବିରୋଧୀ ଓ କଂଗ୍ରେସ ସମର୍ଥିତ ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀ ପିଙ୍କି ଦାସ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶାନ୍ତିଲତା ବେହେରାଙ୍କୁ ୧୦୪୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଏହି ନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ବେହେରା, ଭାଜପା ସମର୍ଥିତ ପ୍ରାର୍ଥିନୀ ବାସନ୍ତୀ ଖଟୁଆ ଓ ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀ ପିଙ୍କିଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ପିଙ୍କି ୨୯୨୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଶାନ୍ତିଲତା ୧୮୮୧ ଖଣ୍ଡ ଭୋଟ ପାଇଛନ୍ତି। ବାସନ୍ତୀ ୧୮୪୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ପଞ୍ଚାୟତରେ ସରପଞ୍ଚ ପଦ ନିମନ୍ତେ ୬,୭୧୦ ଖଣ୍ଡ ଭୋଟ ବାକ୍ସରେ ପଡ଼ିଥିବା ବେଳେ ସେଥିରୁ ୫୬ ଖଣ୍ଡ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ କହିଛନ୍ତି। ବାଲିକୁଦା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ବିଜୟୀ ପ୍ରାର୍ଥିନୀ ପିଙ୍କିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ପଞ୍ଚାୟତର ୨୩ ୱାର୍ଡ ମଧ୍ୟରୁ ୯ ନମ୍ବର ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ମାତ୍ର ସେଠାରେ କୌଣସି ଅନୁସୂଚିତ ଜନଜାତି ବର୍ଗ ନ ଥିବାରୁ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ତେବେ ୨୨ ୱାର୍ଡରେ ସଭ୍ୟପଦ ପାଇଁ ୬୪ ଜଣ ପ୍ରାର୍ଥୀ ସେମାନଙ୍କ ମନୋନୟନ ପତ୍ର ଦାଖଲ କରିଥିଲେ। ୨୨ ନମ୍ବର ୱାର୍ଡ ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ଯାଞ୍ଚ ସମୟରେ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। ଫଳରେ ଅନ୍ୟ ଜଣେ ପ୍ରାର୍ଥିନୀ ମମତା ଦଳାଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତେଣୁ ୨୧ଟି ୱାର୍ଡରେ ସଭ୍ୟ ପଦବୀ ନିମନ୍ତେ ଭୋଟ ହୋଇଥିଲା। ୧୯ ନମ୍ବର ୱାର୍ଡର ସଭ୍ୟା ପଦ ପାଇଁ ପ୍ରାର୍ଥିନୀ ହୋଇଥିବା ଅବନ୍ତୀ ଦାସଙ୍କ ପୁଅ ରଞ୍ଜୀବ ଗଣତି ସମୟରେ ତାଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିଲେ। ମାତ୍ର ଭୋଟ ଗଣତି ସମୟରେ ଏକ ବାଲଟରେ ଦୁଇ ଜାଗା ଷ୍ଟାମ୍ପ ବାଜିଥିବା ଅଭିଯୋଗ କରି ସେ ବାଲଟକୁ ନାକଚ କରିବାକୁ ଦାବି କରିଥିଲେ। କିନ୍ତୁ ନିର୍ବାଚନ ଅଧିକାରୀ ତାଙ୍କ ଦାବିକୁ ଗ୍ରହଣ ନ କରିବାରୁ ଅବନ୍ତୀଙ୍କ ସ୍ୱାମୀ ରମେଶ ଦାସ ଏରସମା ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଶୋଇରହିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଅନଶନ କରିବେ ବୋଲି କହିଛନ୍ତି। ଏନେଇ ପୋଲିସ ଓ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ୱାର୍ଡରେ ୩ ଜଣ ପ୍ରାର୍ଥିନୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅବନ୍ତୀ ୮୬ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମମତା ଦାସ ୮୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଟୁକୁନି ଦାସ ୭୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

ଏହି ନିର୍ବାଚନରେ ଶିଳ୍ପ ସପକ୍ଷବାଦୀ ବିଜେଡିକୁ ଶକ୍ତ ଧକ୍କା ଲାଗିଥିବା କୁହାଯାଉଛି। ଅନ୍ୟପଟେ ବିଜେଡି ସମର୍ଥିତ ପ୍ରାର୍ଥିନୀ ଶାନ୍ତିଲତା ବେହେରାଙ୍କ ପରାଜୟ ପ୍ରଥମ କରି ବିଧାୟକ ହୋଇଥିବା ବିଜେଡି ନେତା ଶାରଦା ପ୍ରସନ୍ନ ଜେନାଙ୍କ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହୋଇଛି। ସେହିପରି ପ୍ରଥମ କରି ରାଜ୍ୟ ଶାସନ ଭାର ନେଇଥିବା ଭାଜପା ପାଇଁ ଡିଙ୍କିଆ ପଞ୍ଚାୟତ ନିର୍ବାଚନ ସମ୍ମାନର ପ୍ରଶ୍ନ ଥିଲା। ସାଧାରଣ ନିର୍ବାଚନ ପରେ ପ୍ରଥମ କରି ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଭାଜପାର ପରାଜୟକୁ ପୁରୁଣା କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କୌଣସି ପୁରୁଣା ସଙ୍ଗଠକଙ୍କୁ ସାଙ୍ଗରେ ନ ନେବାରୁ ଦଳ ଶୋଚନୀୟ ଭାବେ ପରାଜିତ ହେଲା ବୋଲି ଭାଜପା ନେତା କ୍ଷୀରୋଦ ପରିଡ଼ା କହିଛନ୍ତି।

## ଇନ୍ଦିରା ଆଇଭିଏଫ୍‌ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର:** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫର୍ଟିଲିଟି ଚେନ୍ ଇନ୍ଦିରା ଆଇଭିଏଫ୍‌ର ଭୁବନେଶ୍ୱରର ସେଣ୍ଟରର ୭ମ ବାର୍ଷିକ (ପ୍ରତିଷ୍ଠା ଦିବସ) ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଇନ୍ଦିରା ଆଇଭିଏଫ୍ ଭୁବନେଶ୍ୱରର ସେଣ୍ଟର ହେଡ୍ ଡା. ସସ୍ମିତା ନାୟକଙ୍କ ସମେତ ବରିଷ୍ଠ ଡା. ଅମ୍ରିତା ନନ୍ଦ, ଡା. ପ୍ରଜ୍ଞା ଦାସ, ଡା. ଶୈଳବାଳା ଶ', ଡା. ମିତାଲି ମଧୁସ୍ମିତା ଦାସ, ଡା. ନିହାର ରଞ୍ଜନ ଭୋଇ ଓ ଡା. ଅଳକାନନ୍ଦ ବଳବନ୍ତରାୟ ପ୍ରମୁଖ ସାମିଲ ଥିଲେ।

# ପାର୍ବଣ ପୂର୍ବରୁ ଅଟୋ ଶିଳ୍ପରେ ଆକର୍ଷଣୀୟ ରିହାତି

- ନୂତନ କଲେକ୍ସନର ଅନାବରଣ
- ଅତୁଳନୀୟ ଫେଷ୍ଟିଭ ଅଫର

**ନୂଆଦିଲ୍ଲୀ,୫।୧୦**




ପ୍ରତିବର୍ଷ ଭଳି ଚଳିତବର୍ଷ ପାର୍ବଣରେ ଗାଡ଼ି ବିକ୍ରି ବୃଦ୍ଧି ପାଇଁ ଅଟୋ ଶିଳ୍ପ ଉଭୟ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରିକ ଭେଇକିଲ/ଇଭି) ଏବଂ ଇନ୍ଧନଚାଳିତ ଯାନ ବର୍ଗ ପକ୍ଷରୁ ବ୍ୟାପକ ଯୋଜନା କରାଯାଇଛି। ଏପରିକି ପାର୍ବଣ ପୂର୍ବରୁ ଅଟୋ ଶିଳ୍ପ ବର୍ଗରେ ଆକର୍ଷଣୀୟ ରିହାତି ସାଙ୍ଗକୁ ଅତୁଳନୀୟ ଫେଷ୍ଟିଭ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି।

ଅପରପକ୍ଷରେ ପାର୍ବଣର ଖୁସି ଦ୍ୱିଗୁଣିତ କରିବା ପାଇଁ କାର୍, ବାଇକ୍, ସ୍କୁଟର ଭଳି ପ୍ରମୁଖ ଯାତ୍ରୀବାହୀ ବର୍ଗର ଯାନ କମ୍ପାନୀଗୁଡିକର ନୂତନ ମଡେଲ (କଲେକ୍ସନ)ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହ ମଧ୍ୟରେ କିଆ ଇଣ୍ଡିଆ, ନିଶାନ, ଟାଟା ମୋଟର୍ସ, ସ୍କୋଡା ଏବଂ ବିଏମ୍‌ଡବ୍ଲ୍ୟୁର ନୂଆ ମଡେଲ ଅନାବରଣ ହୋଇଥିଲାବେଳେ ମହିନ୍ଦ୍ରା, ଟୟୋଟା, ମାରୁତି ଏବଂ ରେନାଲ୍ଟର ନୂଆ ଗାଡ଼ିଗୁଡିକୁ ଗ୍ରାହକଙ୍କୁ ଡେଲିଭରି କରାଯାଇଛି।

ସେହିଭଳି ୨ଚକିଆ ପେଟ୍ରୋଲଚାଳିତ ବାଇକ୍ ଯଥା ଟିଭିଏସ୍, ହୋଣ୍ଡା, ୟାମା ଏବଂ ବଜାଜର ବିଭିନ୍ନ ରେଞ୍ଜ ଉପରେ ଆକର୍ଷଣୀୟ ରିହାତି ସାଙ୍ଗକୁ ସର୍ଭିସ୍ ଓ ପାର୍ଟସ୍‌ରେ ଅତୁଳନୀୟ ଅଫର ଦିଆଯାଉଛି। ଏପରିକି ୨ ଚକିଆ ଇଭି ଯାନ ଭିଡା, ଓଲା, ଏଥର ଭଳି ଅଗ୍ରଣୀ ସ୍କୁଟର କମ୍ପାନୀଗୁଡିକ କ୍ୟାଶ୍‌ବ୍ୟାକ୍ ଓ ଅତୁଳନୀୟ ଅଫର ପ୍ରଦାନ କରୁଛନ୍ତି।

ସେହିପରି ମାରୁତି ସୁଜୁକି, ହ୍ୟୁଣ୍ଡାଇ, ସ୍କୋଡା, ଟୟୋଟା, କିଆ, ଏମ୍‌ଜି, ରେନଲ୍ଟ, ମହିନ୍ଦ୍ରା, ଫକ୍ସ୍‌ୱାଗସନ ଓ ନିଶାନ ଭଳି ବ୍ରାଣ୍ଡ ପକ୍ଷରୁ ଆକର୍ଷଣୀୟ ରିହାତି ଓ ଅତୁଳନୀୟ ଅଫର ଓ ସୁଲଭ ମୂଲ୍ୟରେ ବ୍ରାଣ୍ଡର ବିଭିନ୍ନ ମଡେଲ ଗ୍ରାହକଙ୍କୁ ଯୋଗାଇ ଦେଉଛନ୍ତି।

ଅପରପକ୍ଷରେ ଟାଟା ମୋଟର୍ସ, କିଆ, ହ୍ୟୁଣ୍ଡାଇ କିଆ ଓ ଏମ୍‌ଜିର ଇଭି ବ୍ରାଣ୍ଡ ଉପରେ ମଧ୍ୟ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି।

ଏ ନେଇ ଫେଡେରେଶନ ଅଫ୍ ଅଟୋ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ କୁହାଯାଇଛି ଯେ ଗତ କିଛି ମାସ ହେବ ଗାଡି ବିକ୍ରି ମାନ୍ଦା ପଡିଥିଲାବେଳେ ପାର୍ବଣରେ ବିକ୍ରି ଅଭିବୃଦ୍ଧି ସାଙ୍ଗକୁ ବାର୍ଷିକ ଲକ୍ଷ୍ୟ ପୂରଣ ପାଇଁ ଫେଷ୍ଟିଭ ଟାଇମ ଅଟୋଶିଳ୍ପ ପାଇଁ ଏକ ମୂଲ୍ୟବାନ୍ ସମୟ ହୋଇଥାଏ। ଏପରିକି ଗାଡି ବିକ୍ରି ବୃଦ୍ଧି ପାଇଁ ଅଟୋ ଶିଳ୍ପ କମ୍ପାନୀଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରାଯାଉଛି ବୋଲି ଫାଡା ବିସ୍ତୃତ ଭାବେ ମତବ୍ୟକ୍ତ କରିଛି।

## ଅଗ୍ନି-୩ର ଶୁଭାରମ୍ଭ

**ନୂଆଦିଲ୍ଲୀ,୫।୧୦**

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଫ୍ଲାଗ୍‌ଶିପ୍ ସ୍ମାର୍ଟଫୋନ୍ 'ଲାଭା ଅଗ୍ନି-୩'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସେଗ୍‌ମେଣ୍ଟର ପ୍ରଥମ ଫିଚର୍ସ ସହ ଅଗ୍ନି-୩କୁ ଆଧୁନିକ ଟେକ୍ନୋଲୋଜିରେ ଡିଜାଇନ କରାଯାଇଛି। ନୂତନ ସ୍ମାର୍ଟଫୋନ୍ ଅତ୍ୟାଧୁନିକ ହାର୍ଡୱେର ଏବଂ ସଫ୍ଟୱେର ଅଗ୍ରଗତିକୁ ମିଶାଇ ଉପଭୋକ୍ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଭୂତି ପ୍ରଦାନ କରୁଛି। ସେହିଭଳି ବିନା ଚାର୍ଜରରେ ୮ଜିବି + ୧୨୮ ଜିବି, ଚାର୍ଜର ସହ ୮ ଜିବି + ୧୨୮ ଜିବି ଓ ଚାର୍ଜର ସହ ୮ଜିବି+୨୫୬ ଜିବି ଭଳି ୩ଟି ଭାରିଆଣ୍ଟରେ ଅଗ୍ନି-୩ ଉପଲବ୍ଧ। ସେହିପରି ହିଥର ଗ୍ଲାସ୍ ଓ ପ୍ରିଷ୍ଟିନ୍ ଗ୍ଲାସ୍ ଭଳି ଦୁଇଟି ଆକର୍ଷଣୀୟ ରଙ୍ଗରେ ଶୁଭାରମ୍ଭ ହୋଇଥିବା ଏହି ମଡେଲର ପ୍ରି-ବୁକିଂ ଶନିବାର ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ହେଡ୍ ପ୍ରଡକ୍ଟ ସୁମିତ ସିଂହ କହିଛନ୍ତି,ଆମେ ଆମର ନୂତନ ଉତ୍ପାଦକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଥିଲାବେଳେ ଅଗ୍ନି-୩ କେବଳ ସ୍ମାର୍ଟଫୋନ୍ ନୁହେଁ,ଏହା ଭାରତର ବୈଷୟିକ ଦକ୍ଷତାକୁ ପ୍ରମାଣିତ କରୁଛି।

## ପଙ୍କଜ ସିବିଆଇର ନୂଆ କ୍ଷେତ୍ରୀୟ ମୁଖ୍ୟ

**ଭୁବନେଶ୍ୱର,୫।୧୦**


ପଙ୍କଜ କୁମାର

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ପଙ୍କଜ କୁମାର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ୨୦୨୧-୨୪ରେ ତେଲଙ୍ଗାନାର ୱାରାଙ୍ଗଲ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ପଙ୍କଜ କୁମାର ଉତ୍ତର ପୂର୍ବ, ତେଲଙ୍ଗାନା, ବିହାର, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦ ପଦବୀରେ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ମୁମ୍ବାଇସ୍ଥିତ କର୍ପୋରେଟ୍ ଫାଇନାନ୍ସ ଶାଖାରେ ସେ କାର୍ଯ୍ୟ କରିବା ସହ ମୁମ୍ବାଇ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିଟାଲ ପେମେଣ୍ଟ ଆଣ୍ଡ୍ ଟାନ୍ସେକସନ ବ୍ୟାଙ୍କିଙ୍ଗ୍‌ରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏପରିକି ସେ ଶାଖା ସ୍ତରରେ ୫ ବର୍ଷ କାର୍ଯ୍ୟ କରିଛନ୍ତି ଏବଂ ୫ ବର୍ଷରୁ ଅଧିକ ସମୟ ଅଡିଟ୍ କାର୍ଯ୍ୟାଳୟରେ ମଧ୍ୟ କାମ କରିଛନ୍ତି। ସେହିପରି କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ତୃଣମୂଳସ୍ତରର ବିକାଶ ନିମନ୍ତେ ଏମ୍‌ଏସ୍‌ଏମ୍‌ଇ, ରିଟେଲ୍, ସ୍ୱୟଂ ସହାୟକ ଗୋଷ୍ଠୀ, ସିଡି ଅନୁପାତ, କାସା, ସାମାଜିକ ସୁରକ୍ଷା ଯୋଜନା, ସେଣ୍ଟ ୟୁପିଆଇ ଓ କେନ୍ଦ୍ର ଏବଂ ରାଜ୍ୟ ଅନୁମୋଦିତ ବିଭିନ୍ନ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ ଉପରେ ମଧ୍ୟ ବିଶେଷ ଧ୍ୟାନଦେବେ ବୋଲି ପଙ୍କଜ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଖସୁନି ପନିପରିବା, ଡାଲି ଦର

**ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)**

ଗତ କିଛିଦିନ ଧରି ପନିପରିବା ମୂଲ୍ୟରେ ଲଗାତର ବୃଦ୍ଧି ଘଟିଛି। ମହଙ୍ଗା ପନିପରିବା ହେତୁ ନିରାମିଷ ଥାଳିର ମୂଲ୍ୟ ୧୧%ରୁ ଅଧିକ ବୃଦ୍ଧି ପାଇଛି। ୧ବର୍ଷ ପୂର୍ବେ ୨୮.୧ ଟଙ୍କା ହୋଇଥିବା ଭେଜ ଥାଳିର ମୂଲ୍ୟ ବର୍ତ୍ତମାନ ୩୧.୩ ଟଙ୍କା ହୋଇଛି। ପନିପରିବା ମୂଲ୍ୟ ଭେଜ ଥାଳି ହାରରେ ପ୍ରାୟ ୩୭ ପ୍ରତିଶତ ଯୋଗଦାନ ଦେଇଥାଏ। ଅନ୍ୟପକ୍ଷରେ ଚିକେନ୍‌ର ମୂଲ୍ୟ ହ୍ରାସ ଆମିଷ ଥାଳିର ଦର ସାମାନ୍ୟ ହ୍ରାସ କରିଛି। ଏହାର ମୂଲ୍ୟ ପ୍ରାୟ ୨% ହ୍ରାସ ପାଇଛି। ସେପ୍ଟେମ୍ବରରେ ଆମିଷ ଥାଳିର ମୂଲ୍ୟ ପ୍ରାୟ ୫୯.୩ ଟଙ୍କା ହୋଇଛି। କ୍ରିସିଲ ରିପୋର୍ଟ ଅନୁଯାୟୀ ଖାଦ୍ୟ ମୁଦ୍ରାସ୍ଫୀତି ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି। ଏହା ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଗତ କିଛିଦିନ ହେଲା ପିଆଜ, ଆଳୁ ଏବଂ ଟମାଟୋର ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି । ପିଆଜ ପ୍ରାୟ ୫୩% , ଆଳୁ ୫୦ % ଏବଂ ଟମାଟୋ ୧୮% ମହଙ୍ଗା ହୋଇଛି। ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଖରାପ ପାଗ ଯୋଗୁ ବିଭିନ୍ନ ରାଜ୍ୟକୁ ଆଳୁ ଏବଂ ପିଆଜର ଯୋଗାଣ ହ୍ରାସ କାରଣରୁ ଦରଦାମ୍ ଖସୁନାହିଁ। ଡାଲି ନିରାମିଷ ଥାଳିରେ ପ୍ରାୟ ୯% ଅବଦାନ ଦେଇଥାଏ। ଉତ୍ପାଦନରେ ହ୍ରାସ ହେତୁ ଡାଲିର ଦର ମଧ୍ୟ ପ୍ରାୟ ୧୪ ପ୍ରତିଶତ ବୃଦ୍ଧି ପାଇଛି। କ୍ରିସିଲର ଏହି ମାସିକ ରିପୋର୍ଟରେ ଡାଲି, ଚିକେନ୍, ପନିପରିବା, ମସଲା, ଖାଇବା ତେଲ ଏବଂ ଗ୍ୟାସ୍‌ର ମୂଲ୍ୟ ଆଧାରରେ ନିରାମିଷ ଓ ଆମିଷ ଖାଦ୍ୟ ଥାଳିର ମୂଲ୍ୟ ସ୍ଥିର କରାଯାଏ। ଏହି ରିପୋର୍ଟରେ ଦେଶର ସମସ୍ତ କ୍ଷେତ୍ରରୁ ତଥ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

## ଖିମ୍‌ଜୀ ଜୁଏଲର୍ସର ପାର୍ବଣ ଅଭିଯାନ

**ଭୁବନେଶ୍ୱର,୫।୧୦: (ଅଭୟ ଦାଶ)**



ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ସର୍ବପୁରାତନ ଗହଣା ବ୍ରାଣ୍ଡ୍ ଖିମଜୀ ଜୁଏଲର୍ସର ପାର୍ବଣ ଅଭିଯାନ 'ରୌନକ୍ ହୈ ତୁମ୍‌ସେ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଭିଯାନରେ ଜାତୀୟ ପୁରସ୍କାର ବିଜୟିନୀ ପ୍ରକୃତି ମିଶ୍ର ନିଖୁଣ ଅଭିନୟ କରିଛନ୍ତି। ସେହିଭଳି ଜୀବନକାଳରେ ମହିଳାମାନେ ନିଭାଉଥିବା ବିଭିନ୍ନ ଭୂମିକାକୁ ଅଭିନୟ ଜରିଆରେ ପ୍ରକୃତି ମିଶ୍ର ସୁନ୍ଦର ଭାବେ ନିଭାଇଛନ୍ତି। ଏପରିକି ପ୍ରାକୃତିକ ହୀରା ଭଳି ମହିଳାମାନଙ୍କର ବିଭିନ୍ନ ଦିଗ ଏହି ଅଭିଯାନରେ ସାମିଲ ରହିଛି। ପ୍ରତିଟି ନିଜସ୍ୱ ଔଜଲ୍ୟରେ ଚମକୁଛି ଏବଂ ଖିମ୍‌ଜୀ ଜୁଏଲର୍ସ ଏହି ପାର୍ବଣ ଋତୁରେ ମହିଳାମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ପ୍ରତୀକ ସୁଲଭ ହୀରା ଗହଣା ସହ ସେମାନଙ୍କର ଗରିମାକୁ ପାଳନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛି। ଅପରପକ୍ଷରେ ଏହି ନୂଆ ସମ୍ଭାର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ମନଲୋଭା ଡିଜାଇନ ଆଧୁନିକ ମହିଳାମାନଙ୍କର ସମ୍ଭ୍ରାନ୍ତପଣ ଏବଂ ଉତ୍କର୍ଷକୁ ପ୍ରତିଫଳିତ କରୁଛି। ଏପରିକି ହୀରାଗୁଡ଼ିକୁ ଚଳିତ ପାର୍ବଣ ଋତୁରେ ପ୍ରଶସ୍ତି ପ୍ରଦର୍ଶନ କରିବାକୁ ଏକମାତ୍ର ଉପାୟ ପାଲଟିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୪ରୁ ଏହି ସ୍ୱତନ୍ତ୍ର ବର୍ଗର ଗହଣା ବର୍ତ୍ତମାନ ଖିମ୍‌ଜୀ ଜୁଏଲର୍ସର ସମସ୍ତ ଷ୍ଟୋରରେ ଉପଲବ୍ଧ ହେଉଛି। ଏପରିକି ଗ୍ରାହକମାନେ ଏହି ସମ୍ଭାର ଦେଖିବା ଏବଂ ଏକ ସୀମିତ ସମୟ ପାଇଁ ସ୍ୱତନ୍ତ୍ର ପାର୍ବଣକାଳୀନ ଅଫର୍ ଉପଭୋଗ କରିବାକୁ ଆମନ୍ତ୍ରଣ କରାଯାଉଛି। ସେହିଭଳି ପାର୍ବଣର ଅଂଶ ଭାବେ ଖିମ୍‌ଜୀ ଜୁଏଲର୍ସ ପ୍ରତ୍ୟେକ ୩୦,୦୦୦ ଟଙ୍କା ମୂଲ୍ୟର ହୀରା ଗହଣାର କ୍ରୟ ଉପରେ ଦୁଇଟି (୨) ମାଗଣା ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରତ୍ୟେକ ୩୦,୦୦୦ ଟଙ୍କା ମୂଲ୍ୟର ସୁନା ଅଳଙ୍କାର କ୍ରୟ ଉପରେ ଗୋଟିଏ (୧) ମାଗଣା ସୁନା ମୁଦ୍ରା ଉପହାର ଦେଉଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ କହିଥିଲେ, ଆମେ ଆମର ପାର୍ବଣ ଅଭିଯାନକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅଭିଯାନରେ ଆମେ ମହିଳାମାନଙ୍କୁ ସମ୍ମାନ ଜଣାଇ ନୂତନ ସମ୍ଭାର ସହିତ ପ୍ରତ୍ୟେକ ମହିଳାଙ୍କୁ ଚଳିତ ପାର୍ବଣ ଋତୁରେ ସୁଲଭ ଗହଣା ଯୋଗାଇଦେଉଛି। ଏପରିକି ସେମାନଙ୍କ ସାମର୍ଥ୍ୟ, ମଜଭୁତପଣ ଏବଂ ଔଜଲ୍ୟ ପ୍ରତି ଏହା ଏକ ସମ୍ମାନ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିସ୍‌ର ନୂତନ ଷ୍ଟୋର

**ଭୁବନେଶ୍ୱର,୫।୧୦**

ସାରା ଭାରତରୁ ସୁଲଭ ମୂଲ୍ୟରେ ଶାଢ଼ି ସଂଗ୍ରହ କରୁଥିବା ପଶ୍ଚିମବଙ୍ଗ (ବଙ୍ଗଳା)ର ଅଗ୍ରଣୀ ରିଟେଲ ଚେନ୍ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିସ୍‌ର ନୂତନ ଷ୍ଟୋର ନିକଟରେ ଭୁବନେଶ୍ୱର (ଓଡ଼ିଶା)ର ଅଶୋକ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିର ପ୍ରତିଷ୍ଠାତା ପ୍ରତିଭା ଦୁଧୋରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିର ପ୍ରତିଷ୍ଠାତା ପ୍ରତିଭା ଦୁଧୋରିଆ କହିଛନ୍ତି, ଆମେ ଆମର ନୂତନ ଷ୍ଟୋରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ୫୦ବର୍ଷର ପରମ୍ପରା ସହ ଭାରତୀୟ ସିଲ୍କ ହାଉସ୍ ଏଜେନ୍ସି ପୂର୍ବ ଭାରତର ସର୍ବବୃହତ୍ ରେଶମ ଶାଢ଼ିର ଖୁଚୁରା ଚେନ୍ ଭାବେ ପରିଚିତ ଥିଲାବେଳେ ଏହି ବ୍ରାଣ୍ଡ ଗୁଣବତ୍ତା, କାରିଗରି ଏବଂ ଗ୍ରାହକସେବା ପ୍ରତି ନିଜର ପ୍ରତିବଦ୍ଧତା ପାଇଁ ଜଣାଶୁଣା ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଶାଢ଼ିପ୍ରେମୀଙ୍କ ହୃଦୟ ଜିତିବା ପରେ ଏହି ବ୍ରାଣ୍ଡ୍ ଛତିଶଗଡ଼, ବିହାର ଏବଂ ଓଡ଼ିଶା ଭଳି ବଜାରରେ ମଧ୍ୟ ସଫଳତାର ସହ ନିଜର ପହଞ୍ଚ ବିସ୍ତାର କରିଛି। ବର୍ତ୍ତମାନ ବଙ୍ଗଳାର ଆକର୍ଷଣ ଏବଂ ସାରା ଭାରତରୁ ଶାଢ଼ିର ବିବିଧ ସୌନ୍ଦର୍ଯ୍ୟକୁ ଭୁବନେଶ୍ୱର ଆଣିବାକୁ ପ୍ରସ୍ତୁତ ହୋଇଛି। ବଙ୍ଗଳାର କେନ୍ଦ୍ରସ୍ଥଳରେ ସ୍ଥାପିତ ଭାରତୀୟ ସିଲ୍କ ହାଉସ୍ ଏଜେନ୍ସିମାନେ ପରମ୍ପରାର ରକ୍ଷକ ହୋଇ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ହାତବୁଣା ଶାଢ଼ିର ଏକ ଉତ୍କୃଷ୍ଟ ସଂଗ୍ରହ ପ୍ରଦାନ କରିଛନ୍ତି। ବଙ୍ଗଳାର ଜଟିଳ ବାଲୁଚାରୀଠାରୁ ଆରମ୍ଭ କରି ଦକ୍ଷିଣର ଜୀବନ୍ତ କାଞ୍ଜିଭାରାମ ଏବଂ ଉତ୍ତରର ବିଶାଳ ବନାରସୀ ପର୍ଯ୍ୟନ୍ତ, ପ୍ରତ୍ୟେକ ଶାଢ଼ି ଗୁଣାତ୍ମକ ଏବଂ କାରିଗରି ପ୍ରତି ବ୍ରାଣ୍ଡର ଅତୁଟ ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି।

## କାନାରା ବ୍ୟାଙ୍କର ନୂତନ ଅଭିଯାନ




**ଭୁବନେଶ୍ୱର,୫।୧୦**

କାନାରା ବ୍ୟାଙ୍କର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟର ବିଭିନ୍ନ କଲେଜ ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡିକରେ ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ଓ ସାନିଟାରି ନାପ୍‌କିନ୍ ଡିସ୍‌ପୋଜାଲ ମେଶିନର ସ୍ଥାପନା କରାଯାଇଛି। ଏହି ମହତ୍ କାର୍ଯ୍ୟର ପଦକ୍ଷେପ ସ୍ୱରୂପ ବ୍ୟାଙ୍କର ରାଜ୍ୟ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର କଟକର ନାରଣପୁରସ୍ଥିତ କେଏମ୍‌ବିବି ଜୁନିୟର ସାଇନ୍ସ କଲେଜକୁ ଏହି ସାନିଟାରି ନାପକିନ୍ ଭେଣ୍ଡିଂ ମେଶିନ୍ ଓ ସାନିଟାରି ନାପକିନ୍ ଡିସ୍‌ପୋଜାଲ ମେଶିନ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କଲେଜର ପ୍ରିନ୍ସିପାଲ, ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର, କଟକ, ଭଦ୍ରକ, ବ୍ରହ୍ମପୁର ଏବଂ ସମ୍ବଲପୁର ଭଳି ପ୍ରମୁଖ ସହର ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବ୍ୟାଙ୍କ ପକ୍ଷରୁ ୨୦ଟି ମେଶିନ ସ୍ଥାପିତ ହୋଇସାରିଛି। ଏପରିକି ଆସନ୍ତା ୬ ମାସ ମଧ୍ୟରେ ଏହି ମେଶିନଗୁଡିକୁ ପୁନର୍ବାର ରିଫିଲ କରାଯିବ ବୋଲି କାନାରା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବ୍ୟାଙ୍କର ଏହି ପଦକ୍ଷେପକୁ ସାଧାରଣ ସ୍ତରରେ ପ୍ରଶଂସା କରାଯାଇଥିଲା।

## କଳିଙ୍ଗ ଲାନ୍ସର୍ସର ସମ୍ପୂର୍ଣ୍ଣ ମାଲିକାନା ହାସଲକଲା ବେଦାନ୍ତ

**ଭୁବନେଶ୍ୱର,୫।୧୦**

ବେଦାନ୍ତ ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆୟୋଜିତ ଏକ ଫ୍ରାଞ୍ଚାଇଜି ସମାରୋହ ଉତ୍ସବରେ ବେଦାନ୍ତ ଓଡ଼ିଶା (ଭୁବନେଶ୍ୱର)ରେ ଅବସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସର ମାଲିକାନା ଅଧିଗ୍ରହଣ ସମ୍ପର୍କରେ ଘୋଷଣା କରିଛି। ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଅଧିଗ୍ରହଣ ବେଦାନ୍ତର ଦୀର୍ଘଦିନର ପ୍ରତିବଦ୍ଧତାକୁ ଦୃଢ଼ କରିଛି, ଯେଉଁଠାରେ ୨ ଦଶନ୍ଧି ଧରି ସାମାଜିକ-ଅର୍ଥନୈତିକ ବିକାଶରେ କମ୍ପାନୀ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିଭଳି ଏଚ୍‌ଆଇଏଲ୍ ଚାମ୍ପିୟନ ହୋଇଥିବା କଳିଙ୍ଗ ଲାନ୍ସର୍ସ ପୂର୍ବରୁ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ) ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ସହ-ମାଲିକାନା ଥିଲା। ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ ଏହାର ସମ୍ପୂର୍ଣ୍ଣ ମାଲିକାନା ହାସଲ କରିଛି ଏବଂ ଦଳର ଉନ୍ନତ ପ୍ରଦର୍ଶନ ଉପରେ ଧ୍ୟାନଦେବା ସହ ଭବିଷ୍ୟତରେ ଏଚ୍‌ଆଇଏଲ୍‌ର ସ୍ଥିତିକୁ ଦୃଢ଼କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।

## ଆଇଆର୍‌ସିଏସ୍-ପିଏମ୍‌ବିଆଇ ମଧ୍ୟରେ ଏମ୍‌ଓୟୁ




**ନୂଆଦିଲ୍ଲୀ,୫।୧୦**

ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟି (ଆଇଆର୍‌ସିଏସ୍)ର ଦିଲ୍ଲୀ କାର୍ଯ୍ୟାଳୟ ଏବଂ ଫାର୍ମାସ୍ୟୁଟିକାଲ ଆଣ୍ଡ ମେଡିକାଲ ଡିଭାଇସ୍ ବ୍ୟୁରୋ ଅଫ ଇଣ୍ଡିଆ (ପିଏମ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ପିଏମ୍‌ବିଆଇ ମୁଖ୍ୟାଳୟଠାରେ ଏକ ଚୁକ୍ତିନାମା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆଇଆର୍‌ସିଏସ୍‌ର ଦିଲ୍ଲୀ ଶାଖା ସମ୍ପାଦକ ତଥା ଦିଲ୍ଲୀ ସାଉଥ ଇଷ୍ଟର ଡିଏମ୍ ଅଜୟ ଗୁପ୍ତା ଏବଂ ପିଏମ୍‌ବିଆଇର ସିଇଓ ରବି ଦଧୀଚି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଆଇଆର୍‌ସିଏସ୍ ଦିଲ୍ଲୀ ହସ୍ପିଟାଲରେ ଗୁଣାତ୍ମକ ଜନଔଷଧୀ ଯୋଗାଇବା ପାଇଁ ଏହି ଚୁକ୍ତି ହୋଇଥିଲାବେଳେ ସେହି ଅନୁଯାୟୀ କମ୍ପାନୀ ଉଚ୍ଚମାନର ଜନଔଷଧୀ ସାଙ୍ଗକୁ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରିବ।

## ବୀମା ପ୍ରିମିୟମ୍ ଜିଏସ୍‌ଟିମୁକ୍ତ ଦାବି




**ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)**

### ବିଡିଏଲ୍‌ଆଇଏର ୧୭ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର ଡିଭିଜନ୍ ବୀମା କର୍ମଚାରୀ ସଂଘ (ବିଡିଏଲ୍‌ଆଇଏ)ର ୧୭ତମ ବାର୍ଷିକ ସମ୍ମିଳନୀ ଶନିବାର ପୋଖରୀପୁଟସ୍ଥିତ ଭାରତୀୟ ଜୀବନବୀମା ନିଗମ (ଏଲଆଇସି)ର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଏଲ୍‌ଆଇଏର ସଭାପତି ରୂପନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ମହାସଚିବ ଭରତ ଭୂଷଣ ନାୟକ ପ୍ରାରମ୍ଭିକ ଅଭିଭାଷଣରେ ବୀମା ପ୍ରିମିୟମକୁ ଜିଏସଟିମୁକ୍ତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ବୀମା କର୍ମଚାରୀ ସଂଘର ପୂର୍ବତନ ସଭାପତି ଅମାନୁଲ୍ଲା ଖାଁ ଦେଶର ସାମାଜିକ ଓ ଆର୍ଥିକ ବିକାଶ ତଥା ସମୃଦ୍ଧିରେ ଏଲ୍‌ଆଇସିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବମଧ୍ୟ ବୀମା କର୍ମଚାରୀ ସଂଘର ମହାସଚିବ ତ୍ରିନାଥ ଦୋରା କହିଛନ୍ତି, କେନ୍ଦ୍ର ସରକାର ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଉପରେ ଆକ୍ରମଣ କରୁଛନ୍ତି। ବର୍ତ୍ତମାନ ଦେଶରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଦୋରା ପ୍ରକାଶ କରିଥିଲେ। ସାଂଗଠନିକ ସମ୍ପାଦକ ରମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ଓର୍‌ମାସ ସହ ଭାରତ ମସଲାର ବୁଝାମଣା

**ଭୁବନେଶ୍ୱର,୫।୧୦**




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଭାରତ ମସଲା ଏବଂ ଓଡ଼ିଶା ସରକାରଙ୍କ ଅଗ୍ରଣୀ ପ୍ରତିଷ୍ଠାନ ଓର୍‌ମାସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଗ୍ରାମୀଣ ଅର୍ଥନୀତିର ବିକାଶ ଦିଗରେ କମ୍ପାନୀ ଅଣ୍ଟା ଭିଡ଼ିଥିଲା ବେଳେ ଓର୍‌ମାସ ସହଯୋଗରେ କମ୍ପାନୀ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ସଂଗ୍ରହ କରି ଖାଉଟିଙ୍କ ନିକଟରେ ପହଞ୍ଚାଉଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ଭାରତ ମସଲା ଓ ଓର୍‌ମାସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ମକା, ହଳଦୀ, ଲଙ୍କା, ଅଦା, ବିଲାତି ବାଇଗଣ, ଡ୍ରାଏ ମ୍ୟାଙ୍ଗୋ ଫ୍ଲେକ୍ସ (ଆମ୍ବର ଶୁଖିଲା ମାଂସଳ ଭାଗ), ଡାଲି ଜାତୀୟ ଶସ୍ୟକୁ କମ୍ପାନୀ ଓର୍‌ମାସଠାରୁ ଗ୍ରହଣ କରିବ। ଗତ ବର୍ଷ ଓର୍‌ମାସ ୬ ଶହ ଟନ୍‌ରୁ ଅଧିକ ସାମଗ୍ରୀ କମ୍ପାନୀକୁ ଯୋଗାଇ ଦେଇଥିଲାବେଳେ ଏହି ନୂଆ ଚୁକ୍ତି ଅନୁଯାୟୀ ଆଗାମୀ ୧ ବର୍ଷ ମଧ୍ୟରେ ଉଭୟ ପୂର୍ବ ରେକର୍ଡକୁ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନିଙ୍କ ଉପସ୍ଥିତିରେ ଓର୍‌ମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହ ଏହି ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିଥିଲେ।

ସେହିଭଳି ଅଭାବୀ ବିକ୍ରି କିମ୍ବା ଫସଲ ତଥା ପନିପରିବା ଆଦିର ବିକ୍ରିବଟାରେ ଅସୁବିଧା ଭୋଗୁଥିବା ଗରିବ ଗ୍ରାମୀଣ ଚାଷୀଙ୍କୁ ଭାରତ ମସଲା ବ୍ୟବସାୟର ନୂଆ ମାର୍ଗ ଦେଖାଇଛି। ଏପରିକି ଚାଷୀଙ୍କ ଉତ୍ପାଦିତ ଡାଲି ଜାତୀୟ ଶସ୍ୟ, ପରିବା, ଲଙ୍କା ଆଦି ସାମଗ୍ରୀକୁ ବଜାର ଦରଠାରୁ ଆଶାତୀତ ଅଧିକ ଦରରେ କ୍ରୟ କରାଯାଉଛି। କୌଣସି ମଧ୍ୟସ୍ଥଙ୍କ ଜରିଆରେ ଏହାକୁ ଗ୍ରହଣ ନ କରି କମ୍ପାନୀ ସିଧାସଳଖ କିଣୁଛି। ଫଳରେ ଚାଷୀ ନିଜ ପରିଶ୍ରମର ଉଚିତ ମୂଲ୍ୟ ପାଇ ପାରୁଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓର୍‌ମାସ ସହଯୋଗରେ ଭାରତ ମସଲା କମ୍ପାନୀ ବିଗତ କିଛି ବର୍ଷ ହେବ କଟକ, ସମ୍ବଲପୁର ସମେତ ବିଭିନ୍ନ ଜିଲାର ଚାଷୀଙ୍କୁ ବ୍ୟବସାୟର ଏକ ନୂତନ ମାର୍ଗ ଦେଖାଇଛି। କଟକ ଜିଲାର ଜଗତପୁର ଓ ରାମଦାସପୁରଠାରେ ଚାରୋଟି ଅଫିସ ଏବଂ ମସଲା ପ୍ରସ୍ତୁତ ୟୁନିଟ୍‌ରେ କମ୍ପାନୀ ଶତାଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ଯୋଗାଇ ଦେଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୟଙ୍କଙ୍କ ଫିଟନେସ୍ ଉପରେ ନଜର

**ଗ୍ୱାଲିୟର,୫।୧୦(ପି.ଟି.)**

ରବିବାର ବାଂଲାଦେଶ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବ ଭାରତ। ଏହି ମ୍ୟାଚ୍‌ରେ ପେସ୍ ସେନ୍‌ସେସନ ମୟଙ୍କ ଯାଦବଙ୍କ ଫର୍ମ ଓ ଫିଟ୍‌ନେସ ଉପରେ ସମସ୍ତଙ୍କ ନଜର ରହିବ। ଆଇପିଏଲ୍‌ରେ ନିୟମିତ ୧୫୦+ କି.ମି. ବେଗରେ ବୋଲିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମୟଙ୍କ ପ୍ରଥମ ଥର ଜାତୀୟ ଦଳରେ ସୁଯୋଗ ପାଇଛନ୍ତି। ସାଧାରଣତଃ ଖେଳାଳି ଘରୋଇ କ୍ରିକେଟରେ ପ୍ରଦର୍ଶନ ଆଧାରରେ ଜାତୀୟ ଦଳକୁ ଡାକରା ପାଇଥାନ୍ତି। ତେବେ ମୟଙ୍କଙ୍କ ନିକଟରେ ଥିବା ଦକ୍ଷତା କାରଣରୁ ତାଙ୍କୁ ଫାଷ୍ଟଟ୍ରାକ୍ କରାଯାଇ ଭାରତୀୟ ଦଳରେ ସ୍ଥାନ ଦିଆଯାଇଥିଲା। ୨୨ ବର୍ଷୀୟ ମୟଙ୍କ କିଭଳି ନିଜ ଫର୍ମ ଓ ଫିଟନେସ୍ ପ୍ରମାଣ କରୁଛନ୍ତି ଏହା ଉପରେ ସଭିଙ୍କ ନଜର ରହିବ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ପେସ୍ ବୋଲର ହର୍ଷିତ ରାଣା ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିପାରେ।



ଭାରତୀୟ ଦଳ ନେଟ୍ ସେସନ୍ ଅବସରରେ ବରୁନ ଚକ୍ରବର୍ତ୍ତୀଙ୍କ ବୋଲିଂ ଅଭ୍ୟାସ।

ପୂର୍ବରୁ ନୀତୀଶ ଓ ହର୍ଷିତଙ୍କୁ ଜିମ୍ବାୱେ ଟୁର୍ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଥିଲେ ହେଁ ଖେଳିବାର ସୁଯୋଗ ମିଳି ନ ଥିଲା। ଶୁବମାନ୍ ଗିଲ୍, ରିଷଭ ପନ୍ତ, ଯଶସ୍ୱୀ ଜୟସ୍ୱାଲ, ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କୁ ଟି୨୦ରୁ ବିଶ୍ରାମ ଦିଆଯାଇଥିବା

## ଆଜି ପ୍ରଥମ ଟି୨୦

ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇ ବଡ ନାମ ଭାବେ ଏହି ଟିମରେ ରହିଛନ୍ତି। ଓପନର ଭାବରେ ଅଭିଷେକ ଶର୍ମା ଜିମ୍ବାୱେ ସିରିଜ୍‌ରେ ନିଜ ଦକ୍ଷତା ପ୍ରମାଣ କରିଥିବା ବେଳେ ସଞ୍ଜୁ ସାମସନ୍ ତାଙ୍କ ସହ ଓପନ୍ କରିପାରନ୍ତି। ରିୟାନ୍ ପରାଗ ନିଜ ଆଇପିଏଲ ପ୍ରଦର୍ଶନ ଦୋହରାଇ ପାରି ନ ଥିଲେ ମଧ୍ୟ ଏହି ସିରିଜ୍‌ରେ ତାଙ୍କୁ ଆଉ ଏକ ସୁଯୋଗ ମିଳିବ। ୨୦୨୧ ପରେ ଦଳକୁ ପ୍ରଥମ ଥର ଫେରିଥିବା ସ୍ପିନର ବରୁନ୍ ଚକ୍ରବର୍ତ୍ତୀ ଓ ଜୀତେଶ ଶର୍ମା ମଧ୍ୟ ସୁଯୋଗ ଅପେକ୍ଷାରେ ରହିବେ।

ବାଂଲାଦେଶୀ ଅଲରାଉଣ୍ଡର ଶକିବ ଅଲ ହସନ ଟି୨୦ରୁ ଅବସର ଘୋଷଣା କରିଥିବା ବେଳେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ମେହିଦୀ ହସନ ମିରାଜ ୧୪ ମାସ ପରେ ଦଳକୁ ଡାକରା ପାଇଥିବା ବେଳେ ଭେଟେରାନ ମହମ୍ମଦ ଉଲ୍ଲାଙ୍କ ଉପରେ ସମସ୍ତଙ୍କ ନଜର ରହିବ।

# ଗଫ୍ ଚାଇନା ଓପନ ଫାଇନାଲରେ

**ବେଜିଂ, ୫।୧୦ (ଏପି)**

କୋକୋ ଗଫ୍ ଚାଇନା ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଗଫ୍ ଦୃଢ ପ୍ରତ୍ୟାବର୍ତ୍ତନ ସହ ୪-୬, ୬-୪, ୬-୨ରେ ପାଉଲା ବଦୋସାଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ସେ ୨ଘଣ୍ଟା ୨୦ମିନିଟ ସମୟ ନେଇଥିଲେ। ଟୁର୍ନାମେଣ୍ଟରେ କ୍ରମାଗତ ତୃତୀୟ ଥର ସେ ପ୍ରଥମ ସେଟ୍‌ରେ ପରାଜିତ ହେବାପରେ ମ୍ୟାଚରେ ବିଜୟ ଲାଭ କରିବାରେ ସଫଳ ରହିଛନ୍ତି। ଗଫ୍ ନାଓମି ଓସାକାଙ୍କ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ମାତ୍ର ୱାନ ସେଟ୍ ଅଲ ହେବା ପରେ ୪ଥର ଗ୍ରାଣ୍ଡସ୍ଲାମ ବିଜେତା ଓସାକା ବ୍ୟାକ୍ ଇଞ୍ଜୁରୀ ଯୋଗୁ ଓହରିଯିବାରୁ ଗଫ୍‌ଙ୍କୁ ୱାକ୍‌ଓଭର ମିଳିଥିଲା। ସେହିପରି କ୍ୱାର୍ଟରଫାଇନାଲରେ ଗଫ୍ ୧୧୫ ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁଲିଆ ଷ୍ଟାରୋଡବ୍‌ସେଭାଙ୍କଠାରୁ ପ୍ରଥମ ପଛୁଆ ଥାଇ ମଧ୍ୟ ମ୍ୟାଚ ଜିତି ନେଇଥିଲେ। ୬ଷ୍ଠ ର୍‍ୟାଙ୍କିଙ୍ଗପ୍ରାପ୍ତ ଗଫ୍ ରବିବାର ଫାଇନାଲରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଝେଙ୍ଗ୍ କ୍ୱିନୱେନ କିମ୍ବା ଚେକ୍ ରିପବ୍ଲିକର କାରୋଲିନା ମୁଚୋଭାଙ୍କୁ ଭେଟିବେ। ଏଠାରେ ବିଜୟ ଲାଭ କଲେ ୨୦ବର୍ଷୀୟା ଆମେରିକୀୟ ଗଫ୍‌ଙ୍କର ଏହା ଦ୍ୱିତୀୟ ଡବ୍ଲ୍ୟୁଟିଏ-୧୦୦୦ ଲେଭଲ ଟାଇଟଲ ଜିତିବେ। ଟୁର୍ ଫାଇନାଲ୍ସରେ ଗଫ୍‌ଙ୍କ ୭-୧ ରେକର୍ଡ ରହିଛି।

# ୨୭ବର୍ଷ ପରେ ମୁମ୍ବାଇକୁ ଇରାନୀ କପ୍

**ଲକ୍ଷ୍ନୌ, ୫।୧୦ (ପି.ଟି.)**

ତନୁଶ କୋଟିଆନ୍‌ଙ୍କ ଅପରାଜିତ ଶତକ ସହାୟତାରେ ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟ ହାସଲ କରି ମୁମ୍ବାଇ ଏଥର ଇରାନୀ କପ୍ ହାସଲ କରିଛି। ଏଥରକୁ ମିଶାଇ ଦଳ ୧୫ଥର ଏହି ଟାଇଟଲ ବିଜୟୀ ହୋଇପାରିଛି। ମୁମ୍ବାଇ ଏହା ପୂର୍ବରୁ ୨୭ ବର୍ଷ ତଳେ ୧୯୯୭-୯୮ ସିଜନରେ ଇରାନୀ କପ୍ ଜିତିଥିଲା। ଏହାପରେ ଘରୋଇ ଶକ୍ତିଶାଳୀ ଦଳ ଆହୁରି ୮ଥର ଫାଇନାଲରେ ପ୍ରବେଶ କରି ମଧ୍ୟ ଟାଇଟଲ ଜିତିବାରେ ସଫଳ ହୋଇପାରି ନାହିଁ। ଗତଥର ଦଳ ୨୦୧୫-୧୬ ସିଜନ ଫାଇନାଲରେ ପ୍ରବେଶ କରିଥିଲା। ମୁମ୍ବାଇ ଶନିବାର ମ୍ୟାଚର ଅନ୍ତିମ ଦିବସରେ ପୂର୍ବଦିନର ଅସମାପ୍ତ ସ୍କୋର ୧୫୩/୬ରୁ ଖେଳ ଆରମ୍ଭ କରି ୩୨୯/୮ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଏଥିସହିତ ଦଳ ମୋଟ ଉପରେ ୪୫୦ରନ ଅଗ୍ରଣୀ ଲାଭ କରିଥିଲା। ପ୍ରଥମ ଇନିଂସରେ ୬୪ ରନ ସ୍କୋର କରିଥିବା କୋଟିଆନ ସକାଳେ ତାଙ୍କ ବ୍ୟକ୍ତିଗତ ଅପରାଜିତ ୨୦ରୁ ଖେଳ ଆରମ୍ଭ କରି ୧୧୪ ରନରେ ନଟଆଉଟ ରହିଥିଲେ। ସେ ୧୫୦ ବଲ୍‌ର ସମ୍ମୁଖୀନ ହୋଇଥିବା ବେଳେ ୧୦ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ମୁମ୍ବାଇ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିବା ବେଳକୁ କହିବାକୁ ଗଲେ ଆଉ ଗୋଟିଏ ସେସନ ଖେଳ ବାକି ରହିଥିଲା। ସ୍ୱଳ୍ପ ସମୟ ମଧ୍ୟରେ ୪୫୧ ରନ ଚେଜ୍ କରିବା ଅସମ୍ଭବ ଥିଲା। ଫଳତଃ ଅବଶିଷ୍ଟ ଭାରତ ଏକାଦଶ ଅଧିନାୟକ ଋତୁରାଜ ଗାଏକ୍ୱାଡ ଏବଂ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରେ ଆପୋସ ବୁଝାମଣାରେ ମ୍ୟାଚ ଡ୍ର ଭାବେ ଶେଷ ହୋଇଥିଲ। ରଣଜୀ ଟ୍ରଫି ଚାମ୍ପିୟନ ମୁମ୍ବାଇକୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ଘୋଷଣା କରାଯାଇଥିଲା। ମୁମ୍ବାଇ ଏହାର ଦୁଇ ଆଗଧାଡ଼ି ବ୍ୟାଟର ସର୍ଫରାଜ ଖାନ୍ (୧୭) ଓ ଶାର୍ଦ୍ଦୁଳ ଠାକୁର (୨)ଙ୍କ ଉଇକେଟ ହରାଇବା ପରେ କୋଟିଆନ ପରିପକ୍ୱ ପ୍ରଦର୍ଶନ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ନମ୍ବର ୧୦ ବ୍ୟାଟର ମୋହିତ ଅବସ୍ଥି ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ମୁମ୍ବାଇ ଏକଦା ୧୭୧ ସ୍କୋରରେ ଏହାର ୭ଟି ଉଇକେଟ ହରାଇ ସାରିଥିଲା। ଅବସ୍ଥି (୯୩ ବଲ୍‌ରୁ ୫୧*ରନ, ୪ ଚୌକା ଓ ଏକ ଛକା) ଓ କୋଟିଆନ ୯ମ ଉଇକେଟରେ ମୂଲ୍ୟବାନ ୧୫୬ ରନ ଯୋଗ କରିଥିଲେ। ଅବଶିଷ୍ଟ ଭାରତ ଏକାଦଶ ତରଫରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ସାରାଂଶ ଜୈନ ୧୨୧ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ମୁମ୍ବାଇ ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରିଥିବା ସର୍ଫରାଜ ଖାନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ-୫୩୭/ଅଲଆଉଟ ଏବଂ ଦ୍ୱିତୀୟ ଇନିଂସ: ୩୨୯/୮, ଘୋଷଣା (ତନୁଶ କୋଟିଆନ-୧୧୪*, ମୋହିତ ଅବସ୍ଥି-୫୧*, ପୃଥ୍ୱୀ ଶ'-୭୬ ; ସାରାଂଶ ଜୈନ-୬/୧୨୧)। ଅବଶିଷ୍ଟ ଭାରତ ଏକାଦଶ ପ୍ରଥମ ଇନିଂସ: ୪୧୬/ ଅଲଆଉଟ।

# ଭାରତର କ୍ଲିନ୍ ସୁଇପ୍

**ଲିମା (ପେରୁ), ୫।୧୦ (ପି.ଟି.)**

ଭାରତୀୟ ପିସ୍ତଲ ଶୁଟର ଦିବାଂଶୀ ମହିଳା ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର

## ଦିବାଂଶୀଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ବିଶ୍ୱ ଚାମ୍ପିୟନଶିପ୍‌ର ଏହି ଇଭେଣ୍ଟରେ ଭାରତ କ୍ଲିନ ସୁଇପ୍ ହାସଲ କରିଛି। ଭାରତର ଯୁବ ଶୁଟରମାନେ ଶୁକ୍ରବାର ୨ ସ୍ୱର୍ଣ୍ଣ ସମେତ ୫ ପଦକ ହାସଲ କରିପାରିଛନ୍ତି। ଫଳରେ ଏହାର ମୋଟ ପଦକ ସଂଖ୍ୟା ୨୧ରେ ପହଞ୍ଚିଛି। ଭାରତ ୧୩ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ପଦକ ଟେବୁଲର ଶୀର୍ଷରେ ରହିଛି। ନରୱେ ୧୦ ପଦକ (୪ ସ୍ୱର୍ଣ୍ଣ, ୩ ରୌପ୍ୟ, ୩ ବ୍ରୋଞ୍ଜ) ଦ୍ୱିତୀୟ ଏବଂ ଚାଇନା (୩-୧-୦) ତୃତୀୟ ସ୍ଥାନରେ ରହିଛି। ଇଭେଣ୍ଟରେ ଦିବାଂଶୀ ଆଧିପତ୍ୟ ବିସ୍ତାର କରି ୬୦୦ରୁ ୫୬୪ ସ୍କୋର କରି ପ୍ରଥମ ହୋଇଥିବା ବେଳେ ତାଙ୍କ ଟିମ୍‌ମେଟ ପାରିଶା ଗୁପ୍ତା ୫୫୯ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ। ମାନବୀ ଜୈନ ୫୫୭ ସ୍କୋର ସହ ଏକ ବ୍ରୋଞ୍ଜ ଜିତିବାରୁ ଭାରତ ପ୍ରଥମ ଥର ଏହି ପ୍ରତିଯୋଗିତାରେ କ୍ଲିନ୍‌ସୁଇପ୍ କରିଥିଲା। ଶିଖା ଚୌଧାରୀ ୫୫୪ ସ୍କୋର ସହ ଅଳ୍ପକେ ପୋଡିୟମ ଫିନିଶ ମିସ୍ କରିବା ସହ ଇସ୍ତୋନିଆର ମାର୍ଜା କିର୍ସଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲେ। ଜୁନିୟର ପୁରୁଷ ଇଭେଣ୍ଟରେ ସୁରଜ ଶର୍ମା ୫୭୧ ସ୍କୋର ସହ ପୋଲାଣ୍ଡର ଇଭାନ ରାକିଟସ୍କି (୫୬୮)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ଚାମ୍ପିୟନଶିପ୍‌ରେ ୪ଟି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ମୁକେଶ ନେଲାଭାଲି ୫୬୮ ଶଟ୍ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

Plot N6-44, Nayapally ସନ୍ତୋଷ- ବିବାହ ପାଇଁ ଚାକିରି କରିଥିବା ଝିଅ ଦରକାର। Ph. 7656942771. D-1441

ଖଣ୍ଡାୟତ ଜାତିର ପୁଅ ଲାଗି କନ୍ୟାପାତ୍ରୀ ଆବଶ୍ୟକ। ପୁଅ ପେଟ୍ରୋଲିୟମରେ ଏମ୍.ଟେକ୍ । ପ୍ରତିଷ୍ଠିତ କମ୍ପାନୀରେ ଟିମ୍ ମ୍ୟାନେଜର ଭାବେ କାର୍ଯ୍ୟରତ। ବାର୍ଷିକ ରୋଜଗାର ୧୪/୧୫ଲକ୍ଷ। ଉଚ୍ଚ ମଧ୍ୟବିତ୍ତ ପରିବାର। ଡାକ୍ତର, ଅଧ୍ୟାପିକା, ଇଞ୍ଜିନିୟର, ଅଫିସର ହୋଇଥିବା ଖଣ୍ଡାୟତ ଜାତିର ପାତ୍ରୀ ଆବଶ୍ୟକ। ଯୋଗାଯୋଗ ମୋ.ନଂ. ୮୪୮୦୦୪୭୪୮୩ । ଧ-୧୫୭୩

Handsome Brahmin Boy 1994, 5'11", MVSC Serving Govt. Vetenary Surgeon "SUNASANSAR". 9937512659. D-75997


REAL ESTATE

**SALE**

**Plot for Sale at Puri Konark Marine Drive (850/- per Sqft). Contact: 6371703010.** D-1580

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

**3/4BHK ready to move speious duplex with amenities at Balianta near Syphon Sqr. Contact No.- 8457085107.** D-1535

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa. Price 98 lakhs. Contact- 9861125539, 9040521173. D-76024

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-1577

Car Washing Centre, ଲିଜ୍ ଦିଆଯିବ। BBSR Maruti Gypsy King, Steel Body for sale. 9437637168. D-1576

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75792

**Contact for complete house construction (Simplex/Duplex/Triplex), Interior design (Modular Kitchen/TV Unit/Wardrobe/Ceiling) and home furniture (King Bed/Sofa/Dining Table/Center Table) by the experts only. MPlanets- 7008550473.** D-1565

High profile Three Storied building at Jaydurga Nagar, Bomikhal, Bhubaneswar for 2.40crores. Brokers Excuse. Call- 8917520527. D-1570

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 7978874990, 9777554170.** D-1574

**Wanted Yellow zone Gharabari Sharing Land with 30 feet Road for Duplex Projects within Bhubaneswar. 9938219397.** D-1564


CONSTRUCTION

**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

Newly open health benefits SPA special Offer @ 799 Bapuji Nagar. 9861237682. D-76160

Kerala Massage therapy gents/ Ladies pain relief Bhubaneswar. 9337672475. D-1575

## LOST

ମୁଁ ଏ ରବୀନ୍ଦ୍ର ସରାବ, ପିତା- ଏ ଭାସ୍କର ସରାବ, ମୌଜା- ପାତ୍ରପଡ଼ା, ଭୁବନେଶ୍ୱର। ମୋ ଜାଗାର ପୁରୁଣା ଦଲିଲ ନମ୍ବର 6483 ତା 05-06-1989 ବିକ୍ରେତା ସଚିତ୍ରା ଚମ୍ପତି, କ୍ରେତା ପ୍ରତିମା ମହାନ୍ତି ଏବଂ ଦଲିଲ ନମ୍ବର 2877, ତା 30-03-1990 ବିକ୍ରେତା ପ୍ରତିମା ମହାନ୍ତି, କ୍ରେତା ଦୁଃଶାସନ ସାହୁ ଯାହା କେଉଁଠାରେ ହଜିଯାଇଛି। ମୁଁ ଖୋଜାଖୋଜି କଲାପରେ ନ ମିଳିବାରୁ, ମୁଁ ଖଣ୍ଡଗିରି ଥାନାରେ FIR କରିଛି। ଯଦି କାହାକୁ ଏହି ଦଲିଲଟି ମିଳେ SBI RACPC, ଭୁବନେଶ୍ୱରରେ ହସ୍ତାନ୍ତର କରିବାକୁ ଅନୁରୋଧ। କାରଣ ମୁଁ ଏହି ଜାଗା ଉପରେ ମୁଁ ଗୋଟିଏ ଗୃହ ଋଣ ନେବା ପାଇଁ ଯାଉଛି। ମୁଁ ଏହି ଦଲିଲକୁ ବ୍ୟାଙ୍କ ବା କୌଣସି ଋଣ ଦେଉଥିବା ସଂସ୍ଥାରେ ବନ୍ଧକ ଦେଇନାହିଁ। ଯୋଗାଯୋଗ- 9658944672. D-1569

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE IST. ADIL. CIVIL JUDGE, SR. DIVISION, BHUBANESWAR

Civil suit No.- 1021/2021

Manjubala Sahoo, aged about 59 yrs., Wife of Jalandhar Sahoo, Plot No.- 3985/3986, Badagada, P.O.- Badagada Brit Colony, P.S.- Badagada, Bhubaneswar, Dist.- Khordha

......Plaintiff

Versus

M/s. Maa Tarini Estcon (P) Ltd. represented through its Managing Director Niranjan Rana & others

.... Defendants

NOTICE U/O-5. RULE-20 OF C.P.C.

Shri Niranjan Rana, aged about 48 years, Managing Director of M/s. Maa Tarini Estcon (P) Ltd. Resident of Village- Balianta (Patana), P.O./ P.S.- Balianta, Dist.- Khordha, Pin-752101.

Take notice that the above named plaintiff has filed the suit against you for declaration and permanent injunction. Inspite of issuance of summons you are avoiding to receive summons. Now the suit stands posted to 21.10.24. Hence you are hereby directed to appear in person or by pleader duly instructed by you, before this Court of Ist Addl. Civil Judge, Sr. Division, Bhubaneswar on 21.10.24 at 10.30 A.M. and file the written statement/objection. In default, the above noted suit will be determined in your absence.

Given under my hand and seal of this Court this the 13th day of Sept. 2024.

Ist. Addl. Civil Judge (Sr. Division), Bhubaneswar. Dt.13.9.24

SCHEDULE OF PROPERTY

Dist.-Khordha, P.S.- Balianta, Tahasil- Balianta, Mouza-Pahal, Khata No.- 352/730, Chaka No.- 105, Plot No.- 153/1335, Ac0.045.91 decimals. D-1518

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂପ୍ରଫୁଲ୍ଲ ଚନ୍ଦ୍ର ଦାସ

ତିଅରପାରୀ, ବ୍ରହ୍ମଗିରି, ରାଧା ଗୋବିନ୍ଦ ଲେନ୍, ପୁରୀ

ଆବିର୍ଭାବ: ୨୫।୧୨।୧୯୩୫
ତିରୋଧାନ: ୨୬।୦୯।୨୦୨୪

ଆପଣଙ୍କର ନିଃସ୍ୱାର୍ଥପର ସେବା ମନୋଭାବ, ଅନାବିଳ ସ୍ନେହ ଆମ୍ଭମାନଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇ ଆସୁଅଛି। ଆପଣଙ୍କର ଅମର ଆତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଲୀନ ହେବାପାଇଁ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ ପତ୍ନୀ ଓ ଆତ୍ମୀୟସ୍ୱଜନ

ଧ-୧୫୭୨

# ପଢ଼ା ଆଉ ମୋବାଇଲ୍ ଫୋନ୍



ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ସ୍ମାର୍ଟଫୋନ୍ ସହିତ ବେଶି ସମୟ ବିତାଉଛନ୍ତି। ଏହା ବିନା ରହିବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ମନେହେଉଛି। ଏମିତିକି କେତେଜଣ ପଢ଼ିବାବେଳେ ମଧ୍ୟ ଏହାକୁ ପାଖରେ ରଖିବାକୁ ଆଦୌ ଭୁଲି ନ ଥା'ନ୍ତି। ହେଲେ ଗବେଷଣା ମୁତାବକ ଅନ୍‌ଲାଇନ୍ ଷ୍ଟଡି ବ୍ୟତୀତ ପଢ଼ାବେଳେ ପାଖରେ ମୋବାଇଲ୍ ରଖିବା ଦ୍ୱାରା ନା କେବଳ ପଢ଼ା ବ୍ୟାହତ ହୋଇଥାଏ ବରଂ ପରୀକ୍ଷାରେ ନମ୍ବର ମଧ୍ୟ କମିଥାଏ, ଯାହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ କ୍ୟାରିୟର ଉପରେ...

ଓହିଓ ୟୁନିଭର୍ସିଟି, ଇଲିନଇସ୍ ୟୁନିଭର୍ସିଟି ଏବଂ ନେବ୍ରାସ୍କା ୟୁନିଭର୍ସିଟିରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ମୋବାଇଲ୍ ବ୍ୟବହାରକୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା। ଏହି ରିସର୍ଚ୍ଚ ରିପୋର୍ଟ ମୁତାବକ ପଢ଼ିବାବେଳେ ପାଖରେ ମୋବାଇଲ୍ ରହିବା ଦ୍ୱାରା ଏହା ଅଧିକାଂଶଙ୍କ ପଢ଼ାରୁ ଧ୍ୟାନଚ୍ୟୁତ କରିଥାଏ। ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ପିଲାଙ୍କ ପରୀକ୍ଷା ରେଜଲ୍ଟ ଆକଳନ କରିବାରୁ ଜଣାପଡ଼ିଲା ଯେ, ଷ୍ଟଡି ଟେବୁଲ୍ ଉପରେ ଫୋନ୍ ରଖି ପଢୁଥିବା ଛାତ୍ରୀଛାତ୍ରଙ୍କ ରେଜଲ୍ଟ ତୁଳନାରେ ଫୋନ୍ ପଢ଼ା ସ୍ଥାନରୁ ସମ୍ପୂର୍ଣ୍ଣ ଦୂରରେ



ରଖି ପଢୁଥିବା ପିଲାଙ୍କ ରେଜଲ୍ଟ ଯଥେଷ୍ଟ ଭଲ ହୋଇଥାଏ। ପାଠପଢ଼ାରେ ଫୋନ୍ କିପରି ବ୍ୟାହତ ସୃଷ୍ଟି ନ କରିବ, ସେଥିପାଇଁ ଜାଣିରଖନ୍ତୁ କେତୋଟି କଥା...

**ଅନ୍ୟ ସ୍ଥାନରେ ରଖନ୍ତୁ:** ଆଜିକାଲି ଯୁବପିଢ଼ି ସୋସିଆଲ୍ ମିଡିଆରେ ସବୁଠୁ ଅଧିକ ସମୟ ବିତାଉଥିବା ଦେଖିବାକୁ ମିଳୁଛି। ଏହାବ୍ୟତୀତ ଅନେକ ଏଥିରେ ଗେମିଂ ଓ ଅନ୍ୟ ଆପ୍ ବ୍ୟବହାର କରିବାରେ ବି ଅଧିକ ସମୟ ଦେଉଛନ୍ତି। ହେଲେ ପଢ଼ିବାବେଳେ ପାଖରେ ଫୋନ୍ ରହିଲେ ବାରମ୍ବାର ପଢ଼ା ମଝିରେ ଫୋନ୍ ଦେଖିବା ଦ୍ୱାରା ଧ୍ୟାନ ଭଙ୍ଗ ହୋଇଥାଏ। ତେଣୁ ପଢ଼ିବାବେଳେ ଫୋନ୍‌କୁ ଅନ୍ୟ ରୁମ୍‌ରେ ରଖିଦିଅନ୍ତୁ। ଏହାଦ୍ୱାରା ମନ ଅସ୍ଥିର ନ ହୋଇ କେବଳ ପାଠପଢ଼ାରେ ଧ୍ୟାନ କେନ୍ଦ୍ରିତ ରହିବ।

**ନୋଟିଫିକେଶନ୍ କିମ୍ବା ଡାଟା ଅଫ୍ କରନ୍ତୁ:** ଯଦି ହଷ୍ଟେଲ କିମ୍ବା ମେସ୍‌ରେ ରହୁଛନ୍ତି ଏବଂ ଫୋନ୍ ରଖିବାକୁ ଅନ୍ୟ ରୁମ୍ ନାହିଁ, ତେବେ ପଢ଼ିବାବେଳେ ଫୋନ୍‌ର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। ନଚେତ୍ ବାରମ୍ବାର ଏଥିପାଇଁ ଆସୁଥିବା ପପ୍‌ଅପ୍ ଏବଂ ସାଉଣ୍ଡ ପାଠପଢ଼ାରେ ବ୍ୟାହତ ସୃଷ୍ଟି କରିଥାଏ। ପଢ଼ାବେଳେ ଫୋନର ଡାଟା ଅଫ୍ ରଖିବା ସବୁଠୁ ଭଲ ଉପାୟ। ଏହାଦ୍ୱାରା କୌଣସି ନୋଟିଫିକେଶନ୍ ମଧ୍ୟ ଆସି ନ ଥାଏ। ତେଣୁ କେବଳ କଲ୍ ଆସିଲେ ଉଠାଇପାରିବେ।

**କେବଳ ଷ୍ଟଡି ସାଇଟ୍ ଦେଖନ୍ତୁ:** ବର୍ତ୍ତମାନ ଅଧିକାଂଶ ପାଠ ପଢ଼ିବା ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଅନେକ ସମୟରେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ କ୍ଲାସ୍ କରିବା, ଷ୍ଟଡି ମ୍ୟାଟେରିଆଲ୍ ସଂଗ୍ରହ କରିବା ପାଇଁ ମୋବାଇଲ୍ ଆବଶ୍ୟକ ହେଉଛି। ଏଥିପାଇଁ ଯଦି କୌଣସି ନିର୍ଦ୍ଦିଷ୍ଟ ଷ୍ଟଡି ସାଇଟ୍, ଆପ୍ କିମ୍ବା ୟୁଟ୍ୟୁବ୍ ଟ୍ୟୁଟୋରିଆଲ୍ ବ୍ୟବହାର କରୁଛନ୍ତି, ତେବେ ଏହି ସମୟରେ ଅନ୍ୟ ଆପ୍‌ର ନୋଟିଫିକେଶନ୍ ଅଫ୍ ରଖନ୍ତୁ କିମ୍ବା ତାହାକୁ ଅନ୍‌ଇନ୍‌ଷ୍ଟଲ୍ କରିଦିଅନ୍ତୁ। ନଚେତ୍ ଏଥିପାଇଁ ପଢ଼ା ଡିଷ୍ଟର୍ବ ହୋଇପାରେ।

**ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ:** ମୋବାଇଲ୍‌ଠୁ ଦୂରେଇ ରହିବା ଲାଗି ସର୍ବପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। କାରଣ, ମାତ୍ର କିଛି ସମୟ ମନକୁ ବୁଝାଇ ରଖି ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା ପାଠପଢ଼ାରେ ଧ୍ୟାନ ଲାଗି ନ ଥାଏ। ତେଣୁ ପ୍ରତିଦିନ ପାଠପଢ଼ା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ ଏବଂ ପଢ଼ିବା ପାଇଁ ମୋବାଇଲ୍ ଦରକାର ନ ଥିଲେ ଏହାକୁ ସମ୍ପୂର୍ଣ୍ଣ ଦୂରରେ ରଖନ୍ତୁ। ଧୀରେ ଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

## କ'ଣ କୁହନ୍ତି ଏମାନେ...



### ପାଖରେ ରଖିଲେ ଏକାଗ୍ରତା ନଷ୍ଟ ହୁଏ

**ଜ୍ୟୋତିର୍ମୟୀ ପଣ୍ଡା**(ପୁରୀ)- ଆଜିକାଲିର ପ୍ରତିଯୋଗିତାମୂଳକ ଯୁଗରେ ସମସ୍ତେ ଅନଲାଇନରେ ପଢିବାକୁ ବେଶି ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ସମସ୍ତଙ୍କ ହାତରେ ମୋବାଇଲ, ଲାପ୍‌ଟପ୍ ଓ ଟ୍ୟାବ୍ ଦେଖିବାକୁ ମିଳୁଛି। ଯଦିଓ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି, ହେଲେ ଅନଲାଇନ ଆପ୍ଲିକେଶନ ବା ମୋବାଇଲରେ ପଢିବା ଦ୍ୱାରା ଏକାଗ୍ରତା ହ୍ରାସ ପାଇଥାଏ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାରୁ ପଢ଼ିବା ସମୟରେ ମୋବାଇଲ ବ୍ୟବହାର ଦ୍ୱାରା ନିର୍ଦ୍ଧାରିତ ସମୟରେ ମୋର ଟାର୍ଗେଟ ପୂରଣ କରିପାରେନି। କାରଣ ସୋସିଆଲ ମିଡ଼ିଆ ନୋଟିଫିକେଶନ୍, କଲ୍ ଓ ମେସେଜ ମୋତେ ଡିଷ୍ଟର୍ବ କରିଥାଏ। ତେଣୁ ପଢ଼ିବା ସମୟରେ ମୋବାଇଲକୁ ନିଜଠୁ ଦୂରରେ ରଖେ ନଚେତ୍ ପାଖରେ ଥିଲେ ସ୍ୱିଚ୍‌ଅଫ୍ କରିଦିଏ।



### ଅନ୍‌ଲାଇନ୍ ଷ୍ଟଡି ବେଳେ ଅଫ୍ ରଖେ ନୋଟିଫିକେଶନ୍

**ନିଖିଲ୍ ରଞ୍ଜନ ସାହୁ**(ଛାତ୍ର, ଭୁବନେଶ୍ୱର)- ପଢିବା ପାଇଁ କେତୋଟି ଅନ୍‌ଲାଇନ୍ ସବ୍‌ସ୍କ୍ରିପ୍ସନ୍ ନେଇଛି। ତେଣୁ ମୋବାଇଲ୍ ବ୍ୟବହାର କରିବାକୁ ହେଉଛି। ହେଲେ ପଢାରେ ଯେପରି କୌଣସି ପ୍ରକାରର ଡିଷ୍ଟର୍ବାନ୍ସ ନ ହୁଏ ସେଥିପାଇଁ ପଢାବେଳେ କେବଳ ଷ୍ଟଡି ଆପ୍ଲିକେଶନ୍ ବ୍ୟତୀତ ଅନ୍ୟ ଆପ୍‌ଗୁଡିକର ନୋଟିଫିକେଶନ୍ ଅଫ୍ ରଖେ। ଅନ୍‌ଲାଇନ୍ ଷ୍ଟଡି ପରେ ବହି ପଢିବା କିମ୍ବା କିଛି ଲେଖାଲେଖି କରିବା ସମୟରେ ମୋବାଇଲ୍‌କୁ ଅନ୍ୟ ରୁମ୍‌ରେ ରଖିଥାଏ।





## ୟୁଥ୍ ଫ୍ୟାଶନ୍

# ଦାଣ୍ଡିଆ ପାଇଁ ମିକ୍ସମ୍ୟାଚ୍ ଫ୍ୟୁଜନ୍

ଆରମ୍ଭ ହୋଇଛି ଦଶହରା। ବୁଲି ବୁଲି ମା'ଙ୍କ ମୂର୍ତ୍ତି ଦର୍ଶନ ସହ ବିଭିନ୍ନ ସ୍ଥାନରେ ଆୟୋଜିତ ଦାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଏଥିପାଇଁ ଯଦି ସ୍ପେଶାଲ୍ ଆଉଟ୍‌ଫିଟ୍ କିଣିନାହାନ୍ତି, ତେବେ ନିଜ ପାଖରେ ଥିବା ବିଭିନ୍ନ ଡ୍ରେସ୍‌କୁ କିଭଳି ମିକ୍ସମ୍ୟାଚ୍ କରି ଦାଣ୍ଡିଆ ନାଇଟ୍ସ ପାଇଁ ଆଟ୍ରାକ୍ଟିଭ୍ ଫ୍ୟୁଜନ୍ ଆଉଟ୍‌ଫିଟ୍ ପ୍ରସ୍ତୁତ କରିବେ ଜାଣିରଖନ୍ତୁ ଟିପ୍ସ...

⏭ଦାଣ୍ଡିଆ ଡ୍ୟାନ୍ସ ପାଇଁ ଯଦି ଘାଗରା-ଚୋଲି ଭଳି ଟ୍ରାଡିସିନାଲ୍ ପୋଷାକ ନାହିଁ, ତେବେ ଏଥିନିକ୍ ଲଙ୍ଗ୍‌ସ୍କର୍ଟ ସହିତ ସାଟିନ୍ କିମ୍ବା ସିଲ୍କ ଟପ୍ସ ଏବଂ ଦୁପଟାର କମ୍ବିନେଶନ୍ ବେଷ୍ଟ ଅପ୍ସନ ରହିବ। ଏହା ସହ ୱେଷ୍ଟ ବେଲ୍ଟ ପିନ୍ଧି ଆଇକ୍ୟାଚି ଲୁକ୍ ପାଇପାରିବେ। ପିଙ୍କ୍, ରେଡ୍, ୟେଲୋ, ବ୍ଲୁ, ଗ୍ରିନ୍ ଭଳି କଲରର ଆଉଟ୍‌ଫିଟ୍ ଦାଣ୍ଡିଆ ନାଇଟ୍ସରେ ଆକର୍ଷଣୀୟ ଲାଗିଥାଏ। ଯୁବକମାନେ ଡିଜାଇନର କୁର୍ତ୍ତା ସହ ପାଣ୍ଟ କ୍ୟାରି କରିପାରିବେ। ବିଶେଷକରି ଏଥିନିକ୍ କୁର୍ତ୍ତା ବେଶି ଭଲ ଲାଗିଥାଏ।

⏭ଯୁବତୀମାନେ ଏକାଧିକ ଲେୟାର ଥିବା ରଫଲ୍ ରଫଲ୍ ଗାଉନ୍ କିମ୍ବା ଷ୍ଟାଇଲିଶ୍ ରଫଲ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧି ମଧ୍ୟ ଦାଣ୍ଡିଆ ନାଇଟ୍ସରେ ଭଲ ଲାଗିବେ। ତେବେ ଏହାକୁ ଅଧିକ ଗର୍ଜିଅସ୍ ଲୁକ୍ ଦେବା ପାଇଁ ହ୍ୟାଙ୍ଗିଙ୍ଗ୍ ନେକ୍‌ଲେସ୍, ଇୟରରିଂ, ମ୍ୟାଚିଂ ଚୁଡ଼ି ପିନ୍ଧିପାରିବେ। ଏହାକୁ ସୁଟ୍ କରିବା ଭଳି ହେୟାର୍ ଷ୍ଟାଇଲ୍ ଏବଂ ମେକ୍‌ଅପ୍ ନେଲେ ଖୁବ୍ ସୁନ୍ଦର ଲାଗିବେ। ଯୁବକମାନେ ଧୋତି ପ୍ୟାଣ୍ଟ ସହ କଣ୍ଟ୍ରାଷ୍ଟ କଲରର କୁର୍ତ୍ତା ପିନ୍ଧି ପାରିବେ।



⏭ଲଙ୍ଗ୍ ସ୍କର୍ଟ ସହିତ ହେଭି ଏମ୍ବ୍ରଡୋରି, ବିଡ୍ କିମ୍ବା ମିରର୍ ୱାର୍କ ଥିବା ବ୍ଲାଉଜ୍, ଦୁପଟା ଏବଂ ୱେଷ୍ଟ ବେଲ୍‌ଟ ପିନ୍ଧି ଲେହେଙ୍ଗା ଲୁକ୍ ପାଇପାରିବେ। ଏଭଳି ବ୍ଲାଉଜ୍ ନ ଥିଲେ ଲଙ୍ଗ୍ ସ୍କର୍ଟ ସହିତ ଡିଜାଇନର୍ କୁର୍ତ୍ତି ପିନ୍ଧନ୍ତୁ, ଡିଫରେଣ୍ଟ ଲାଗିବେ। ଏହା ସହ ହ୍ୟାଙ୍ଗିଙ୍ଗ କିମ୍ବା ଚୋକର ନେକ୍‌ଲେସ୍ ଏବଂ ରେଶମୀ ଧାଗା ଥିବା ଚୁଡ଼ି ବେଶ୍ ସୁନ୍ଦର ମାନିବ। ସେହିପରି ଯୁବକମାନେ ସିଙ୍ଗଲ୍ କଲର କୁର୍ତ୍ତା ପାଇଜାମା ସେଟ୍ ସହିତ ହେଭି ୱର୍କଥିବା ନେହେରୁ ଜ୍ୟାକେଟ୍ ଟିମ୍‌ଅପ୍ କରି ଦାଣ୍ଡିଆ ନାଇଟ୍ସରେ ଆଇକ୍ୟାଚି ଲୁକ୍ ପାଇପାରିବେ। ଏଭଳି ଜ୍ୟାକେଟ୍ ନ ମିଳିଲେ କୁର୍ତ୍ତା ପାଇଜାମା ସହ ବାନ୍ଧିନି ଦୁପଟା ପିନ୍ଧିଲେ ସୁନ୍ଦର ଲାଗିବେ।

- ଉପରୋକ୍ତ ଟ୍ରାଡିସିନାଲ୍ ଆଉଟ୍‌ଫିଟ୍ ପିନ୍ଧୁ ନ ଥିବା ଯୁବତୀ ଯୁବକମାନେ ୱେଷ୍ଟର୍ନ ବା ମଡର୍ନ ଆଉଟ୍‌ଫିଟ୍‌ରେ ବି ସ୍ପେଶାଲ୍ ଫ୍ୟୁଜନ୍ କରି ଦାଣ୍ଡିଆ ନାଇଟ୍ସରେ ଯୋଗ ଦେଇପାରିବେ। ଯୁବତୀମାନେ ବ୍ଲୁ ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି ପିନ୍ଧିପାରିବେ। ଏହା ସହ ହେଭି ଜୁଏଲେରି ବଦଳରେ ଲାଇଟ୍ ଜୁଏଲେରି, ଡ୍ରପ୍ ଇୟରରିଂ, କୋହ୍ଲାପୁରି କିମ୍ବା ପଞ୍ଜାବି ଜୁତି ବେଷ୍ଟ ଅପ୍ସନ। ଯୁବକମାନେ ଲାଇଟ୍ ବ୍ଲ୍ୟୁ, ହ୍ୱାଇଟ୍ କଲର ଜିନ୍ସ ସହିତ ନେଭି ବ୍ଲୁ କୁର୍ତ୍ତା କିମ୍ବା ଏମ୍ବ୍ରୋଡୋରି ୱାର୍କ ଥିବା ବ୍ଲାକ୍ କୁର୍ତ୍ତା ପିନ୍ଧି ପାରିବେ।



## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ ବୈଜ୍ଞାନିକମାନେ ............. ଠାରେ ପ୍ରାୟ ୩୦୦ ନୂଆ ନାଜ୍‌କା ଲାଇନ ଆବିଷ୍କାର କରିଛନ୍ତି ?
୨- ଗ୍ଲୋବାଲ୍ ଏରୋସ୍ପେସ୍ ସମିତି ୨୦୨୪ .......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୩- ନାସା ରିପୋର୍ଟ ମୁତାବକ କାଲ୍ଡ୍‌ୱେଲ୍ ୪୫ ଗୋଟିଏ ................. ?
୪- ନିକଟରେ ଭାରତୀୟ କଳା ମହୋତ୍ସବ ..........ଠାରେ ଉଦ୍‌ଘାଟିତ ହୋଇଯାଇଛି ?
୫- ଗୀତା ରହସ୍ୟ ପୁସ୍ତକର ଲେଖକ .......... ?

## ଗତ ଥରର ଉତ୍ତର

୧ ସ୍ୱଭାବ-ସ୍ୱଚ୍ଛତା-ସଂସ୍କାର
୨ ଜୋର୍ଡାନ୍
୩ ଭାରତ ମଣ୍ଡପମ୍, ନୂଆଦିଲ୍ଲୀ
୪ ମିନିଷ୍ଟ୍ରି ଅଫ୍ ଜଳଶକ୍ତି
୫ ଏକତା କପୁର

## ଉତ୍ତରଦାତା


ସମୀର ରଞ୍ଜନ ମିଶ୍ର
ଝାରସୁଗୁଡ଼ା


ଅଜିତ୍ କୁମାର ସାହୁ,
କଟକ


ମୋନାଲିସା ଖୁଣ୍ଟିଆ,
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ



୧- ସେଣ୍ଟ୍ ପିଟର୍ସବର୍ଗ ପ୍ଲାନେଟାରିୟମ୍........ ରୁଷିଆ
୨- ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ ........ ଜାପାନ
୩- ଜେନିଫର୍ ଚାଲ୍‌ଷ୍ଟି ପ୍ଲାନେଟାରିୟମ୍ ........ ଆମେରିକା
୪- ଜେଇସ୍ ମେଜର ପ୍ଲାନେଟାରିୟମ୍ ........ ଜର୍ମାନୀ
୫- ବିର୍ଲା ପ୍ଲାନେଟାରିୟମ୍ ........ କୋଲକାତା, ଭାରତ
୬- ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି........ ବେଲ୍‌ଜିୟମ୍
୭- ମୋରିସନ୍ ପ୍ଲାନେଟାରିୟମ୍ ........ କାଲିଫର୍ନିଆ
୮- ସାମୁଏଲ୍ ଅଶ୍ଟିନ୍ ପ୍ଲାନେଟାରିୟମ୍........ ଆମେରିକା
୯- ଆଡ୍‌ଲର୍ ପ୍ଲାନେଟାରିୟମ୍ ........ ଆମେରିକା
୧୦- ହେଠନ୍ ପ୍ଲାନେଟାରିୟମ୍ ........ ଆମେରିକା

## ଜାଣନ୍ତୁ ଦୁନିଆ

### 'ର'

ଆମ ଦେଶର ଗୁପ୍ତ ତଥା ଅନୁସନ୍ଧାନକାରୀ ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ ବା ର' ଏହାର ଉଚ୍ଚକୋଟୀର ତଦନ୍ତ ପାଇଁ ଅନ୍ୟାନ୍ୟ ଦେଶରେ ମଧ୍ୟ ଚର୍ଚ୍ଚାରେ ରହିଆସିଛି। ଜାଣିବା ଏହା ସମ୍ପର୍କରେ କେତେକ ତଥ୍ୟ...




⏭୧୯୬୨ ମସିହାରେ ଚାଇନା-ପାକିସ୍ତାନ ଏବଂ ୧୯୬୫ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀ ସରକାରଙ୍କ ଦ୍ୱାରା ଦେଶର ସୁରକ୍ଷାକୁ ଆଖି ଆଗରେ ରଖି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ ବା ର' ଗଠନ କରାଯାଇଥିଲା।

⏭ଏହି ସଂସ୍ଥାର ମୁଖ୍ୟ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରିଥାନ୍ତି। ତେଣୁ ତାଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବୋଲି କୁହାଯାଇଥାଏ।

⏭ଏହାର ମୋଟୋ ହେଉଛି- ଧର୍ମୋ ରକ୍ଷତି ରକ୍ଷିତଃ। ଅର୍ଥାତ୍, ଯିଏ ଧର୍ମର ରକ୍ଷା କରନ୍ତି ସିଏ ସର୍ବଦା ସୁରକ୍ଷିତ ରୁହନ୍ତି।

⏭୧୯୭୪ରେ ଭାରତର ପ୍ରଥମ ପରମାଣୁ ପରୀକ୍ଷଣ ସମ୍ପର୍କିତ ତଥ୍ୟ ଗୋପନ ରଖିବାରେ ର'ର ସବୁଠୁ ବଡ଼ ଭୂମିକା ଥିଲା। ଏମିତିକି ଚାଇନା ଏବଂ ଆମେରିକା ମଧ୍ୟ ଏହା ସମ୍ପର୍କରେ ଜାଣି ପାରି ନ ଥିଲେ।

⏭୧୯୭୫ ମସିହାରେ ରବୀନ୍ଦ୍ର କୌଶିକ୍ ନାମକ ଜଣେ ଥିଏଟର ଆର୍ଟିଷ୍ଟଙ୍କୁ ର' ପକ୍ଷରୁ ଗୁପ୍ତଚର ଭାବେ ପାକିସ୍ତାନ ପଠାଯାଇଥିଲା। ସେଠାରେ ସେ ପାକିସ୍ତାନ ଆର୍ମିରେ ମେଜର୍ ଭାବେ ଯୋଗ ଦେଇଥିଲେ। ସେ ଅନେକ ତଥ୍ୟ ଆମ ଦେଶକୁ ପଠାଇ ହଜାର ହଜାର ଭାରତୀୟଙ୍କ ଜୀବନ ରକ୍ଷା କରିପାରିଥିଲେ, ଯେଉଁଥିପାଇଁ ତାଙ୍କୁ ବ୍ଲାକ୍ ଟାଇଗର ଆଖ୍ୟା ପ୍ରଦାନ କରାଯାଇଥିଲା।

⏭ଏହାର ହେଡ୍‌କ୍ୱାର୍ଟର ନୂଆଦିଲ୍ଲୀଠାରେ ରହିଛି। ବର୍ତ୍ତମାନ ଏହାର ମୁଖ୍ୟ ଦାୟିତ୍ୱରେ ଅଛନ୍ତି ଅନିଲ ଦାସଶର୍ମା, ଯିଏକି ୧୯୮୧ ବ୍ୟାଚ୍ ମଧ୍ୟପ୍ରଦେଶ କାଡ଼େ ଆଇପିଏସ୍ ଅଫିସର୍।



# ଆଜି ହାଇଦ୍ରାବାଦ୍‌କୁ ଭେଟିବ ସୂର୍ଯ୍ୟସ

## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

ଜମ୍ମୁ,୫।୧୦

ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଏହାର ଷଷ୍ଠ ମ୍ୟାଚ ମୌଲାନା ଆଜାଦ ଷ୍ଟାଡିୟମରେ ତୋୟାମ ହାଇଦ୍ରାବାଦ ବିପକ୍ଷରେ ଖେଳିବ। ଲିଗ୍‌ରେ ସୂର୍ଯ୍ୟସ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ହାଇଦ୍ରାବାଦ ଏଯାଏ ପ୍ରଥମ ବିଜୟ ସନ୍ଧାନରେ ରହିଛି। ଇରଫାନ ପଠାନ କୋଣାର୍କ ସୂର୍ଯ୍ୟସ ଓ ଅନ୍ୟତମ ଭାରତୀୟ ସୁରେଶ ରାଇନା ତୋୟାମ ହାଇଦ୍ରାବାଦ ଦଳର ନେତୃତ୍ୱ ନେଉଛନ୍ତି। ରାଜସ୍ଥାନର ଯୋଧପୁରରେ ଓଡ଼ିଶାଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ଉଦ୍‌ଘାଟନୀ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସଙ୍କୁ ୨ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ସୁରଟରେ ଏହି ଦଳର ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷରେ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ସୁରଟରେ ଅନୁଷ୍ଠିତ ଅନ୍ତିମ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ହେଁ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରିଯାଇଥିଲା। ଅନ୍ୟପକ୍ଷରେ ଜମ୍ମୁରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଇଣ୍ଡିଆ କ୍ୟାପିଟାଲ୍ସକୁ ୫ ରନ୍‌ରେ ହରାଇଥିଲା ସୂର୍ଯ୍ୟସ। ଅପରପକ୍ଷରେ ତୋୟାମ ହାଇଦ୍ରାବାଦ ୪ ମ୍ୟାଚ୍ ଖେଳି ୩ ହାରିଥିବା ବେଳେ ଗୋଟିଏ ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ୧ ପଏଣ୍ଟ ସହିତ ଏହି ଦଳ ପଏଣ୍ଟ ଟେବୁଲର ସଭା ତଳେ ରହିଛି।




## ମଣିପାଲ ଟାଇଗର୍ସ ବିଜୟୀ

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ବିଜୟ ହାସଲ କରିଛି ମଣିପାଲ ଟାଇଗର୍ସ। ତୋୟାମ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌କୁ ସୁପର ଓଭରରେ ଜିତିଥିବା ମଣିପାଲ ଶନିବାର ଗୁଜରାଟ ଗ୍ରେଟ୍ସ ବିପକ୍ଷ ମ୍ୟାଚ୍‌କୁ ୫ ଉଇକେଟରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୧୯.୪ ଓଭରରେ ୧୩୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ମଣିପାଲ ୧୭ ଓଭରରେ ୫ ଉଇକେଟ ହରାଇ ୧୩୬ ରନ୍ କରିଥିଲା।

ଗୁଜରାଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ମହମ୍ମଦ କୈଫ୍ ସର୍ବାଧିକ ୩୪ ରନ୍ କରିଥିଲେ। ଧୀମା ଇନିଂସ ଖେଳିଥିବା କୈଫ୍ ୪୦ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିକୁଗେ ପ୍ରସନ୍ନା ୨୦ ଓ କ୍ରିସ୍ ଗେଲ ୧୪ ରନ୍ କରିଥିଲେ। ମଣିପାଲ ପକ୍ଷରୁ ପ୍ରବୀଣ ଗୁପ୍ତା ୨, ଓବୁସ୍ ପିଏନାର, ଆସେଲା ଗୁଣରତ୍ନେ, ରାହୁଲ ଶୁକ୍ଲା, ଇମ୍ରାନ୍ ଖାନ୍ ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଥିସାରାଙ୍କ ଅପରାଜିତ ୩୮ ଓ ମନୋଜ ତିୱାରୀଙ୍କ ୨୯ ରନ୍ ବଳରେ ୩ ଓଭର ଆଗରୁ ବିଜୟ ହାସଲ କରିନେଇଥିଲା ମଣିପାଲ। ଗ୍ରେଟ୍ସ ପକ୍ଷରୁ ମନନ ଶର୍ମା ୩ ଓ ସିକୁଗେ ପ୍ରସନ୍ନା ୨ ଉଇକେଟ ନେଇଥିଲେ।

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତ

## ମହିଳା ଟି୨୦ ବିଶ୍ୱକପ

ଦୁବାଇ,୫।୧୦(ପି.ଟି.)

ୟୁଏଇରେ ଖେଳାଯାଉଥିବା ମହିଳା ଟି୨୦ ବିଶ୍ୱକପରେ ରବିବାର ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ପ୍ରଥମ ବିଜୟ ସନ୍ଧାନରେ ରହିଛି ଭାରତୀୟ ଦଳ। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ୫୮ ରନ୍‌ରେ ପରାଜିତ ହୋଇଥିବା ବେଳେ ଏସିଆନ୍ ଚାମ୍ପିୟନ ଶ୍ରୀଲଙ୍କାକୁ ହରାଇଥିଲା ପାକିସ୍ତାନ। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ହାରିଥିବା ବେଳେ ଏହାର ନେଟ୍ ରନରେଟ୍ -୨.୯୯ ରହିଛି। ଏହି ପରାଜୟ ଫଳରେ ଭାରତର ସେମିଫାଇନାଲ ପ୍ରବେଶ ଉପରେ ଗଭୀର ସଙ୍କଟ ଦେଖାଦେଇଛି। ଭାରତକୁ ରନ୍‌ରେଟରେ ସୁଧାର ଆଣିବାକୁ ହେଲେ ପାକିସ୍ତାନ ବିପକ୍ଷରେ ବଡ଼ ବିଜୟ ଆବଶ୍ୟକ। ତେବେ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇ ପାକିସ୍ତାନ ବେଶ ଆତ୍ମବିଶ୍ୱାସରେ ରହିଛି। ଭାରତ ଏହାର ପରବର୍ତ୍ତୀ ୩ ମ୍ୟାଚ୍ ପାକିସ୍ତାନ, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

ଭାରତ ରବିବାରର ମ୍ୟାଚ୍ ପାଇଁ ଏହାର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ କରିବ। ବୋଲିଂ ଲାଇନଅପ୍ ଶକ୍ତିଶାଳୀ କରିବା ପାଇଁ ଅରୁନ୍ଧତୀ ରେଡ୍ଡୀଙ୍କୁ ଦଳରେ ସାମିଲ କରିଥିଲା ଭାରତ। ଫଳରେ ଜଣେ ବ୍ୟାଟରଙ୍କ ଅଭାବ ଅନୁଭୂତ ହୋଇଥିଲା। ଏହା ସହ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ପ୍ରଭାବିତ ହୋଇଥିଲା। ହରମନ୍‌ପ୍ରୀତ୍ କୌରଙ୍କୁ ୩, ଜେମିମାଙ୍କୁ ୪ ଓ ରିଚା ଘୋଷଙ୍କୁ ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ପଡ଼ିଥିଲା, ଯାହା ସେମାନଙ୍କ ନିୟମିତ ସ୍ଥାନ ନୁହେଁ। ଏହା ବ୍ୟାଟିଂ ଲାଇନଅପ୍‌ର ସନ୍ତୁଳନ ବିଗାଡ଼ିଥିଲା। ଦ୍ୱିତୀୟତଃ ପେସ୍ ବୋଲର ପୂଜା ବସ୍ତ୍ରକାର ମାତ୍ର ଗୋଟିଏ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ। ଅରୁନ୍ଧତୀ ରେଡ୍ଡୀଙ୍କୁ ସାମିଲ କରିବା କାରଣରୁ ରାଧା ଯାଦବଙ୍କୁ ବାହାରେ ବସିବାକୁ ପଡ଼ିଥିଲା। ଚଳିତ ବର୍ଷରେ ରାଧା ୧୩ ମ୍ୟାଚ୍‌ରୁ ୨୨ ଉଇକେଟ ନେଇ ଭାରତର ସଫଳତମ ବୋଲର ରହିଛନ୍ତି। ସେହିପରି ରାଧା ନିମ୍ନକ୍ରମ ବ୍ୟାଟିଂରେ ମଧ୍ୟ ଉପଯୋଗୀ ଅବଦାନ ଦେଇପାରିବେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତକୁ ନିଜର କମ୍ବିନେଶନ ସୁଧାରିବାକୁ ପଡ଼ିବ। ମୁଖ୍ୟ କୋଚ୍ ଅମୋଲ ମଜୁମଦାର ଓ ହରମନପ୍ରୀତଙ୍କୁ ଚିନ୍ତା କରି ଭାରତୀୟ ଦଳ ଘୋଷଣା କରିବାକୁ ହେବ।

ସେହିପରି ଭାରତ ଦୟଲାନ ହେମଲତାଙ୍କୁ ଏହାର ଏକାଦଶରେ ସାମିଲ କରିପାରେ। ପାର୍ଟ ଟାଇମ ସ୍ପିନ ସହିତ ବିସ୍ଫୋରକ ବ୍ୟାଟିଂ କରୁଥିବା ହେମଲତା ଭାରତ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରନ୍ତି। ପାକିସ୍ତାନ ବିପକ୍ଷରେ ୧୫ ଟି୨୦ ମ୍ୟାଚ୍‌ରୁ ଭାରତ ୧୨ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନର ପ୍ରଦର୍ଶନ ଏହାର ୩ ଅଭିଜ୍ଞ ଖେଳାଳି ନିଦା ଦର, ଫାତିମା ସାନା ଓ ସାଇଦା ଇକ୍‌ବାଲଙ୍କ ଉପରେ ରହିବ। ଅନ୍ୟପକ୍ଷରେ ପେସ୍ ବୋଲର ଡାଏନା ବେଗ୍‌ଙ୍କ ଫିଟ୍‌ନେସ ଉପରେ ନଜର ରହିବ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଡାଏନାଙ୍କ ଫ୍ଲେକ୍ସ ମସଲ୍‌ର ହାର୍ମଷ୍ଟ୍ରିଙ୍ଗ ଟାଣି ହୋଇଯାଇଥିଲା।


ଅଭ୍ୟାସ ସେସନ୍‌ରେ ଜେମିମା ରୋଡ୍ରିଗୁଏଜ।

## ଶ୍ରୀଲଙ୍କାକୁ ୬ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ

ଶାରଜା,୫।୧୦(ପି.ଟି.)

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିଜୟ ସହ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ଦଳ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଶ୍ରୀଲଙ୍କାକୁ ୬ ଉଇକେଟରେ ହରାଇ ଦେଇଛି। ପେସ୍ ବୋଲର ମେଗାନ ସ୍କଟ (୩/୧୨)ଙ୍କ ଚମତ୍କାର ବୋଲିଂ ଯୋଗୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୯୩ ରନ କରିଥିଲା। ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ଅଷ୍ଟ୍ରେଲିଆ ଏକଦା ମାତ୍ର ୩୫ ସ୍କୋରରେ ଆଲିସା ହିଲି (୪), ଜର୍ଜଆ ୱେରହାମ୍ (୩) ଓ ଏଲିସ ପେରୀ (୧୭)ଙ୍କ ଉଇକେଟ ଶୀଘ୍ର ହରାଇଥିଲା। କିନ୍ତୁ ବେଥ୍ ମୁନି (୪୩*) ଓ ଆଶଲେ ଗାର୍ଡନର (୧୨)ଙ୍କ ମଧ୍ୟରେ ୪୩ରନର ପାର୍ଟନରଶିପ୍ ଯୋଗୁ ଅଷ୍ଟ୍ରେଲିଆ ୩୪ ବଲ୍ ବାକିଥାଇ ୪ଉଇକେଟ ବିନିମୟରେ ୯୪ ରନ କରି ମ୍ୟାଚ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ପରାଜୟ। ଗୁରୁବାର ଦଳ ପାକିସ୍ତାନଠାରୁ ହାରିଯାଇଥିଲା।

# ଅନନ୍ୟ କ୍ରୀଡ଼ା ମହୋତ୍ସବ ଅଲିମ୍ପିଆ ଉଦ୍‌ଘାଟିତ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର,୫।୧୦
(ସରୋଜ ଜେନା)

ଭୁବନେଶ୍ୱରର ଭାମ୍ପାୟାର୍ସ କ୍ଲବ ଆନୁକୂଲ୍ୟରେ ପିନାଲ ଫାର୍ମା, ଗ୍ୟାଲେକ୍ସି ମେଡିକେୟାର ପ୍ରାଇଭେଟ ଲିମିଟେଡ, ଭାୟୋଟୋନିକ୍ସ, ଇଜି ଆଣ୍ଡୋଟେକ ଓ ପଶୁପତି ପ୍ରାଇଭେଟ ଲିଭିଟେଡ ଦ୍ୱାରା ପ୍ରାୟୋଜିତ ଅନନ୍ୟ କ୍ରୀଡ଼ା ମହୋତ୍ସବ 'ଅଲମ୍ପିଆ ୨୦୨୪-୨୫' ମଞ୍ଚେଶ୍ୱରସ୍ଥିତ ପିପଲ ହୋଟେଲ ସେଭେନ ରିସର୍ଟସଠାରେ ଉଦ୍‌ଘାଟିତ ହୋଇଯାଇଛି। ସୁନାମଧନ୍ୟ କଣ୍ଠଶିଳ୍ପୀ ବିଭୂକିଶୋର ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ମହେତ୍ସୋବ ଅକ୍ଟୋବର ଶେଷ ସପ୍ତାହରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ଜାନୁଆରି ପର୍ଯ୍ୟନ୍ତ ଚାଲିବ। ଏହା ମଧ୍ୟରେ ଖେଲୋ ଇଣ୍ଡିଆର ତୃତୀୟ ସଂସ୍କରଣ (ଅକ୍ଟୋବର ୨୫ରୁ ନଭେମ୍ବର ୧୦), ଭୁବନେଶ୍ୱର କ୍ରିକେଟ ସିଜନ୍‌ର ତୃତୀୟ ସଂସ୍କରଣ (ନଭେମ୍ବର୧-୩), ଭାମ୍ପାୟାର୍ସ କ୍ରିକେଟ ବ୍ଲାଷ୍ଟର ଦ୍ୱିତୀୟ ସଂସ୍କରଣ(ନଭେମ୍ବର ୧୬-୧୭) ଓ ୧୨ କର୍ପୋରେଟ୍ ଟିମ୍‌କୁ ନେଇ ଓ୍ୱି ଲଭ୍ କ୍ରିକେଟର ଦ୍ୱିତୀୟ ସଂସ୍କରଣ ଖେଳାଯିବ।

## ପୋଗ୍‌ବାଙ୍କ ଦଣ୍ଡ ହ୍ରାସ

ଲଣ୍ଡନ, ୫।୧୦ (ଏପି): ଷ୍ଟାର ଫୁଟ୍‌ବଲ ଖେଳାଳି ପଲ୍ ପୋଗ୍‌ବାଙ୍କ ଦଣ୍ଡକୁ ହ୍ରାସ କରାଯାଇଛି। ଫ୍ରାନ୍ସର ଏହି ଖେଳାଳିଙ୍କୁ ଡୋପିଂ ଅଭିଯୋଗରେ ୪ ବର୍ଷ ବାସନ୍ଦ କରାଯାଇଥିଲା। ମାତ୍ର ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ ପରେ ବାସନ୍ଦ ଅବଧି ହ୍ରାସ ପାଇଛି। ଫଳରେ ଫ୍ରାନ୍ସର ଏହି ବିଶ୍ୱକପ୍ ବିଜୟୀ ଖେଳାଳି ୨୦୨୫ ମାର୍ଚ୍ଚରୁ ତାଙ୍କ ଖେଳ ଆରମ୍ଭ କରିପାରିବେ। କେଉଁ କାରଣରୁ ଏହି ଦଣ୍ଡ ହ୍ରାସ କରାଯାଇଛି ସେ ସମ୍ପର୍କରେ କାସ୍‌ଙ୍କ ପକ୍ଷରୁ ବିସ୍ତୃତ ଭାବେ ବ୍ୟାଖ୍ୟା କରାଯାଇ ନାହିଁ। ପୋଗ୍‌ବା କହିଛନ୍ତି, ଶେଷରେ ତାଙ୍କ ଦୁଃସ୍ୱପ୍ନର ଅନ୍ତ ଘଟିଛି। କାସ୍‌ର ନିଷ୍ପତ୍ତି ପରେ ମୋ ସ୍ୱପ୍ନ କେବେ ସାକାର ହେବ ସେ ତାକୁ ଅପେକ୍ଷା କରି ରହିଛନ୍ତି। ସୂଚନାଯୋଗ୍ୟ, ଜୁଭେଣ୍ଟସର ଏହି ମିଡ୍‌ଫିଲ୍ଡରଙ୍କର ଗତବର୍ଷ ଅଗଷ୍ଟରେ ଟେଷ୍ଟୋଷ୍ଟେରନ ପାଇଁ ଡୋପ୍ ଟେଷ୍ଟରେ ଧରା ପଡ଼ିଥିଲେ। ଇଟାଲୀର ଆଣ୍ଟି ଡୋପିଂ କୋର୍ଟ ତାଙ୍କୁ ସର୍ବାଧିକ ଦଣ୍ଡ ବିଧାନ କରିଥିଲା।




# କଳିଙ୍ଗରେ ଇଷ୍ଟଜୋନ୍ ଜୁନିୟର ଚାମ୍ପିୟନଶିପ

## ଭାଗନେବେ ୬୦୦ରୁ ଅଧିକ ଆଥ୍‌ଲେଟ

ଭୁବନେଶ୍ୱର, ୫।୧୦(ସରୋଜ ଜେନା)

ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଏବଂ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୩୫ତମ ଇଷ୍ଟଜୋନ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ସିକିମ, ଅରୁଣାଚଳ ପ୍ରଦେଶ, ଆସାମ ଓ ମଣିପୁରରୁ ୬୦୦ରୁ ଊର୍ଦ୍ଧ୍ୱ ଯୁବ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିହାରରୁ ସର୍ବାଧିକ ୧୩୪ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ନାଗାଲାଣ୍ଡରୁ ସର୍ବନିମ୍ନ ୫ କ୍ରୀଡ଼ାବିତ୍ ଭାଗନେବେ। ଓଡ଼ିଶାରୁ ଚଳିତବର୍ଷ ୧୧୫ କ୍ରୀଡ଼ାବିତ୍ ୩୫ତମ ଇଷ୍ଟଜୋନ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ।



ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଟେକ୍‌ନିକାଲ ଚେୟାରମ୍ୟାନ ପ୍ରବୋଧ କୁମାର ମହାନ୍ତି କହିଛନ୍ତି, ୩୫ତମ ଇଷ୍ଟଜୋନ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ମାଧ୍ୟମରେ ସମସ୍ତ ଯୁବ କ୍ରୀଡ଼ାବିତ୍‌ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଉତ୍କୃଷ୍ଟ ପ୍ଲାଟଫର୍ମ ପାଇପାରୁଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଏହି ପ୍ରତିଯୋଗିତା ଓଡ଼ିଶା ପାଇଁ ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ